# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ (୧୮ ପୃଷ୍ଠା) | Bhubaneswar, Tuesday, September 17/2024 | Page 18 ₹ 7.00

୫୦ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 294 | ମୂଲ୍ୟ ₹୭/-




DSPL-111

प्रधान मंत्री आवास योजना-शहरी Pradhan Mantri Awas Yojana-Urban 2.0 | Ministry of Housing and Urban Affairs Government of India



# ୧କୋଟି
## ନୂତନ ବାସଗୃହ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା -ସହରୀ ୨.୦



**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ
**୪ ଲକ୍ଷ**
ଗୃହ ପ୍ରବେଶ

ହିତାଧିକାରୀଙ୍କୁ
ଗୃହ ଚାବି ବଣ୍ଟନ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨.୦
ନିୟମାବଳୀ ଉନ୍ମୋଚନ

## ମାନ୍ୟବର ପ୍ରଧାନମନ୍ତ୍ରୀ
# ଶ୍ରୀ ନରେନ୍ଦ୍ର ମୋଦୀଙ୍କ
### କର କମଳରେ

**ଗରିମାମୟ ଉପସ୍ଥିତି**

**ଶ୍ରୀ ରଘୁବର ଦାସ**
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ମନୋହର ଲାଲ**
ମାନ୍ୟବର ମନ୍ତ୍ରୀ, ଗୃହ ଓ ସହରୀ ବ୍ୟାପାର ଏବଂ ଶକ୍ତି

**ଶ୍ରୀ ନିତୀନ ଗଡକରୀ**
ମାନ୍ୟବର ମନ୍ତ୍ରୀ ସଡକ ପରିବହନ ଓ ଗମନାଗମନ

**ଶ୍ରୀ ଶିବରାଜ ସିଂହ ଚୌହାନ**
ମାନ୍ୟବର ମନ୍ତ୍ରୀ ଗ୍ରାମ ଉନ୍ନୟନ, କୃଷି ଓ ପରିବାର କଲ୍ୟାଣ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
ମାନ୍ୟବର ମନ୍ତ୍ରୀ ସୂଚନା ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ପ୍ରଯୁକ୍ତି ବିଦ୍ୟା

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ**
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡିଶା




## ୧୭ ସେପ୍ଟେମ୍ବର ୨୦୨୪। ଭୁବନେଶ୍ୱର, ଓଡିଶା

OIPR-13001/13/0004/2425

pmay-urban.gov.in | @PMAYUrban | pmayurban | PMAY Urban | pmay_urban

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ Bhubaneswar, Tuesday, September 17/2024



# ସୁଭଦ୍ରା: ଆଜି ଶୁଭାରମ୍ଭ

## ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ 'ସୁଭଦ୍ରା' ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିବେ। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ।

ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବିମାନ ଯୋଗେ ପୂର୍ବାହ୍ନ ୧୦ଟା ୫୦ ମିନିଟ୍‌ରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧୧ଟା ୧୦ରେ ସିଧାସଳଖ ଗାଡ଼କଣ ବସ୍ତିକୁ ଯିବେ। ସେଠାରେ ୩୦ ମିନିଟ୍ ରହି ପ୍ରଧାନମନ୍ତ୍ରୀ ଆବାସର ହିତାଧିକାରୀଙ୍କ ସହ


ନରେନ୍ଦ୍ର ମୋଦି

ଆଲୋଚନା କରିବେ। ଏହାପରେ ୧୧ଟା ୫୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ପ୍ରାୟ ୧ ଘଣ୍ଟା ରହି ଅପରାହ୍ନ ୧ଟା ୨୦ ମିନିଟ୍‌ରେ ନୂଆଦିଲ୍ଲୀ ☞ପୃଷ୍ଠା-୨

## ୧ଟଙ୍କା ନ ଯାଇଥିଲେ ବି ମିଳିବ କିସ୍ତି

- ■ ପାତିଲେଣି ସାଇବର ଠକ
- ■ ସତର୍କ ରହିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ଆକାଉଣ୍ଟ ଚେକ୍ ପାଇଁ ୧ ଟଙ୍କା ପଠା ଯାଇଛି। ଯେଉଁମାନେ ୧ ଟଙ୍କା ପାଇ ନାହାନ୍ତି, ସେମାନେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ସମସ୍ତ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ନ ହେବା ଯାଏ ପଞ୍ଜୀକରଣ ଚାଲିବ। ୧୭ ତାରିଖରେ ହିତାଧିକାରୀ ମହିଳା ପ୍ରଥମ କିସ୍ତି ପାଇବେ। ସୁଭଦ୍ରା ପଞ୍ଜୀକରଣ ୬୫ ଲକ୍ଷରେ ପହଞ୍ଚି ସାରିଲାଣି। ୧୭ ପରେ ଯେଉଁମାନେ ପଞ୍ଜୀକରଣ କରିବେ ସେମାନେ ତା' ପରବର୍ତ୍ତୀ ସମୟରେ ପ୍ରଥମ କିସ୍ତିର ପଇସା ହିଁ ପାଇବେ। ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରଥମ କିସ୍ତି ପାଇବେ। କେହି ବଞ୍ଚିତ ହେବେ ନାହିଁ। ନଭେମ୍ବର ମାସରେ ପଞ୍ଜୀକରଣ କଲେ ମଧ୍ୟ ସୁଭଦ୍ରାର ପ୍ରଥମ କିସ୍ତି ମିଳିବ। ସୁଭଦ୍ରା ଯୋଜନାର ସହାୟତା ରାଶି ସମସ୍ତଙ୍କୁ ସହଜ ଓ ସରଳ ଭାବେ ପହଞ୍ଚିବ। କେହି ବ୍ୟସ୍ତ, ବିବ୍ରତ କିମ୍ବା ଭ୍ରମିତ ହୁଅନ୍ତୁ ନାହିଁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯିବ ଟଙ୍କା। ସୁଭଦ୍ରା ଯୋଜନା ପାଇଁ ମହିଳାଙ୍କ ମଧ୍ୟରେ ପ୍ରବଳ ☞ପୃଷ୍ଠା-୨

## ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା


ମହମ୍ମଦଙ୍କ ଜୟନ୍ତୀ ଅବସରରେ ସୋମବାର କଟକ ବକ୍ସିବଜାର ଅଞ୍ଚଳ ଦେଇ ଯାଉଥିବା ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା(ବୃତ୍ତ ଚିହ୍ନିତ) ଉଡ଼ାଯାଉଥିବା ଦେଖିବାକୁ ମିଳିଛି। (ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ : ପୃଷ୍ଠା-୩)

# ଡାକ୍ତରୀମାଇନା କରୁନାହାନ୍ତି, ସିସିଟିଭି ଲଗେଇ ନାହାନ୍ତି

## ଭରତପୁର ଥାନା: ଏଠାରେ ନ୍ୟାୟ ନାହିଁ, କେବଳ ମାଡ଼ ଓ ଅନ୍ୟାୟ

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଭରତପୁର ଥାନା ଏପରି ସୁନ୍ଦର ଭାବେ ନିର୍ମାଣ କରାଯାଇଛି ବାହାରୁ ଦେଖିଲେ ତାହା ଏକ ହୋଟେଲ୍ ଭଳି ଲାଗୁଛି। ଏହି ଥାନା ନିର୍ମାଣରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଇଥିବା ସତ୍ତ୍ୱେ ଏଠାରେ ପୀଡ଼ିତଙ୍କୁ ନ୍ୟାୟ ମିଳୁ ନାହିଁ ବରଂ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ଶନିବାର ବିଳମ୍ବିତ ରାତିରେ ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ସହ ଯାହାସବୁ ଘଟିଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି। ଏହି ଘଟଣାରେ ପୋଲିସ୍ ନିଜ ଭୁଲ୍‌କୁ ଲୁଚାଇବା ଲାଗି ସବୁ ପ୍ରକାର ନିୟମ କାନୁନକୁ ଭଙ୍ଗ କରିଦେଇଥିବା ଅଭିଯୋଗ ହୋଇଛି। ଏପରିକି ଶନିବାର ବିଳମ୍ବିତ ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ



ଏହି ଘଟଣାକୁ ଭିନ୍ନରୂପ ଦେବା ଲାଗି ପୋଲିସ୍ ପକ୍ଷରୁ ଭରପୂର ଉଦ୍ୟମ କରାଯାଇଛି। ଯେପରିକି ରବିବାର ସକାଳୁ ଉଭୟ ଗୁରୁଭନ୍ସ ଏବଂ ଅଙ୍କିତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନେଇ ତାଙ୍କ ଡାକ୍ତରୀମାଇନା କରି ରିପୋର୍ଟ ସଂଗ୍ରହ କରାଯାଇଥିଲା। ସେହି ରିପୋର୍ଟରେ ମଧ୍ୟ ଅଙ୍କିତାଙ୍କୁ ଆକ୍ରମଣ କରାଯାଇଥିବା ଉଲ୍ଲେଖ ଥିଲା। ହେଲେ ଅଙ୍କିତାଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ପୋଲିସ୍ କ୍ୟାପିଟାଲ ହସ୍ପିଟାଲରୁ ଏକ ଭୁଲ୍ ରିପୋର୍ଟ ସଂଗ୍ରହ କରି ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଦାଖଲ କରିଛି, ଯାହା ପୋଲିସ୍‌ର ଦୋଷ ଦୁର୍ବଳତା ଲୁଚିଯାଇ ଅଙ୍କିତାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ସେଭଳି ଉଦ୍ୟମ ଥାନା ପକ୍ଷରୁ କରାଯାଇଥିବା ଅଙ୍କିତାଙ୍କ ବାପା ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏହାସହ ତୁରନ୍ତ ଅଙ୍କିତାଙ୍କୁ ପୋଲିସ୍ ଯେଭଳି ନିର୍ମମ ଭାବେ ଆକ୍ରମଣ କରିଛି ତା'ର ଠିକ୍ ଡାକ୍ତରୀମାଇନା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଗୁଣିର ଶିକାର**


ଫୁଟ୍‌ପାଥ ଉପରେ ଯୁବକ ଗାଡ଼ି ଚଲାଉଛନ୍ତି।

# ରାସ୍ତାରେ ଉତ୍ପାତ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ଏୟାରପୋର୍ଟ ଓ ଭୁବନେଶ୍ୱରକୁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଭଳିସ୍ଥିତିରେ ସୋମବାର ସ୍ପଷ୍ଟ ଦିବାଲୋକରେ ରାଜଧାନୀରେ କେତେଜଣ ଅସାମାଜିକ ଯୁବକ ଟ୍ରାଫିକ୍ ନିୟମର ଖୋଲା ଉଲ୍ଲଂଘନ କରି ଆତଙ୍କ ଖେଳାଇଛନ୍ତି। ରାଜପଥରେ ସମ୍ପୃକ୍ତ ଯୁବକମାନେ ବିପଦପୂର୍ଣ୍ଣ ଭାବେ ୪ଟି କାର୍ ଚଳାଇ ଲୋକମାନଙ୍କ ପ୍ରତି ବିପଦ ସୃଷ୍ଟି କରିବା ସହ କମିଶନରେଟ୍ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଫଳରେ ପୋଲିସର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହେବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ଏହାପରେ କମିଶନରେଟ୍ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୫ଜଣଙ୍କୁ ଧରିଛି। ଏଥିସହ ବ୍ୟବହୃତ ୩ଟି କାର୍ କ୍ରେଟା (ଓଡି୦୨-ସିଆର୍-୦୦୯୨), ଟାଟା ସଫାରୀ (ଓଆର୍୧୪-ଏକ୍ସ-୪୭୨୮), ମହିନ୍ଦ୍ରା ଏକ୍ସୟୁଭି (ଓଡି୦୨-ସିଏମ୍-୪୬୧୬)କୁ ମଧ୍ୟ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

" ଘରୋଇ ଏବଂ ସର୍ବସାଧାରଣ ସ୍ଥାନରେ ମହିଳାମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆଇନଗତ ବ୍ୟବସ୍ଥାର ଅଭାବ ନାହିଁ। କିନ୍ତୁ କେବଳ ଆଇନ ସମାଜରେ ନିରପେକ୍ଷତା ଏବଂ ସମାନତା ଆଣିପାରିବ ନାହିଁ। ଏଥିପାଇଁ ପୁରୁଷପ୍ରଧାନ ସାମାଜିକ ମାନସିକତା ତ୍ୟାଗ କରିବାକୁ ପଡ଼ିବ। **–ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଭାରତର ପ୍ରଧାନ ବିଚାରପତି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ଆନାଗାରିକ ଧର୍ମପାଳଙ୍କ ୧୬୦ତମ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: କଳିଙ୍ଗ ବୁଦ୍ଧ ବିହାର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ସିଧା ପ୍ରସାରଣ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ ମହୋତ୍ସବ, ସ୍ଥାନ: କ୍ୟାଣ୍ଟନମେଣ୍ଟ ରୋଡ୍, ସମୟ: ମଧ୍ୟାହ୍ନ ୧୨ଟା।

## ପୁରୀ

- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ବ୍ଲୁଫ୍ଲାଗ୍ ବିଚ୍, ପୁରୀ, ସମୟ: ସକାଳ ୭ଟା।
- ସୁଭଦ୍ରା ଯୋଜନା ନିମନ୍ତେ ବ୍ଲକସ୍ତରୀୟ କନଭେନସନ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ନିଗମାନନ୍ଦ ଖେଳ ପଡ଼ିଆ, ଗୋପ, ସମୟ: ୧୦ଟା ୩୦।
- ପୁରୀ ଜିଲା କାଠ ଶିଳ୍ପୀ ଓ କାଠ କାରିଗର ସଂଗଠନର ବାର୍ଷିକୋତ୍ସବ, ସ୍ଥାନ: ସଂଗ୍ରାମ କ୍ଲବ ଲେନ୍, ବଡ଼ଶଙ୍ଖ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱସାଧୁ ସମ୍ମେଳନର ଉଦ୍ଯାପନୀ ଉତ୍ସବ, ସ୍ଥାନ: ବୃନ୍ଦାବତୀ ନିବାସ ସମ୍ମିଳନୀ କକ୍ଷ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ମଣ୍ଡଳସ୍ତରୀୟ ଖୋଖୋ ଓ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗୀସାହି, ବୋଲଗଡ଼, ସମୟ: ସକାଳ ୯ଟା।
- ପ୍ରତିଶ୍ରୁତି ପରିବାର ପକ୍ଷରୁ ସମୂହ ଦୀପଦାନ ଓ ସଭା, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପୌର ପରିଷଦ ଆନୁକୂଲ୍ୟରେ ସୁଭଦ୍ରା ଯୋଜନାର ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ,ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସ୍ଥାନ: ପୂର୍ବାହ୍ନ ୧୦ଟା।
- ସଦର ବ୍ଲକ ପକ୍ଷରୁ ସୁଭଦ୍ରା ଯୋଜନାର ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବିଶାଳ ମହିଳା ସମାବେଶ,ସ୍ଥାନ: ହାଇସ୍କୁଲ ପଡ଼ିଆ, ଔପଦା, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସୁଭଦ୍ରା ଯୋଜନା ଉଦ୍ଘାଟନର ସିଧାପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ଇଲେକ୍ଟ୍ରିଅଫିସ, ନୌବାଣିଜ୍ୟ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ବସ୍ ସିଣ୍ଡିକେଟ୍, ବନ୍ତଛକ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନରେନ୍ଦ୍ର ପ୍ରସାଦ ଦାସ ସ୍ମୃତି ବୈଠକ, ସ୍ଥାନ: ଭଦ୍ରକ କଲେଜ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଅନନ୍ତବ୍ରତ ପାଳନ ଏବଂ ପୂଜା, ସ୍ଥାନ: ସରଳା, ହାଟଡିହି, ସମୟ: ସକାଳ ୬ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ହନୁମାନ ଚାଳିଶା, ଦଶରଥ ଜନ୍ମ, ରାମ ଚରିତ ପାଠ, ଭଜନ ସମାରୋହ, ସ୍ଥାନ: ହାଇବେଲ୍ଡ୍, ହାଟଡିହି, ସମୟ : ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ବିରଞ୍ଚି ନାରାୟଣ ଏବଂ ମା' ମଙ୍ଗଳାଙ୍କ ମନ୍ଦିରରେ ଅନନ୍ତ ଚତୁର୍ଦ୍ଦଶୀ ଏବଂ ମଙ୍ଗଳା ପୂଜା, ହୋମ, ସ୍ଥାନ: ଇଂଚୋଳ, ହାଟଡିହି, ସମୟ: ସକାଳ ୭ ଟା।
- ରାଜ୍ୟସ୍ତରୀୟ ସୁଭଦ୍ରା ଯୋଜନାର ପ୍ରଧାନମନ୍ତ୍ରୀଙ୍କ ଶୁଭାରମ୍ଭର ସିଧା ପ୍ରସାରଣ, ସ୍ଥାନ: ପାଖୋ ଟେଙ୍କିଲ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ସୁଭଦ୍ରା' ଯୋଜନା ସହାୟତା ପ୍ରଦାନ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଯୋଜନାର ଶୁଭ ଉଦ୍ଘାଟନୀ ଉତ୍ସବ, ସ୍ଥାନ:ବେଦବ୍ୟାସପୁର ଖେଳ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦ ଶକ୍ତିପୀଠ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜନଗର, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନା ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗରର ଆର୍ଏମ୍ସି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗରର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଏବଂ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଛତ୍ରପୁର ଅନସ୍ଲୋ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ:ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ, ଖଲ୍ଲିକୋଟ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ସୁଭଦ୍ରା ଯୋଜନାର ଇ –ଉଦ୍ଘାଟନ କାର୍ଯ୍ୟକ୍ରମ, ସ୍ଥାନ:ମିଶନଶକ୍ତି ଗୃହ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ
- ମା'ଙ୍କ ନାମରେ ଏକ ବୃକ୍ଷ, ସ୍ଥାନ: ଦାରିଙ୍ଗବାଡି, ସମୟ: ସକାଳ ୮ଟା।
- ସଫେଇ କାର୍ଯ୍ୟକ୍ରମ, ଦାରିଙ୍ଗବାଡିର ବଜାର,ସମୟ: ସକାଳ ୮ଟା।

## ଗଜପତି

- ଜିଲାସ୍ତରୀୟ ସୁଭଦ୍ରା, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ସମାବେଶ,ସ୍ଥାନ:ହାଇସ୍କୁଲ ପଡ଼ିଆ, ମୋହନା, ସମୟ: ସକାଳ ୧୦ଟା।

## ଢେଙ୍କାନାଳ

- କୌଶଳ ରଥ ପରିକ୍ରମା ଉଦ୍ଘାଟନ, ସ୍ଥାନ: ସରକାରୀ ଆଇଟିଆଇ ପରିସର, ସମୟ: ସକାଳ ୯ଟା ୧୫।
- ସୁଭଦ୍ରା ଯୋଜନାର ଉଦ୍ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ବିବି ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କାମାକ୍ଷାନଗର ଗଡ଼ଜାତ ଭବନ ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- କାମାକ୍ଷାନଗରର ବସ୍ ମାଲିକ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାମାକ୍ଷାନଗରର ବିଜୁ ପଟ୍ଟନାୟକ ବସ୍ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।
- କାମାକ୍ଷାନଗରର ଏନଏସି ପକ୍ଷରୁ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ, ସ୍ଥାନ: କାମାକ୍ଷାନଗରର ଏନ୍ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ବ୍ଲକ ପ୍ରଶାସନ ତରଫରୁ ସୁଭଦ୍ରା ଯୋଜନା ଲୋକାର୍ପଣର ସିଧା ପ୍ରସାରଣ କର୍ଯ୍ୟକ୍ରମ। ସ୍ଥାନ: କଣିହାଁ ବ୍ଲକ ଟୋଲକବେଡା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟାଠାରୁ।
- ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନା ଲୋକାର୍ପଣର ସିଧା ପ୍ରସାରଣ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଠାରୁ।
- ପଲ୍ଲିଶ୍ରୀ ମେଳା, ସ୍ଥାନ: ନାଲକୋନଗର ଗୋପୋବନ୍ଧୁ ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ।
- ଫୁଟ୍ବଲ ଟୁର୍ନାମେଣ୍ଟ ସେମିଫାଇନାଲ, ସ୍ଥାନ– ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଜଗତ୍ସିଂହପୁର

- ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ଓ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ,ସମୟ: ସକାଳ ୭ଟା।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ଚାରା ବଣ୍ଟନ, ସ୍ଥାନ: ବ୍ୟାଙ୍କ ଲେନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୧୦ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ସୁଭଦ୍ରା ଯୋଜନା ବଣ୍ଟନର ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜ୍ଦୁର ସଂଘ ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଜଗତ୍ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବ୍ୟାଙ୍କ ଛକ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ଉଦ୍ଘାଟନ ଉତ୍ସବ ପ୍ରଦର୍ଶନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଆଳି, ଡେରାବିଶ, ଗରଦପୁର, ମାର୍ଶାଘାଇ, ରଥଦାଣ୍ଡ, ଇଛାପୁର, କେନ୍ଦ୍ରାପଡ଼ା, ଏମ୍ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ଆମ ବସ୍ଷ୍ଟାଣ୍ଡ, ମହାକାଳପଡ଼ା, ଆଥେଲେଟିକ ଆସୋସିଏଶନ ପଡିଆ, ରାଜକନିକା, ଚାନ୍ଦିବାଉଁଶମୂଳ ହାଟ, ରାଜନଗର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ବିଶ୍ୱକର୍ମା ପୂଜା ଅବସରରେ ବାର୍ଷିକ ଦୋକାନ ପୂଜା, ସ୍ଥାନ: ପାଣିକୋଇଲି ଦୁର୍ଗା ମାର୍କେଟ, ସମୟ: ସକାଳ ୭ଟା।
- ଯାଜପୁର ରୋଡ୍ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ଚୋର୍ଦ୍ଦା ବାଇପାସ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସୁଭଦ୍ରା ଯୋଜନାର ମେଗା ଲଞ୍ଚ କାର୍ଯ୍ୟକ୍ରମର ଲାଇଭ ଟେଲିକାଷ୍ଟ, ସ୍ଥାନ: ଯାଜପୁର ଏନ୍ସି କଲେଜ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ବସ୍ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଟାଟା ପାୱାର ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ଧବଳଗିରି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ପାଇଁ ବ୍ଲକସ୍ତରୀୟ ମହିଳା ସମାବେଶ, ସ୍ଥାନ: ରସୁଲପୁର ବ୍ଲକ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବ୍ଲକ୍ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ:ଗୋଡିପଡ଼ା ବଡ଼ଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ଭୋର ୫ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ: ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଜୋଜନା ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଜିସିଡ଼ି ହାଇସ୍କୁଲ ଖେଳ ପଡିଆ, ଗୁଡାରି ନୂଆ ବସ୍ଷ୍ଟାଣ୍ଡ, କୋଲନରା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ସିଧାପ୍ରସାରଣ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ପାପଡାହାଣ୍ଡି ରାବଣ ପୋଡ଼ି ପଡ଼ିଆ, ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୦ଟା।

## କୋରାପୁଟ

- ସୁଭଦ୍ରା ଯୋଜନା ସିଧା ପ୍ରସାରଣ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସେମିଳିଗୁଡା ଜୀବନ ଜ୍ୟୋତି ପଡ଼ିଆ, ପଟାଙ୍ଗି ମିନି ଷ୍ଟାଡିୟମ, କୁନ୍ଦୁରା ଶାସ୍ତ୍ରୀ ମୈଦାନ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ମହାନଗର ନିଗମ ପକ୍ଷରୁ ମେଗା ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ମାରୱାଡି ପଡ ଘାଟ, ସମୟ : ସକାଳ ୭ଟାରୁ ୯ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ମେଗା ରକ୍ତଦାନ ଶିବିର, ସ୍ଥାନ : ସଦର ଡାକ୍ତରଖାନା ସ୍ଥିତ ରକ୍ତ ଭଣ୍ଡାର ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- କୋଶଳ ଅସ୍ମିତା ରଥର ଶୁଭାରମ୍ଭ, ସ୍ଥାନ: କୋଶଳେଶ୍ୱରୀ ଗୁଡି, ପାଟଣାଗଡ଼, ସମୟ: ସକାଳ ୮ଟା।
- ବଲାଙ୍ଗୀର ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଆଇଟିଆଇ ପଡ଼ିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଲୋଇସିଂହା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- କୋଶଳ ଅସ୍ମିତା ରଥ ବୁଦ୍ଧିଜୀବୀ ସମାବେଶ, ସ୍ଥାନ: କଚେରୀ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକ ହରଡଖୋଲ ଠାରେ ସୁଭଦ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସମାବେଶ, ସ୍ଥାନ: ବୈଦ୍ୟନାଥ ପାର୍କ ସମ୍ମୁଖ ବଜାର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ବିଶ୍ୱକର୍ମା ପୂଜା ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ,ବୀରମହାରାଜପୁର ଗାଡି ଚାଳକ ସଂଘ, ସମୟ: ସକାଳ ୯ ଟା।
- ବିଶ୍ୱକର୍ମା ଭସାଣି, ସ୍ଥାନ: ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଘର ଘର ସୁଭଦ୍ରା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲିରେ ସୁଭଦ୍ରା ଯୋଜନା ଶୁଭାରମ୍ଭର ସିଧା ପ୍ରସାରଣ, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍ସି ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡୁଙ୍ଗୁରିପାଲି ବ୍ଲକ ବୈଦୁପାଲି ଗ୍ରାମରେ ବିଶ୍ୱକର୍ମା ପୂଜା ଅବସରରେ ଭଜନ ସମାରୋହ, ସ୍ଥାନ: ସ୍ଥାନ: ବୈଦୁପାଲି ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସୁଭଦ୍ରା ଯୋଜନାର ଭର୍ଚୁଆଲ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସରକାରୀ ବାଳକ ହାଇସ୍କୁଲ ପଡ଼ିଆ, ଅତାବିରା, ବ୍ଲକ କାର୍ଯ୍ୟାଳୟ ପରିସର, ଅମ୍ବାଭୋନା, ବାଳକ ହାଇସ୍କୁଲ ପଡ଼ିଆ, ବରପାଲି, ରଣଜିତା ମିନି ଷ୍ଟାଡ଼ିୟମ, ଭେଡ଼େନ, ପଞ୍ଚାୟତ ଅଫିସ ନିକଟ ଟାଉନ ହଲ, ଭଟଲି, ଏମ. ଗଣ୍ଡପାଲି ଷ୍ଟେଡ଼ିୟମ, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରିଆମାଳ ବ୍ଲକ, ନାଉଳିପଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ସବ୍ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ରୋଗୀ ନିରାପତ୍ତା ପର୍ଯ୍ୟବେକ୍ଷଣ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଜମିସ୍ତ୍ରୀ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ତରବୋଡ଼, ସମୟ: ସକାଳ ୭ଟା।

## ବୌଦ୍ଧ

- ସୁଭଦ୍ରା ଯୋଜନାର ଶୁଭାରମ୍ଭ ସମାରୋହ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି କର୍ମାରମ୍ଭ ସକାଶେ ସାହାଯ୍ୟ, ସହଯୋଗର ସହ ଅନୁକୂଳ ବାତାବରଣ ସୃଷ୍ଟିହେବ। ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଭଲ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ଛୋଟ କଥାରୁ ମତାନ୍ତର ମାନସିକ ଅଶାନ୍ତି ସୃଷ୍ଟି କରିବ। କୃତ୍ତିକା ନକ୍ଷତ୍ର ସକାଶେ ଆତ୍ମୀୟ ଅସୁବିଧାରେ ପକାଇବାକୁ ଚେଷ୍ଟାକରି ବିଫଳ ହେବେ।

**ବୃଷ**
କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ମୃଗଶିରା ନକ୍ଷତ୍ର ପାଇଁ ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ହାତକୁ ନେଇଥିବା କାମଟି ଅଧାରେ ଅଟକିଯାଇପାରେ। ଯାନବାହନ, ଜମି କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ**
ଆରଦ୍ରା ନକ୍ଷତ୍ରର ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା, ଚୁକ୍ତିପତ୍ର, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**କର୍କଟ**
କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ଆଜି ଗୋଟିଏ ସ୍ଥାନରେ ସ୍ଥିର ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣକରିବାକୁ ବାଧ୍ୟ ହେବେ। ଦକ୍ଷତା ଓ ସଙ୍କୋଚତା କାରଣରୁ କର୍ମକ୍ଷେତ୍ରରେ ସହଯୋଗ, ସମ୍ମାନ ପାଇବେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହୋଇଯିବ।

**ସିଂହ**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ସାହାଯ୍ୟ କରିପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ଉତ୍ତରାଫାଲ୍ଗୁନୀ ନକ୍ଷତ୍ର ସକାଶେ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା**
ହସ୍ତା ନକ୍ଷତ୍ରର ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ତଥା ସେବା ମନୋଭାବରୁ ପ୍ରଶଂସିତ ହେବେ। ସୁସମ୍ପର୍କ ରହିଥିବା ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**
ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପରିବାରର ଆବଶ୍ୟକତା ସକାଶେ ଅର୍ଥ ଯୋଗାଡ଼ରେ ମନୋନିବେଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ରର ସତର୍କତା ଅଭାବରୁ ଜିନିଷପତ୍ର ହଜିଯାଇପାରେ। କର୍ମାରମ୍ଭ, ବାଣିଜ୍ୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**
ଅନୁରାଧା ନକ୍ଷତ୍ର ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାକୁ ସ୍ଥିରକରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ। ଆଇନ ସହାୟତା ଲାଭକରି ମାଲି ମକଦ୍ଦମା ଫଇସଲା ହେବା ସମ୍ଭାବନା ରହିଛି।

**ଧନୁ**
ଆଜିର କର୍ମକ୍ଷେତ୍ରରେ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠିରହିବ ନାହିଁ। ସାମାଜିକ ସ୍ତରରେ ସରଳଭାବେ ଅନ୍ୟମାନଙ୍କୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର**
ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ଶ୍ରବଣା ନକ୍ଷତ୍ରର ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣାରୁ ପରିସ୍ଥିତି ଅଶାନ୍ତ ରହିବ। ଶିଳ୍ପ, ବାଣିଜ୍ୟର ପ୍ରତିବନ୍ଧକ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ପୂର୍ବ ଭାଦ୍ରପଦ ନକ୍ଷତ୍ରର ପାରିବାରିକ ଅଭାବବୋଧ ଲାଗି ରହିବାରୁ ବ୍ୟସ୍ତତା ବଢ଼ିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ସତ, ତାହା ସନ୍ତୋଷ ଦେବ ନାହିଁ। ରାଜନୀତି, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ବାକି ପଡ଼ିଥିବା ଟଙ୍କା ଫେରି ନ ପାଇବାରୁ ଚିନ୍ତିତ ରହିପାରନ୍ତି।

**ମୀନ**
ଉତ୍ତରଭାଦ୍ରପଦ ନକ୍ଷତ୍ରର ଆଜି ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ କିମ୍ବା ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି ସେପ୍ଟେମ୍ବର ୧୭ ତାରିଖ, ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର, ଦିବା ଘ.୧୧।୪୭ ଗତେ ପୂର୍ଣ୍ଣିମା, ଇନ୍ଦ୍ରୋତ୍ସବ, ଇନ୍ଦ୍ରଧ୍ୱଜପୂଜା ସମାପ୍ତ, ଅନନ୍ତ ଚତୁର୍ଦ୍ଦଶୀର ଅନନ୍ତବ୍ରତ, ପୂର୍ଣ୍ଣିମାବିହିତ ଉପବାସ। ରାଶିନକ୍ଷତ୍ର–ଶତଭିଷା/କୁମ୍ଭ, ଦିବା ଘ.୦୧।୫୨ ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୨ ଗତେ, ଘ.୦୪।୧୩ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ସୁଭଦ୍ରା: ଆଜି ...

ଫେରିଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷାରେ ୮୧ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ୧୧ଜଣ ଡିସିପି ର୍ୟାଙ୍କ ଅଧିକାରୀ, ୨୨ ଅତିରିକ୍ତ ଡିସିପି, ୬୬ ଏସ୍ପି, ୧୦୦ ଆଇଆଇସି ଓ ୩୦୦ ବରିଷ୍ଠ ପୋଲିସ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ବିମାନବନ୍ଦରରୁ ଜନତା ମଇଦାନ ଓ ଗାଡ଼କଣ ପର୍ଯ୍ୟନ୍ତ ନୋ ଫ୍ଲାଇଂ ଜୋନ୍ ରହିବ। ବ୍ୟାପକ ମହିଳା ପୋଲିସ କର୍ମଚାରୀଙ୍କ ସହ ସାଦା ପୋଷାକରେ ରହିବେ ପୋଲିସ। ସେହିପରି ଓଡ୍ରାଫ ଏବଂ ୬ କମ୍ପାନୀ ସିଆର୍ପିଏଫ୍ ମଧ୍ୟ ମୁତୟନ ରହିବେ। ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ସୁରକ୍ଷା ବଳ ମୁତୟନ ରହିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ମଙ୍ଗଳବାର ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏ ଜୟଦେବ ବିହାରରୁ ନାଲ୍କୋ ଛକ, ନାଲ୍କୋ ଛକରୁ ଜୟଦେବ ବିହାର ଯାଏ ଏହି କଟକଣା ବଳବତ୍ତର ରହିବ। ସୁଭଦ୍ରା ଯୋଜନାର ଶୁଭାରମ୍ଭ ପାଇଁ ଜନତା ମଇଦାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶାଳ ମହିଳା ସମାବେଶର ଆୟୋଜନ କରାଯାଇଛି। ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅନ୍ତର୍ଗତ ସମସ୍ତ ସରକାରୀ ଅଫିସ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ(କାର୍ଯ୍ୟନିର୍ବାହୀ) ଛୁଟି ଘୋଷଣା ହୋଇଛି।

## ୧ଟଙ୍କା ନ ଯାଇଥିଲେ ...

ଆଗ୍ରହକୁ ଦେଖି ସାଇବର ଠକ ମାତିଲେଣି। କେତେକ ହିତାଧିକାରୀଙ୍କ ମୋବାଇଲକୁ ଫେକ୍ ଲିଙ୍କ୍ ଆସୁଥିବା ସୂଚନା ମିଳୁଛି। ତେଣୁ ଏଭଳି ଲିଙ୍କ୍ରେ କ୍ଲିକ୍ ନ କରିବାକୁ ପ୍ରଭାତୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ସରକାରଙ୍କ ତରଫରୁ କୌଣସି ଫୋନ୍ କଲ୍ ଯାଉନି। ଯଦି କିଛି ଲିଙ୍କ୍ ଆସୁଥାଏ, ଏହା ସାଇବର ଠକଙ୍କ କାମ ହୋଇପାରେ। ଏଥିପାଇଁ ସତର୍କ ରହିବା ସହ କୌଣସି ଲିଙ୍କ୍ରେ କ୍ଲିକ୍ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଫର୍ମରେ ଆବେଦନ କରନ୍ତୁ, ଇ-କେୱାଇସି ଦିଅନ୍ତୁ, ନିଶ୍ଚିତ ଟଙ୍କା ପାଇବେ ବୋଲି ପ୍ରଭାତୀ କହିଛନ୍ତି।

## ଡାକ୍ତରୀମାଇନା କରୁନାହାନ୍ତି, ...

କରିବା ଲାଗି ସେ ଦାବି କରିଛନ୍ତି। ଅନ୍ୟପଟେ ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଭରତପୁର ଥାନାରେ କ୍ୟାମେରା ନାହିଁ ବୋଲି ରବିବାର ଥାନା ଭାରପ୍ରାପ୍ତ ଅଧିକାରୀ ଦୀନକୃଷ୍ଣ ମିଶ୍ର କହିଛନ୍ତି। ସେକଥା ମଧ୍ୟ ଏହି ଘଟଣାରେ ଆହୁରି ସନ୍ଦେହ ଘନୀଭୂତ କରିଛି। ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ଏହି ଥାନାରେ ହାଇରିଜୋଲ୍ୟୁଶନ କ୍ୟାମେରା ଲଗାଯାଇ ଉଦ୍ଘାଟନ କରାଯାଇଥିବା ଉକ୍ତ ଥାନାର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେଣୁ ଯଦି ଥାନାରେ ସିସିଟିଭି ଅଛି ତେବେ ଏହାର ପୂର୍ବଦିନର ସମସ୍ତ ଘଟଣା ସେଥିରେ କଏଦ ଥିବ। ତେଣୁ କେଉଁ ପରିସ୍ଥିତିରେ ଥାନା ଭାରପ୍ରାପ୍ତ ଅଧିକାରୀ ସେଠାରେ ସିସିଟିଭି ନାହିଁ ବୋଲି କହିଲେ ତାହା ମଧ୍ୟ ସନ୍ଦେହ ଯାତ କରିଛି। ଅନ୍ୟପକ୍ଷରେ ପୋଲିସ୍ ଅଧିକାରୀମାନେ ସବୁକିଛି ନିୟମାନୁଯାୟୀ କରିବା ଲାଗି ସେମାନଙ୍କୁ ଅଧିକାର ଦିଆଯାଇଛି। ହେଲେ ଜଣେ ଆର୍ମି ଅଫିସରଙ୍କୁ ଅଟକ ରଖିବା ଏବଂ ତାଙ୍କୁ ହାଜତରେ ପୂରାଇବା ଲାଗି ଯେଉଁ ନିୟମ ରହିଛି ଭରତପୁର ଥାନାର କର୍ମଚାରୀମାନେ ତାକୁ ଉଲ୍ଲଂଘନ କରିଛନ୍ତି। ନିୟମ ଅନୁଯାୟୀ ଗୁରୁଭନ୍ସ ସିଂ ଜଣେ ମେଜର ର୍ୟାଙ୍କର ଅଫିସର। ତାଙ୍କୁ ହାଜତରେ ରଖିବା ଲାଗି ଜଣେ ଏସ୍ପି ପାହ୍ୟାର ଅଧିକାରୀ ଆସିବା କଥା। ତାଙ୍କୁ ଅଟକ ରଖିବା ପୂର୍ବରୁ ତାଙ୍କ ବିରୋଧରେ ମାଜିଷ୍ଟ୍ରେଟ୍ ଗିରଫ ପରୱାନା ପ୍ରଦାନ କରିଥିବେ କିମ୍ବା ତାଙ୍କ ବିରୋଧରେ ହତ୍ୟା କିମ୍ବା ବଳାତ୍କାର ଭଳି ସଙ୍ଗୀନ ମାମଲା ରୁଜୁ ହୋଇଥିବା ଦରକାର। ହେଲେ ଏସବୁ କିଛି ନ ଥାଇ ତାଙ୍କ ପ୍ୟାଣ୍ଟ, ଶାର୍ଟ ଏବଂ ଜୋତା ଖୋଲି ତାଙ୍କୁ ଅତ୍ୟନ୍ତ ଅପମାନିତ କରି ୪ ଘଣ୍ଟା ଅଟକ ରଖାଯାଇଥିଲା। ଯଦି ପୋଲିସ୍ ଏହି ନିୟମରେ କିଛି ଖିଲାପି କରିଛି ତେବେ ଏହା ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନ ହେବ ବୋଲି ପ୍ରଶ୍ନ ଉଠିଛି। ଅଙ୍କିତାଙ୍କ ବାପା ତଥା ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସ୍ ଆସୋସିଏଶନର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ତୁରନ୍ତ ଏହି ଘଟଣାରେ ଥାନାର ଆଇଆଇସି ଏବଂ ଅନ୍ୟ କର୍ମଚାରୀମାନଙ୍କୁ ସସ୍ପେଣ୍ଡ କରାଯାଉ। ଜଣେ ଆର୍ମି ଅଫିସର ଅଭିଯୋଗ କରିବାକୁ ଯାଇଥିଲେ ଓଲଟା ତାଙ୍କୁ ମାରିକି ଗିରଫ କରିଦେଉଛନ୍ତି। ଯଦି ଏତେ ପୋଲିସ୍ କର୍ମଚାରୀଙ୍କୁ ଏମାନେ ଦୁଇ ଜଣ ମରାମରି କଲେ ତେବେ ସିସିଟିଭି ଫୁଟେଜ ମାଗିବାକୁ କହିବାରୁ କାହିଁକି ଲାଗି ନ ଥିବା କହୁଛନ୍ତି। ସୁପ୍ରିମକୋର୍ଟ ଗାଇଡ୍ଲାଇନ ଅନୁଯାୟୀ ସିସିଟିଭି କ୍ୟାମେରା ଥାନାରେ ନିଶ୍ଚିତ ଭାବେ ଲାଗିବା ଦରକାର। ଏମାନେ ସୁପ୍ରିମକୋର୍ଟ ନିୟମର ଉଲ୍ଲଂଘନ କରିଛନ୍ତି। ଏହା ଏକ ପ୍ରକାର ଜଙ୍ଗଲରାଜ। ପୋଲିସ୍ ଡ୍ରେସ୍ରେ ଏମାନେ ଗୁଣ୍ଡାରାଜ ଚଳାଇଛନ୍ତି। ଜଣେ ଆର୍ମି ଅଫିସରଙ୍କ ଅବସ୍ଥା ଯଦି ଏମିତି, ତେବେ ସାଧାରଣ ଲୋକ କ'ଣ ନ୍ୟାୟ ପାଇବେ। ଏମିତି ହେଲେ ଆଗକୁ କେହି ସେନାରେ ମଧ୍ୟ ଯୋଗ ଦେବେନି। ଦେଶକୁ ରକ୍ଷା କରିବା ଲାଗି ନିଜ ଜୀବନ ଦେଉଥିବା ଅଫିସର ସହିତ ଏଭଳି ଜଘନ୍ୟକାଣ୍ଡ ଘଟୁଥିବା ବେଳେ ଉପର ଅଫିସରମାନେ ନୀରବ ରହୁଛନ୍ତି ବୋଲି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ରାତି ପ୍ରାୟ ୧୨ଟା ୩୦ ମିନିଟ୍ରେ ଗୁରୁଭନ୍ସ ଏବଂ ଅଙ୍କିତା ତାଙ୍କ ଗାଡିରେ ପଟିଆରୁ ଫେରୁଥିବା ସମୟରେ କିଛି ଯୁବକ ସେମାନଙ୍କୁ ଅଟକାଇ ମରାମରି କରିଥିଲେ। ଏହାପରେ ସେମାନେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଆସି ପହଞ୍ଚିଥିଲେ। ହେଲେ ଥାନାରେ ଯେମିତି ସେମାନଙ୍କୁ ନ୍ୟାୟ ମିଳିବା କଥା ନ ମିଳିବାରୁ ସେମାନେ କିଛି ପ୍ରଶ୍ନ ଉଠାଇଥିଲେ। ଏହାପରେ ଅଭିଯୋଗ କରିବାକୁ ଆସିଥିବା ଗୁରୁଭନ୍ସ ଏବଂ ଅଙ୍କିତାଙ୍କ ଉପରେ ଆରମ୍ଭ ହୋଇଯାଇଥିଲା ଭରତପୁର ଥାନା କର୍ମଚାରୀଙ୍କ ନିର୍ଯାତନା। ଗୁରୁଭନ୍ସ ଜଣେ ମେଜର ପାହ୍ୟାର ଆର୍ମି ଅଫିସର ହେବା ସତ୍ତ୍ୱେ ତାଙ୍କ ପ୍ୟାଣ୍ଟ, ଶାର୍ଟ, ଜୋତା ଖୋଲି ତାଙ୍କୁ ହାଜତରେ ପୂରାଇ ଦେଇଥିଲେ। ଅନ୍ୟପଟେ ଅଙ୍କିତାଙ୍କୁ ପ୍ରବଳ ମାରିବା ସହିତ ତାଙ୍କ ଡ୍ରେସ୍ ମଧ୍ୟ ଖୋଲି ଦେଇଥିଲେ। ଏହାପରେ ରବିବାର ଅଙ୍କିତାଙ୍କୁ କୋର୍ଟ ଚାଲାଣ କରିବା ଲାଗି ପୋଲିସ୍ କର୍ମଚାରୀମାନେ ଭୁଲ୍ ହସ୍ପିଟାଲ ରିପୋର୍ଟ ଆଣିଥିବା ଅଭିଯୋଗ ମଧ୍ୟ ହୋଇଛି। ଅଙ୍କିତାଙ୍କ ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଅନ୍ୟପଟେ ଏହି କଥାରେ ପୋଲିସ୍ ନିଜ ଭୁଲ୍ ଲୁଚାଇବା ଲାଗି ସମସ୍ତ ପ୍ରକାର କ୍ଷମତାର ଅପବ୍ୟବହାର କରିଚାଲିଛି।

## ଏନ୍ଏଚ୍ଆର୍ସିରେ ଅଭିଯୋଗ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ): ଭରତପୁର ଥାନାକୁ ଅଭିଯୋଗ ନେଇ ଯାଇଥିବା ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ଦେବା ଘଟଣା ସୋମବାର ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ପହଞ୍ଚିଛି। ଏନେଇ ମାନବାଧୀକାର କର୍ମୀ ଜୟନ୍ତ କୁମାର ଦାସ ଅଭିଯୋଗ କରିବା ସହ ଘଟଣାର ତଦନ୍ତ ପାଇଁ ନିବେଦନ କରିଛନ୍ତି। ଜୟନ୍ତ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ନିର୍ଯାତନା ଭଳି ସମ୍ବେଦଶୀଳ ଘଟଣାରେ ଥାନାଧିକାରୀ ସିସିଟିଭି କ୍ୟାମେରା କିମ୍ବା ଫୁଟେଜ୍ ନାହିଁ ବୋଲି କହିବା ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶାନାମାକୁ ଖୋଲା ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି। କମିଶନ ଯାଞ୍ଚ କମିଟି ଦ୍ୱାରା ତଦନ୍ତ କରନ୍ତୁ। ଏଥିସହ ପ୍ରତ୍ୟେକ ଥାନାରେ ସିସିଟିଭି କ୍ୟାମେରା ଥିବା ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କୁ ରିପୋର୍ଟ ମଗାଯାଉ। ସେହିପରି ପ୍ରତ୍ୟେକ ପୀଡ଼ିତା ଓ ପୀଡ଼ିତଙ୍କୁ ୫୦ ଲକ୍ଷ ଲେଖାଏ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଜୟନ୍ତ ଅଭିଯୋଗପତ୍ରରେ ଦାବି କରିଛନ୍ତି।

## ରାସ୍ତାରେ ଉତ୍ପାତ...

ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ୪ଜଣ ନାବାଳକ ଥିବା ବେଳେ ଏନେଇ ପୋଲିସ ଅଧିକ ଯାଞ୍ଚ କରୁଛି। ଅନ୍ୟ ଜଣେ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡା ମୁସ୍ଲିମ ସାହିର ଫୟଜ୍ ଖାନ୍। ଏନେଇ ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଓଏପିଏଫ୍ ହେମନ୍ତ ଭୁମଲଙ୍କ ରିପୋର୍ଟକୁ ଆଧାର କରି ଖାରବେଳନଗର ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୨୮୧, ୧୦୯, ୧୩୨, ୨୯୬, ୫୪, ୩(୫) ଓ ୧୮୪ ଏମ୍ଭି ଆକ୍ଟରେ ଏକ ମାମଲା (ନଂ.୪୧୫/୨୦୨୪) ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତମାନେ ସୋମବାର ସକାଳ ପ୍ରାୟ ୯ଟାରୁ ୯ଟା ୩୦ ମଧ୍ୟରେ ସତ୍ୟନଗରଛକରୁ ଶହୀଦନଗର ଆଡକୁ ଯାଇ ଏଭଳି କାଣ୍ଡ ଘଟାଇଥିଲେ। ବିଶେଷ କରି ବିଏମ୍ସି ଅଫିସରୁ ଆଇଡିବିଆଇ ମଧ୍ୟରେ ସେମାନେ ଅଧିକ ବିପଦପୂର୍ଣ୍ଣ ଭାବେ କାର୍ ଚଲାଇ ଆତଙ୍କ ଖେଳାଇଥିଲେ। କିଏ କାର୍ ଡୋରରେ ବସିଥିବା ବେଳେ କିଏ ସନ୍ରୁଫ୍ ଉପରେ ବସିଥିଲେ। ସେମାନେ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ପତାକା ଉଡ଼ାଇ ଉଚ୍ଚ ପାଟି କରି ଚିଲାଇ କାର୍ରେ ଯାଉଥିବା ଦେଖିବାକୁ ମିଳିଥିଲା। ଜନଗହଳିପୂର୍ଣ୍ଣ ରାସ୍ତାରେ ଅଭିଯୁକ୍ତମାନେ ଏଭଳି ଢଙ୍ଗରେ କାର୍ ଚଲାଉଥିବାବେଳେ ଲୋକମାନେ ଏହାଦେଖି ଭୟଭୀତ ହୋଇପଡ଼ିଥିଲେ। ଏପରିକି ଗୋଟିଏ କାର୍ ଫୁଟପାଥକୁ ମାଡ଼ିଯାଇ ଚାଲୁଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ଟ୍ରାଫିକ୍ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ି ଅଟକାଇ ନ ଥିଲେ। ସୌଭାଗ୍ୟବଶଃତ ଏଭଳି ବେପରୁଆ ଗାଡ଼ି ଚାଳନାରେ କୌଣସି ଦୁର୍ଘଟଣା ଘଟି ନ ଥିଲା। ଅନ୍ୟଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଓ ୪ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯିବ ବୋଲି ସୂଚନା ଦିଆଯାଇଛି।




# ବ୍ରୋଞ୍ଜ ବିଜେତା ଅମରେଶ, ଗେଡେଲାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**ବିଶ୍ୱ ଦକ୍ଷତା ପ୍ରତିଯୋଗିତା**

ଭୁବନେଶ୍ୱର, ୧୬।୯ (ଅନିଲ ଦାସ)

ସେପ୍ଟେମ୍ବର ୧୦ ଓ ୧୫ ତାରିଖରେ ଫ୍ରାନ୍ସର ଲିଓନ ଠାରେ ଅନୁଷ୍ଠିତ ୪୭ ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡିଶାର ଅମରେଶ କୁମାର ସାହୁ ଏବଂ ଗେଡେଲା ଅଖିଳ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଅମରେଶ ଅକ୍ଷୟ ଶକ୍ତି ଏବଂ ଅଖିଳ ୱାଟର ଟେକ୍ନୋଲୋଜି ପାଇଁ ବ୍ରୋଞ୍ଜ ପଦକ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଭୟଙ୍କୁ ଅଭିନନ୍ଦନ ଜଣାବା ସହ ବିଶ୍ୱ ଦରବାରରେ ଓଡିଶା ପାଇଁ ଏହା ଗର୍ବର ବିଷୟ ବୋଲି କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର, ୧୬।୯ (ସତ୍ୟଜିତ୍ ରାଉତ)

ସୁଭଦ୍ରା ଯୋଜନାର ଶୁଭାରମ୍ଭ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଆସୁଛନ୍ତି। ଏଥିପାଇଁ ରାଜଧାନୀରେ ବିପୁଳ ଜନସମାଗମ ହେବାର ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ଯାତାୟାତ କଟକଣା ଜାରି ହୋଇଛି। ସକାଳ ୭ଟା ୩୦ରୁ ଅପରାହ୍ଣ ୩ଟା ଯାଏ ଏହା ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, କଟକ ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡିକ ରସୁଲଗଡ ରେଲୱେ ଓଭରବ୍ରିଜ୍ ଠାରୁ ସର୍ଭିସ୍ ରୋଡରେ ଆସି ବାଣୀବିହାର ଛକ-ଆଚାର୍ଯ୍ୟ ବିହାର ଛକରୁ ଆପୋଲ ହସ୍ପିଟାଲ-ସୈନିକ ସ୍କୁଲ ରାସ୍ତା-ପ୍ରେସ୍ ଛକ-ନାଲୋକ ଛକ-ସର୍ଭେ ଅଫ୍ ଇଣ୍ଡିଆ ଲେନ୍‌ରେ ଯାତ୍ରୀମାନଙ୍କୁ ଓହ୍ଲାଇ ନିର୍ଦ୍ଧେରିତ ପାର୍କିଂସ୍ଥଳରେ ପାର୍କିଂ କରିବେ। ସେହିପରି ଖୋର୍ଦ୍ଧା ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡିକ ଜୟଦେବବିହାର ଫ୍ଲାଏ ଓଭରବ୍ରିଜ୍ ଅତିକ୍ରମ କରିବା ପରେ ସର୍ଭିସ୍ ରୋଡରେ ଆଚାର୍ଯ୍ୟବିହାର ଛକରୁ ଆପୋଲୋ ହସ୍ପିଟାଲ-ସୈନିକ ସ୍କୁଲ ରାସ୍ତା-ପ୍ରେସ ଛକ- ନାଲକୋ ଛକ-ସର୍ଭେ ଅଫ୍ ଇଣ୍ଡିଆ ଲେନ୍‌ରେ ଯାତ୍ରୀମାନଙ୍କୁ ଓହ୍ଲାଇବ। ନନ୍ଦନକାନନ ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡିକ ଓମଫେଡ୍ ଛକ-ନାଲକୋ ଛକ-ସର୍ଭେ ଅଫ୍ ଇଣ୍ଡିଆ ଲେନ୍‌ରେ ଯାତ୍ରୀମାନଙ୍କୁ ଓହ୍ଲାଇବ। କଟକ ପାର୍ଶ୍ୱରୁ ଆସୁଥିବା ଚାରିଚକିଆ ଓ ଦୁଇଚକିଆ ଯାନଗୁଡିକ ରସୁଲଗଡ ରେଲୱେ ଓଭରବ୍ରିଜ୍ ଠାରୁ ସର୍ଭିସ୍ ରୋଡରେ ଆସି ବାଣୀବିହାର ଛକ-ଆଚାର୍ଯ୍ୟ ବିହାର ଛକରୁ ଆପୋଲ ହସ୍ପିଟାଲ-ସୈନିକ ସ୍କୁଲ ରାସ୍ତା-ପ୍ରେସ୍ ଛକ- ନାଲୋକ ଛକ-ଆର୍.ସି.ଏମ୍. କଟ୍‌ରୁ ଓ.ଏସ୍.ଏ.ପି. ୭ମ ବାଟାଲିୟନ୍ ପଡିଆରେ ଯାତ୍ରୀମାନଙ୍କୁ ଓହ୍ଲାଇବ। ଖୋର୍ଦ୍ଧା ଆଡୁ ଆସୁଥିବା ଚାରିଚକିଆ ଓ ଦୁଇଚକିଆ ଯାନଗୁଡିକ ଜୟଦେବ ବିହାର ଫ୍ଲାଏଓଭର ବ୍ରିଜ୍ ଅତିକ୍ରମ କରିବା ପରେ ସର୍ଭିସ୍ ରୋଡରେ ଆସି ଆଚାର୍ଯ୍ୟବିହାର ଛକରୁ ଆପୋଲୋ ହସ୍ପିଟାଲ-ସୈନିକ ସ୍କୁଲ ରାସ୍ତା-ପ୍ରେସ ଛକ- ନାଲକୋ ଛକ-ଆର୍.ସି.ଏମ୍ କଟ୍‌ରୁ ଓ.ଏସ୍.ଏ.ପି ଓ.ଏସ୍.ଏ.ପି. ୭ମ ବାଟାଲିୟନ୍ ପଡିଆରେ ଯାତ୍ରୀମାନଙ୍କୁ ଓହ୍ଲାଇବ। ନନ୍ଦନକାନନ ଆଡୁ ଆସୁଥିବା ଚାରିଚକିଆ ଯାନଗୁଡିକ ନାଲକୋ ଛକ-ସର୍ଭେ ଅଫ୍ ଇଣ୍ଡିଆ ଲେନ୍‌ରେ ଯାତ୍ରୀମାନଙ୍କୁ ଓହ୍ଲାଇବ। ତେବେ ଆମନ୍ତ୍ରୀତ ଅତିଥିମାନେ ସର୍ଭେ ଅଫ୍ ଇଣ୍ଡିଆ ଦେଇ ଜନତା ମୈଦାନର ମେନ୍ ଗେଟ୍ ପାଖରେ ଓହ୍ଲାଇବେ ପରେ ସେଠାରୁ ଅତିଥି ଗେଟ୍ ଦେଇ ଭିତରକୁ ପ୍ରବେଶ କରିବେ। ସେମାନେ ଗାଡିଗୁଡିକୁ ଜନତା ମଇଦାନର ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ପାର୍କିଂ କରିବେ।

ବସ୍‌ଗୁଡିକ ପାର୍କିଂ ପାଇଁ ଜାଭିୟର ଛକରୁ ସାଲିଆ ସାହି ରାସ୍ତା ଭାୟା ହାତିସୁଣୀ ଛକର ଉଭୟ ପାର୍ଶ୍ୱ, ଦକ୍ଷୀଣ ପଟ ଗେଟ୍ ଦେଇ ଓ.ଏ୍.ଏ.ପି ସପ୍ତମ ବାଟାଲିୟନ୍ ପୋଖରୀ ପାଖ ପଡିଆ ଓ ଏସ୍.ଏସ୍.ବି.ଏନ୍. ପଡିଆ ଏବଂ ଆଦର୍ଶ ବିଦ୍ୟାଳୟ ପଡିଆକୁ ପାର୍କିଂ ସ୍ଥଳ କରାଯାଇଛି। ସେହିପରି ଚାରିଚକିଆ ଯାନ ଓ ଦୁଇ ଚକିଆ ଯାନ ଗୁଡିକ ଜନତା ମୈଦାନର ଭିଆଇପି ଗେଟ୍ ଦେଇ ଓଏସ୍ଏପି ସପ୍ତମ ବାଟାଲିୟନ୍ ପରେଡ୍ ପଡିଆକୁ ପାର୍କିଂ କରିବେ। ସଭା ଶେଷ ହେବା ପରେ ଜାଭିୟର ଛକରୁ ସାଲିଆ ସାହି ରାସ୍ତା ଭାୟା ହାତିଆସୁଣୀ ଛକ ରାସ୍ତାରେ ପାର୍କିଂ ହୋଇଥିବା ବସ୍‌ଗୁଡିକ କଟକ ଆଡକୁ ଯିବାକୁ ଚାହୁଁଥିଲେ ରେଲୱେ କଲୋନୀ ଗୋଲେଇ ଛକରୁ ନାଲକୋ ଛକ, ନନ୍ଦନକାନନ ହୋଇ ଯାଇପାରିବ। ସେହିପରି ଭୁବନେଶ୍ୱର କିମ୍ବା ଖୋର୍ଦ୍ଧା ଆଡକୁ ଯିବାକୁ ଥିବା ବସ୍‌ଗୁଡିକ ଉତ୍କଳ ହସ୍ପିଟାଲ ରାସ୍ତାରେ ରେଲୱେ କଲୋନୀ ଗଲୋଇ ଛକରୁ ନାଲକୋ ଛକ ଦେଇ ଯାଇପାରିବ। ଓ.ଏ୍.ଏ.ପି ବାଟାଲିୟନ୍ ପଡିଆରେ ଥିବା ବସ୍‌ଗୁଡିକ ଭିଆଇପି ଗେଟ୍ ଦେଇ ଯିବ। ଏସ୍.ଏସ୍.ବି.ଏନ୍ ଏବଂ ଆଦର୍ଶ ବିଦ୍ୟାଳୟ ପଡିଆରେ ଥିବା ବସ୍‌ଗୁଡିକ ଦୂରଦର୍ଶନ ରାସ୍ତା ଦେଇ ଆପୋଲୋ ହସ୍ପିଟାଲ କଟ୍ ଦେଇ ଯିବ ବୋଲି ସୂଚନା ଦିଆଯାଇଛି।

# ୨୮୭୧ କୋଟିର ରେଳ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୋଦି

ଭୁବନେଶ୍ୱର, ୧୬।୯ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରୁ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହଯୋଗ କରିବା ପାଇଁ ରେଳ ସଂଯୋଗକୁ ବୃଦ୍ଧି କରାଇବା ସହ ପ୍ରମୁଖ ରେଳ ମାର୍ଗଗୁଡିକ ପାଇଁ ୨୮୭୧ କୋଟି ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ହେବ।

ପ୍ରଧାନମନ୍ତ୍ରୀ ୪ଟି ପ୍ରମୁଖ ରେଳ ସେକ୍ସନର ଉଦ୍‌ଘାଟନ କରିବେ। ପ୍ରାୟ ୪୩୨ କୋଟି ମୂଲ୍ୟର ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ଲାଇନ ପ୍ରକଳ୍ପର ୨୫.୩୯୪ କିମି ଦୀର୍ଘ ଲାଞ୍ଜିଗଡ ରୋଡ୍-ଆମ୍ବାଡୋଲା-ଡୋଇକାଲୁ ରେଳ ସେକ୍ସନ ରହିଛି। ଏହି ରେଳ ସେକ୍ସନ ବିଜୟନଗରମ୍-ଟିଟିଲାଗଡ ମାର୍ଗରେ କ୍ଷମତା ବୃଦ୍ଧି କରିବା ସହ ପଶ୍ଚିମ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଯାତ୍ରୀ ସେବା ଓ ମାଲ ପରିବହନକୁ ସୁଗମ କରିବ। ସେହିପରି କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ୨୨.୯୪ କିମି ଲମ୍ବା ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ରେଳ ସେକ୍ସନ ପ୍ରାୟ ୨୬୦ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଛି। ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ୪୦.୬୨ କିମି ଦୀର୍ଘ ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ସେକ୍ସନ ପ୍ରାୟ ୫୪୦ କୋଟି ବିନିମୟରେ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଜଟିଳ ଶିଳ୍ପ ମାର୍ଗରେ କ୍ଷମତାକୁ ଆହୁରି ବୃଦ୍ଧି କରିବ ଓ ଦ୍ରବ୍ୟର ସୁଗମ ଏବଂ ଶୀଘ୍ର ପରିବହନକୁ ସୁନିଶ୍ଚିତ କରିବ। ସେହିଭଳି, ବଣ୍ଡାମୁଣ୍ଡା-ରାଞ୍ଚି ଦୋହରୀକରଣ ପ୍ରକଳ୍ପର ୧୨.୫ କିମିର ବାଙ୍ଗୁରେକେଲା-ନୋଗାଓଁ ରେଳ ସେକ୍ସନକୁ ପ୍ରାୟ ୨୩୯ କୋଟି ବିନିମୟରେ ନିର୍ମାଣ କରାଯାଇଛି। ଏହି ଲାଇନର ଦୋହରୀକରଣ ଦ୍ୱାରା ଓଡିଶା ଏବଂ ଝାଡଖଣ୍ଡ ମଧ୍ୟରେ ସଂଯୋଗ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହାସହ ମୋଦି ଅନ୍ୟ ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସିକ୍ସ ଏବଂ ପାରାଦୀପ କୋଟିଂ ୟାର୍ଡ ମଧ୍ୟରେ ୭ କିମି ଲମ୍ବା ଫ୍ଲାଏଓଭର ନିର୍ମାଣ କରାଯିବାକୁ ପ୍ରାୟ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩୦୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୧୮.୫୧ କିମି ଦୀର୍ଘ ପାରାଦୀପ-ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ, ୧୫୨ କୋଟି ଟଙ୍କାରେ ୧୦.୯୩ ଦୀର୍ଘ ଏମ୍‌ସିଆର୍‌ଏଲ୍ ଆଭ୍ୟନ୍ତରୀଣ କରିଡର ଫେଜ -୧ର ଦୋହରୀକରଣ, ୭୪୮ କୋଟି ଟଙ୍କା ବ୍ୟୟରେ ୪୧.୯ କିମି ଜୟପୁର-ନବରଙ୍ଗପୁର ନୂତନ ଲାଇନ ରହିଛି। ଏହା ଜୟପୁର ଏବଂ ନବରଙ୍ଗପୁରର ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳକୁ ସଂଯୋଗ କରିବା ସହ ଅର୍ଥନୈତିକ ଅଭିବୃଦ୍ଧି ତଥା ବଜାର ଏବଂ ସମ୍ବଲକୁ ଉନ୍ନତ ସୁବିଧା ଯୋଗାଇବ ବୋଲି ରେଳ ବିଭାଗ ଆଶା ରଖିଛି।

# କାର୍‌ରୁ ୭ ଫୁଟ୍‌ର ଅଜଗର ଉଦ୍ଧାର

ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି), ୧୬।୯


କାର୍‌ରୁ ଉଦ୍ଧାର କରାଯାଉଥିବା ଅଜଗର।

ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ତେନ୍ତୁଳିଖୁଣ୍ଟା ଗାଁ ନିକଟ ହ୍ୟୁଣ୍ଡାଇ କାର୍ ଶୋ'ରୁମ୍ ନିକଟସ୍ଥ ଏକ କାର୍‌ରୁ ୭ ଫୁଟ ଲମ୍ବର ଏକ ଅଜଗର ସୋମବାର ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ କାର୍‌ଚାଳକ ଯାଜପୁର ରୋଡ୍‌ର ମାନସ ରଞ୍ଜନ ମହାନ୍ତି ଗାଡ଼ିକୁ ସର୍ଭିସିଂ ପାଇଁ ତେନ୍ତୁଳିଖୁଣ୍ଟା ଗାଁସ୍ଥିତ ହୁଣ୍ଡାଇ କାର୍ ଶୋ'ରୁମ୍‌କୁ ନେଇଥିଲେ। ସେଠାରେ ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ଷ୍ଟିୟରିଂ ପାଖରୁ ସୁ ସୁ ଶବ୍ଦ ହେଉଥିବା ଶୁଣିବାକୁ ପାଇଥିଲେ। ଏହାପରେ ସେ ବନେଟ ଖୋଲିବାରୁ ଭିତରେ ସାପ ଥିବା ଦେଖିବାକୁ ପାଇଥିଲେ। ଏହାପରେ ସାପକୁ ଧରିବା ପାଇଁ ସେ ସ୍ନେକ ହେଲ୍ପଲାଇନ ସଦସ୍ୟ ମଣିଭଦ୍ର ମଲ୍ଲିକଙ୍କୁ ଫୋନ କରି ଡାକିଥିଲେ। ମଣିଭଦ୍ର ତାଙ୍କ ସହଯୋଗୀଙ୍କ ସହ ପହଞ୍ଚି ସାପକୁ ଧରିବାକୁ ଉଦ୍ୟମ କରିଥିଲେ। ହେଲେ ସାପ ଗାଡ଼ିର ଏସି ଚାମ୍ବର ଭିତରେ ପଶିଯାଇଥିଲା। ଶୋ'ରୁମ୍ କର୍ମଚାରୀ କାର୍‌ର ଏସି ଚାମ୍ବରକୁ ଖୋଲି ବାହାରକୁ ଆଣିଥିଲେ। ଏହାପରେ ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ୫ ଘଣ୍ଟା ଉଦ୍ୟମ କରିବା ପରେ ସାପକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ବନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ଉଦ୍ଧାର ଅଜଗର ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ସେପଟେ ସାପକୁ ଦେଖିବା ପାଇଁ ସ୍ଥାନୀୟ ଲୋକେ ଭିଡ଼ ଜମେଇଥିଲେ।

# ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା

କଟକ, ୧୬।୯ (କାର୍ତ୍ତିକ ସାହୁ)

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ସୋମବାର ଆୟୋଜିତ ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା ଉଡ଼ାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଦରଘାବଜାର ଥାନା ଅଞ୍ଚଳରେ ଶୋଭାଯାତ୍ରା ସହର ପରିକ୍ରମା କରୁଥିବାବେଳେ ଏକ ପାଲେଷ୍ଟିନୀୟ ପତାକା ସମସ୍ତଙ୍କ ନଜରକୁ ଆସିଥିଲା। ଶାନ୍ତିଭଙ୍ଗ ଆଶଙ୍କା କରି କମିଶନରେଟ୍ ପୋଲିସ ତୁରନ୍ତ ଉକ୍ତ ପତାକାକୁ ଜବତ କରିଛି। ସୂଚନା ଅନୁସାରେ, ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ଚାଲିଥିବା ଏକ ବିରାଟ ଶୋଭାଯାତ୍ରା ଦରଘାବଜାର ପାର୍ଶ୍ୱରୁ ବକ୍ସିବଜାର ଆଡ଼କୁ ଯାଉଥିଲା। ସମୟ ପ୍ରାୟ ଦିନ ୧୨ଟାରେ ସ୍ଥାନୀୟ ଲୋକମାନେ ପାଲେଷ୍ଟାଇନ ପତାକା ଭଳି ଦୃଶ୍ୟମାନ ହେଉଥିବା ଏକ ପତାକା ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିବା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଜଣେ ନାବାଳକ ଉକ୍ତ ପତାକା ଉଡ଼ାଉଥିବା ଦେଖି ତୁରନ୍ତ ଏହାକୁ ଜବତ କରିନେଇଥିଲା। ଅନ୍ୟପକ୍ଷରେ ଶାନ୍ତି ଶୃଙ୍ଖଳାର ସହ ଜୁଲୁସ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ଏଭଳି ପତାକା ଉଡ଼ାଇବାକୁ ନେଇ ଦରଘାବଜାର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡ କହିଛନ୍ତି। ଫଟୋରେ ଦେଖିବାକୁ ମିଳିଥିବା ଫଟୋଟି ପାଲେଷ୍ଟାଇନ୍ ପତାକା ଭଳି ଦେଖାଯାଉଥିବାବେଳେ ଅତିରିକ୍ତ ଡିସିପି ଅନିଲ ମିଶ୍ର ଏହାକୁ ଅସ୍ୱୀକାର କରିଛନ୍ତି। ଜୁଲୁସ ଶୋଭାଯାତ୍ରା ବେଳେ ଜବତ ହୋଇଥିବା ପତାକାଟି ପାଲେଷ୍ଟାଇନ୍ ପତାକା ନୁହେଁ। ତେଣୁ ଏହାକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ନ ହେବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

## କେନ୍ଦ୍ରାପଡ଼ାରେ ବି ଉଡ଼ିଲା

କେନ୍ଦ୍ରାପଡ଼ା, ୧୬।୯ (ଜଗନ୍ନାଥ ଧଳ)


କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପାଲେଷ୍ଟାଇନ୍ ପତାକା ଉଡ଼ୁଛି।

କେନ୍ଦ୍ରାପଡ଼ା ସହରରେ ପାଲେଷ୍ଟାଇନ ପତାକା ସୋମବାର ଉଡ଼ିଛି। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଆସିବା ପରେ ଏପରି ଆଲୋଚନା ଆରମ୍ଭ ହୋଇଛି। ଏହି ପତାକା ଉଡ଼ିବାକୁ ଏଠାରେ ନାପସନ୍ଦ କରାଯାଇଛି। ପୂର୍ବାହ୍ଣରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ସହରର ହାଇସ୍କୁଲ ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡଠାରେ କେତେଜଣ ବ୍ୟକ୍ତି ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା ସାମଞ୍ଜସ୍ୟ ଥିବା ପତାକା ଉଡ଼ାଇ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଶୋଭାଯାତ୍ରାର ଦାୟିତ୍ୱରେ ଥିବା ଟାଉନ ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ପଚାରିବାରେ ଏପରି କୌଣସି ଅଭିଯୋଗ ଆସିନାହିଁ ବୋଲି ସେ କହିଛନ୍ତି।

## ସମ୍ବଲପୁରରେ ଲାଗିଲା ପୋଷ୍ଟର

ସମ୍ବଲପୁର, ୧୬।୯ (ଭବାନୀ ଶଙ୍କର ଭୋଇ)




ସମ୍ବଲପୁର ସହରରେ ସୋମବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସାହର ସହ ପାଳନ କରାଯାଇଛି। ଏଥିପାଇଁ ସହରର ବିଭିନ୍ନ ଅଞ୍ଚଳକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା। ତେବେ କବରିସ୍ଥାନ ରାସ୍ତାର ପେନ୍‌ସନପଡ଼ା ନିକଟ ଏକ ଗଛରେ ପାଲେଷ୍ଟାଇନ ସମର୍ଥନରେ ପୋଷ୍ଟର ଲଗାଯାଇଥିଲା। ଏଥିରେ ସେଭ୍ ଗାଜା, ଫ୍ରି ପାଲେଷ୍ଟାଇନ, ନଦୀରୁ ସମୁଦ୍ର ପର୍ଯ୍ୟନ୍ତ ପାଲେଷ୍ଟାଇନ ମୁକ୍ତ ହେବ ଇନ୍‌ସା ଆଲ୍ଲା ବୋଲି ଲେଖାଯାଇଥିଲା। ଏଭଳି ପୋଷ୍ଟରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସମ୍ବଲପୁରରେ ପୂର୍ବରୁ ସାମ୍ପ୍ରଦାୟିକ ହିଂସା ଯୋଗୁ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଏବେ କେତେଜଣ ଅସାଧୁ ବ୍ୟକ୍ତି ଉତ୍ତେଜନା ସୃଷ୍ଟି କରିବାକୁ ହୀନ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଟାଉନ ଥାନା ପୋଲିସ ଉକ୍ତ ପୋଷ୍ଟରକୁ ହଟାଇଦେଇଛି। ଟାଉନ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ପୋଷ୍ଟର ଲଗାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜଳକାରେ ବନ୍ୟା, ଧସିଲା ନଦୀବନ୍ଧ

- ୫୦୦୦ ହେକ୍ଟର ଚାଷଜମି ଜଳମଗ୍ନ
- ଗାଁ ରାସ୍ତାରେ ୫ ଫୁଟ ଘାଇ

ବାଲେଶ୍ୱର, ୧୬।୯ (ବାଞ୍ଛାନିଧି ଦେ)


ବାଉଁଶଡ଼ିହା ଗାଁ ରାସ୍ତାରେ ସୃଷ୍ଟି ହୋଇଥିବା ଘାଇ।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ବିଭିନ୍ନ ନଦୀରେ ବନ୍ୟା ଆସିଛି। ବସ୍ତା ବ୍ଲକରେ ସର୍ବାଧିକ ଓ ସୋରରେ ସର୍ବନିମ୍ନ ବର୍ଷା ରେକର୍ଡ କରାଯାଇଛି। ବସ୍ତା ବ୍ଲକ ଦେଇ ଯାଇଥିବା ଜଳକା ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ୫୦୦୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ମଥାନୀ ପଞ୍ଚାୟତ ଦଳେଇସାହିଠାରେ ୫ଫୁଟ ଲମ୍ବର ନଦୀବନ୍ଧ ଧସି ଯାଇଥିବା ବେଳେ ସଦାନନ୍ଦପୁର ପଞ୍ଚାୟତର ବାଉଁଶଡିହା ଗାଁ ରାସ୍ତାରେ ୫ ଫୁଟ ଘାଇ ହୋଇ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସେହପରି ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି।

ଜଳକା ନଦୀର ମଥାନୀଠାରେ ବିପଦସଙ୍କେତ ୬.୫୦ ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୭୮ ମିଟରରେ ପ୍ରବାହିତ ହୋଇଥିଲା। ବସ୍ତା ବ୍ଲକ ଅନ୍ତର୍ଗତ ୩୦ଟି ଗ୍ରାମରେ ବନ୍ୟା ପାଣି ପଶିଛି। ତହସିଲଦାର ରାଧାରଞ୍ଜନ ଦାସ ପରିସ୍ଥିତିରେ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା କହିଛନ୍ତି।

ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୯.୫୦ମିଟରରେ ପ୍ରବାହିତ ହୋଇଥିଲା। ଫଳରେ ଜଳେଶ୍ୱର ଓ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ବାସୀନ୍ଦା ବନ୍ୟା ଆଶଙ୍କାରେ ଭୟଭୀତ ଅବସ୍ଥାରେ ରହିଛନ୍ତି। ରାଜଘାଟ, ବାଲିଆପାଳ ନଦୀ କୂଳ ଅଞ୍ଚଳର ପନିପରିବା ଚାଷ ବ୍ୟାପକ କ୍ଷତି ଘଟିଛି।

ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଓ ସତର୍କ ସଙ୍କେତ ୭.୨୧ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୫୬ ମିଟରରେ ପ୍ରବାହିତ ହୋଇଥିଲା। ନଦୀ କୂଳବର୍ତ୍ତୀ ଫୁଲାଡ଼ି, ଦହପଡ଼ା, କଣ୍ଟାବଣିଆ, ବେଢ଼ପଛଅରାଡ଼ ଆଦି ଗ୍ରାମର ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି।

# ପ୍ରଧାନମନ୍ତ୍ରୀ ଡଙ୍ଗରିଆ କନ୍ଧ ହୁଣ୍ଡାଡିଙ୍କୁ ଦେବେ ସୁଭଦ୍ରାର ପ୍ରଥମ କିସ୍ତି

ରାୟଗଡ଼ା, ୧୬।୯ (ଆଶିଷ ରଞ୍ଜନ ପଣ୍ଡା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବେ। ଏହି ଅବସରରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଖଜୁରି ଗ୍ରାମର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ହୁଣ୍ଡାଡି ୱାଡାକା(୪୮)ଙ୍କୁ ମୋଦି ସୁଭଦ୍ରାର ପ୍ରଥମ କିସ୍ତି ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଖଜୁରି ଗ୍ରାମର ଡମ୍ବରୁ ୱାଡାକାଙ୍କ ସ୍ତ୍ରୀ ହୁଣ୍ଡାଡି ଗତ ୬ ତାରିଖରେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ରାଜ୍ୟସ୍ତରରୁ ନିର୍ଦ୍ଦେଶକ୍ରମେ ଜିଲା ମମତା ସଂଯୋଜକ ଜିତେନ୍ଦ୍ର କୁମାର ମହାପାତ୍ର ଓ ବାଲ୍ୟବିବାହ ନିରୋଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ୧୪ରେ ୱାଡାକାଙ୍କ ଗ୍ରାମକୁ ଯାଇ ତାଙ୍କ ପାରିବାରିକ ବିବରଣୀ ସଂଗ୍ରହ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ଭୁବନେଶ୍ୱର ଯିବା ପାଇଁ ନିମନ୍ତ୍ରଣ କରି ଆସିଥିଲେ।



# ଗୁଣିର ଶିକାର

ଏକବିଂଶ ଶତାବ୍ଦୀରେ ମଣିଷ ବିଜ୍ଞାନ ପ୍ରଯୁକ୍ତିରେ ଅନେକ ଆଗେଇଯିବା ସତ୍ତ୍ୱେ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ଓ ଡାହାଣୀ ଭଳି ଧାରଣାକୁ ଛାଡ଼ିପାରୁନାହିଁ। ଏଭଳି ମାନସିକତାର ଗମ୍ଭୀରତା ବିଷୟରେ ଜାତିସଂଘ ମାନବ ଅଧିକାର ପରିଷଦର ୨୦୨୩ ରିପୋର୍ଟ ସୂଚିତ କରିଥିଲା। ଏହା ଦର୍ଶାଇଥିଲା ଯେ, ବିଶ୍ୱର ୬୦ଟି ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ବିଶ୍ୱାସ ରହିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ଦେଶ, ଭାରତ ଓ ପପୁଆ ନ୍ୟୁ ଗିନିରେ ଏହାର ପ୍ରଭାବ ଅଧିକ। ଭାରତ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସମୟାନ୍ତରରେ ଗୁଣିଗାରେଡ଼ି କିମ୍ବା ଡାହାଣୀ ସନ୍ଦେହରେ ମାରିଦେବା ଖବର ସାମ୍ନାକୁ ଆସେ। ଚଳିତ ମାସର ଗୋଟିଏ ସପ୍ତାହ ମଧ୍ୟରେ ଛତିଶଗଡ଼ର ଦୁଇଟି ଘଟଣା ଅତ୍ୟନ୍ତ ଉଦ୍‌ବେଗଜନକ। ସେପ୍ଟେମ୍ବର ୧୫ରେ ସୁକ୍‌ମା ଜିଲାର କୋଣ୍ଟା ଥାନା ଅନ୍ତର୍ଗତ ଏକଟାଲ ଗାଁର ୧୫ ଜଣ ଲୋକ ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୩ ଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ପିଟିପିଟି ମାରି ଦେଇଛନ୍ତି। ଏହାର ୩ ଦିନ ପୂର୍ବରୁ ବଲୁଦବଜାର-ଭାଟପଡ଼ା ଜିଲା କସ୍‌ଡୋଲ ଥାନା ଅଧୀନ ଛର୍‌ଛେଡ ଗାଁର ଗୋଟିଏ ପରିବାରର ଜଣେ ଶିଶୁ ସମେତ ୪ ଜଣଙ୍କୁ ମଧ୍ୟ ସମାନ କାରଣ ପାଇଁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏଠାରେ କୁହାଯାଇପାରେ ଯେ, ଗୁଣିଗାରେଡ଼ି ଓ ଡାହାଣୀର କୌଣସି ଆଧାର ନ ଥିବାବେଳେ ଏଥିରେ ବହୁ ନିର୍ଦ୍ଦୋଷଙ୍କ ଜୀବନ ବଳିପଡୁଛି। ଛତିଶଗଡ଼ ସମେତ ଦେଶରେ ଝାଡ଼ଖଣ୍ଡ, ଆସାମ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଓଡ଼ିଶାରେ ମଧ୍ୟ ଗୁଣିଗାରେଡ଼ିଜନିତ ହତ୍ୟା ଅଧିକ ଘଟୁଛି ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ଦେଶରେ ୨୦୦୦ରୁ ୨୦୨୧ ମଧ୍ୟରେ ଗୁଣିଗାରେଡ଼ି ଯୋଗୁ ୩୦୭୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ କେବଳ ଡାହାଣୀ ସନ୍ଦେହରେ ୨,୫୦୦ ମହିଳାଙ୍କୁ ମାରିଦିଆଯାଇଛି। ଏହି ତଥ୍ୟ ଦର୍ଶାଉଛି ଯେ, ଗୁଣିଗାରେଡ଼ି ଘଟଣାରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳାଙ୍କୁ ଆକ୍ରମଣ କରି ମାରିଦିଆଯାଉଛି। ଏହା ମଧ୍ୟ ଲକ୍ଷ୍ୟ କରାଯାଏ, ଏକୁଟିଆ ରହୁଥିବା ମହିଳା କିମ୍ବା ବୃଦ୍ଧା ବେଶି ଆକ୍ରମଣର ଶିକାର ହୋଇଥାଆନ୍ତି। ଏହା ପଛରେ ବିଶେଷକରି ସମ୍ପତ୍ତି ଲୋଭ କିମ୍ବା ବ୍ୟକ୍ତିଗତ ପ୍ରତିଶୋଧ ଏକ ବଡ଼ କାରଣ ବୋଲି କୁହାଯାଇପାରେ। ବିଶେଷକରି ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହର ମାନସିକତା ଜୋର ବାନ୍ଧି ରହିଥାଏ। ଫସଲ ହାନି, ଅର୍ଥାଭାବ, ପରିବାରରେ କୌଣସି ସଦସ୍ୟ କିମ୍ବା ଗୃହପାଳିତ ପଶୁଙ୍କ ମୃତ୍ୟୁକୁ ଅଧିକାଂଶ ସମୟରେ ଗୁଣିଗାରେଡ଼ି ଯୋଗୁ ହେଉଥିବା ବିଶ୍ୱାସ କରାଯାଏ। ଏହା ସହ ଘରେ କାହାର ଦେହ ଖରାପ ବିଶେଷକରି ପିଲାଙ୍କର ସ୍ୱାସ୍ଥ୍ୟ ହାନି ହେଲେ ତାହା ଦୃଷ୍ଟିପଡ଼ିବା ବା ଗୁଣି ଯୋଗୁ ହୋଇଛି ବୋଲି ବିଶ୍ୱାସ କରିଥାଆନ୍ତି। ପରେ ସନ୍ଦେହ ଘେରରେ ଥିବା ନିର୍ଦ୍ଦିଷ୍ଟ ପରିବାର କିମ୍ବା ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇଥାଏ।

ସଚେତନତା ଓ ଶିକ୍ଷା ଅଭାବରୁ ଗୁଣିଗାରେଡ଼ି ଧାରଣା ବଳବତ୍ତର ରହିଆସିଛି। ଉଲ୍ଲେଖନୀୟ ଯେ, ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଓଡ଼ିଶା, ଆସାମ, ମହାରାଷ୍ଟ୍ରଭଳି ରାଜ୍ୟ ଗୁଣିଗାରେଡ଼ିଜନିତ ହତ୍ୟା ରୋକିବା ଲାଗି ଆଇନ ପ୍ରଣୟନ କରିଛନ୍ତି। ହେଲେ ତାହାକୁ ରୋକିବା କଷ୍ଟକର ହୋଇପଡୁଛି। ଏହା ନିଶ୍ଚିତ ଯେ, କେବଳ ଆଇନ ଏଭଳି ମାନସିକତାକୁ ସମାଧାନ କରିପାରିବ ନାହିଁ। ତଥାପି ତୁରନ୍ତ ଓ କଠୋର ପଦକ୍ଷେପ ଗ୍ରହଣ କରାଗଲେ ଆଇନ ଭୟ ଯୋଗୁ ଏଭଳି ଅପରାଧ କିଛି ମାତ୍ରାରେ କମିପାରନ୍ତା। ଏହାବ୍ୟତୀତ ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ସଚେତନତା ସୃଷ୍ଟି କରାଗଲେ ଦୀର୍ଘମିଆଦୀ ପ୍ରଭାବ ପଡ଼ିପାରିବ।

**ଏହା ନିଶ୍ଚିତ ଯେ, କେବଳ ଆଇନ ଏଭଳି ମାନସିକତାକୁ ସମାଧାନ କରିପାରିବ ନାହିଁ। ତଥାପି ତୁରନ୍ତ ଓ କଠୋର ପଦକ୍ଷେପ ଗ୍ରହଣ କରାଗଲେ ଆଇନ ଭୟ ଯୋଗୁ ଏଭଳି ଅପରାଧ କିଛି ମାତ୍ରାରେ କମିପାରନ୍ତା। ଏହାବ୍ୟତୀତ ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ସଚେତନତା ସୃଷ୍ଟି କରାଗଲେ ଦୀର୍ଘମିଆଦୀ ପ୍ରଭାବ ପଡ଼ିପାରିବ।**

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର।
ନୀଳ ତୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା।

-(ଛନ୍ଦ ନାୟିକା)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 9 | | | | | 8 | | |
| 8 | | | | 3 | 5 | | | |
| 2 | | | 1 | | | | | 6 |
| | | 1 | | | | 6 | | |
| | 6 | | | | | | 7 | 9 |
| 3 | | | | | 4 | | 5 | 8 |
| | 4 | | | | | | | 5 |
| | | | | 7 | | 9 | | 1 |
| | | | | | 2 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 2 | 8 | 3 | 9 | 5 | 1 |
| 5 | 2 | 3 | 4 | 9 | 1 | 6 | 8 | 7 |
| 1 | 8 | 9 | 7 | 5 | 6 | 2 | 4 | 3 |
| 8 | 3 | 1 | 6 | 7 | 9 | 4 | 2 | 5 |
| 6 | 9 | 5 | 3 | 4 | 2 | 7 | 1 | 8 |
| 4 | 7 | 2 | 8 | 1 | 5 | 3 | 9 | 6 |
| 3 | 1 | 6 | 5 | 2 | 4 | 8 | 7 | 9 |
| 2 | 5 | 8 | 9 | 3 | 7 | 1 | 6 | 4 |
| 9 | 4 | 7 | 1 | 6 | 8 | 5 | 3 | 2 |

ଗତକାଲିର ଉତ୍ତର

# ଲୋକଙ୍କ ସରକାରରେ ରାଜ୍ୟର 'ସୁଭଦ୍ରା' ହେବେ ସଶକ୍ତ ଓ ଆତ୍ମନିର୍ଭର



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଓଡ଼ିଶାର ସାମାଜିକ ନ୍ୟାୟ ଇତିହାସରେ ଆଜି ଏକ ଗୌରବମୟ ଦିନ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଆଜି ରାଜ୍ୟର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି। ଏହି ଯୋଜନା ରାଜ୍ୟର ଏକ କୋଟିରୁ ଅଧିକ ମହିଳାଙ୍କ ସଶକ୍ତୀକରଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

ସୁଭଦ୍ରା ଯୋଜନା ନାମକରଣ ପଛରେ ରହିଛି ଓଡ଼ିଆ ଓ ଜଗନ୍ନାଥ ସଂସ୍କୃତିର ଗଭୀର ଚିନ୍ତାଧାରା। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଜଗନ୍ନାଥ ସଂସ୍କୃତିର ସ୍ଥାନ ଅନନ୍ୟ। ମାନବତାବାଦର ବାର୍ତ୍ତା ବହନ କରୁଥିବା ଜଗନ୍ନାଥ ସଂସ୍କୃତିର କୋଣ ଅନୁକୋଣ 'ମହିଳା ସଶକ୍ତୀକରଣ'ର ସ୍ୱାକ୍ଷର ବହନ କରିଥାଏ। ମା' ବିମଳାଙ୍କ ପାଖରେ ଲାଗି ହେଲା ପରେ ଭୋଗ 'ମହାପ୍ରସାଦ'ର ମାନ୍ୟତା ଲାଭ କରିଥାଏ। ଏତଦ୍ ବ୍ୟତୀତ ସନାତନ ପରମ୍ପରାରେ ଦେବଦେବୀଙ୍କ ମୂର୍ତ୍ତିପୂଜନ ଏକ ଅବିଚ୍ଛେଦ୍ୟ ଅଙ୍ଗ। ସାରା ପୃଥିବୀରେ ପ୍ରାୟ ସବୁ ମଠ ମନ୍ଦିରରେ ଭଗବାନ ବିଷ୍ଣୁ କିମ୍ବା ତାଙ୍କ ଅବତାର ନିଜ ଅର୍ଦ୍ଧାଙ୍ଗିନୀଙ୍କ ସହିତ ପୂଜା ପାଇଥା'ନ୍ତି। କିନ୍ତୁ ଶ୍ରୀମନ୍ଦିର ବୋଧହୁଏ ଏକମାତ୍ର ଧର୍ମସ୍ଥଳ, ଯେଉଁଠି ଭଗବାନ ନିଜ ଭଗିନୀ ଦେବୀ ସୁଭଦ୍ରାଙ୍କ ସହିତ ଗୋଟିଏ ସିଂହାସନରେ ପୂଜା ପାଇଥା'ନ୍ତି। ଏପରିକି, ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ନିଜ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ଜନ୍ମବେଦୀକୁ ଯାତ୍ରା କରିଥାଆନ୍ତି। ଜଗନ୍ନାଥ ସଂସ୍କୃତିର ଆଉ ଏକ ମହାନ୍ ଦାର୍ଶନିକ ତତ୍ତ୍ୱ ହେଉଛି ଦର୍ଶନବେଳେ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ଶ୍ରୀମୁଖର ଅଧା ଅଧା ଦର୍ଶନ କରିଥାଆନ୍ତି, କିନ୍ତୁ ଦେବୀ ସୁଭଦ୍ରାଙ୍କ ପୂର୍ଣ୍ଣାଙ୍ଗ ଦର୍ଶନ ମିଳିଥାଏ। ଏ ହେଉଛି ଆମ ସଂସ୍କୃତି ଓ ପରମ୍ପରାର ନିଦର୍ଶନ। ପରିବାରରେ ଭଉଣୀଙ୍କ ସ୍ଥାନ ସ୍ୱତନ୍ତ୍ର, ଅସାଧାରଣ। ଜଗନ୍ନାଥ ସଂସ୍କୃତିର ଏହି ନାରୀ ସଶକ୍ତୀକରଣର ବାର୍ତ୍ତା ଓ ସ୍ୱାକ୍ଷର ବହନ କରୁଛି 'ସୁଭଦ୍ରା' ଯୋଜନା।

ଜଗନ୍ନାଥ ସଂସ୍କୃତିରେ ଦେବୀ ସୁଭଦ୍ରାଙ୍କ ଦାର୍ଶନିକ ତତ୍ତ୍ୱର ଗଭୀର ବ୍ୟାଖ୍ୟା ନ କରି ଜନମାନସରେ ରେଖାଙ୍କିତ ହୋଇ ରହିଥିବା ଭାବକୁ ପରିପ୍ରକାଶ କଲେ ଦେବୀ ସୁଭଦ୍ରା ହେଉଛନ୍ତି ସାହସ, କରୁଣା ଏବଂ ସଶକ୍ତୀକରଣର ପ୍ରତୀକ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ତାଙ୍କୁ ସବୁ ସମୟରେ ସୁରକ୍ଷା ଦେଉଥିବା ଭ୍ରାତା। ସୁଭଦ୍ରାଙ୍କ ବିନା ଯେପରି ଜଗନ୍ନାଥ ସଂସ୍କୃତି ଅସମ୍ପୂର୍ଣ୍ଣ, ଠିକ୍ ସେହିପରି ନାରୀଶକ୍ତି ବିନା ଭଗବାନଙ୍କ ସୃଷ୍ଟି ଅସମ୍ପୂର୍ଣ୍ଣ। ସନାତନ ଓ ଭାରତୀୟ ସଂସ୍କୃତି-ପରମ୍ପରାରେ ନାରୀଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଛି ଏବଂ ମାନ୍ୟତା ଅଛି ଯେ, ଯେଉଁଠି ନାରୀମାନଙ୍କୁ ସମ୍ମାନ ଦିଆଯାଏ ସେଠାରେ ସ୍ୱୟଂ ଦେବତା ବାସ କରନ୍ତି। ତେଣୁ ରାଜ୍ୟର ପ୍ରାୟ ଅଧା ଜନସଂଖ୍ୟା, ନାରୀସମାଜ ପାଇଁ ଯେତେବେଳେ ଏକ ସମାବେଶୀ ଯୋଜନା କଥା ପରିକଳ୍ପନା କରାଯାଇଥିଲା, 'ସୁଭଦ୍ରା' ନାମକରଣ ହିଁ ଥିଲା ଯଥାର୍ଥ; କାରଣ ସରକାରଙ୍କ ପାଇଁ ପ୍ରତ୍ୟେକ ମହିଳା ହେଉଛନ୍ତି ଜଣେ ଜଣେ ସୁଭଦ୍ରା। ସେମାନଙ୍କୁ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ସ୍ତରରେ ସୁରକ୍ଷା ଦେବା ସରକାରଙ୍କ ନୈତିକ ଦାୟିତ୍ୱ।

ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି 'ମହିଳା ସଶକ୍ତୀକରଣ'। ଏହି ଲକ୍ଷ୍ୟକୁ ହାସଲ କରିବାର ପ୍ରଥମ ସୋପାନ ହେଉଛି ଅର୍ଥନୈତିକ ସ୍ତରରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା। କାରଣ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ନ ଥିବା ବ୍ୟକ୍ତି କେବେହେଲେ ସଶକ୍ତ ହୋଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଷକୁ ଦଶ ହଜାର ଟଙ୍କା ଲେଖାଏଁ ପଚାଶ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ସହାୟତା ମହିଳାମାନେ ନିଜ ଏବଂ ପରିବାରର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା ପାଇଁ ଖର୍ଚ୍ଚ କରିପାରିବେ। ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଗୋଟିଏ ମାତ୍ର ଯୋଜନା ନୁହେଁ, ମହିଳା ବିକାଶ ପାଇଁ ପ୍ରଣୀତ ଅନେକ ଯୋଜନା ମଧ୍ୟରୁ ଏହା ଅନ୍ୟତମ ଏବଂ ଅନନ୍ୟ ମଧ୍ୟ। ଭବିଷ୍ୟତରେ ମହିଳାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଯୋଜନା କାର୍ଯ୍ୟକାରୀ କରାଯିବ।

ଯଦିଓ ଭାରତୀୟ ସଂସ୍କୃତିରେ ନାରୀଙ୍କୁ ଧର୍ମୀୟ ମାନ୍ୟତାରେ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଆଜି ମଧ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଅନେକ ଅସମାନତା ରହିଛି, ତାହାକୁ ସଂଶୋଧନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶୀ ନେତୃତ୍ୱରେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏକ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବା କାର୍ଯ୍ୟକ୍ରମ ଏହି ତାରତମ୍ୟକୁ କମ୍ କରିବା ଦିଗରେ ଏକ ସଫଳ ପ୍ରୟାସ। ଆଜି ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନେ 'ଡ୍ରୋନ୍ ଦିଦି'ର ଆଖ୍ୟା ପାଇଛନ୍ତି। କାରଣ କୃଷି କାର୍ଯ୍ୟରେ 'ଡ୍ରୋନ' ଟେକ୍ନୋଲୋଜି ବ୍ୟବହାର କରି ସେମାନେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମହିଳାଙ୍କୁ ରାଜନୈତିକ ସ୍ତରରେ ସଶକ୍ତ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇଛି, ଯାହା ଫଳରେ ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ରାଜନୈତିକ କ୍ଷେତ୍ରରେ ଅଂଶଗ୍ରହଣ କରିପାରିବେ।

ଓଡ଼ିଶାରେ ନୂତନ ସରକାର ମାତ୍ର ୧୦୦ ଦିନ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟର ବିକାଶ ପାଇଁ। 'ସୁଭଦ୍ରା' ଯୋଜନା ଏହି କ୍ରମରେ ଏକ ପ୍ରଭାବୀ କାର୍ଯ୍ୟକ୍ରମ। ବର୍ତ୍ତମାନର ରାଜ୍ୟ ସରକାରଙ୍କ ପାଇଁ 'ମହିଳା ସଶକ୍ତୀକରଣ' କେବଳ ଏକ ସ୍ଲୋଗାନ୍ କିମ୍ବା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ନୁହେଁ; ଚଳିତ ବଜେଟରେ ମହିଳାଙ୍କ ବିକାଶ ପାଇଁ ଅତିକମ୍‌ରେ ୭୫ ହଜାର ୬୨୨ କୋଟି ଟଙ୍କା ଉତ୍ସର୍ଗୀକୃତ ଭାବେ ଖର୍ଚ୍ଚ କରାଯିବାର ପ୍ରାବଧାନ ହୋଇଛି। ଏହା ଗତ ବର୍ଷ ତୁଳନାରେ ୧୮ ପ୍ରତିଶତରୁ ଅଧିକ। ଠିକ୍ ସେହିପରି ମହିଳାଙ୍କ ପାଇଁ ଶତପ୍ରତିଶତ ଖର୍ଚ୍ଚ ହେଉଥିବା ଯୋଜନାର ଆକାରକୁ ଗତବର୍ଷର ପ୍ରାବଧାନ ୬ ହଜାର ୫୯୪ କୋଟି ଟଙ୍କାରୁ ବୃଦ୍ଧି କରାଯାଇ ୧୭ ହଜାର ୮୭୮ କୋଟି ଟଙ୍କାରୁ ଅଧିକ କରାଯାଇଛି ଏବଂ ଏହା ୧୭୧ ପ୍ରତିଶତରୁ ଅଧିକ। ଏହା ହେଉଛି ରାଜ୍ୟର ପ୍ରତିଟି ସୁଭଦ୍ରାଙ୍କ ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା।

ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା' ଓ ଅନ୍ୟାନ୍ୟ ଯୋଜନାସବୁ ପୁରୁଷ-ମହିଳାଙ୍କ ମଧ୍ୟରେ ଥିବା ତାରତମ୍ୟକୁ ଅନେକ ମାତ୍ରାରେ ହ୍ରାସ କରିବ। ଉଦାହରଣ ସ୍ୱରୂପ, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବର୍ତ୍ତମାନ ମାତ୍ର ୪୯ ପ୍ରତିଶତ ଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୮୪ ପ୍ରତିଶତ। ଏହାକୁ କମ୍ କରିବାକୁ ହେଲେ ମହିଳାମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଆବଶ୍ୟକ ସହଯୋଗ କରିବା ସରକାରଙ୍କ ପ୍ରାଥମିକତା। ଆଗାମୀ ପାଞ୍ଚ ବର୍ଷରେ ପ୍ରତ୍ୟେକ 'ସୁଭଦ୍ରା' ହିତାଧିକାରୀ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇବେ- ଏହା ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟି। କାରଣ ଠିକ୍ ସମୟରେ ସୁନିଶ୍ଚିତ ସୁଭଦ୍ରା ସହାୟତା ପାଇଲେ ହିତାଧିକାରୀମାନେ ନିଜ ନିଜ ବ୍ୟକ୍ତିଗତ ତଥା ବ୍ୟବସାୟିକ ଖର୍ଚ୍ଚ ଯୋଜନାବଦ୍ଧ ଭାବେ ସମ୍ପାଦନ କରିପାରିବେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦ୍ୱାରା ଆହୂତ 'ବିକଶିତ ଭାରତ' ଯାତ୍ରାର କେନ୍ଦ୍ରବିନ୍ଦୁରେ ଅଛନ୍ତି ନାରୀଶକ୍ତି। ମହିଳାଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ବିନା ଏକ ସଶକ୍ତ ରାଷ୍ଟ୍ର ଗଠନ କରିବା ଅସମ୍ଭବ। ଏହି ରାଷ୍ଟ୍ର ଗଠନ ଦିଗରେ 'ସୁଭଦ୍ରା' ଯୋଜନା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପଦକ୍ଷେପ। ରାଜ୍ୟ ସରକାରଙ୍କ ପାଇଁ 'ମହିଳା ସଶକ୍ତୀକରଣ' ଏକ ସ୍ଲୋଗାନ୍ ନୁହେଁ, ପ୍ରତ୍ୟେକ 'ସୁଭଦ୍ରା'ଙ୍କ ପାଇଁ ଏହା ସରକାରଙ୍କ ସଂକଳ୍ପ।

# ମହାକାଶରେ ମଣିଷ



ଡ. ନରେନ୍ଦ୍ର ସେଠୀ

ଖ୍ରୀଷ୍ଟପୂର୍ବ ୩୯୯ରେ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ କହିଥିଲେ, "ମଣିଷ ପୃଥିବୀ ଉପରୁ ବାୟୁମଣ୍ଡଳର ଶୀର୍ଷ ଭାଗକୁ କିମ୍ବା ତା'ଠାରୁ ଅଧିକ ଉପରକୁ ଯାଇପାରିଲେ ହିଁ ସେ ନିଜ ଦୁନିଆକୁ ସମ୍ପୂର୍ଣ୍ଣ ରୂପେ ଜାଣିପାରିବ।" ତେଣୁ ମହାକାଶକୁ ମାନବ ପ୍ରେରଣ କରିବା ମଣିଷର ପ୍ରାଚୀନତମ ସ୍ୱପ୍ନଗୁଡ଼ିକରେ ଅଗ୍ରଣୀ ସ୍ଥାନ ନେଇଛି। ମହାକାଶରେ ରହି ଗବେଷଣା କରିବାର ସୁଫଳ ବ୍ୟବସାୟିକ ସ୍ତରରେ ପହଞ୍ଚି ବିଶାଳ ମହାକାଶ ପ୍ରୟୋଗ ବଜାର ସୃଷ୍ଟି କରିପାରିଛି। ୧୯୫୭ ଅକ୍ଟୋବର ୪ରେ ବିଶ୍ୱର ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ୍ ପ୍ରେରଣକରି ସୋଭିଏଟ୍ ସଂଘ ବିଜ୍ଞାନ ଦୁନିଆରେ ଚହଳ ସୃଷ୍ଟି କରିଥିଲା। ଆଶ୍ଚର୍ଯ୍ୟ କଥା ହେଲା ସ୍ପୁଟନିକ୍ ପ୍ରକଳ୍ପର ନେତୃତ୍ୱ ନେଇଥିବା ବୈଜ୍ଞାନିକ ସରେଗେଇ କୋରୋଲେଭ ଏହାର ୯ ବର୍ଷ ପରେ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ଦୁନିଆ ପାଖରେ ଅଜ୍ଞାତ ରହିଥିଲେ। ସ୍ପୁଟନିକ୍-୧ର ୧ ମାସ ପରେ ସ୍ପୁଟନିକ୍ -୨ ପ୍ରକଳ୍ପର ଆରମ୍ଭ କରାଯାଇଥିଲା। ଇତିହାସର ମାତ୍ର ଦ୍ୱିତୀୟ କୃତ୍ରିମ ଉପଗ୍ରହରେ ନିଜର ଉତ୍ସାହକୁ କାବୁକରି ନ ପାରି ମଣିଷ ପ୍ରେରଣ ପୂର୍ବରୁ ଲାଇକା ନାମକ କୁକୁରକୁ ପ୍ରେରଣ କରିଥିଲା। ଲାଇକାକୁ ଆରାମଦାୟକ ରଖିବା ପାଇଁ ଉଷ୍ମ ପବନ କ୍ୟାପ୍‌ସୁଲରେ ଯୋଗାଇ ଦିଆ ଯାଇଥିଲେ ମଧ୍ୟ ତାପମାତ୍ରା ନିୟନ୍ତ୍ରଣ ସମସ୍ୟା ହେତୁ ମିଶନର ଚତୁର୍ଥ ଦିନରେ ଲାଇକା ମରିଥିଲା। ୧୯୬୧ ଏପ୍ରିଲ ୧୨ରେ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କୁ ରୁଷିଆ ପ୍ରଥମ କରି ମହାକାଶକୁ ପ୍ରେରଣ କରିଥିଲା। ସେ ସଫଳତାର ସହ ପୃଥିବୀର କକ୍ଷପଥକୁ ସମ୍ପୂର୍ଣ୍ଣ ଭାବରେ ଥରେ ପରିକ୍ରମାକରି ମହାକାଶରେ ସୋଭିଏଟ୍ ୟୁନିୟନର ନେତୃତ୍ୱ ପ୍ରତିଷ୍ଠା କରିଥିଲେ। ଫଳରେ ଆମେରିକା ଓ ରୁଷିଆ ମଧ୍ୟରେ ସ୍ପେସ୍ ରେସ୍ ଆରମ୍ଭ ହୋଇଥିଲା।

ଆମେରିକା ମରକ୍ୟୁରି, ଜେମିନି ଏବଂ ଆପୋଲୋ ପ୍ରଭୃତି ମିଶନ କରି ରୁଷିଆକୁ ଅନୁସରଣକଲା। କିନ୍ତୁ ରୁଷିଆର ବୈଜ୍ଞାନିକ ସରେଗେଇ କୋରୋଲେଭ ଯେଉଁ ସ୍ପେସ୍ ରେସ୍‌ରେ ନିଜ ଦେଶକୁ ବିଜୟୀ କରିବାକୁ ଚାହୁଁଥିଲେ ତାହା ୧୯୬୯ ଜୁଲାଇ ୨୦ରେ ଆମେରିକୀୟ ମହାକାଶଚାରୀ ନିଲ୍ ଆମ୍‌ଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପ୍ରଥମ ମଣିଷ ଭାବରେ ପାଦଦେଇ ଧୂଳିସାତ୍ କରିଦେଲେ ଓ ଆମେରିକା ସ୍ପେସ୍ ରେସ୍‌ରେ ବିଜୟୀ ଘୋଷିତ ହେଲା। ପରେ ଆମେରିକା ଓ ରୁଷିଆ ଭିତରେ ଥିବା ସ୍ପେସ୍ ରେସ୍‌ରୁ ରୁଷିଆ ଓହରିଯିବା ପରେ ବୈଜ୍ଞାନିକ ଜ୍ଞାନକୌଶଳର ଏହି ପ୍ରତିଯୋଗିତା ସହଭାଗିତାରେ ପରିଣତହୋଇ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନକୁ ଜନ୍ମଦେଲା। ଆମେରିକା, ରୁଷିଆ, ଜାପାନ, କାନାଡା ୟୁରୋପିୟାନ ୟୁନିୟନ ସମେତ ୧୫ଟି ଦେଶ ଦ୍ୱାରା ମିଳିତ ଭାବରେ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନ ଆଇଏସ୍‌ଏସ୍ ୧୯୯୮ରେ ପ୍ରତିଷ୍ଠା ହେଲା, ଯାହା ପୃଥିବୀ ଉପରୁ ୪୦୦ କି.ମି. ଉପରେ ରହି ଦିନକୁ ୧୫ ଥରରୁ ଅଧିକ ଥର ପୃଥିବୀକୁ ପ୍ରଦକ୍ଷିଣ କରୁଛି। ସୂଚନାଯୋଗ୍ୟ, ଏହି ଆଇଏସ୍‌ଏସ୍‌ରେ ୨୦୦୦ ମସିହା ପରଠାରୁ କେହି ନା କେହି ବୈଜ୍ଞାନିକ ସବୁବେଳେ ରହି ଆସିଛନ୍ତି। ବର୍ତ୍ତମାନ ମହାକାଶ ବିଜ୍ଞାନରେ ଭାରତ, ଫ୍ରାନ୍ସ, ଚାଇନା ଭଳି ଦେଶ ଅନେକ ଉନ୍ନତି କରି ବାଣିଜ୍ୟିକ ଉପଗ୍ରହ ଉତ୍କ୍ଷେପଣ କରିଛନ୍ତି। ଅନେକ ଦେଶ ଆମେରିକାର ସଟଲରେ



କିମ୍ବା ରୁଷିଆର ସୋୟୁଜ୍‌ରେ ମହାକାଶକୁ ମାନବ ପ୍ରେରଣ କରିଛନ୍ତି। ଯଦିଓ ମାନବଯୁକ୍ତ ମହାକାଶ ଯାତ୍ରା ଏକ ଅତ୍ୟନ୍ତ ବ୍ୟୟ ବହୁଳ ପ୍ରକ୍ରିୟା ୨୦୨୦ ସୁଦ୍ଧା ୪୦ ଦେଶର ୫ ଶହରୁ ଅଧିକ ଲୋକ ମହାକାଶକୁ ଯାଇସାରିଛନ୍ତି। କେବଳ ଚାଇନା, ଆମେରିକା ଓ ରୁଷିଆ ମଣିଷକୁ ମହାକାଶକୁ ନେଇ ଯିବାର ଜ୍ଞାନକୌଶଳରେ ପାରଙ୍ଗମ।

ମାନବ କଲ୍ୟାଣ ତୁଳନାରେ ମହାକାଶ ଗବେଷଣାର ବ୍ୟୟବହୁଳତା ମାନବଯୁକ୍ତ ମହାକାଶ ଗବେଷଣାକୁ ନେଇ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ଦୃଢ଼ ଯୁକ୍ତି ହେଉଛି ମହାକାଶରେ ମଣିଷର ଆବଶ୍ୟକତା ନାହିଁ। କାରଣ ମାନବବିହୀନ, ରୋବୋଟିକ୍ ମହାକାଶଯାନ ସହ ସମାନ କିମ୍ବା ଉନ୍ନତ ମାନର ଗବେଷଣା କାର୍ଯ୍ୟ କରାଯାଇପାରେ। ମହାକାଶରେ ଯାଇ ଯେଉଁସବୁ ଲାବରେଟୋରି ପରୀକ୍ଷଣଗୁଡ଼ିକ କରାଯାଇପାରିବ ତାହା ସହଜରେ ଭୂପୃଷ୍ଠରେ ମଧ୍ୟ ଅଳ୍ପ ଖର୍ଚ୍ଚରେ କରାଯାଇପାରିବ। ଯେଉଁମାନେ ମାନବଯୁକ୍ତ ମହାକାଶ ଗବେଷଣା ସପକ୍ଷରେ ଯୁକ୍ତି କରନ୍ତି ସେମାନେ ଏଥିରେ ସହମତ ନୁହନ୍ତି। ସେମାନେ ବିଶେଷ ଭାବରେ ମାନବ ଏବଂ ଅନ୍ୟ ଜୀବମାନଙ୍କ ଉପରେ ମହାକାଶରେ ହେଉଥିବା ଗବେଷଣା ବୈପ୍ଳବିକ ଜନକଲ୍ୟାଣ ସୃଷ୍ଟିକରିବେ ବୋଲି ଆଶା କରାଯାଏ। ଏହିପରି ଗବେଷଣା ମହାକାଶରେ ସ୍ଥାୟୀ ଥିବା ଗବେଷଣା କେନ୍ଦ୍ର ଉପରେ ନିର୍ଭର କରେ ଯେପରିକି ସ୍କାଏଲାବ୍ ୧୯୭୦ ଦଶକ ପୂର୍ବରୁ ଥିଲା ଏବଂ ଯାହାର ଅନୁସନ୍ଧାନ ତଥ୍ୟ ଆଜି ପର୍ଯ୍ୟନ୍ତ ସୁବର୍ଣ୍ଣ ମାନକ ଭାବରେ କାର୍ଯ୍ୟ କରୁଛି।

ମହାକାଶରେ କିମ୍ବା ସ୍ପେସ୍ ମିଶନ ପ୍ରସ୍ତୁତି ସମୟରେ ୪ଟି ପୃଥକ୍ ଘଟଣାରେ ସମୁଦାୟ ୧୮ ଜଣ ଲୋକ ଏ ପର୍ଯ୍ୟନ୍ତ ପ୍ରାଣ ହରାଇଛନ୍ତି। ତେବେ ସ୍ପେସ୍ ଫ୍ଲାଇଟ୍ ସହ ଜଡ଼ିତ ଥିବା ବୃହତ୍ ଆଶଙ୍କା ତୁଳନାରେ ଏହି ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ କମ୍। ଏଥିମଧ୍ୟରୁ କେବଳ ଦୁଇଟି ଭୟଙ୍କର ଦୁର୍ଘଟଣା ନାସାର ସ୍ପେସ୍ ସଟଲ ସହ ସଂଘଟିତ ହୋଇଥିଲା। ୧୯୮୬ ଜାନୁୟାରୀ ୨୮ରେ ନାସାର ଚ୍ୟାଲେଞ୍ଜର ସ୍ପେସ୍ ସଟଲ ଉଡ଼ାଣର ୭୩ ସେକେଣ୍ଡ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ସମସ୍ତ ୭ ଜଣ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୩ ରେ ପୃଥିବୀର ବାୟୁମଣ୍ଡଳରେ ପୁନର୍ବାର ପ୍ରବେଶ କରିବା ସମୟରେ କଲମ୍ବିଆ ସଟଲ ଭାଙ୍ଗିଯିବା ପରେ ଆହୁରି ୭ଜଣ ମହାକାଶଚାରୀଙ୍କ ମୃତ୍ୟୁ ହୋଇଥିଲା। ସୋଭିଏଟ୍ ୟୁନିୟନର ୪ଜଣ ମହାକାଶଚାରୀଙ୍କର ପୃଥକ୍ ପୃଥକ୍ ଘଟଣାରେ ସ୍ପେସ୍ ଫ୍ଲାଇଟ ସମୟରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଥିଲା। ପ୍ରଥମଟି ୨୪ ଏପ୍ରିଲ ୧୯୬୭ରେ ସୋୟୁଜ୍-୧ ମିଶନର ଲ୍ୟାଣ୍ଡିଂ କ୍ୟାପ୍‌ସୁଲରେ ପାରାଶୁଟ୍ ଖୋଲିବାରେ ବିଫଳ ହୋଇଥିବାରୁ ଭ୍ଲାଡିମିର କୋମାରୋଭ ଦୁର୍ଘଟଣାର ଶିକାର ହେଲେ। ସେହିପରି ୧୯୭୧ରେ ସୋୟୁଜ୍-୧୧ ମିଶନ କ୍ରୁରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ସୁନିତା ଉଇଲିୟମ୍ସ ଓ ବବ୍ ୱିଲମୋରଙ୍କୁ ନେଇ ଯାଇଥିବା ଷ୍ଟାର ଲାଇନର ସ୍ପେସ୍ ଶିପ୍ ଖାଲି ଖାଲି ଫେରିଆସିବା ପରେ ଏହି ୨ଜଣ ମହାକାଶଚାରୀ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନରେ ରହିଛନ୍ତି। ଏଠାରେ କହିରଖିବା ଉଚିତ ଯେ ସେମାନେ ସେଠାରେ ଏକୁଟିଆ ନାହାନ୍ତି ଓ ସେମାନଙ୍କ ସହ ଏବେ ସେଠି ମାର୍ଚ୍ଚ ୮ ରୁ ସ୍ପେସ୍‌ଏକ୍ସ ଡ୍ରାଗନର ୯ ଜଣ ମହାକାଶଚାରୀ ମଧ୍ୟ ଅଛନ୍ତି। ଖୁବ୍ ଶୀଘ୍ର ରୁଷିଆର ସୋୟୁଜ୍ ସ୍ପେସ୍ କ୍ରାଫ୍ଟ ଆଉ ୩ଜଣ ମହାକାଶଚାରୀଙ୍କୁ ନେଇ ସେଠି ପହଞ୍ଚିବ। ତେବେ ସୁନିତା ଓ ବବ୍ ସୁରକ୍ଷିତ ଭାବରେ ଫେରିଆସିବେ ସେଥିରେ ସନ୍ଦେହ ନାହିଁ।

ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ବାୟୋଫର୍ଟିଫାଏଡ ସିଡ୍‌ସ ବା ମଞ୍ଜି ଅର୍ଥାତ୍ ଏହି ମଞ୍ଜିକୁ ବ୍ୟବହାର କରି ଯେଉଁ ଶସ୍ୟ ଉତ୍ପାଦନ କରାଯାଏ ସେଥିରେ ଆଇରନ, ଜିଙ୍କ୍, ମାଙ୍ଗାନିଜ, କପର ଆଦି ପୋଷକ ତତ୍ତ୍ୱ ଅଧିକ ରହିଥାଏ। ଏଭଳି ମଞ୍ଜି ବା ବିହନ ପ୍ରସ୍ତୁତ କରୁଛନ୍ତି ଲକ୍ଷ୍ନୌର ଐଶ୍ୱର୍ଯ୍ୟା ଭଟନାଗର ଓ ପ୍ରତୀକ ରସତୋଗୀ। ଏହି ଦମ୍ପତି ବାୟୋଫର୍ଟିଫାଏଡ ସିଡ୍‌ସ କୃଷକମାନଙ୍କୁ ଯୋଗାଇବା ସହ ଅଧିକ ପୋଷକଯୁକ୍ତ ଖାଦ୍ୟଶସ୍ୟ ଉତ୍ପାଦନ କରିବାରେ ସହଯୋଗ କରୁଛନ୍ତି। ସେମାନେ ୨୦୨୦ରେ 'ଗ୍ରୀନ ଡେ' ସଂସ୍ଥା ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ବାୟୋଫର୍ଟିଫାଏଡ ସିଡ୍‌ସରେ ଉତ୍ପାଦନ ମଧ୍ୟ ଅଧିକ ହେଉଛି। ଫଳରେ କୃଷକମାନେ ଲାଭବାନ ହେବା ସହ ଉପଭୋକ୍ତାମାନେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଉପକୃତ ହେଉଛନ୍ତି। ଏହି ବିହନର ଲାଭ ଏବେ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ୧୫୦୦ କୃଷକ ବ୍ୟବହାର କରୁଛନ୍ତି। ଐଶ୍ୱର୍ଯ୍ୟା ଏବଂ ପ୍ରତୀକ ଅତ୍ୟାଧୁନିକ ତଥା ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରୁଛନ୍ତି। ପ୍ରତୀକ ଆଇଆଇଏମ୍ ଅହମ୍ମଦାବାଦରୁ ଏଣ୍ଟ୍ରେପ୍ରେନ୍ୟୁଅରଶିପ ଟ୍ରେନିଂ ଶେଷ କରି କର୍ପୋରେଟ ସେକ୍ଟରରେ ଚାକିରି କରିଥିଲେ। କିନ୍ତୁ କୃଷିର ଉନ୍ନତି ପାଇଁ ତାହାକୁ ଛାଡ଼ି ସେ ଏବେ ଏହି କାର୍ଯ୍ୟ କରୁଛନ୍ତି। ଐଶ୍ୱର୍ଯ୍ୟା ମଧ୍ୟ ଆଇଏଚ୍‌ଏମ୍‌ରୁ ଫୁଡ୍ ସାଇନ୍ସ ଓ ନ୍ୟୁଟ୍ରିଶନରୁ ଡିଗ୍ରୀ ହାସଲ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୭୫

- ଜମିକୁ ଆବାଦଯୋଗ୍ୟ କରିବା ନିମନ୍ତେ ବିଭିନ୍ନ ଯୋଜନାକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ୮ କୋଟି ଟଙ୍କା ମଞ୍ଜୁର।
- ଶତାବ୍ଦୀ ବ୍ୟାପୀ ଅଷ୍ଟ୍ରେଲିଆର ଉପନିବେଶ ରୂପେ ରହିବା ପରେ ପାପୁଆ ନିଉଗିନିର ସ୍ୱାଧୀନତା ହାସଲ।
- ତୁର୍କୀର ଦିୟାରବକିର ପ୍ରଦେଶରେ ଘଟିଥିବା ଭୂମିକମ୍ପରେ ୨୩୧୨ ଜଣ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଥିବା ରାଜ୍ୟପାଳ ନାଜିମ କମାଲ ଜିନିଜଙ୍କ ଘୋଷଣା।

## ପାଠକ ଶ୍ରେଷ୍ଠ ବିଚାରକ

### ପାଦଚଲା ରାସ୍ତାର ଦୁରବସ୍ଥା

ମହାଶୟ,

ପଥଚାରୀଙ୍କ ନିରାପତ୍ତା ଓ ସୁରକ୍ଷା ପାଇଁ ପୋଲର ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତାର ବ୍ୟବସ୍ଥା ଅତୀବ ପ୍ରଶଂସନୀୟ। କିନ୍ତୁ ପରିତାପର ବିଷୟ ଯେ, ରକ୍ଷଣାବେକ୍ଷଣ ଅଭାବରୁ ଏହା ବର୍ତ୍ତମାନ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ଜଟଣୀରେ ଫ୍ଲାଏଓଭର ନିର୍ମାଣ ସମୟରେ ପାଦଚଲା ରାସ୍ତା ଉପରେ ମସଲା ପଡ଼ିରହିଥିବାରୁ ଏହା କଠିନ ହୋଇଯାଇଛି। ଯିବାଆସିବା ସମୟରେ ଲୋକେ ଝୁଣ୍ଟି ଖଣ୍ଡିଆଖାବରା ହେଉଛନ୍ତି। ଚିପ୍‌ସ, ଇଟା, ପଥର ଏଯାଏ ସଫା ନ ହୋଇ ପଡ଼ିରହିଛି। ଅନାବନା ଗଛପତ୍ର, ଘାସ ଉଠିଯାଇ ଯିବା ଆସିବାରେ ଅସୁବିଧା ସୃଷ୍ଟି କରୁଛି। ପାଣି ନିଷ୍କାସନ ହେବାର ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ଜମା ହୋଇ ରହୁଛି। ସର୍ବୋପରି ଅସାମାଜିକ ଲୋକଙ୍କର ଏହା ଏକ ଆଡ୍ଡାସ୍ଥଳିରେ ପରିଣତ ହୋଇଯାଇଛି। ମଦବୋତଲ, ବିଡ଼ି, ସିଗାରେଟ୍‌ର ଟୁକୁଡ଼ା ଅଂଶ ପଡୁଛି। ଯିଏ ଯାହା ପାଇଲା ଅଳିଆ ଆବର୍ଜନା ଏହା ଉପରେ ପକାଇଲେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

-ସନାତନ ସାହୁ, ଶିକ୍ଷକ, ହରିଭାଇନା ଛକ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହାତୀ ଖାଇଦେଲେ ୧୦ ହଜାର

**କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜଙ୍ଗଲରୁ ଜନବସତି ମୁହାଁ ହେଉଛନ୍ତି। ଜମିରେ ଧାନ ଫସଲ ହୋଇ ନ ଥିବାରୁ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗିବା ସହ ଘରେ ଥିବା ଧାନ, ଚାଉଳ ଖାଇଯାଉଛନ୍ତି। ତେଲକୋଇ ଫରେଷ୍ଟ ବିଟ୍ ଅଧୀନ ବେଣା ଗାଁ ମୁଣ୍ଡାସାହିରେ ସୋମବାର ଏକ ୧୩ ଟିକିଆ ହାତୀପଲ ଉତ୍ପାତ କରିଛନ୍ତି। ଗ୍ରାମରେ ୨ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇଦେଇଛନ୍ତି। ଏହା ସହିତ ଧାନ ବସ୍ତାରେ ରଖାଯାଇଥିବା ୧୦ ହଜାର ଟଙ୍କା ଖାଇଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟାରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ବେଣା ଗାଁ ମୁଣ୍ଡା ସାହିରେ ପଶିଥିଲେ। ପ୍ରଥମେ ଉକ୍ତ ଗାଁର ରବୀନ୍ଦ୍ର ପାତ୍ରଙ୍କ ବାଇଗଣ ବାଡିକୁ ଦଳି ମକଚି ନଷ୍ଟ କରିଥିଲେ। ପରେ ରବୀନ୍ଦ୍ରଙ୍କ ଘର ଭାଙ୍ଗି ଧାନ ବସ୍ତା ଘର ବାହାରକୁ ଟେକିନେଇ ଖାଇଦେଇଥିଲେ। ରବୀନ୍ଦ୍ର ଧାନ ବସ୍ତା(ଡୁଲି)ଭିତରେ ୧୦ ହଜାର ଟଙ୍କା ରଖିଥିଲେ। ସେହି ଧାନ ବସ୍ତା ସହ ଟଙ୍କାକୁ ହାତୀପଲ ଖାଇଦେଇଥିବା ରବୀନ୍ଦ୍ରଙ୍କ ସ୍ତ୍ରୀ କଂସଲା ପାତ୍ର ଅଭିଯୋଗ କରି ଦୁଃଖ ପ୍ରକାଶ କରିଛନ୍ତି। ପରେ ହାତୀପଲ ସାହିର ବାବୁରାମ ମୁଣ୍ଡାଙ୍କ ଘର ଭାଙ୍ଗି ଚାଉଳ ଖାଇବା ସହିତ ବାସନ କୁସନକୁ ଭାଙ୍ଗି ଦେଇଥିଲେ। ହାତୀପଲ ଘର ଭାଙ୍ଗିବା ବେଳେ ୨ ପରିବାର ଅନ୍ୟତ୍ର ପଳାଇ ଯିବାରୁ ଜୀବନ ବଞ୍ଚିଯାଇଥିଲା। ୨ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବର୍ଷା ଦିନରେ ଜଙ୍ଗଲରୁ ଜନବସତିକୁ ହାତୀପଲ ଆସି ଘର ଭାଙ୍ଗି ଧାନ ଚାଉଳ ଖାଇଦେଉଥିବାରୁ ଅଞ୍ଚଳରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ଏଣୁ ଲୋକଙ୍କୁ କ୍ଷତିପୂରଣ ଦେବା ସହ ସୁରକ୍ଷା ଯୋଗାଇ ଦେବାକୁ ପୂର୍ବତନ ବେଣା ସରପଞ୍ଚ ବନ ବିହାରୀ ନାୟକ ଦାବି କରିଛନ୍ତି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯାଇଛି। ହାତୀପଲ ଟଙ୍କା ଖାଇବା ଘଟଣାର କୌଣସି ପ୍ରମାଣ ମିଳିନାହିଁ। ଏହାର ତଦନ୍ତ କରାଯାଉଛି।



ହାତୀପଲ ଭାଙ୍ଗିଦେଇଥିବା ଘର।

## ବୃଦ୍ଧଙ୍କୁ ଟାଣି ନେଲା କୁମ୍ଭୀର

**ଆଳି,୧୬।୯ (ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କୋଲିଡ଼ିହ ପଞ୍ଚାୟତ ଇଚ୍ଛାପୁର ଗାଁର ୨ଭାଇ ସାଙ୍ଗ ମଇଁଷି ଚରାଇବାକୁ ସୋମବାର ଯାଉଥିବାବେଳେ ଖରସ୍ରୋତା ନଦୀ ପାଖ ଯୋର ପାରି ହେଉଥିଲେ। ସକାଳେ ଅଜାମ୍ବର ନାୟକ ଓ ବାବୁରାମ ନାୟକ ପ୍ରତିଦିନ ପରି ମଇଁଷି ଚରାଇବା ବାହାରିଥିଲେ। ମଇଁଷି ନେଇ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଯୋରକୁ ସେମାନେ ଅତିକ୍ରମ କରନ୍ତି। ଅଜାମ୍ବର ଯୋରରେ ଥିବା ଡିଙ୍ଗିଟିକୁ ଟାଣୁଥିବା ବେଳେ ନଦୀ ସଂଲଗ୍ନ ଥିବା ଯୋରରେ ଥିବା କୁମ୍ଭୀର ତାଙ୍କୁ ଟାଣିନେଇ ନଦୀଗର୍ଭକୁ ଚାଲିଯାଇଥିଲା। ବାବୁରାମ ଦୂରରେ ଥାଇ ଚିତ୍କାର କରୁଥିଲେ ବି ଶୁଣିବାକୁ କେହି ନ ଥିଲେ। ସେ କାନ୍ଦି କାନ୍ଦି ଗାଁକୁ ଆସି ଖବର ଦେବା ପରେ ଗ୍ରାମବାସୀ ନଦୀକୂଳକୁ ଯାଇଥିଲେ। ଗ୍ରାମବାସୀ, ଆଳି ଦମକଳ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ସୁଦ୍ଧା ତାଙ୍କୁ ଉଦ୍ଧାର କରାଯାଇପାରିନାହିଁ।

# କେଉଟଗୁଡ଼ା ଷ୍ଟେଶନ ନିକଟରେ ଭୂସ୍ଖଳନ



**ରାୟଗଡ଼ା,୧୬।୯(ଆଶିଷ ରଞ୍ଜନ ପଣ୍ଡା)**

■ ପଥର, ମାଟି ଅତଡା ଧସି ଲାଇନ ଜାମ୍

■ ରେଳ ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା ଜିଲା କେଉଟଗୁଡା ରେଳଷ୍ଟେଶନ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ ଟାରେ ଭୂସ୍ଖଳନ ଘଟି ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ବିଶାଖାପାଟଣା – କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ କେଉଟଗୁଡା ଷ୍ଟେଶନରେ ଅଟକି ରହିଛି। ଅନ୍ୟ ରେଳ ଚଳାଚଳ ମଧ୍ୟ ବିଳମ୍ବ ହେବ ବୋଲି ଜଣାପଡ଼ିଛି।

ଗତ ସପ୍ତାହର ଲଗାଣ ବର୍ଷା ପ୍ରଭାବରେ ସୋମବାର ଅପରାହ୍ନରେ କେଉଟଗୁଡା ରେଳଷ୍ଟେଶନଠାରୁ ପ୍ରାୟ ୨୦୦ ମିଟର ଦୂରରେ ନିକଟସ୍ଥ ପାହାଡରୁ ପଥର ଓ ମାଟି ଅତଡା ଖସି ରେଳ ଧାରଣା ଉପରେ ପଡ଼ିଥିଲା। ଏଥିସହ କିଛି ବିରାଟକାୟ ଗଛ ମଧ୍ୟ ଉପୁଡି ପଡ଼ିଥିଲା। ଘଟଣା ସମ୍ପର୍କରେ କେଉଟଗୁଡା ରେଳଷ୍ଟେଶନ କର୍ତ୍ତୃପକ୍ଷ ରାୟଗଡ଼ା ରେଳୱେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସୂଚନା ମିଳିବା ପରେ ରାୟଗଡ଼ାରୁ ରେଳ କର୍ମଚାରୀ ଓ ଶ୍ରମିକ ପହଞ୍ଚି ରେଳ ଧାରଣା ସଫା କାମରେ ନିୟୋଜିତ ଅଛନ୍ତି। ରେଳ ଧାରଣା ସଫା କରିବା ପାଇଁ ଆହୁରି କେତେ ସମୟ ଲାଗିବ ତାହା ଜଣାପଡ଼ିନାହିଁ। ଏଥିସହ ବିଦ୍ୟୁତ ତାର ଛିଣ୍ଡି ଯାଇଥିବାରୁ ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବା ସୂଚନା ମିଳିଛି। ରେଳ ଧାରଣା ଉପରେ ପଡ଼ିଥିବା ପଥର ଓ ମାଟି ଅତଡା ସଫା କରାଯିବା ପରେ ଯାଞ୍ଚ କରାଯିବ। ଏହାପରେ ରେଳ ଚଳାଚଳ ପାଇଁ ଅନୁମତି ମିଳିବ ବୋଲି ରେଳ ବିଭାଗ ସୂଚନା ଦେଇଛି।

## ଛୁଆ ହାତୀକୁ ଉଦ୍ଧାର କଲା ବନ ବିଭାଗ



**ଭବାନୀପାଟଣା/ନର୍ଲା,୧୬।୯ (ଉତ୍ତମ କୁମାର ଦାଶ/ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ଅନ୍ତର୍ଗତ ରେଗଡିମାଲ ନିକଟ ଜଙ୍ଗଲ ପାର୍ଶ୍ୱରୁ ଗତ ଶୁକ୍ରବାର ଏକ ମାଈ ହାତୀର ମୃତଦେହ ସ୍ଥାନୀୟ ବନ ବିଭାଗ ଉଦ୍ଧାର କରିଥିଲା। ଏହାର ତିନିଦିନ ପରେ ସୋମବାର ବନ ବିଭାଗ ଏକ ଛୁଆ ହାତୀକୁ ନିକଟସ୍ଥ ଗାଡିଆଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ଉଦ୍ଧାର କରିଛି। ଉଦ୍ଧାର ହାତୀ ମୃତ ମାଈହାତୀର ଛୁଆ ବୋଲି ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଛୁଆହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ଟିମ୍ ରାତି ଅନିଦ୍ରା ରହି ଏହାର ଗତିବିଧି ଉପରେ ନଜର ରଖିଥିଲା। ଶେଷରେ ଟ୍ରାଙ୍କୁଲାଇଜ କରି ଟିମ୍ ସଦସ୍ୟ ଛୁଆ ହାତୀକୁ ଧରିବାରେ ସକ୍ଷମ ହୋଇଥିଲେ। ଏହାର ବୟସ ୧ ବର୍ଷ ହେବ। ଉଦ୍ଧାର ପରେ ତାକୁ ଛିପୁଲ ଜଙ୍ଗଲରେ ଥିବା ନର୍ସରୀରେ କଡା ସୁରକ୍ଷା ଭିତରେ ରଖାଯାଇଛି। ବର୍ତ୍ତମାନ ତା'ର ଚିକିତ୍ସା ଚାଲିଛି, ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ନନ୍ଦନକାନନ ନିଆଯିବ ବୋଲି ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, କେଉଁ କାରଣରୁ ମାଈ ହାତୀର ମୃତ୍ୟୁ ହୋଇଛି ତା'ର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନଙ୍କ ପରଲୋକ

**ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲାର ବର୍ଷୀୟାନ୍ ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନ ଦାସ (୧୦୦)ଙ୍କର ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ଧରି କଟକ ବଡ଼ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ମଧ୍ୟାହ୍ନରେ ଖାଉଥିବା ବେଳେ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ



ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା ୧୭ ମିନିଟ୍‌ରେ ପରଲୋକ ହୋଇଯାଇଥିଲା। ତାଙ୍କ ମର ଶରୀର ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ଜନ୍ମମାଟି ନୂଆଗାଁସ୍ଥିତ ବାସଭବନକୁ ଅଣାଯାଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଫକୀରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ଡେରାବିଶ ଥାନାଧିକାରୀ କିଶୋର ତରାଇ, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସମ୍ପାଦକ ରାଜେଶ ପଣ୍ଡା, ସରପଞ୍ଚ ମାନସୀ ସାମଲ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଫକୀରଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସଂଗ୍ରାମୀ ଫକୀରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଫକୀରଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲ। ସ୍ୱର୍ଗଦ୍ୱାରରେ ବଡ଼ପୁଅ ଅନନ୍ତ କିଶୋର ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ୪ ପୁଅ ପଦ୍ମନାଭ, ମନୋରଞ୍ଜନ, ହୃଷୀକେଶ, ମଧୁସୂଦନଙ୍କ ସମେତ ୩ ଝିଅ ଏବଂ ଅନ୍ୟ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ୧୯୨୪ରେ ପିତା ମଣି ଦାସ ଓ ମାତା ନିମଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିବା ଫକୀର ୧୯୩୪ ମେ ଶେଷ ସପ୍ତାହରେ ଗାନ୍ଧିଜୀଙ୍କ କେନ୍ଦ୍ରାପଡ଼ାକୁ ଐତିହାସିକ ପଦଯାତ୍ରା ଏବଂ ଡେରାବିଶ ବ୍ଲକ ଅଧୀନ ବାରିମୂଳଠାରେ ଅନୁଷ୍ଠିତ ବିଶାଳ ଜନସମାବେଶରେ ଉଦ୍‌ବୁଦ୍ଧ ହୋଇ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ। ପରେ ବ୍ରିଟିଶ୍ ସରକାର ବିରୋଧରେ ଆନ୍ଦୋଳନ ଜାରି ରଖିଥିଲେ। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଡେରାବିଶ ସମେତ ଜିଲାରେ ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ନିବାରଣ ଓ ନିଶାମୁକ୍ତି ଅଭିଯାନରେ ନିଜକୁ ସାମିଲ କରି ଲୋକପ୍ରିୟ ହୋଇଥିଲେ। ତେବେ ଫକୀରଙ୍କ ବିୟୋଗରେ ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ବିଦ୍ୟାଧର ମୁଦୁଲି, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି।

INDIAN RAILWAYS

ଓଡ଼ିଶାରେ
ରେଳ ବିକାଶ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

2800 କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପର
ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ରାଷ୍ଟ୍ର କୁ ସମର୍ପଣ



**ଭିତ୍ତିପ୍ରସ୍ତର ସ୍ଥାପନ**

- ପାରାଦୀପ - ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ
- MCRL ଭିତର କରିଡର (ଫେଜ - I) ଦୋହରୀକରଣ
- ଜୟପୁର - ନବରଙ୍ଗପୁର ନୂତନ ଲାଇନ
- ସିଜୁ ଏବଂ ପାରାଦୀପ କୋଟିଂ ୟାର୍ଡ ମଧ୍ୟରେ ଫ୍ଲାଇଓଭର

**ରାଷ୍ଟ୍ର କୁ ସମର୍ପଣ**

- ଲାଞ୍ଜିଗଡ଼ ରୋଡ଼ - ଆମ୍ବୋଦଳା - ଦହିକାଲୁ ତୃତୀୟ ଲାଇନ
- ଲକ୍ଷ୍ମୀପୁର ରୋଡ଼ - ସିଙ୍ଗାରାମ - ଟିକିରି ଦୋହରୀକରଣ
- ବାଙ୍ଗୁରକେଲା - ନୱାଗାଓଁ ଦୋହରୀକରଣ
- ଢେଙ୍କାନାଳ - ସଦାଶିବପୁର - ହିନ୍ଦୋଳ ରୋଡ଼ ତୃତୀୟ ଏବଂ ଚତୁର୍ଥ ଲାଇନ

**ଲାଭ**

- ଏହି ଅଞ୍ଚଳର ସାମାଜିକ-ଅର୍ଥନୀତିକ ଅଭିବୃଦ୍ଧି
- ଆଦିବାସୀ ଅଞ୍ଚଳର ଲୋକଙ୍କ ପାଇଁ ଉତ୍ତମ ସଂଯୋଗ
- ବନ୍ଦରରୁ ସାମଗ୍ରୀ ପରିବହନରେ ଦ୍ରୁତ ଗତି
- ତାଳଚେର କୋଇଲା କ୍ଷେତ୍ରରୁ କୋଇଲାର ସୁଗମ ପରିବହନ
- ପଶ୍ଚିମ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଟ୍ରାଫିକ୍ ଆବଶ୍ୟକତାର ପୂରଣ
- ବ୍ୟସ୍ତବହୁଳ ହାୱଡା - ମୁମ୍ବାଇ ଏବଂ ହାୱଡା - ଚେନ୍ନାଇ ମୁଖ୍ୟ ଲାଇନ ପାଇଁ ବିକଳ୍ପ ମାର୍ଗ
- ଯାଜପୁର-କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଶିଳ୍ପଗୁଡିକ ପାଇଁ କୋଇଲା ଏବଂ ଲୁହାପଥର ର ସୁଗମ ପରିବହନ
- ଆଞ୍ଚଳିକ ଅର୍ଥନୀତିକ ଗତିବିଧିକୁ ପ୍ରୋତ୍ସାହନ

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି

**ଶ୍ରୀ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ତାରିଖ: 17 ସେପ୍ଟେମ୍ବର 2024 | ସ୍ଥାନ: ଭୁବନେଶ୍ୱର



D-6/24-25

ଆପଣ ସମସ୍ତଙ୍କୁ ସାଦର ନିମନ୍ତ୍ରଣ

DD NEWS ରେ ସିଧା ପ୍ରସାରଣ ଦେଖନ୍ତୁ

**ଭାରତୀୟ ରେଳ**

ଆମକୁ ଫଲୋ କରନ୍ତୁ: @RailMinIndia

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଗାଡ଼କଣ ଚଳଚଞ୍ଚଳ

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

- ଆବାସ ହିତାଧିକାରୀଙ୍କୁ ଚାବି ପ୍ରଦାନ କରିବେ
- କାର୍ଯ୍ୟର ସମୀକ୍ଷା କଲା ବିଏମ୍‌ସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଗାଡ଼କଣର ଶବରସାହିକୁ ଯାଇ ପିଏମ୍ ଆବାସ ଘର ଉଦ୍‌ଘାଟନ କରିବେ। ପୂର୍ବାହ୍ଣ ୧୧ଟା ୧୫ରୁ ୧୧ଟା ୪୫ ଯାଏ ପ୍ରଧାନମନ୍ତ୍ରୀ ସେଠାରେ ସମୟ ଅତିବାହିତ କରିବେ। ଏଥିସହ ପ୍ରାୟ ୨୦ଜଣ ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ସହ ପିଏମ୍ ଆବାସ ଘରର ଚାବି ହସ୍ତାନ୍ତର କରିବେ। ଏଥିସହ ଗାଡ଼କଣର ରୂପ ବଦଳିବା ସହିତ ବାସିନ୍ଦା ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗ୍ରାମ ଆରମ୍ଭରେ ଥିବା ଚାଳଘରର ମରାମତି କରାଯାଇଛି। ସେହିପରି ଖାଲଖମା ରାସ୍ତାର ପୁନରୁଦ୍ଧାର କରାଯିବା ସହ ଅସୁରକ୍ଷିତ ବିଦ୍ୟୁତ୍ ଖୁଣ୍ଟକୁ ଉଠାଯାଇ ନୂଆ ଲଗାଯାଇଛି। ସେହିପରି ଗ୍ରାମର ଭାଗବତ ଟୁଙ୍ଗିର ଆପତ୍‌କାଳୀନ ସ୍ଥିତିରେ ପୁନରୁଦ୍ଧାର କରାଯାଇଛି। ଗତ ୨/୩ ଦିନ ହେବ ବିଏମ୍‌ସି ଅଧିକାରୀମାନେ ସେଠାରେ ଉପସ୍ଥିତ ରହି କାର୍ଯ୍ୟର ସମୀକ୍ଷା କରୁଛନ୍ତି। କମିଶନରଙ୍କଠାରୁ ଆରମ୍ଭକରି ସିଟି ଇଞ୍ଜିନିୟରଙ୍କ ପର୍ଯ୍ୟନ୍ତ ସମସ୍ତେ ସେଠାରେ ଡେରା ପକାଇଛନ୍ତି। ଏହାବାଦ୍ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ନିର୍ମାଣ କରାଯାଇଛି। ଗ୍ରାମ ଚାରିପାଖେ ପୋଲିସ ଫୋର୍ସ ଓ ସିଆର୍‌ପିଏଫ୍ ଯବାନଙ୍କ ସହ ସାଦା ପୋଷାକଧାରୀ ପୋଲିସ ଓ ମହିଳା ପୋଲିସ ନିୟୋଜିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଯେଉଁ ସ୍ଥାନରେ ବସି ହିତାଧିକାରୀଙ୍କ ସହ ଆଲୋଚନା କରିବେ ଉକ୍ତ ସ୍ଥାନରେ ଯବାନମାନେ ୨୪ ଘଣ୍ଟିଆ ପହରା ଦେଉଛନ୍ତି।






# ୧୦ ଲକ୍ଷ ଚାରା ଲଗାଇବ ଭାଜପା କୃଷକ ମୋର୍ଚ୍ଚା

ଭୁବନେଶ୍ୱର, ୧୬।୯ (ଅନୁରାଧା ମହାରଣା)

**ମା’ ପାଇଁ ଗଛଟିଏ ଅଭିଯାନ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଦେଶବ୍ୟାପୀ ସେବାପକ୍ଷ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମା’ ପାଇଁ ଗଛଟିଏ ଅଭିଯାନକୁ ବ୍ୟାପକ କରିବାକୁ ଯୋଜନା କରାଯାଇଛି। ଏନେଇ ରାଜ୍ୟ କାର୍ଯ୍ୟାଳୟରେ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ରାଜ୍ୟସାରା ଚାରା ରୋପଣ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରରେ, ୨୧ରୁ ୨୫ ତାରିଖରେ ବିଧାନସଭା କ୍ଷେତ୍ର ଓ ୨୫ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ରସ୍ତରରେ ଚାରା ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟସାରା ୧୦ ଲକ୍ଷ ଚାରା ରୋପଣ କରାଯିବ ବୋଲି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କହିଛନ୍ତି। ଏହି ସମୟରେ ନିଜ ମା’ଙ୍କ ସହ ସେଲ୍ଫି ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରିବା ପାଇଁ ସେ ନିବେଦନ କରିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏହାର ସୁପରିଚାଳନା ପାଇଁ ବିଧାୟକ ଆକାଶ ଦାସ ନାୟକ, ବରିଷ୍ଠ ନେତା ନାଉରି ନାୟକ, ସୁକେଶୀ ଓରାମ, ଅରିନ୍ଦମ ରାୟ, ରାଜ୍ୟ କୃଷକ ମୋର୍ଚ୍ଚା ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ସଂଯୋଜକ ଜଗନ୍ନାଥ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ଅଜୟ ସ୍ୱାଇଁ, ସୁରେନ୍ଦ୍ର କୁମାର ସେଠୀ, ନବକୃଷ୍ଣ ଦନ୍ତାଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ଜିଲାୱାରି ଦାୟିତ୍ୱ ପ୍ରଦାନ କରାଯାଇଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨ ପ୍ରାଧ୍ୟାପକ ସମ୍ମାନିତ

ଭୁବନେଶ୍ୱର,(ଅନୁରାଧା ମହାରଣା)/ ତ୍ରିଶୂଳିଆ, ୧୬।୯ (ତୁଷାର ବେହେରା)


ଡ. ତୀର୍ଥଙ୍କର ଘୋଷ


ରବିନାରାୟଣ ଶତପଥୀ

ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨ଜଣ ବିଜ୍ଞାନ ପ୍ରାଧ୍ୟାପକଙ୍କୁ ସମ୍ମାନିତ କରାଯାଇଛି। କୋଲକାତାସ୍ଥିତ ଫିଜିଓଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ବିଶ୍ୱବିଦ୍ୟାଳୟର ‘ହେଲ୍‌ଥ ଆଣ୍ଡ ୱେଲ୍‌ନେସ’ ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ତୀର୍ଥଙ୍କର ଘୋଷଙ୍କୁ ଶ୍ରମଦକ୍ଷତା ଶାସ୍ତ୍ର, ଭୌତିକ ବିଜ୍ଞାନ, ବ୍ୟାୟାମ ଏବଂ କ୍ରୀଡ଼ା ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ପାଇଁ ‘ପ୍ରଫେସର ଏସ୍.ଆର୍.ମୈତ୍ର ସ୍ମାରକୀ ବକ୍ତୃତାମାଳା ପୁରସ୍କାର-୨୦୨୪’ରେ ସମ୍ମାନିତ କରାଯାଇଛି। ଜୈବିକ ବିଜ୍ଞାନ କ୍ଷେତ୍ରରେ ଏହି ସ୍ମାରକୀ ପୁରସ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାଧ୍ୟାପକ ଡ. ଘୋଷ କହିଛନ୍ତି, ଏହି ପୁରସ୍କାର ତାଙ୍କୁ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ଏବଂ ଦାୟିତ୍ୱବାନ୍ କରିଛି। ସେହିପରି ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ ହୋଇଥିବା ଓଡ଼ିଶା ଟେକ୍ନିକାଲ କନ୍‌କ୍ଲେଭ-୨୦୨୪ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଡିନ୍ ପ୍ରାଧ୍ୟାପକ ଡ. ରବିନାରାୟଣ ଶତପଥୀଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଭରଗ୍ରୀନ୍ ଫୋରମ ପକ୍ଷରୁ ଓଡ଼ିଶା ଟେକ୍ନୋକ୍ରାଫ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଏହା ତାଙ୍କ କ୍ୟାରିଅରରେ ଏକ ମାଇଲ ଖୁଣ୍ଟି ସଦୃଶ ଏବଂ ଆଗକୁ ଅଧିକରୁ ଅଧିକ ସଫଳତା ନିମନ୍ତେ ପ୍ରେରିତ କରିବ ବୋଲି ଡ. ଶତପଥୀ ପ୍ରକାଶ କରିଛନ୍ତି। ଦୁଇ ବିଜ୍ଞାନ ପ୍ରାଧ୍ୟାପକଙ୍କ ଏହି ସଫଳତାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ଏବଂ କୁଳପତି ଡ. ତେଜପ୍ରତାପ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶୁଣିଲାନି ପୋଲିସ, ଡିସିପିଙ୍କ ଦ୍ୱାରସ୍ଥ ହେଲେ ଯୁବତୀ

ବାରଙ୍ଗ, ୧୬।୯ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପଡ଼ୋଶୀର ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ବିବାହ କଥା କହିବାରୁ ଯୁବକ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଯୁବତୀଙ୍କ ପରିବାର ଲୋକ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଯୁବତୀ ଜଣଙ୍କ ନବମ ଶ୍ରେଣୀରେ ପଢୁଥିବାବେଳେ ପଡ଼ୋଶୀ ଯୁବକଙ୍କ ପ୍ରେମରେ ପଡ଼ିଥିଲେ। ପରେ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢି ଉଠିଥିଲା। ବର୍ତ୍ତମାନ ଯୁବତୀଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ବିବାହ ପାଇଁ କହିବାରୁ ଯୁବକ ଜମଙ୍କ ତାଙ୍କ ଘରକୁ ଯାଇ ମାରଧର କରିଥିଲେ। ପାଖରେ ଥିବା ପ୍ରମାଣ ସବୁ ନଷ୍ଟ ନ କଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଗତ ଜୁଲାଇରେ ଧମକ ଦେଇଥିଲେ। ପରେ ଗ୍ରାମ ମୁରବିମାନେ ଏ ବିଷୟରେ ବିଚାର କରି ଉଭୟଙ୍କ ବିବାହ ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ପରେ ଖଣ୍ଡଗିରିରେ ଥିବା ବିବାହ କାର୍ଯ୍ୟାଳୟରେ ଉଭୟ ଆବେଦନ କରିଥିଲେ। କିନ୍ତୁ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ସେ କିଛି ଦିନ ପରେ ଗାଁକୁ ଆସିଥିବାବେଳେ ତାଙ୍କୁ ଗ୍ରାମବାସୀ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ତେବେ ୨୩ ଅଗଷ୍ଟରେ ଯୁବତୀ ଜଣଙ୍କ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଡିସିପିଙ୍କ ପାଖରେ ଗତ ୧୦ ତାରିଖରେ ଯୁବତୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯୁବକଙ୍କ ଘରଲୋକ ଯୁବତୀଙ୍କୁ ବିଭିନ୍ନ ଧମକ ଚମକ ଦେଉଥିବା ସେ କହିଛନ୍ତି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ଗୀତିନାଟ୍ୟ ମହୋତ୍ସବର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ ‘ଜଳନ୍ଧର ବଧ’ର ଏକ ଦୃଶ୍ୟ।

# ହେଲ୍‌ଥଭିଲେ ପକ୍ଷରୁ ଗଣଦୌଡ଼

ଭୁବନେଶ୍ୱର,୧୬।୯ (ଅନୁରାଧା ମହାରଣା)- ପ୍ରାକୃତିକ ଚିକିତ୍ସା କେନ୍ଦ୍ର ହେଲ୍‌ଥଭିଲେ ଓ କଟକ ରନର୍ସ ଏବଂ ତମଶା ପ୍ରୋଜେକ୍ଟର ପକ୍ଷରୁ ସୋମବାର ଏକ ୱେଲ୍‌ନେସ୍ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ‘ନେଚର୍ ହିଲ୍‌ସ, ମେଡିସିନ୍ କିଲସ୍’ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ କିମି, ୫ କିମି ଓ ୧୦ କିମି ଦୌଡ଼ର ବ୍ୟବସ୍ଥା କରାଯାଇଥିଲା। କଟକ-ଭୁବନେଶ୍ୱର ଦ୍ୱୈତନଗରୀର ୧୫୦ରୁ ଅଧିକ ଉତ୍ସାହୀ ରନର ଏଥିରେ ଅଂଶଗ୍ରହଣ କରିଥିଲେ। ହେଲ୍‌ଥଭିଲେର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ତାଙ୍କ ସ୍ୱାଗତ ଅଭିଭାଷଣରେ କହିଲେ, ଶୃଙ୍ଖଳିତ ଜୀବନଶୈଳୀ, ପ୍ରାକୃତିକ ଖାଦ୍ୟପେୟ, ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସାରୁ ସୁସ୍ୱାସ୍ଥ୍ୟ ସମ୍ଭବ। ଗଣଦୌଡ଼ ଶେଷରେ ପ୍ରାକୃତିକ ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଥିଲା। ଏଥିରେ ହେଲ୍‌ଥଭିଲେରେ ଉପଲବ୍ଧ ସମସ୍ତ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ‘ୱେଲନେସ୍ ଆମ୍ବାସାଡର’ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଜାତୀୟ ପୋଷଣ ମାସ

ଭୁବନେଶ୍ୱର, ୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

କମଳା ନେହେରୁ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ସେପ୍ଟେମ୍ବରକୁ ଜାତୀୟ ପୋଷଣ ମାସ ଭାବେ ପାଳନ କରାଯାଉଛି। ଏହି ଅବସରରେ କଲେଜରେ ଗୃହ ବିଜ୍ଞାନ ବିଭାଗରେ ବିଭାଗୀୟ ମୁଖ୍ୟ ଡ. ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ସୁଷମ ଖାଦ୍ୟମେଳାର ଆୟୋଜନ କରାଯାଇଥିଲା। ଏଥିରେ ୩୫ରୁ ଅଧିକ ଷ୍ଟଲ୍ ଖୋଲାଯାଇ ମାଣ୍ଡିଆ ଗୁପ୍‌ଚୁପ୍, ମାଣ୍ଡିଆ ମାଲ୍‌ପୁଆ, ବ୍ରାଉନ୍ ବ୍ରେଡ୍, ପରିବା ସ୍ୟାଣ୍ଡଉଇଚ୍, ଟଙ୍କତୋରାଣି, ମସଲା ଇଡ୍‌ଲି, ଇଡ୍‌ଲି ଘୁଗୁନି, ମକା ଚାଟ୍, ଲେମ୍ବୁ ସିକଞ୍ଜି, ମାଣ୍ଡିଆ ପ୍ୟାନ କେକ୍ ଆଦି ପୋଷଣଯୁକ୍ତ ତଥା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପରିବେଷଣ କରାଯାଇଥିଲା। ଖାଦ୍ୟଗୁଡ଼ିକ କମ୍ ମୂଲ୍ୟରେ ପିଲାମାନଙ୍କୁ ଦିଆଯାଇଥିଲା। ପିଲାମାନେ ସୁଷମ ଖାଦ୍ୟର ଗୁରୁତ୍ୱକୁ ଏକ ସୁନ୍ଦର ନାଟକ ଦ୍ୱାରା ଶିଖାଇଥିଲେ।

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ଦିବ୍ୟଜୀବନ ସଂଘ ଚନ୍ଦ୍ରଶେଖରପୁର ଶାଖା ଆନୁକୂଲ୍ୟରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଡ଼ମଣାସ୍ଥିତ ଶ୍ରୀଶ୍ରୀ ମା ଆନନ୍ଦ ଆଶ୍ରମ ଅନ୍ତେବାସୀମାନଙ୍କୁ ବସ୍ତ୍ର ଓ ଗୁରୁଦେବଙ୍କ ଲିଖିତ ପୁସ୍ତକ ‘ଆଦର୍ଶ ବିଦ୍ୟାର୍ଥୀ’ ଏବଂ ଖାଦ୍ୟ ପାକେଟ ବଣ୍ଟନ କରାଯାଇଥିଲା। ଶାଖାର ଉପଦେଷ୍ଟା ଅଧ୍ୟାପକ ବିଶ୍ୱମୋହନ ପଟ୍ଟନାୟକ ଛାତ୍ର ସମାଜକୁ ଗୁରୁଦେବଙ୍କ ଉପଦେଶ ତଥା ସୁଚରିତ୍ର ଗଠନ ସମ୍ବନ୍ଧରେ ପିଲାମାନଙ୍କୁ ସରଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶାଖାର ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦିକା, କୋଷାଧ୍ୟକ୍ଷ ଓ ଅନ୍ୟ ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ। ଆନନ୍ଦ ଆଶ୍ରମର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚନ୍ଦ୍ରଶେଖର ରାଓଙ୍କ ଚିତ୍ରକଳା ଆଧୁନିକ, ସମକାଳୀନ ପଦବାଚ୍ୟ

ଭୁବନେଶ୍ୱର, ୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ଚତୁର୍ଥ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତା**

କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସୋମବାର ରାଜ୍ୟ ସଂଗ୍ରହାଳୟ ପରିସରରେ ଚତୁର୍ଥ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ କଳା ଇତିହାସ ବିଭାଗର ପ୍ରାଧ୍ୟାପକ ଡ. ପ୍ରଦୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ରାଓଙ୍କ ସହିଷ୍ଣୁତା ଓ ତାଙ୍କର କାର୍ଯ୍ୟ ଶୈଳୀରେ ଥିବା ଗଭୀରତା ବିଷୟରେ ଡ. ମିଶ୍ର ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଦିଲ୍ଲୀରେ ରହୁଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୁ ପଟ୍ଟନାୟକ ‘ଓଡ଼ିଆ ପରମ୍ପରା ଦ୍ୱାରା ଅନୁପ୍ରାଣିତ ସମକାଳୀନ ଚିତ୍ରଭାଷା: ଏକ ବିବେଚନା’ ଉପରେ ବକ୍ତବ୍ୟ ରଖିଥିଲେ। ଚନ୍ଦ୍ରଶେଖର ସମକାଳୀନ କଳାର ମହତ୍ତ୍ୱ ଓ ଏହା ଜରିଆରେ ଓଡ଼ିଶାର କଳା ସଂସ୍କୃତିର ପ୍ରସାର ଉପରେ ଗୁରୁତ୍ୱଦେଇଥିଲେ। ତାଙ୍କର ଚିତ୍ରକଳା ଶୈଳୀରେ ପାରମ୍ପରିକ ରସ, କଳା, ବାନ୍ଧ ଓ ଲୋକକଳାର ଯଥେଷ୍ଟ ପ୍ରଭାବ ରହିଥିଲେ ମଧ୍ୟ ସେ ଆଙ୍କୁଥିବା ଚିତ୍ରକଳା ଆଧୁନିକ ଓ ସମକାଳୀନ ଚିତ୍ରକଳାର ପଦବାଚ୍ୟ ଥିଲା ବୋଲି ପଟ୍ଟନାୟକ କହିଥିଲେ। ଏଥିସହ ସେ ଅନ୍ୟ ବିଶିଷ୍ଟ ଚିତ୍ରକାରଙ୍କ ସହ ପଟ୍ଟଚିତ୍ର ଗୁରୁ ବେଣୁଧର ମହାପାତ୍ରଙ୍କ ଚିତ୍ର ଶୈଳୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଓଡ଼ିଶାର କଳା ଓ ସଂସ୍କୃତି କ୍ଷେତ୍ରରେ ଚନ୍ଦ୍ରଶେଖର ରାଓଙ୍କ ଅବଦାନ ସମ୍ପର୍କରେ କହିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ଚତୁର୍ଥ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତାରେ ଯୋଗଦେଇଥିବା ଅତିଥିମାନେ।

**ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି**

# ଢୋଲ ତୋରଣରେ ଶୋଭା ପାଇବେ ଜଗନ୍ମାତା



ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)




ଉତ୍ସାହ ଉଦ୍ଦୀପନା ସହ ଫେରିଛି ପାର୍ବଣ। କାଶତଣ୍ଡୀ ଫୁଲର ସମ୍ଭାର ମା’ ଦଶଭୁଜାଙ୍କ ଧରାବତରଣର ସମୟ ପାଖେଇ ଆସୁଥିବାର ସଙ୍କେତ ଦେଉଛି। ଜଗତ୍‌ଜନନୀ’ଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ବିଭିନ୍ନ ପୂଜାମଣ୍ଡପ ଚଳଚଞ୍ଚଳ ହୋଇଉଠିଛି। ସବୁଥର ପରି ଚଳିତ ବର୍ଷ ମଧ୍ୟ ସୁସଜ୍ଜିତ ତୋରଣ ସାଙ୍ଗକୁ ଆଖିଝଲସା ଆଲୋକ ସଜ୍ଜାରେ ସଜେଇ ହେବ ସାରା ସହର। ଏଥିପାଇଁ ପୂଜା ମଣ୍ଡପଗୁଡିକରେ କାମ ମଧ୍ୟ ଆରମ୍ଭ ହୋଇଯାଇଛି। ରାଜଧାନୀର ପ୍ରମୁଖ ପୂଜା ମଣ୍ଡପକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ‘ବିରାଜିବେ ମା’। ଚଳିତ ବର୍ଷ ଭିଏସ୍‌ଏସ୍ ନଗରରେ ସାର୍ବଜନୀ ଦୁର୍ଗାପୂଜା ସମିତି ପକ୍ଷରୁ ୪୬ତମ ପୂଜା ପାଳନ କରାଯିବ। ରବିବାର ସୁନିଆ ତିଥିରେ ମାଟି ଅନୁକୂଳ ହେବା ପରେ ନିର୍ମାଣ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇଛି। ଏଥର ୧୫ଲକ୍ଷ ଟଙ୍କାର ବଜେଟ୍ ଥିବାବେଳେ ଏକ ନୂଆ ଢଙ୍ଗରେ ତୋରଣ ଦେଖିବାକୁ ମିଳିବ। ଢୋଲ ଆକୃତିର ତୋରଣରେ ଶୋଭାପାଇବେ ମା’ ଦଶଭୁଜା। ତୋରଣର ଉଚ୍ଚତା ୫୦ଫୁଟ ରହିଥିବାବେଳେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୮ଫୁଟ ରହିଛି। କୋଲକାତାର କାରିଗର ମା’ଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ନେଇଛନ୍ତି। ସେହିପରି ଫୁଲପୋଖରୀ ଅଞ୍ଚଳର କାରିଗର ମା’ଙ୍କ ଜରିମେଢ ନିର୍ମାଣ କରି ସୁସଜ୍ଜିତ କରିବେ। ଏଠାରେ ମା’ଙ୍କ ମୁଖ ଗଙ୍ଗା ନଦୀକୂଳରୁ ଅଣାଯାଇଥିବା ମାଟିରୁ ତିଆରି ହୁଏ, ଯାହାକି ଏହି ପୂଜାର ସ୍ୱତନ୍ତ୍ର ବିଶେଷତ୍ୱ। ଷଷ୍ଠୀରୁ ଆରମ୍ଭ କରି ଦଶମୀ ପର୍ଯ୍ୟନ୍ତ ବିଲ୍ୱାଧିବାସ ହୋଇ ମା’ଙ୍କ ଆବାହନ, ଘଟ ସ୍ଥାପନ, ଚକ୍ଷୁଦାନ କରାଯାଇ ସମସ୍ତ ରୀତିନୀତିରେ ପୂଜା କରାଯିବ। ଅଷ୍ଟମୀରେ ମା’ଙ୍କ ପାଖରେ ଖେଚୁଡ଼ି, ଡାଲମା ଓ ଦଶମୀରେ ଦହି ପଖାଳ, ଶାଗଭଜା ଭୋଗ ଲାଗି କରାଯିବ। ସ୍ଥାନୀୟ ଭିଏସ୍‌ଏସ୍ ନଗର ଏବଂ ଇଡ୍‌କୋ କଲୋନୀରେ ପ୍ରତ୍ୟେକ ଘରେ ଭୋଗ ବଣ୍ଟନ କରାଯିବ। ଭିଏସ୍‌ଏସ୍ ନଗରର ଦଶହରା କଲୋନୀ ପୂଜା ହୋଇଥିବାରୁ ଏଠାରେ ପ୍ରତିବର୍ଷ ଅଧିକ ସଂଖ୍ୟକ ଭୋଗ ଡାଲା ଆସେ ଓ ଅଧିକ ଗାଡିପୂଜା ହୁଏ। ପ୍ରତିବର୍ଷପରି ଏଥର ମଧ୍ୟ ନବମୀରେ ଭଜନ କାର୍ଯ୍ୟକ୍ରମ ହେବ। କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ସଙ୍ଗୀତ ପରିବେଷଣ କରିବେ। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟରେ ମା’ଙ୍କୁ ମେଲାଣି ଦିଆଯିବ।

**ଭାଇଚାରା ଭିତରେ ପୂଜା ସମ୍ପନ୍ନ ହେବ**



୪୫ବର୍ଷ ଧରି ଭିଏସ୍‌ଏସ୍ ନଗରରେ ମା’ ଦୁର୍ଗାଙ୍କ ପୂଜା ଶାନ୍ତି ଶୃଙ୍ଖଳାର ସହିତ ଭାଇଚାରା ବଜାୟ ରଖି ଅନୁଷ୍ଠିତ ହେଉଛି। ଏ ପୂଜା ସମସ୍ତଙ୍କର। ତେଣୁ ମିଳିମିଶି ପ୍ରଶାସନର ନିର୍ଦ୍ଦେଶ ମାନି ଭାଇଚାରା ଭିତରେ ପୂଜା କରିବା ସହ ମାଆଙ୍କର କରୁଣା ଓ ଆଶୀର୍ବାଦ ଲାଭ କରିବା। ସମସ୍ତ ନୀତି ନିୟମରେ ଶାନ୍ତିଶୃଙ୍ଖଳା ସହିତ ପୂଜା ଆୟୋଜିତ ହେବ।

**-ଡ. ଜୟନ୍ତ କୁମାର ପରିଡ଼ା, ସଭାପତି**

**କଲୋନୀବାସୀ ନିଜ ପୂଜା ଭଳି ସହଯୋଗ କରନ୍ତି**



ଭିଏସ୍‌ଏସ୍ ନଗରରେ ଅତି ନିଷ୍ଠାର ସହିତ ମା’ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୁଏ। ଏଥିରେ କଲୋନୀବାସୀ ନିଜ ପୂଜା ଭଳି ସହଯୋଗ କରନ୍ତି। ପ୍ରତିବର୍ଷ ସରକାର ଓ ପୋଲିସ ପ୍ରଶାସନର ନିୟମ ପାଳନ କରି ଶାନ୍ତି ଶୃଙ୍ଖଳା ସହିତ ପୂଜା ଅନୁଷ୍ଠିତ ହୁଏ। ଚଳିତ ବର୍ଷ ମଧ୍ୟ ପୂଜାରେ ସମସ୍ତଙ୍କର ସହଯୋଗ ସହିତ ନିଜେ ସେବକ ଭାବେ ପୂଜା କରାଯିବ।

**-ପ୍ରତାପ କୁମାର ନନ୍ଦ, ସାଧାରଣ ସମ୍ପାଦକ**

**ଦୁର୍ଗାପୂଜା ପୂର୍ବରୁ ରାସ୍ତା କାମ ଶେଷ କରାଯାଉ**



ଚଳିତବର୍ଷ ଭିଏସ୍‌ଏସ୍ ନଗରରେ ରେଳ ଓଭରବ୍ରିଜ ନିର୍ମାଣ ହେଉଥିବାରୁ ଦଶହରା ପର୍ବରେ ଭକ୍ତଙ୍କ ଦର୍ଶନ ପାଇଁ ବାଧକ ହେବାର ଆଶଙ୍କା ରହିଛି। ତେଣୁ ଦୁର୍ଗାପୂଜା ପୂର୍ବରୁ ସମସ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ପ୍ରଶାସନକୁ ଅନୁରୋଧ କରିବି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ସଂଖ୍ୟକ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।

**-ଦିଲୀପ ଦାଶଶର୍ମା, ସମିତିର ବରିଷ୍ଠ ସଦସ୍ୟ**

# ଦେବଶିଳ୍ପୀଙ୍କୁ ଆରାଧନା


ରାଣୀହାଟ ଇଲେକ୍ଟ୍ରି ଅଫିସ୍।


ଖପୁରିଆ ସ୍ଥିତ ଗଭର୍ଣ୍ଣମେଣ୍ଟ ପ୍ରେସ୍।


ଲିଙ୍କରୋଡ଼ ସ୍ଥିତ ଘରୋଇ ବସ୍ ମାଲିକ ସଂଘ।


କନ୍ଦରପୁର ବିଦ୍ୟୁତ୍ ଉପକେନ୍ଦ୍ର।


ଗାନ୍ଧୀ ଛକ, ଅଟୋ ଆସୋସିଏଶନ।


ଇଙ୍ଗା।


କଣ୍ଟେନ୍‌ମେଣ୍ଟ ରୋଡ଼ ସ୍ଥିତ ଜଳ ଯୋଗାଣ ଉପକେନ୍ଦ୍ର।


ମଙ୍ଗୁଳି ଟ୍ରକ୍ ଆସୋସିଏଶନ।


ଇଲେକ୍ଟ୍ରି ଗ୍ରୀଡ୍ ଷ୍ଟେଶନ୍।


ସାଲେପୁର।


ଡିଗିରିଆ ନୂଆପାଟଣା ଗ୍ରୀଡ୍।


ଡିଗିରିଆ ନୂଆପାଟଣା ଗ୍ରାମାଞ୍ଚଳ ବିଦ୍ୟୁତ୍ ଯୋଗାଣ କେନ୍ଦ୍ର।

## ନିଯୁକ୍ତିକୁ ଅସିଦ୍ଧ ଘୋଷଣା କଲେ ହାଇକୋର୍ଟ

**ଓଏସ୍ଏପି ଷଷ୍ଠ ବାଟାଲିୟନ ହାଇସ୍କୁଲରେ ସ୍ପେଶାଲ ଅଫିସର ନିଯୁକ୍ତି ମାମଲା**

କଟକ,୧୬।୯(କାର୍ତ୍ତିକ ସାହୁ)

କଟକ ଓଏମ୍‌ପିସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିୟନ ହାଇସ୍କୁଲରେ ସ୍ପେଶାଲ୍ ଅଫିସର୍ ନିଯୁକ୍ତିକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। ସେଠାରେ ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକ୍ଷମ ଥିବାବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକଙ୍କ ଦ୍ୱାରା ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ପେଶାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ନିଯୁକ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମାମଲାର ବିଚାର କରି ଏପରି ନିଯୁକ୍ତିକୁ ଅସିଦ୍ଧ ଘୋଷଣା କରିଛନ୍ତି। ୧୯୬୯ ମସିହା ଓଡ଼ିଶା ଶିକ୍ଷା ଆଇନର ଧାରା ୭-ଏ(୩) ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟି ନ ଥିବା ଶିକ୍ଷାନୁଷ୍ଠାନରେ ସ୍ପେଶାଲ ଅଫିସର ନିଯୁକ୍ତି ଲାଗି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କର କ୍ଷମତା ରହିଛି। ସେହିପରି ଜିଲା ଶିକ୍ଷା ଅଧିକାରୀ ଉକ୍ତ କ୍ଷମତା ବଳରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦେଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ମାତ୍ର ଏହି ବିଦ୍ୟାଳୟ କ୍ଷେତ୍ରରେ ଉପନିର୍ଦ୍ଦେଶକଙ୍କର କ୍ଷମତା ନ ଥିବାବେଳେ ବେଆଇନ ଭାବେ ଉକ୍ତ ନିଯୁକ୍ତ କରାଯାଇଥିବାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଇନଗତ ଭାବେ ସିଦ୍ଧ ନୁହେଁ ବୋଲି ହାଇକୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି।

## କିଶନନଗର ତହସିଲ ଅଞ୍ଚଳରେ ଗୋଚର ଜମିରେ ସ୍ଥାୟୀ ନିର୍ମାଣ

**ଜିଲା ପ୍ରଶାସନକୁ କୈଫିୟତ ମାଗିଲା ବୋର୍ଡ ଅଫ ରେଭିନ୍ୟୁ**

କଟକ ସଦର,୧୬।୯(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅଞ୍ଚଳରେ ଗୋଚର ଜମିରେ ଛତୁ ଫୁଟିଲା ଭଳି ସ୍ଥାୟୀ ନିର୍ମାଣ କରାଯାଇଛି। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରତିକୂଳ ମନ୍ତବ୍ୟ ଦେବା ପରେ ରାଜସ୍ୱ ବିଭାଗର ଚେତା ପଶିଛି। ନ୍ୟାୟାଳୟଙ୍କ ରାୟ ପରିପ୍ରେକ୍ଷୀରେ ବୋର୍ଡ ଅଫ୍ ରେଭିନ୍ୟୁ ପକ୍ଷରୁ କଟକ ଜିଲାପାଳଙ୍କୁ କୈଫିୟତ ମଗାଯାଇଛି। କେଉଁ ପରିସ୍ଥିତିରେ ରାଜସ୍ୱ ବିଭାଗର ବିନା ଅନୁମତିରେ ମନଇଚ୍ଛା କଟକ ସଦର ବ୍ଲକ ପ୍ରଶାସନ ସ୍ଥାୟୀ ନିର୍ମାଣ କାର୍ଯ୍ୟ ହାତକୁ ନେଲେ, ତାର ଯଥାର୍ଥ ଉତ୍ତର ଦେବାକୁ ଉପ ସଚିବ ଡ. ହେମଲତା ବାହାଲିଆ ପତ୍ର ସଂଖ୍ୟା ୧୧୭୯/୭।୮।୨୦୨୪ରେ ନିର୍ଦ୍ଦେଶ ଦେଇଛନ୍ତି। ତା ୧୮।୬।୨୦୨୪ରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ବୋର୍ଡ ଅଫ୍ ରେଭିନ୍ୟୁ କର୍ତ୍ତୃପକ୍ଷ ଏହିଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଯୋବ୍ରା ବ୍ୟାରେଜ୍‌ରେ ସିରିଜ୍ ଦୁର୍ଘଟଣା

- ପିକ୍‌ଅପ୍- ଅଟୋକୁ ଧକ୍କା ଦେଲା ସ୍କର୍ପିଓ
- ୫ ଆହତ, ଏସ୍‌ସିବିରେ ଭର୍ତ୍ତି

କଟକ,୧୬।୯ (କାର୍ତ୍ତିକ ସାହୁ)



ଯୋବ୍ରା ବ୍ୟାରେଜ୍‌ରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ବେଳେ ସିରିଜ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ୍ ଏବଂ ଅଟୋରିକ୍ସାକୁ ବିପରୀତ ଦିଗରୁ ଆସୁଥିବା ଏକ ସ୍କର୍ପିଓ ସାମ୍ନାସାମ୍ନି ଧକ୍କା ଦେଇଛି। ଏଥିରେ ଆହତ ହୋଇଥିବା ୫ ଜଣଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୨ ଜଣ ମହିଳା ଓ ୩ ପୁରୁଷ ଅଛନ୍ତି। ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଏମାନଙ୍କ ବ୍ୟତୀତ ଆଉ ୨ଜଣ ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଆହତ ବ୍ୟକ୍ତିମାନେ ହେଲେ କଟକ କେଶରପୁରର ସାକିରା ଖାତୁନ୍(୪୮), ଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ବିକାଶ କୁମାର ଦାସ(୨୪) ଓ ଜୟନ୍ତୀ ମହାନ୍ତ(୨୭), କଟକ ନୂଆପଡ଼ାର ସୁଧୀର କୁମାର ବରାଳ ଏବଂ ଜୟପ୍ରକାଶ ସାମଲ। ଏହାବାଦ୍ ଅଟୋ ଡ୍ରାଇଭର ସେକ୍ ସାଜିଦ ଓ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ସୁସ୍ଥ ଅଛନ୍ତି। ସ୍କର୍ପିଓ ଡ୍ରାଇଭରଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ।

ସୂଚନା ଅନୁସାରେ, ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ(ଓଡି-୨୪ସି-୫୩୯୯)ଟି ଯୋବ୍ରା ପାର୍ଶ୍ୱରୁ ଜଗତପୁର ଆଡ଼କୁ ଯାଉଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଅପର ପାର୍ଶ୍ୱରୁ ଅର୍ଥାତ୍ ଜଗତପୁର ଆଡୁ ଯୋବ୍ରା ପାର୍ଶ୍ୱକୁ ଅଟୋରିକ୍ସା (ଓଡି-୦୫ବି-୬୫୧୨) ଏବଂ ପିକ୍ ଅପ୍ ଭ୍ୟାନ୍ (ଓଡି-୦୫-ବିସି-୬୫୮୬) ଯାତ୍ରୀ ନେଇ ଆସୁଥିଲେ। ସ୍କର୍ପିଓ ଡ୍ରାଇଭର ଭାରସାମ୍ୟ ରକ୍ଷା କରି ନ ପାରି ଉଭୟ ଗାଡ଼ିକୁ ଗୋଟିକ ପରେ ଗୋଟିଏ ଭାବେ ସାମ୍ନାରୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣା ପରେ ଯୋବ୍ରା ଆନିକଟ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଜଗତପୁର ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏଥିସହ ଟ୍ରାଫିକ ଜାମ୍ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ତିନୋଟିକୁ ପୋଲିସ ଜବତ କରି ଥାନାକୁ ଆଣିଥିବା ଜଣାଯାଇଛି।

## ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା, ନମାଜ ପାଠ

କଟକ,୧୬।୯(ଶିଳ୍ପା ପ୍ରିୟଦର୍ଶିନୀ)




ମହାପୁରୁଷ ହଜରତ୍ ମହମ୍ମଦଙ୍କ ପବିତ୍ର ଜନ୍ମଦିବସ ସୋମବାର କଟକରେ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ କଟକ ସହରର ବିଭିନ୍ନ ମସ୍‌ଜିଦ କମିଟି, ମହଲ୍ଲା କମିଟି ପକ୍ଷରୁ ଜୁଲୁସ-ଏ-ମହମ୍ମଦି ଶୋଭାଯାତ୍ରାରେ ବାହାରି ନିଜ ସାହି ପରିକ୍ରମା କରିବା ପରେ ମାତାମଠ ଛକଠାରେ ଏକାଠି ହୋଇଥିଲେ। ସେଠାରୁ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ବକ୍ସିବଜାର, ସୁତାହାଟ ଦେଇ କଦମ୍-ଇ-ରସୁଲଠାରେ ପହଞ୍ଚିଥିଲେ। ସେଠାରେ ସାମୂହିକ ନମାଜ ପାଠ କରାଯାଇଥିଲା। ଏହି ଅବସରରେ ବକ୍ସିବଜାର ମସ୍ତାନ ଦରଘାଠାରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏନେଇ ସୋଫିଆ କହିଛନ୍ତି, ପ୍ରତିବର୍ଷ ଭଳି ଚଳିତବର୍ଷର ଏହି ଜୁଲୁସ ଶୋଭାଯାତ୍ରାରେ କଟକ ସହରର ସାହିବସ୍ତି ସମେତ ଉପାନ୍ତ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ମୁରବି ଓ ଯୁବ ବନ୍ଧୁମାନେ ଭାଇଚାରା, ଶାନ୍ତି ଓ ସମ୍ପ୍ରୀତିର ବାର୍ତ୍ତା ଦେଇ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜାରାଣୀ ରାଉତ, ସୁବାଶିଷ ପଟ୍ଟନାୟକ, ଜେ. କାମେଶ ରାଓ, ସ୍ମୃତିରଞ୍ଜନ ରାଉତ, ସନ୍ତୋଷ ପାତ୍ର, ଶରତ ଚନ୍ଦ୍ର ଶେଠୀ, ସନ୍ତୋଷ ପାତ୍ର, ସୁରଜିତ ସାହୁ, ମହମ୍ମଦ ଜାକିର, ଫୟାଜ ରିଜୱୀ, ଶାଦବ ଖାନ, ଈଶରତ ଜାହାନ, ଅବଦୁଲ ମୋକିଦ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଅନ୍ୟପଟେ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱ ତଥା ବିଜେଡି ସଂଖ୍ୟାଲଘୁ ସେଲ୍ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁଲୁସ-ଏ-ମହମ୍ମଦି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ମସ୍‌ଜିଦ୍ କମିଟି ମହଲ୍ଲା କମିଟିର କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଓ ମିଷ୍ଟାନ୍ନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁ, ସିଏମ୍‌ସି ମେୟର ସୁବାସ ସିଂ, ସାମାଜିକ କର୍ମୀ ଡ. ରଞ୍ଜନ ବିଶ୍ୱାଳ, ବିଜେଡି ସଂଖ୍ୟାଲଘୁ ସେଲ୍‌ର କଟକ ଜିଲା ସଭାପତି ତଥା ଓଡ଼ିଶା ବୋର୍ଡ ଅଫ୍ ୱକଫ୍‌ର ପୂର୍ବତନ ଅଧ୍ୟକ୍ଷ ସୈୟଦ୍ ଏକ୍ରାମ ହୁସେନ, ବିଜେଡି ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ସିଂ, କର୍ପୋରେଟର କେ.ଜେଡ୍ ଆଫରିନ୍, କୋରେଶା ନୁର୍, ଏ. ଶ୍ରୀଦେବୀ, ବନଲତା ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ସୀତାରାମ ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାରିକୁଦଗଡ଼ରେ ଖୁଦୁରୁକୁଣୀ ଓଷା ସମ୍ପନ୍ନ

କୃଷ୍ଣପ୍ରସାଦ, ୧୬।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦଗଡ଼ରେ ଖୁଦୁରୁକୁଣୀ ଓଷା ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା। କୃଷ୍ଣପ୍ରସାଦ ପଞ୍ଚାୟତର ପ୍ରତାପନଗର ସ୍ଥିତ ଦଳେଇ ବାସଭବନରେ ପୂଜା ମଣ୍ଡପକୁ ରଙ୍ଗବେରଙ୍ଗର ଶାଢ଼ୀ ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଗ୍ରାମର ପୁଅଝିଅମାନେ ସାଧବ ପୁଅ ବୋହୂ ଭୂମିକାରେ ଅଭିନୟ କରି ପରିକ୍ରମା କରିବା ସହ ବୋଇତ ବନ୍ଦାପନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ପ୍ରକାଶ କୁମାର ଦଳେଇଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଯୁବ ଚିକିତ୍ସକ ଦେବାର୍ଚ୍ଚନ ବିଶ୍ୱାଳ, ବ୍ୟବସାୟୀ ସୁନୀଲ ନାୟକ, ପାରିକୁଦ ରାଜାଙ୍କ ପୁରୋହିତ ଗେଲୁ ଦାଶ, ସନ୍ୟାସୀ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜ କିଶୋର ବେହେରା, ଭ୍ରମରବର ପଲେଇ, ପ୍ରଶାନ୍ତ ଦଳେଇ, କାଳିଆ ଦଳେଇ, ପ୍ରମୋଦ ଦଳେଇଙ୍କ ସମେତ ପ୍ରତାପ ନଗରର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାମନ ଦ୍ୱାଦଶୀ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୧୬।୯ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ବିହାରସ୍ଥିତ ଗୌର ଜଗନ୍ନାଥ ମନ୍ଦିର ପରିସରରେ ଭଗବାନ ବାମନ ଦେବଙ୍କ ଜନ୍ମ ଦିବସ ଏବଂ ବାମନ ଦ୍ୱାଦଶୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାମନ ଦେବଙ୍କ ଜନ୍ମୋତ୍ସବ ବୈଦିକ ରୀତି ଅନୁଯାୟୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭକ୍ତି ପ୍ରଚାରକ ଯତି ମହାରାଜ, ସାଗର ମହାରାଜ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ବାମନ ଦ୍ୱାଦଶୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

କୃଷ୍ଣପ୍ରସାଦ, ୧୬।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଶନ ଶକ୍ତି, ମହିଳା ଶିଶୁ ବିକାଶ ଓ ପଞ୍ଚାୟତିରାଜ ବିଭାଗ ମିଳିତ ସହଯୋଗରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସଚେତନତା ଏବଂ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡା, ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ, ସାମାଜିକ କର୍ମୀ ବିଜୟ କୁମାର ତରେଇ, ବ୍ଲକ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, ପ୍ରଭାତ କୁମାର ଜେନା, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ବିପିଏମ ଉମାକାନ୍ତ ମିଶ୍ର, ଶିବ ନାରାୟଣ ଭୋଇ, ବବିତା ଜେନା, ସୁପରଭାଇଜର ଦୀପ୍ତି ରାଣୀ ଦଣ୍ଡପାଟ, ଲିନା ମହାପାତ୍ର ପ୍ରମୁଖ ଯୋଗଦେଇ ପରାମର୍ଶ ଦେବା ସହ ଦସ୍ତଖତ ଅଭିଯାନ କରିଥିଲେ। ପଞ୍ଚାୟତ ସ୍ତରୀୟ ମହିଳା ସଙ୍ଗଠନର କର୍ମକର୍ତ୍ତା, ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

# ଧୈର୍ଯ୍ୟ, ନିଷ୍ଠା, ଏକାଗ୍ରତା ସଫଳତା ଆଣେ

**ଜିଲାସ୍ତରୀୟ ଆଲୋକସେନା ସମ୍ମିଳନୀ**

ଖୋର୍ଦ୍ଧା, ୧୬।୯ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାସ୍ତରୀୟ ଆଲୋକସେନା ସମ୍ମିଳନୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗାନ୍ଧୀ ପଡ଼ିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍ଗଠକ ସୂର୍ଯ୍ୟକାନ୍ତ ମହାରଣା ସଭାପତିତ୍ୱ କରିଥିଲେ। ୨୫ଟି ଶିକ୍ଷାକେନ୍ଦ୍ରର ୧୮୦ଜଣ ଛାତ୍ରୀଛାତ୍ର, ୭୦ ଶିକ୍ଷୟିତ୍ରୀ ଶିକ୍ଷକ, ବ୍ଲକ ଆବାହକମାନେ ଯୋଗଦେଇଥିଲେ। ଶ୍ରୀଅରବିନ୍ଦଙ୍କ ୧୦ଟି କର୍ମଧାରରୁ ଆଲୋକସେନା ଅନ୍ୟତମ। ଏହି ଉପଲକ୍ଷେ ପିଲାମାନଙ୍କ ପାଇଁ ଆଲୋଚନାର ବିଷୟବସ୍ତୁ ଥିଲା 'ପଥ ଦୁର୍ଗମ କିନ୍ତୁ ଅସମ୍ଭବ ନୁହେଁ'। ଏଥିରେ ମୁଖ୍ୟ ଅତିଥିଭାବେ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ଉକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ପରିସ୍ଥିତି କେତେ ଜଟିଳ ହେଲେ ମଧ୍ୟ ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତା ସଫଳତା ଆଣିଥାଏ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ଶୃଙ୍ଖଳା, ଜ୍ଞାନ ପରିସର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକସେନାର ସଂଯୋଜକ ଅଶୋକ କୁମାର ଘଡ଼େଇ ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମାର୍ଚ୍ଚ ଫାଷ୍ଟ, ଦଳଗତ ଆଲୋଚନା, ସଙ୍ଗଠିତ ଶିକ୍ଷା ଆଦି କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ଜେନା, ଶାଶ୍ୱତୀ ରାଉତରାୟ, ମନୋଜ କୁମାର ମହାପାତ୍ର, ଶଶିକାନ୍ତ ମହାରଣା, ସଞ୍ଜୟ କେତନ ନାୟକ, ପ୍ରିୟ ରଞ୍ଜନ ମହାପାତ୍ର, ପ୍ରୀତିମୟୀ ମହାପାତ୍ର, ଜ୍ଞାନ ରଞ୍ଜନ ଶତପଥୀ, ଗୋବିନ୍ଦ ସାହୁ, ଭାଗବତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁରେନ୍ଦ୍ର ନାଥ ଜେନା ଧନ୍ୟବାଦ ଦେଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ବଢୁଛି ଅସନ୍ତୋଷ

ବେଗୁନିଆ, ୧୬।୯ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନ ବେଗୁନିଆ ସେକ୍ସନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ସମୟରେ ଉପଭୋକ୍ତାଙ୍କୁ ଅବଗତ କରା ନ ଯାଇ ବିଦ୍ୟୁତ୍ କାଟ୍ କରାଯାଉଛି। ଏପରିକି ବର୍ଷା ହେବା ପୂର୍ବରୁ ଏବଂ ପରେ ବିଦ୍ୟୁତ୍ କାଟ ହେଉଛି। ବିଦ୍ୟୁତ୍ ତାର ଉପରେ ଗଛ ଡାଳ ପଡ଼ିବା, ଶର୍ଟ ଭାଙ୍ଗିବା ଆଦି ବିଭିନ୍ନ ଆଳ ବିଦ୍ୟୁତ୍ କର୍ମଚାରୀମାନେ କହୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ବିଭିନ୍ନ ସ୍ଥାନରେ କାମ ଚାଲିଛି ବୋଲି କହି ବିଦ୍ୟୁତ୍ କାଟ୍ କରାଯାଉଛି। ଏହି ଉପଖଣ୍ଡ ଅଧୀନରେ ଥିବା ଅନ୍ୟ ୩ଟି ସେକ୍ସନ ବାଘମାରୀ, ସୁନାଖଳା ଏବଂ କଳାପଥରରେ ମଧ୍ୟ ବିଦ୍ୟୁତ୍ କାଟ୍ କରାଯାଇଛି। ଫଳରେ ପିଲାମାନେ ରାତିରେ ପାଠ ପଢ଼ିବାକୁ ହଇରାଣ ହେଉଛନ୍ତି। ଜଳଯୋଗାଣ ବ୍ୟାହତ ହେବା ସହ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗୀୟ ମନ୍ତ୍ରୀ ଏବଂ ସଚିବ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସିମୋର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାପାତ୍ର, ଶିଶିର କୁମାର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ପଣ୍ଡା, ଆଲୋକ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମିଶ୍ର, ବାସୁଦେବ ବେହେରା, ସୁରେନ୍ଦ୍ର ସେଠୀ, ହରିବନ୍ଧୁ ମହାରଣା, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜଙ୍କ ସମେତ ଉପଭୋକ୍ତାମାନେ ଦାବି କରିଛନ୍ତି।



ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର 'ସୁଭଦ୍ରା' ସଚେତନତା ରଥକୁ ସ୍ୱାଗତ କରାଯାଉଛି।

## ସୁଭଦ୍ରା ସଚେତନତା ରଥକୁ ସ୍ୱାଗତ

ନିରାକାରପୁର, ୧୬।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର 'ସୁଭଦ୍ରା' ସଚେତନତା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମିଶନଶକ୍ତି, ମହିଳା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ମହିଳା ମହାସଂଘର କର୍ମୀମାନେ ଉପସ୍ଥିତ ରହି ଝୋଟି ପକାଇ ହୁଳହୁଳିରେ ସ୍ୱାଗତ କରିଥିଲେ। ରଥ ଆଗରେ ନଡ଼ିଆ ବାଡ଼େଇବା ପରେ ଏହି ରଥ ସେଠାରୁ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲା।

# ମହମ୍ମଦଙ୍କ ଉଦାରତା ଯୁଗେ ଯୁଗେ ସ୍ମରଣୀୟ

ବେଗୁନିଆ, ୧୬।୯
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୁଶପଲ୍ଲା ଗଡ଼ରେ ସୋମବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହିନ୍ଦୁ କି ମୁସଲିମ ନୁହେଁ ସଭିଏ ଆମେ ସମାନ ବୋଲି ଭାଇଚାରାର ଭାବଧାରା ନେଇ ପାଳନ କରିଛନ୍ତି ଉଭୟ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ। ଏଠାରେ ବସବାସ କରୁଥିବା ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ହିନ୍ଦୁ ଓ ମୁସଲମାନ ପରିବାର କାହିଁ କେଉଁକାଳରୁ ଏକତା ବଜାୟ ରଖିଆସିଛନ୍ତି। ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଜନସାଧାରଣ ଓ ଗ୍ରାମବାସୀ ଏକାଠି ହୋଇ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଗ୍ରାମ୍ୟ କମିଟି ପକ୍ଷରୁ ସ୍ଥାନୀୟ 'ନୁରାନି' କ୍ଲବ ସଭାଗୃହ ପରିସରରେ ସଭାପତି ମୌଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ପ୍ରାରମ୍ଭରେ ମୌଲାନା ମୁଜିବୁର ରହେମାନ କୋରାନ ପାଠ କରିଥିବା ବେଳେ ପଣ୍ଡିତ ପ୍ରଦୀପ କିଶୋର ତ୍ରିପାଠୀ ରାମଧୁନ ଗାନ କରିଥିଲେ। ପରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଏହି ମହାନ ଦିବସକୁ 'ସତସଙ୍ଗ'ର ଆଖ୍ୟା ଦେଇଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ପୂର୍ବତନ ସେନା କର୍ମଚାରୀ ବସନ୍ତ ହୋତା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ମହାପୁରୁଷ ମହମ୍ମଦଙ୍କ ଅନନ୍ୟ ବାଣୀ, ମାନବୀୟ ଚେତନା, ଏକତା ନୀତି, ଆଦର୍ଶ ଏବଂ ତାଙ୍କ ଉଦାରତା ଯୁଗେ ଯୁଗେ ସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଲଡ୍ଡୁ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କାଜୁ ଉଦ୍ୟାନ ଜଗୁଆଳିଙ୍କୁ ମିଳିନି ୬ ମାସର ଦରମା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଖୋର୍ଦ୍ଧା, ୧୬।୯ (ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କାଜୁ ଉନ୍ନୟନ କର୍ମଚାରୀ ସଂଘର କର୍ମକର୍ତ୍ତା।

ଓଡ଼ିଶା କାଜୁ ଉନ୍ନୟନ ନିଗମ ଅଧୀନ ଖୋର୍ଦ୍ଧା ଡିଭିଜନରେ ଥିବା ୮୨ଟି କାଜୁ ଜଙ୍ଗଲ ଉଦ୍ୟାନ ରକ୍ଷଣାବେକ୍ଷଣ ଜଗୁଆଳିଙ୍କ ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ଡିଭିଜନ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ଦୀର୍ଘ ୬ମାସ ହେବ ଦରମା ପାଇନାହାନ୍ତି। ଏନେଇ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ଖୋର୍ଦ୍ଧା କାଜୁ ଡିଭିଜନର ଅଧିକାରୀ, ରାଜ୍ୟ ଉନ୍ନୟନ ନିଗମ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲାପାଳ, ଶ୍ରମ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ୟ ଦରମା ଏବଂ ସମସ୍ୟା ସମାଧାନ ଦାବିରେ ପୁନର୍ବାର ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଜିଲାପାଳ, କାଜୁ ଡିଭିଜନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ସମସ୍ତ ଜଗୁଆଳିଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରତି ମାସର ୫ରୁ ୭ ତାରିଖ ମଧ୍ୟରେ ଦରମା, ଜଗୁଆଳିଙ୍କ ଇପିଏଫ୍ ସୁବିଧା, ୧ବର୍ଷରୁ ୫ବର୍ଷ ମଧ୍ୟରେ ଯେଉଁ ଜଗୁଆଳି କାଜୁ ଉଦ୍ୟାନରେ କାର୍ଯ୍ୟରତ ସେମାନଙ୍କୁ ଗ୍ରାଚ୍ୟୁଇଟି ଦିଆଯାଉ। କାଜୁ ଉଦ୍ୟାନରେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କଲେ ସେହି ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ, ଯେଉଁ କାଜୁ ଉଦ୍ୟାନକୁ କୌଣସି ବାହ୍ୟ କମ୍ପାନୀ ଦିଆଯାଉଛି ସେହି ଉଦ୍ୟାନରେ କାର୍ଯ୍ୟରତ ଜଗୁଆଳିଙ୍କୁ ଛଟେଇ କରା ନ ଯାଇ ଅନ୍ୟତ୍ର ନିଯୁକ୍ତି ଦିଆଯାଉ। ବୋନସ ଦିଆଯିବା ସହିତ ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ଦୈନିକ ମଜୁରି ୪୫୦ଟଙ୍କା ପ୍ରଦାନ କରିବା ପାଇଁ ଦାବି ରହିଛି। ସମସ୍ୟାର ସମାଧାନ ଦିଗରେ ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ୧୫ଦିନ ପରେ ରାଜ୍ୟ କାଜୁ ଉନ୍ନୟନ ନିଗମ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସମ୍ପାଦକ ସତେଶ୍ୱର ମାର୍ଥା, ସନାତନ ମହାଭୋଇ, ଦୁଃଶାସନ ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମହମ୍ମଦଙ୍କ ଜୟନ୍ତୀ ପାଳିତ

ନିରାକାରପୁର, ୧୬।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତର ଖଜୁରିପଡ଼ା, ଛଣଗିରି, ଗୟାବନ୍ଧ, ମେହେରାବପୁର ଆଦି ଅଞ୍ଚଳରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ସମସ୍ତ ମୁସଲମାନ ସମ୍ପ୍ରଦାୟର ଭାଇ ଓ ଭଉଣୀମାନେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନକରି ମସଜିଦରେ ଏକତ୍ରିତ ହୋଇଥିଲେ। ପୁରୁଷମାନେ ମସଜିଦରେ ନମାଜ ପାଠ କରିଥିବା ବେଳେ ମହିଳାମାନେ ଘରେ ରହି ନମାଜ ପାଠ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପୁଣି ମସଜିଦ ଠାରେ ଏକତ୍ରିତ ହୋଇ ସାମୂହିକ ନମାଜ ପାଠ କରିଥିଲେ। ପରେ ଜଲ୍‌ସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗରିବଶ୍ରେଣୀର ଲୋକଙ୍କୁ ବସ୍ତ୍ର, ମିଠା ଆଦି ବଣ୍ଟନ କରାଯାଇଥିଲା। ମସଜିଦକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମୌଲାନା ଫିରୋଜ ଓ ମୌଲାନାକାରୀ ମୁସ୍ତକ ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ହାଜି କମାଲଉଦ୍ଦିନ ସାହା, ଆନସାରୀ ସାହା, ଅବଦୁଲ କଲାମ ସାହା, ସାଜୁଦ୍ଦିନ ଖାଁ, ମୁକ୍ତାର ସାହା, ଜାଫର ଅଲ୍ଲୀ ସାହା ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱର ମଙ୍ଗଳ ପାଇଁ ସାମୂହିକ ପ୍ରାର୍ଥନା



ରାଉତପଡ଼ା ଗ୍ରାମ ସ୍ଥିତ ମସଜିଦ ପରିସରରେ ଏକାଠି ହୋଇଥିବା ମୁସଲମାନ ଭାଇମାନେ।

ବେଗୁନିଆ, ୧୬।୯ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି ପବିତ୍ର ଇଦ୍ ମିଲାଦୁନ ନବୀଙ୍କ ପର୍ବ। ସୁନ୍ନି ମୁସଲିମ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ଧୁମ୍‌ଧାମରେ ପାଳନ କରିଛନ୍ତି। ରାଉତପଡା, ପଙ୍ଗାରସିଂହ, ଶର୍ଦ୍ଧାପୁର, ସିକୋ, କୁଶପଲ୍ଲା ଆଦି ଗ୍ରାମର ମୁସଲିମ ବସ୍ତିରେ ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ମସଜିଦକୁ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ରାଉତପଡା ଗ୍ରାମରେ ଆଡମ୍ବରରେ ପାଳନ କରାଯାଇଛି। ସକାଳେ ସମସ୍ତେ ମସଜିଦ ସମ୍ମୁଖରେ ଏକତ୍ରିତ ହୋଇ ପରସ୍ପରକୁ ପର୍ବର ଶୁଭେଚ୍ଛା ଜଣାଇଥିଲେ। ସୁନ୍ନି ସମ୍ପ୍ରଦାୟ ପକ୍ଷରୁ ଏକ ଶୋଭାଯାତ୍ରା (ଜୁଲୁସ) ଗ୍ରାମ ପରିକ୍ରମା କରିବା ପରେ ମସଜିଦ ପରିସରରେ ଭୋଗ (ଫାତିହା) ସେବନ କରିଥିଲେ। ପରେ ବାଇକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ବଜାର ପରିକ୍ରମା କରି କାଇପଦର ସ୍ଥିତ ପୀରବାବାଙ୍କ ପୀଠରେ ପହଞ୍ଚି ଚାଦର ଚଢ଼ାଇଥିଲେ। ସେଠାରେ ବିଶ୍ୱର ମଙ୍ଗଳ ପାଇଁ ସାମୂହିକ (ଦୁଆ) ପ୍ରାର୍ଥନା କରିଥିଲେ। ହାଜି ଶେଖ ଅବଦୁଲ ଜଲିଲ କହିଛନ୍ତି, ମହମ୍ମଦ ମୁସଲମାନଙ୍କ ପାଇଁ ଇସଲାମ ଧର୍ମ ଆଣି ବିଶ୍ୱର ମଙ୍ଗଳ ପାଇଁ ଚିନ୍ତା କରୁଥିଲେ।

# ମହିଳାଙ୍କୁ ସଶକ୍ତ କରିବ ସୁଭଦ୍ରା ଯୋଜନା

ବୋଲଗଡ଼, ୧୬।୯ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ ମଲ୍ଲିକ, ବ୍ଲକ ମିଶନଶକ୍ତି ସଂଯୋଜିକା ସୁରୁଚି ସୁପ୍ରୀତି ସାହୁ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଗାୟତ୍ରୀ ବେହେରା ପ୍ରମୁଖଙ୍କ ମିଳିତ ଆବାହତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୧୯ଟି ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ୟାଙ୍କ ମିତ୍ର, ଏମ୍‌ବିକେ ଏବଂ ଅନ୍ୟାନ୍ୟ ମହିଳା ସଦସ୍ୟାମାନେ ପଦଯାତ୍ରାରେ ବୋଲଗଡ଼ର ବିଭିନ୍ନ ବଜାର ଓ ସାହି ପରିକ୍ରମା କରିବା ପରେ ମିନି ଷ୍ଟାଡିୟମଠାରେ ଏକ ସଚେତନତା ସଭା ହୋଇଥିଲା। ଏହି ପଦଯାତ୍ରାକୁ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମହିଳାମାନେ ସୁଭଦ୍ରା ଯୋଜନା ସମ୍ପର୍କିତ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସଚେତନତା ସଭାର ଆବାହକ ବିଡିଓ ଶରତ ମଲ୍ଲିକ କହିଥିଲେ, ସୁଭଦ୍ରା ଯୋଜନା ଆବେଦନ କରିବା ପାଇଁ ମାଗଣାରେ ଫର୍ମ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ମିଶନଶକ୍ତି ଭବନ, ପଞ୍ଚାୟତ ସମିତି ଓ ପଞ୍ଚାୟତ କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ଜନସେବା କେନ୍ଦ୍ରଗୁଡିକରେ ଉପଲବ୍ଧ ରହିଛି। ମିଶନ ଶକ୍ତି ସଂଯୋଜିକା ସାହୁ କହିଥିଲେ, ସୁଭଦ୍ରା ଯୋଜନା ଆବେଦନ ପାଇଁ କୌଣସି ଜନସେବା କେନ୍ଦ୍ର ପରିଚାଳକ କିମ୍ବା ଅନ୍ୟ କେହି ଟଙ୍କା ମାଗିଲେ ତାଙ୍କ ବିରୋଧରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସୁଭଦ୍ରା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ଅନ୍ୟମାନେ।

# ରେଲ୍‌ୱେ ଅଣ୍ଡରପାସ୍ ରାସ୍ତା ମରଣଯନ୍ତା

ବୋଲଗଡ଼, ୧୬।୯ (ଦେବବ୍ରତ ହୋତା)

ଜନସାଧାରଣଙ୍କ ସୁଗମ ଯାତାୟାତ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଏବଂ ଠିକାଦାରଙ୍କ ମୁନାଫାଖୋର ମନୋବୃତ୍ତି ଯୋଗୁ ନିମ୍ନମାନ କାର୍ଯ୍ୟ କରାଯାଉଛି। ଫଳରେ ଉକ୍ତ ରାସ୍ତା ମରଣଯନ୍ତା ହେବା ସହ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ବରହମପୁରା ଛକ ଠାରୁ ଭାୟା ସଂପୁର ଦେଇ ବ୍ଲକ ସୀମାନ୍ତ ଫିରିଫିରା ପର୍ଯ୍ୟନ୍ତ ପ୍ରାୟ ୫.୬ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଟି ୨କୋଟି ୬ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଥିବା ବେଳେ ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଏହାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ଅଛନ୍ତି। ଏହି ରାସ୍ତାଟି ଡିସେମ୍ବର ୨୦୨୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୦୨୨ ରେ ସମ୍ପୂର୍ଣ୍ଣ ହେବା ସହ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସେପ୍ଟେମ୍ବର ୨୦୨୭ ପର୍ଯ୍ୟନ୍ତ ୧୪ଲକ୍ଷ ୪୨ ହଜାର ଟଙ୍କା ବ୍ୟୟରେ ସମ୍ପୃକ୍ତ ଠିକାଦାରଙ୍କ ଉପରେ ନ୍ୟସ୍ତ ଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ଏହି ରାସ୍ତା ଆରମ୍ଭସ୍ଥଳରୁ ପ୍ରାୟ ୫୦୦ ମିଟର ଦୂରରେ ଅବସ୍ଥିତ ରେଲୱେ ଅଣ୍ଡରପାସ୍ ରାସ୍ତା ଦୀର୍ଘ ୨ମାସ ହେବ ମରଣଯନ୍ତା ପାଲଟିଛି। ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ହେବା ସହ ପାଣି ଜମିରହିବା ଦ୍ୱାରା ଭାରିଯାନ ଯାତାୟାତ ଠପ୍ ହୋଇପଡିବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତାଟି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରୁ ନୟାଗଡ଼ ଜିଲା ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳକୁ ଏକ ମୁଖ୍ୟ ସଂଯୋଗ ରାସ୍ତା ହୋଇଥିବା ବେଳେ ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ଥାନା, ମେଡିକାଲ, କଲେଜ, ତହସିଲ, ସବରେଜିଷ୍ଟ୍ରାର, ବ୍ଲକ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଖଙ୍ଗୁରୁଆ, ଦଳେଇସାହି ଓ କଳାଙ୍ଗର ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାନ୍ତି। ଅନ୍ୟପଟେ ଜରୁରିକାଳୀନ ସେବା ପାଇଁ ୧୦୮ ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ, ଅଗ୍ନି ନିର୍ବାପକ ଗାଡ଼ିଗୁଡ଼ିକ ସହ ଛାତ୍ରୀଛାତ୍ରମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏହି ଅଣ୍ଡରପାସ୍ ତଳ ଖାଲଖମା ପୂର୍ଣ୍ଣ ରାସ୍ତାରେ ବର୍ଷା ସମୟରେ ୨ ଫୁଟ ଉଚ୍ଚରେ ପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ଖୋର୍ଦ୍ଧା ଜିଲାପାଳ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଏହାର ମରାମତି ପାଇଁ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି।



# ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା


ଡେଲାଙ୍ଗ


ପୁରୀ: ବିଶ୍ୱକର୍ମା ଟାକ୍ସି ଡ୍ରାଇଭର ସଂଘ ।


ନୀଳାଚଳ ଅଟୋ ଡ୍ରାଇଭର ଆସୋସିଏଶନ ।


ଚାରିଛକ


କୋଣାର୍କ


ଅସ୍ତରଙ୍ଗ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୯।୨୦୨୪

| | |
|---|---|
| ୪,୯୪,୫୩୯ ଟଙ୍କା | |
| ସୁନା | ୦.୨୦୦ ଗ୍ରାମ୍ |
| ରୁପା | ୨୩.୮୦୦ ଗ୍ରାମ୍ |

## ସରିଲା ଗଣେଶ ଭସାଣି

**କଣାସ,୧୬।୯(ବିଭୂତି ଭୂଷଣ ତ୍ରିପାଠୀ)**

ଗୋଲାବଜାର ଓ କୁଞ୍ଜେଶ୍ୱରୀ ବଜାର ଗଣେଶଙ୍କ ଭସାଣି ଯାତ୍ରା ସୋମବାର ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଯାଇଛି। ପୋଲିସର ନିର୍ଦ୍ଦେଶକ୍ରମେ ବିନା ଡିଜେ ଓ ଆତସବାଜି ନ ଫୁଟାଇ ଘଣ୍ଟ ଓ ବାଦ୍ୟଧ୍ୱନିରେ କଣାସ ଗୋଲାବଜାର ଆଖଣ୍ଡଳମଣି ବଜାର କମିଟି ଗଣେଶ ମେଢ଼କୁ ଗୋଲାବଜାରଠାରୁ ବାହାର କରି କଣାସ ବସ୍‌ଷ୍ଟାଣ୍ଡ, କଣାସ କୁଞ୍ଜେଶ୍ୱରୀ ବଜାର, ବାଜିଘାଇଛକ ବୁଲାଇ ପୁନଶ୍ଚ ଦୟାନଦୀରେ ଗଣେଶଙ୍କୁ ବିସର୍ଜନ କରିଥିବା ବେଳେ କଣାସ କୁଞ୍ଜେଶ୍ୱରୀ ବଜାର ଗଣେଶ ମେଢ଼କୁ କଣାସ ବଜାରଠାରୁ ବାହାରକରି କଣାସ ଗ୍ରାମ ପରିକ୍ରମା କରିବାପରେ ଶେଷମୁଣ୍ଡରେ ଥିବା ପୋଖରୀରେ ବିସର୍ଜନ କରାଯାଇଥିଲା। କଣାସ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା।

# ଦେବଶିଳ୍ପୀଙ୍କ ପୂଜା ପାଇଁ ସବୁଠି ଉତ୍ସବମୁଖର

**ଚାରିଛକ/ଅସ୍ତରଙ୍ଗ/କୋଣାର୍କ/ଡେଲାଙ୍ଗ, ୧୬।୯(ଶିଶିର ସ୍ୱାଇଁ/ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ/ଜ୍ୟୋତିରାଜ ମହାନ୍ତି/ ରଶ୍ମିରଞ୍ଜନ ପ୍ରଧାନ)**

ପୁରୀ ଜିଲା ଚାରିଛକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ସୋମବାର ଧୁମ୍‌ଧାମରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଚାରିଛକ ବାସୁଦେବ ଅଟୋ ଆସୋସିଏଶନର ସଭାପତି ନାରାୟଣ ନାୟକଙ୍କ ନେତୃତ୍ୱରେ ହୋଇଥିବା ବେଳେ ମା' ବେଲେଶ୍ୱରୀ ଡାଲା ଅଟୋ ଆସୋସିଏଶନର ସଭାପତି ତୋଫାନ ରାଉତଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଯାଇଛି। ବାସୁଦେବ ଅଟୋ ଆସୋସିଏଶନର ପୂଜାରେ କର୍ତ୍ତା ଭାବେ କାଳନ୍ଦୀ ଜେନା ବସିଥିବା ବେଳେ ସମ୍ପାଦକ ବାବୁଲି ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସେହିପରି ମା' ବେଲେଶ୍ୱରୀ ଡାଲା ଅଟୋ ଆସୋସିଏଶନର ପୂଜାରେ କର୍ତ୍ତା ଭାବେ ପ୍ରଦୀପ ଆଇଚି ବସିଥିବା ବେଳେ ଉପସଭାପତି ବିଶ୍ୱଜିତ ଭୋଇ, ସମ୍ପାଦକ ପ୍ରକାଶ ରଣାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ମା' ମଙ୍ଗଳା ଅଟୋ ମାଲିକ ସଂଘ, ବସ୍ ଆସୋସିଏଶନ, ଶିଳ୍ପ କେନ୍ଦ୍ର, ମା' ମଙ୍ଗଳା କାର୍ ଆସୋସିଏଶନ, ମେଡିକାଲ ଛକ, ବ୍ଲକ ଛକ, କଲେଜ ଛକ, ଚନ୍ଦନ ବଜାରସ୍ଥ ମା' ମଙ୍ଗଳା ଅଟୋ ଗ୍ୟାରେଜ, ଶ୍ରୀଗଣେଶ ଶିକ୍ଷା କେନ୍ଦ୍ର, ଅସ୍ତରଙ୍ଗ ମୋଟର ସଂଘ, ପୁଷ୍ପା ଫର୍ଣ୍ଣିଚର ପ୍ରଭୃତି ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଭଜନ ସମାରୋହ, ପାଲା, ଦାସକାଠିଆ, ଘୋଡ଼ାନାଚ ଅନୁଷ୍ଠିତ ହୋଇଥିଲା। ଗୁକୁନା ଦାସ, ମୁନା ସାମଲଙ୍କ ପରିଚାଳନାରେ ପୂଜା କାର୍ଯ୍ୟ ସମାପନ ହୋଇଥିଲା। ଅସ୍ତରଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ପୂଜାରେ କାର୍ଯ୍ୟରତ ଲାଇନ ମ୍ୟାନ ରାକେଶ ରଞ୍ଜନ ସାହୁ ନିଜେ କର୍ତ୍ତା ହୋଇଥିବା ବେଳେ ସମସ୍ତ କର୍ମଚାରୀଙ୍କ ସହ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ତ୍ରିପାଠୀ, ଲାଇନମ୍ୟାନ ରାକେଶ ରଞ୍ଜନ ସାହୁ, ସଞ୍ଜୟ ମହାନ୍ତି, ସରୋଜ ସାହୁ, ଆରତବନ୍ଧୁ ମଲ୍ଲିକ, ଅଖିଳ ନାୟକ, ବିରଞ୍ଚି ନାରାୟଣ ପଣ୍ଡା, ଶୁଭେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଗୋପ ବ୍ଲକ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କୋଣାର୍କ ଥାନାଛକସ୍ଥିତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କୁଳ ଭାଇମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି ଗୋପ ବ୍ଲକର ସଭାପତି ମଙ୍ଗରାଜ ମହାରଣାଙ୍କ ସଭାପତିତ୍ୱରେ ବୈଠକରେ କୁଳ ଭାଇମାନଙ୍କ ସମସ୍ୟା, ଏକତ୍ରୀକରଣ ଓ ଭାଇଚାରା ସମ୍ପର୍କ ବୃଦ୍ଧି ପାଇଁ ମତପ୍ରକାଶ ପାଇଥିଲା। ସେହିପରି ମାଧିପୁର ମୌଜାରେ ଥିବା ସମିତି ନାମରେ ୧ ଏକରରୁ ଊର୍ଦ୍ଧ୍ୱ ଜାଗାକୁ ସରକାର ସମିତିକୁ ଫେରାଇଦେବାକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଦେବରାଜ ଓଝାଙ୍କ ସମେତ ବିଶ୍ୱକର୍ମା କୁଳର ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ଓଝା, ରମାକାନ୍ତ ମହାରଣା, ଅମରେଶ୍ୱର ଓଝା, ଭୃଙ୍ଗରାଜ ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ରଶ୍ମିରଞ୍ଜନ ମହାରଣା, ନକୁଳ ଓଝା, ସର୍ବେଶ୍ୱର ମହାରଣା, ବିଚିତ୍ର ଓଝା, ରାମଚନ୍ଦ୍ର ମହାରଣା, ନଟବର ମହାରଣା, ପ୍ରଶାନ୍ତ ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରକାଶ ଓଝା ପୂଜାରେ କର୍ତ୍ତାରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ।

ଡେଲାଙ୍ଗ ବ୍ଲକର ବିଭିନ୍ନ ଅନୁଷ୍ଠାନ ଓ ଶିଳ୍ପାନୁଷ୍ଠାନମାନଙ୍କରେ ସୋମବାର ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଏନ୍‌ବି କନଷ୍ଟ୍ରକ୍ସନ ପକ୍ଷରୁ କନଷ୍ଟ୍ରକ୍ସନ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ପୂଜକ ରମାକାନ୍ତ ମିଶ୍ର ଯଥାବିଧି ପୂଜାର୍ଚ୍ଚନା କରିଥିଲେ। କନଷ୍ଟ୍ରକ୍ସନର ପ୍ରତିଷ୍ଠାତା ପଦ୍ମନାଭ ବରାଳ, ପରମାନନ୍ଦ ବରାଳ, ପ୍ରଶାନ୍ତ କୁମାର ଦାଶ, ସ୍ୱାଗତ ବରାଳ, ପିତବାସ ବରାଳ, ସନ୍ତୋଷ କୁମାର ରାଉତ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। କଲ୍ୟାଣପୁର, ପ୍ରହରାଜପୁର, ଡେଲାଙ୍ଗ ହାଟବଜାର, ବେରବୋଇ, ଜେନାପୁର, ଘୋରଡ଼ିଆ, ସାଉରିଆ ପ୍ରମୁଖ ସ୍ଥାନରେ ମଧ୍ୟ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।

# ଶ୍ରୀକ୍ଷେତ୍ରରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

**ପୁରୀ,୧୬।୯(ଅଜିତ୍ କୁମାର ମହାନ୍ତି)**

କନ୍ୟା ସଂକ୍ରାନ୍ତି ଅବସରରେ ସୋମବାର ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା କରାଯାଇଛି। ବଗଲା ଧର୍ମଶାଳା ନିକଟ ବିଶ୍ୱକର୍ମା ଟ୍ୟାକ୍ସି କର୍ମଚାରୀ ସଂଘ ପକ୍ଷରୁ ସଭାପତି ଜଗନ୍ନାଥ ବହିଆ, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ଜେନା ଏବଂ ସାଧାରଣ ସମ୍ପାଦକ ରବିନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପୂଜା ଆୟୋଜନ ହୋଇଛି। ଏଠାରେ ୭ଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପୂଜା ଚାଲିବ। ୨୨ ତାରିଖରେ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଜିଲା ବିଶ୍ୱକର୍ମା ମହାସଭା ପକ୍ଷରୁ ବଳଗଣ୍ଡି ଛକଠାରେ ପୂଜା ଅନୁଷ୍ଠିତ ହୋଇଛି। ସିଦ୍ଧେଶ୍ୱର ମିସ୍ତ୍ରି ସଂଘର ତତ୍ତ୍ୱାବଧାନରେ ପିପିଲିଠାରେ କ୍ୟାପଟେନ ଷ୍ଟିଲ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ପୂଜାରେ କ୍ୟାପଟେନ ଷ୍ଟିଲର ମୁଖ୍ୟ ମାର୍କେଟିଂ ଅଫିସର ଅବିନାଶ ମିଶ୍ର, ରାଜ୍ୟ ପ୍ରମୁଖ ବବିତା ପୃଷ୍ଟି, ଇଂ. ମାରୁତ ବେହେରା, ପ୍ରଭାକର ବେହେରା, ଅମୃତେଶୁ ମେକାପ, ନିର୍ମାଲ୍ୟ ସାହୁ, ସେଲ୍ସ ଅଫିସର ସୁଶିଲ ପାଠୀ, ପ୍ରିୟବ୍ରତ ମହାନ୍ତି, ସେଲ୍ସ ମ୍ୟାନେଜର ସୌଭାଗ୍ୟ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା କାଠଶିଳ୍ପୀ ଓ କାଠ କାରିଗର ସଂଗଠନର ୮ମ ବିଶ୍ୱକର୍ମା ପୂଜା ଓ ବାର୍ଷିକ ଉତ୍ସବ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ତତ୍ତ୍ୱାବଧାନରେ ବଡ଼ଶଙ୍ଖସ୍ଥିତ ସଂଗ୍ରାମ କ୍ଲବ୍ ଲେନ୍‌ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକାରୀ ସଦସ୍ୟ ପିଣ୍ଟୁ ମହାରଣା କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ପୂର୍ବତନ ପୌର ସଦସ୍ୟ ଭକ୍ତଚରଣ ଦାସ ଉଦ୍‌ଘାଟନ କରିଥିଲେ। ବସ୍‌ଷ୍ଟାଣ୍ଡସ୍ଥିତ ନୀଳାଚଳ ଅଯୋଧ୍ୟା ଡ୍ରାଇଭର ଆସୋସିଏଶନ୍ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ନାୟକ, ସମ୍ପାଦକ ସତ୍ୟନାରାୟଣ ମହାପାତ୍ର, ସହସମ୍ପାଦକ ମନୋଜ କୁମାର ସାହୁ, ଉପସଭାପତି ସୁରେନ୍ଦ୍ର କୁମାର ପଲେଇ ଏବଂ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ। ଏଥିସହ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଦେବଶିଳ୍ପୀଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ବଡ଼ଦାଣ୍ଡରେ ପୁନଃ ଥଇଥାନ ପାଇଁ ଏସ୍‌ପିଙ୍କୁ ଦାବିପତ୍ର

**ପୁରୀ,୧୬।୯(ଅଜିତ କୁମାର ମହାନ୍ତି)**

**୧୯ରେ ଜେଲ ଭରୋ ଆନ୍ଦୋଳନ କରିବେ ଉଚ୍ଛେଦ ଉଠାଦୋକାନୀ**

ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀ ମାନଙ୍କୁ ବଡ଼ଦାଣ୍ଡରେ ପୁନଃ ଥଇଥାନ ଓ ଗତ ଦୁଇ ମାସ ହେବ ସହାୟତା ରାଶି ସରକାର ପ୍ରଦାନ କରୁନଥିବାରୁ ଆସନ୍ତା ୧୯ ତାରିଖରେ ଦୋକାନୀମାନେ ଜେଲ ଭରୋ ଆନ୍ଦୋଳନ କରିବେ ବୋଲି ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ବ୍ୟବସାୟୀ ମହାସଂଘ କହିଛି। ଏ ନେଇ ମହାସଂଘ ପକ୍ଷରୁ ସୋମବାର ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସରକାର ଦୁଇମାସ ମଧ୍ୟରେ ଥଇଥାନ କରିବାକୁ ପ୍ରତିଶୃତି ଦେଇଥିବାବେଳେ ଅଦ୍ୟାବଧି ୧୦ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି। ସହାୟତା ରାଶି ଗତ ଦୁଇମାସ ହେବ ବନ୍ଦ କରିଦିଆଯାଇଛି। କ୍ୟାବିନ୍ ନିର୍ମାଣ ନିମନ୍ତେ ଦିଆଯାଇଥିବା ଅର୍ଥର ବଳକା ଟଙ୍କା ପ୍ରଦାନ କରାଯାଉନାହିଁ। କୌଣସି ସୁବିଧା ନ ଥିବା ବେଳେ ଶ୍ରୀଦାଣ୍ଡରେ ବସିବା ନିମନ୍ତେ ପ୍ରଶାସନ ସେମାନଙ୍କୁ ବାଧ୍ୟ କରୁଛି। ଶ୍ରୀମନ୍ଦିର ଚାରିଦ୍ୱାର ଏବଂ ଏସି ଟନେଲ ଖୋଲାଯିବା ପରେ ଆଗପରି ବଡ଼ଦାଣ୍ଡରେ ଗହଳି ହେଉନାହିଁ, ତେଣୁ ଦୋକାନ କଲେ ଟ୍ରାଫିକ ସମସ୍ୟା ହେବାର ସମ୍ଭାବନା ନ ଥିବାରୁ ପ୍ରଶାସନ ସେମାନଙ୍କୁ ବଡ଼ଦାଣ୍ଡରେ ଥଇଥାନ କରିବାକୁ ମହାସଂଘ ଦାବି କରିଛି।

# ଔଷଧ ଦୋକାନରୁ ଚୋରି

**ବଳଙ୍ଗା,୧୬।୯(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଧୀନ ବୁଢାକେରା ଛକରେ ରବିବାର ବିଳମ୍ବିତ ରାତିରେ ଔଷଧ ଦୋକାନରୁ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତ୍ରିଲୋଚନ ନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ସବୁଦିନ ପରି ସେ ରବିବାର ରାତିରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ସୋମବାର ସକାଳୁ ଦୋକାନକୁ ଯିବାବେଳେ ତାଙ୍କ ଦୋକାନରୁ ଚୋରି ହୋଇଥିବା ପାଖ ଦୋକାନୀମାନେ କହିଥିଲେ। ଦୋକାନ ପାଖକୁ ଯାଇ ଘରର ତାଲା ଭଙ୍ଗାଯାଇଥିଲେ ମଧ୍ୟ କବାଟ ଖୋଲାଥିଲା। ଦୋକାନ ଭିତର ଥାକରେ ଔଷଧ ନ ଥିବା ସହ ଟଙ୍କା ବାକ୍ସ ମେଲା ହୋଇ ସେଥିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ।

# ସାହିତ୍ୟ ସଂସଦ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ

**ନିମାପଡ଼ା,୧୬।୯ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ସାହିତ୍ୟ ସଂସଦ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ପଞ୍ଚାୟତ ସମିତି ସଭା କକ୍ଷରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଗବେଷକ ଡ. ଯୋଗେନ୍ଦ୍ରଚନ୍ଦ୍ର ମିଶ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ବଂଶୀଧର ଷଡ଼ଙ୍ଗୀ, ସ୍ୱାମୀ ରଜତାନନ୍ଦ ସରସ୍ୱତୀ, ବିଶିଷ୍ଟ ସାହିତ୍ୟିକା ଡ. ପ୍ରମୋଦିନୀ ଜେନା, ନିମାପଡ଼ା ସାହିତ୍ୟ ଦିବ୍ୟଜୀବନ ସଂଘ ସମ୍ପାଦକ ନିରଞ୍ଜନ ସ୍ୱାଇଁ, ନିମାପଡ଼ା ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଶୁଭେନ୍ଦୁ ରାଉତରାୟ, ସମ୍ପାଦକ ଗବେଷକ ହାଡ଼ିବନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଭାଗବତ ପୋଥି ଓଡ଼ିଆ ଅସ୍ମିତାର ପରିଚୟ, ଓଡ଼ିଆ ଭାଗବତର ରଚୟିତା, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୀବନୀ, ନୀତି, ଆଦର୍ଶ ଦିଗରେ ଆଲୋକପାତ କରିଥିଲେ। ଜଗନ୍ନାଥ ଦାସ ପଞ୍ଚସଖା ଯୁଗର ଅନନ୍ୟ ପ୍ରତିଭା, ଅତିବଡ଼ୀ ସମ୍ପ୍ରଦାୟର ପ୍ରତିଷ୍ଠାତା ଓ ପ୍ରଭୁ ଶ୍ରୀଚୈତନ୍ୟଙ୍କ ଭକ୍ତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦ ସଭାପତି ଶୁଭେନ୍ଦୁ ରାଉତରାୟ ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ।


ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ରାସ୍ତା ମରାମତି ଦାବିରେ ଜନସଂଘର୍ଷ କମିଟି ପକ୍ଷରୁ ଅବରୋଧ

**ନିମାପଡ଼ା,୧୬।୯ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ଜନସଂଘର୍ଷ କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଓମ୍‌ଫେଡ ଛକ ରାସ୍ତାରେ ସୋମବାର ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା। ଖୋର୍ଦ୍ଧା ଜିଲା ଅଧୀନ ସରଦେଇପୁର ପୂର୍ତ୍ତ ବିଭାଗ ସେକ୍ସନ ଅଧୀନରେ ଥିବା ନିମାପଡ଼ା ଜୟଶ୍ରୀ ଛକଠାରୁ ବଦଳା ଛକ ପର୍ଯ୍ୟନ୍ତ ୮ କି.ମି. ପୂର୍ତ୍ତ ସଡ଼କକୁ ତୁରନ୍ତ ମରାମତି କରାଯିବା, ଏହି ରାସ୍ତାକୁ ନିମାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରଖାଯିବା ଦାବିରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ଖୁବ୍‌ଶୀଘ୍ର ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜନସଂଘର୍ଷ କମିଟି ସଭାପତି ମାଧବ ମଲ୍ଲିକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ଭୋଇ, ଦ୍ୱିଜବର ଭୋଇ, ବିରଞ୍ଚି ନାରାୟଣ ମିଶ୍ର, ଆଲୋକ ନାଥ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ରାସ୍ତାରୋକୋ ଯୋଗୁ ନିମାପଡ଼ା ବାଲିପାଟଣା ମୁଖ୍ୟ ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ନିମାପଡ଼ା ଜୟଶ୍ରୀ ଛକଠାରୁ ବଦଳା ଛକ ପର୍ଯ୍ୟନ୍ତ ପୂର୍ତ୍ତ ସଡ଼କଟି ଏବେ ମରାମତି, ରକ୍ଷଣାବେକ୍ଷଣ ଅଭାବରୁ ଅତିଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



**ଚୋରି ମାମଲାରେ ଅଭିଯୁକ୍ତ ଦୀପକଙ୍କୁ ୨ ବର୍ଷ ଜେଲ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଖଣ୍ଡଗିରି ଥାନା ଅଞ୍ଚଳରେ ହୋଇଥିବା ଏକ ମୋଟରସାଇକେଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଜେଏମ୍ଏଫ୍ସି କୋର୍ଟ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ଦୀପକ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।



# ଜେଲ ଗଲେ ଫେରାର ପ୍ରେମିକ ପ୍ରିୟରଞ୍ଜନ

**ଆପାର୍ଟମେଣ୍ଟ ଆଉଟହାଉସରୁ ଜ୍ୟୋତିରେଖାଙ୍କ ମୃତଦେହ ଜବତ ଘଟଣା**

ଭୁବନେଶ୍ୱର,୧୬।୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଥାନା ପାର୍କ ଲେନ୍ ଅଞ୍ଚଳର ଆପାର୍ଟମେଣ୍ଟ ଆଉଟହାଉସରୁ କୋରାପୁଟର ଯୁବତୀ ଜ୍ୟୋତିରେଖା ପରିଡ଼ାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାରେ ଫେରାର ପ୍ରେମିକ ଗଞ୍ଜାମର ପ୍ରିୟରଞ୍ଜନ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରିୟରଞ୍ଜନ ନିର୍ଯାତନା ଦେବା କାରଣରୁ ଜ୍ୟୋତିରେଖା ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସେହିପରି ପ୍ରିୟରଞ୍ଜନ ମଧ୍ୟ ତାଙ୍କ ପୁରୁଣା ବାନ୍ଧବୀଙ୍କୁ ନିଜ ଘରେ ରଖିଥିବା ପୋଲିସ ଜାଣିବାକୁ ପାଇଛି। ଏହାସହ ଜ୍ୟୋତିରେଖାଙ୍କ ମୃତଦେହ ମିଳିବା ଘରୁ ଏକ ସୁଇସାଇଡାଲ ନୋଟ୍ ମଧ୍ୟ ପୋଲିସ ପାଇଛି। ସେଥିରେ ଜ୍ୟୋତିରେଖା କାହାକୁ ଦାୟୀ କରି ନ ଥିଲେ ମଧ୍ୟ ସମସ୍ତଙ୍କ ବୋଝ ବୋଲି ଲେଖିଥିବା ସୂଚନା ମିଳିଛି। ଜାମିନ ନ ମିଳିବାରୁ ପ୍ରିୟରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଲାଇସେନ୍ସପ୍ରାପ୍ତ ଦୋକାନରେ ନକଲି ମଦ

- ବୁଲ୍‌ଡୋଜର ମଡ଼ାଇ ମଦ ନଷ୍ଟ କଲା ଅବକାରୀ ଟିମ୍
- ଦୋକାନ ସିଲ୍, ୬ ଗିରଫ

ଭୁବନେଶ୍ୱର,୧୬।୯ (ସୂର୍ଯ୍ୟକାନ୍ତ ବେହେରା)

ନାମୀଦାମୀ କମ୍ପାନୀ ନାଁରେ ବିକ୍ରି ହେଉଥିଲା ଅପମିଶ୍ରିତ ମଦ। ଗଞ୍ଜାମ ନୁହେଁ, ଖୋଦ୍ ରାଜଧାନୀରେ ବି ଲୋକଙ୍କ ଜୀବନ ସହ ଚାଲିଥିଲା ଖେଳ। ବରମୁଣ୍ଡସ୍ଥିତ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଓପି ବନ୍ଦ ବିଦେଶୀ ମଦ ଦୋକାନରେ ଏହି ବେଆଇନ କାରବାର ଚାଲିଥିଲା। ସୋମବାର ଅବକାରୀ ଟିମ୍ ଉକ୍ତ ଦୋକାନରେ ଅଚାନକ ଚଢାଉ କରିବା ପରେ ଏଭଳି ଘଟଣା ପଦାକୁ ଆସିଛି। ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନକୁ ସିଲ୍ କରାଯିବା ସହ ନକଲି ମଦକୁ ବୁଲ୍‌ଡୋଜର ମଡ଼ାଇ ଚୂର୍ମାର କରିଦିଆଯାଇଛି। ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କାର ଅପମିଶ୍ରିତ ମଦ ନଷ୍ଟ କରାଯାଇଥିବାବେଳେ ବାକି ୩୦ ଲକ୍ଷ ଟଙ୍କାର ମଦ ଜବତ କରି ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କେତେ ପରିମାଣରେ ଅପମିଶ୍ରଣ କରାଯାଉଥିଲା, ତାହା ଜଣାପଡ଼ିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୋକାନ ମାଲିକ ଝାଡ଼ଖଣ୍ଡର ରାଞ୍ଚିର ମୁକୁଲ କୁମାର ହୋଇଥିବାବେଳେ ତାଙ୍କ ଲାଇସେନ୍ସ ନମ୍ବର ହେଉଛି ୩୨।




ଅବକାରୀ ଟିମ୍ ବୁଲ୍‌ଡୋଜରରେ ଅପମିଶ୍ରିତ ମଦକୁ ନଷ୍ଟ କରୁଛି।

ବରମୁଣ୍ଡା ବସ୍ ଷ୍ଟାଣ୍ଡ ନିକଟ ଏକ ଭଡ଼ାଘରେ ଅପମିଶ୍ରଣ କରାଯାଇ ଏଠାରେ ବିକ୍ରି କରାଯାଉଥିଲା। ଅବକାରୀ ଅଧିକାରୀମାନେ ଭଡ଼ାଘରୁ ଦୁଇବସ୍ତା ଓପି, ଲେବୁଲ ଷ୍ଟାମ୍ପ (ଷ୍ଟିକର) ଆଦି ଜବତ କରିଛନ୍ତି। ଏଥିସହ ସେହି ଘର ମାଲିକଙ୍କ ସହ ଦୋକାନର ୫ କର୍ମଚାରୀଙ୍କୁ ଗିରଫ କରାଯାଇଛି।

ଅବକାରୀ କମିଶନର ନରସିଂହ ଭୋଳ ଘଟଣାସ୍ଥଳରେ ପହଞ୍ଚି କହିଛନ୍ତି, ଅସଲି ମଦ ପାଇବା ପାଇଁ ଗ୍ରାହକଟିଏ ସରକାରୀ ମଦ ଦୋକାନକୁ ଆସିଥାଏ। ହେଲେ ଏଠି ମଦକୁ ଭେଜାଲ କରି ଲୋକଙ୍କୁ ଠକୁଥିଲେ। ସବୁ ମଦକୁ ଯାଞ୍ଚ କରାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନୂଆ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସେମାନେ ଯେମିତି ଜେଲ ଦଣ୍ଡ ଭୋଗିବେ, ସେ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଦୋକାନ ଲାଇସେନ୍ସ ରଦ୍ଦ ହେବ। ଆଗାମୀ ଦିନରେ ସବୁ ଲାଇସେନ୍ସପ୍ରାପ୍ତ ଦୋକାନରେ ଯାଞ୍ଚକୁ କଡ଼ାକଡ଼ି କରାଯିବ। ଯେଉଁମାନେ ନକଲି ମଦ ବିକ୍ରି କରୁଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଭୋଳ କହିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଚିକିଟି ମଦମୃତ୍ୟୁ ପରେ ସାରା ରାଜ୍ୟରେ ଅବକାରୀ ଟିମ୍ ଚଢାଉ କରିବା ସହ ବିଭିନ୍ନ ଦୋକାନରେ ଯାଞ୍ଚ ଚଳାଇଛି। ତେବେ ମୁକୁଲ କୁମାରଙ୍କ ଉକ୍ତ ମଦ ଦୋକାନରେ ଅପମିଶ୍ରିତ ମଦ ବିକ୍ରି କରାଯାଉଥିବା ଅବକାରୀ ଟିମ୍ ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ଏହାସହ କେତେଜଣ ଗ୍ରାହକ ମଧ୍ୟ ଅଭିଯୋଗ ଆଣିଥିଲେ। ତେଣୁ ଦୃଢ଼ ପ୍ରମାଣ ପାଇବା ପାଇଁ ଉକ୍ତ ଦୋକାନ ଉପରେ ଅବକାରୀ ଟିମ୍ ନଜର ରଖି ଅଧିକ ତଥ୍ୟ ଯୋଗାଡ଼ କରିଥିଲା। ନାମୀଦାମୀ ମଦ ବୋତଲର ଲେବୁଲ (ଲୋଗୋର ଷ୍ଟାମ୍ପ) ଓ ଓପି ଖୋଲାଯାଇ ସେଥିରେ ଅପମିଶ୍ରଣ କରାଯାଉଥିବା ଜଣାପଡିବା ପରେ ସୋମବାର ସକାଳ ୧୦ଟାରେ ଏକ ଟିମ୍ ସେଠାରେ ଛକି ରହି ସ୍ଥିତି ଉପରେ ନଜର ରଖିଥିଲା। ଦୋକାନ ଖୋଲିବାର ଅଧଘଣ୍ଟା ପରେ ଏହି ଟିମ୍ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

**କୋଲକାତାରୁ ଆସୁଥିଲା ଷ୍ଟିକର, କବାଡ଼ିଆ ଦେଉଥିଲେ ବୋତଲ**

ବ୍ରାଣ୍ଡ ବୋତଲରେ ଲାଗୁଥିବା ଷ୍ଟିକରର ଅବିକଳ କୋଲକାତାରୁ ପ୍ରିଣ୍ଟି କରି ଅଣାଯାଉଥିଲା। ଏହାପରେ ଗ୍ରାହକ ମଦ ପିଇ ଦୋକାନ ପାଖରେ ପକାଇ ଦେଉଥିବା ଖାଲି ବୋତଲ କିମ୍ବା କବାଡିଆଙ୍କଠାରୁ ସେଗୁଡିକୁ ଆଣି ସଫାକରି ତାହା ଭିତରେ ପାଣି ଓ ଅନ୍ୟ କିଛି ମିଶ୍ରଣ କରି ବେପାର କରାଯାଉଥିଲା। ଦୋକାନ କର୍ମଚାରୀଙ୍କୁ ପଚରାଉଚରା ବେଳେ ସେମାନେ ଏଭଳି କଥା କହିଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି। ତେବେ କେତେଦିନ ଧରି ଏହି କାରବାର ଚାଲିଥିଲା, ତାହାର ଅଧିକ ଖୋଳତାଡ଼ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ସୁନା ଦୋକାନୀଙ୍କୁ ଗୁଳିମାଡ଼

କାକଟପୁର/ଅସ୍ତରଙ୍ଗ/ନୟାହାଟ, ୧୬।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା/ ମହମ୍ମଦ ସମସୁଲ ଆର୍‌ଫିନ୍)

ପୁରୀ ଜିଲା କାକଟପୁର ଥାନା ଅଧୀନସ୍ଥ କୁଣ୍ଢେଇହାଟ ତିନିଛକି ବଜାରରେ ଥିବା ସାହୁ ଜୁଏଲେରି ମାଲିକ ନିରଞ୍ଜନ ସାହୁଙ୍କୁ ଗୁଳିମାଡ଼ ହୋଇଛି। ଗୋଟିଏ ଗୁଳି ନିରଞ୍ଜନଙ୍କ କଙ୍କାଳରେ ବାଜି ବାହାରି ଯାଇଥିଲା। ଅନ୍ୟ ଏକ ଗୁଳି ତାଙ୍କ କଙ୍କାଳରେ ରହିଥିବାରୁ ତାଙ୍କୁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ବୃତ୍ତଙ୍କ ଗୁଳିମାଡ଼ ବେଳେ ନିରଞ୍ଜନ ନାଇଟ୍ରିକ ଏସିଡ୍ ସେମାନଙ୍କ ଉପରକୁ ପକାଇବାକୁ ସେମାନେ ଘଟଣାସ୍ଥଳରୁ ବାଇକ୍ ଛାଡ଼ି ଏକ କାର୍‌ରେ ଅପେକ୍ଷା କରି ରହିଥିବା ଅନ୍ୟ ଦୁର୍ବୃତ୍ତଙ୍କ ସହ କୋଣାର୍କ ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ କାକାଟପୁର ପୋଲିସ ଖବରପାଇ ବିଭିନ୍ନ ଛକ ଜାଗାରେ ଛାନଭିନ୍ କରି ଅଧିକ ତଦନ୍ତ ଚଳାଇଥିବା କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି।

ସୂଚନା ମୁତାବକ, ନିରଞ୍ଜନ ତାଙ୍କ ଦୋକାନରେ ବସିଥିବାବେଳେ କୋଣାର୍କ ପଟୁ ୨ ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ନମ୍ବରବିହୀନ ବାଇକ୍‌ରେ ଆସିଥିଲେ। ନିରଞ୍ଜନ ସେମାନଙ୍କୁ ପଚାରିବାରେ, ସେମାନେ ହଠାତ୍ ଅଣ୍ଟାରୁ ଏକ ବନ୍ଧୁକ ବାହାର କରି ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ କୋଣାର୍କଠାରୁ ନୟାହାଟ ରାସ୍ତା ଦେଇ ଫେରାର ହେଉଥିବା ବେଳେ ନୟାହାଟ ନିକଟସ୍ଥ ସୁଜାଗଡ ଗାଁ ନିକଟରେ ସେମାନଙ୍କ କାର୍ (ନଂ.ଓଆର୍ ୦୫ ଏକେ ୪୪୧) ଅଚଳ ହୋଇପଡ଼ିଥିଲା। ଫଳରେ ବାଧହୋଇ ଦୁର୍ବୃତ୍ତମାନେ ସେହି ଗାଁରେ ଲୁଚିଯାଇଥିଲେ। ଖବର ପାଇ କାକଟପୁର ଥାନା ଓ ନୟାହାଟ ଫାଣ୍ଡି ପୋଲିସ ପହଞ୍ଚି ସେହି ଗାଁକୁ ଘେରାଉ କରି ଦୁର୍ବୃତ୍ତମାନଙ୍କୁ ଖୋଜାଖୋଜି କରୁଛି। ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ଗାଡ଼ିଟିକୁ ପୋଲିସ ଜବତ କରିଛି। ଏହି ଘଟଣା କାକଟପୁର ଓ ନୟାହାଟ ଅଞ୍ଚଳରେ ଆତଙ୍କ ବାତାବରଣ ସୃଷ୍ଟି କରିଥିବାବେଳେ ଚର୍ଚ୍ଚାର ବିଷୟ ପାଲଟିଛି।

**ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି**



ଆହତ ନିରଞ୍ଜନ ସାହୁ

# ସାଇବର ଠକେଇର ଶିକାର ହେଲେ ମହିଳା

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ)

**ସୁଭଦ୍ରା ଯୋଜନାରେ ଟଙ୍କା ଆସିଥିବା କହି ଠକି ନେଲେ ୧୨ହଜାର**

ସରକାରଙ୍କ ସୁଭଦ୍ରା ଯୋଜନାରେ ଟଙ୍କା ପାଇବା ପାଇଁ ରାଜ୍ୟରେ ମହିଳାମାନେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ମଙ୍ଗଳବାର ପ୍ରଥମ କିସ୍ତି ଟଙ୍କା ମିଳିବାକୁ ଥିବାବେଳେ ଏହା ପୂର୍ବରୁ ସାଇବର ଅପରାଧୀମାନେ କିନ୍ତୁ ଗ୍ରାମାଞ୍ଚଳ ମହିଳାଙ୍କୁ ଟାର୍ଗେଟ କରିଛନ୍ତି। ସୁଭଦ୍ରା ଯୋଜନାରେ ଟଙ୍କା ପାଇବାକୁ ଖୋଦ୍ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀ ନିମାପଡ଼ା ଅଞ୍ଚଳରେ ଜଣେ ମହିଳା ଏବେ ସାଇବର ଠକେଇର ଶିକାର ହୋଇଛନ୍ତି। ଟଙ୍କା ପାଇବା ଆଶାରେ ଅପରାଧୀଙ୍କ କଥାକୁ ବିଶ୍ୱାସ କରି ଲୁଇସ୍ ସ୍ୱାଇଁ ନାମ୍ନୀ ମହିଳା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୨ ହଜାର ୨୮୫ ଟଙ୍କା ହରାଇ ବସିଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଖବର ନେବାରେ ଜଣାପଡ଼ିଛି, ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତର ଦହିଜଙ୍ଗ ଗ୍ରାମର ଲୁଇସ୍‌ଙ୍କ ପାଖକୁ ସୋମବାର ପୂର୍ବାହ୍ନ ୧୦ଟା ୧୩ ମିନିଟ୍‌ରେ ସୁଭଦ୍ରା ଟଙ୍କା ପାଇବା ସମ୍ପର୍କରେ ଏକ ଅଜଣା ଫୋନ କଲ୍ ଆସିଥିଲା। ଟଙ୍କା ତୁମ ବ୍ୟାଙ୍କ ଆକାଉଣ୍ଟକୁ ଛଡ଼ାଯାଉଛି। ମେସେଜ୍‌ରେ ଏକ ଲିଙ୍କ୍ ପଠାଯାଇଛି, ତାକୁ କ୍ଲିକ୍ କଲେ ସବୁ ଜାଣିପାରିବ ବୋଲି ବ୍ୟକ୍ତି ଜଣଙ୍କ ଲୁଇସ୍‌ଙ୍କୁ ହିନ୍ଦୀରେ କହିଥିଲେ। ଲୁଇସ୍ ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୪ଥରରେ ୧୨ହଜାର ୨୮୫ ଟଙ୍କା କଟି ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ତାଙ୍କ ସ୍ୱାମୀ ଜିତେନ୍ଦ୍ର କୁମାର ରାଉତଙ୍କୁ ଜଣାଇବା ପରେ ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ନିମାପଡ଼ା ପୋଲିସ ନଂ ୨୭୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଶିଶୁକୁ ଛାଡ଼ି ଫେରାର ମାରୁଥିଲେ ମା’

ବଲାଙ୍ଗୀର, ୧୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

**ବସ ଭିତରୁ ଧରିଲା ପୋଲିସ**

୪ବର୍ଷର ଶିଶୁକୁ ଛାଡି ପ୍ରେମିକ ସହ ଫେରାର ହେଉଥିବା ଜଣେ ଯୁବତୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଘଟଣାଟି ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ହୋଇଛି।

ସୋମବାର ପୂର୍ବାହ୍ନରେ ବଲାଙ୍ଗୀର ବସ୍ ଟର୍ମିନାଲ ଠାରେ ଜଣେ ଯୁବତୀ ୪ ବର୍ଷର ଶିଶୁକୁ ଧରି ଠିଆ ହୋଇଥିଲେ। ସେଠାରେ ବେଶ୍ କିଛି ସମୟ ରହିବା ପରେ ବସ୍ ଟର୍ମିନାଲର ଜଣେ ଶ୍ରମିକଙ୍କୁ ଡାକି ସେ ପରିସ୍ରା କରିଯିବାକୁ ଚାହୁଁଛନ୍ତି, ଏଣୁ ଶିଶୁକୁ କିଛି ସମୟ ପାଇଁ ପାଖରେ ରଖିବାକୁ ଅନୁରୋଧ କରିଥିଲେ। ଯୁବତୀଙ୍କ ଅନୁରୋଧ ରକ୍ଷା କରି ଶ୍ରମିକ ଜଣକ ସେଠାରେ ଶିଶୁକୁ କିଛି ସମୟ ପାଇଁ ଧରିବାକୁ ରାଜି ହୋଇଯାଇଥିଲେ। ଶ୍ରମିକଙ୍କ ପାଖରେ ଛୁଆକୁ ଛାଡ଼ି ଯୁବତୀ ଜଣକ ଟର୍ମିନାଲର ଟଏଲେଟ୍ ଆଡ଼େ ଚାଲିଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଯୁବତୀ ଜଣକ ନ ଆସିବାରୁ ଶ୍ରମିକ ଜଣକ ଚିନ୍ତିତ ହୋଇ ଆଖପାଖ ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। କିଛି ଲୋକ ସମ୍ପୃକ୍ତ ଯୁବତୀ ଜଣକ ବରଗଡ଼ ପଟକୁ ଯାଉଥିବା ଏକ ବସ୍‌ରେ ଏଠାରୁ ଯାଉଥିବା କହିଥିଲେ। ଏହାପରେ ସନ୍ଦେହ ଘନୀଭୂତ ହୋଇଥିଲା ଓ ଏନେଇ ସ୍ଥାନୀୟ ଲୋକେ ଟାଉନ୍ ଥାନା ପୋଲିସ ପିସିଆର୍‌କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଆସିବା ପରେ ସମ୍ପୃକ୍ତ ଶ୍ରମିକଙ୍କଠାରୁ ବିବରଣୀ ଶୁଣିଥିଲେ। ପରେ ବରଗଡ଼ ପଟେ ଯୁବତୀ ଯେଉଁ ବସ୍‌ରେ ଯାଉଥିଲେ ସେହି ନିର୍ଦ୍ଦିଷ୍ଟ ବସକୁ ଅଟକାଇବାକୁ ଲୋଇସିଂହା ଥାନାକୁ ସୂଚନା ଦେଇଥିଲେ। ଏହା ପରେ ପୋଲିସ ଗାଇଖାଇ ନିକଟରୁ ଉକ୍ତ ଯାତ୍ରୀବାହୀ ବସ୍‌କୁ ଅଟକାଇ ସମ୍ପୃକ୍ତ ଯୁବତୀଙ୍କୁ ଟାଉନ୍ ଥାନାକୁ ଆଣିଥିଲା। ଯୁବତୀ ଜଣକ ଜଣେ ଯୁବକଙ୍କ ସହ ଫେରାର ହେଉଥିବା ସନ୍ଦେହ କରାଯାଇଥିଲା। ଯୁବକ ଜଣକ ପୋଲିସକୁ ଦେଖି ଛୁ ମାରିଥିବା କୁହାଯାଉଛି। ତେବେ ଯୁବତୀ ଜଣକ ଏଭଳି ସନ୍ଦେହକୁ ଖଣ୍ଡନ କରିଛନ୍ତି। ପିଲାକୁ ଶ୍ରମିକଙ୍କ ପାଖରେ ଛାଡି ସେ ଦୀର୍ଘ ସମୟ ଧରି କେଉଁଆଡେ ଯାଇଥିଲେ ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ଟାଉନ୍ ଥାନା ପୋଲିସ ଉକ୍ତ ଯୁବତୀଙ୍କୁ ପଚରାଉଚରା ଜାରି ରଖିଛି। ଶିଶୁ ସମ୍ପର୍କରେ ଶିଶୁ ମଙ୍ଗଳ କମିଟିକୁ ସୂଚନା ଦେଇଥିବା ଜଣାପଡିଛି। ଫେରାର୍ ମାରୁଥିବା ଯୁବତୀ ଜଣକ ପୁଇଁତଲା ଥାନା ଅଞ୍ଚଳର ବୋଲି କୁହାଯାଉଛି। ଯୁବତୀ ଜଣକ ଶିଶୁଟି ତାଙ୍କର ବୋଲି କହୁଥିବାବେଳେ ଆଉ କିଛି ସ୍ପଷ୍ଟ ଭାବେ କହୁ ନ ଥିବାରୁ ପୋଲିସ ଦ୍ୱନ୍ଦ୍ୱ ଭିତରେ ରହିଛି। ତେବେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

# ଗୋଡ଼ହାତ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ପିପିଲି,୧୬।୯(ପ୍ରଭାତ କୁମାର ମହାପାତ୍ର)

**ହତ୍ୟା ସନ୍ଦେହ**

ଗୋଡ଼ହାତ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହକୁ ସୋମବାର ପିପିଲି ପୋଲିସ କେନାଲରୁ ଜବତ କରିଛି। ସୋମବାର ଅପରାହ୍ନରେ କଣାସ ଶାଖା କେନାଲରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପିପିଲି ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ, ଏସଆଇ ମମତା ବିଶ୍ୱାଳ, କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଜବତ ହୋଇଥିବା ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖାଯାଇଛି। ଯୁବକଙ୍କୁ କେହି ହତ୍ୟାକରି ହାତଗୋଡ଼ ବାନ୍ଧି କେନାଲରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତକ ହେଲେ ବାଲକାଟୀ ଭଇଁରୁଆ ଗ୍ରାମର ଗୋବିନ୍ଦ ସାହୁ ବୋଲି ଜଣାପଡ଼ିଛି। ମୃତ ଗୋବିନ୍ଦ ଜଣେ କାଠ ମିସ୍ତ୍ରି ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ରବିବାର ସନ୍ଧ୍ୟାରେ ଘରେ ରୁଟି ଖାଇବାକୁ କହି ବାହାରକୁ ଯାଇ ଆଉ ଫେରି ନ ଥିଲେ। ଘର ଲୋକେ ସବୁଆଡ଼େ ଖୋଜାଖୋଜି କରିବା ପରେ ଗୋବିନ୍ଦଙ୍କ ପତ୍ତା ନ ମିଳିବାରୁ ବାଲିଅନ୍ତା ଥାନାରେ ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମୃତଦେହ ଠାବ ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ ପ୍ରକାଶ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ସବୁକିଛି ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ଗୋବିନ୍ଦଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି ବୋଲି ଜଣାପଡ଼ିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆକଟ କାମ ଧୀର ଗମନ
ତାକୁଟି ଜାଣିବ ପର
ଦି’ପହରିଆ ବସନ ଘୋଡ଼ା
ତାକୁଟି ଜାଣିବ ଜର।

ଯିଏ କାମରେ ଆକଟ କରେ, ଯାହାଠାରେ ତତ୍ପରତା ନ ଥାଏ ଓ ଯିଏ ଧୀରେ ସୁସ୍ଥେ ପରିଚାଳିତ ହୁଏ ସିଏ ପର ହୋଇଥାଏ। ସେହିପରି ଆଳସ୍ୟତା ଲାଗିବା ସହ ଦେହ ହାତ ଅସ୍ୱସ୍ତିକର ଲାଗିବା ଜ୍ୱର ଆସିବାର ଏହା ଏକ ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଖି ବଡ଼,**
**ପେଟ ସାନ।**

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡ଼ି ଅଧିକ ଖାଇବାକୁ ମନ ବଳାଇଥାନ୍ତି। ପରନ୍ତୁ ନିଜ ସାମର୍ଥ୍ୟଠାରୁ ଅଧିକ ଖାଦ୍ୟ ଗ୍ରହଣ କରିପାରି ନ ଥାନ୍ତି। ଲୋଭ ବହୁତ ଅଥଚ ଆୟତ୍ତ କରିବା ପାଇଁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୋଷ୍ଟ ୱାଣ୍ଟେଡ୍ ଭୁବନ ଗିରଫ




ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ନବରଙ୍ଗପୁର, ୧୬।୯(ସଦାଶିବ ପ୍ରହରାଜ)

- ବିଭିନ୍ନ ଥାନାରେ ହତ୍ୟା ଓ ଡକାୟତିର ଏକାଧିକ ମାମଲା
- ନମ୍ବର ବିହୀନ ଗାଡ଼ିର ପିଛା କରି ଧରିଲା ପୋଲିସ
- ପାଖରୁ ମିଳିଲା ବନ୍ଧୁକ, ଗୁଳି, ୫ ସିମ୍‌କାର୍ଡ, ୪ ନମ୍ବର ପ୍ଲେଟ

ହତ୍ୟା ଓ ଡକାୟତି ଭଳି ଘଟଣାରେ ସମ୍ପୃକ୍ତ ଜଣେ ମୋଷ୍ଟ ୱାଣ୍ଟେଡ୍‌ଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନ ଗରଡ଼ା।

ରବିବାର ରାତିରେ ନବରଙ୍ଗପୁର ଥାନା ପୋଲିସ ସହରରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଧଳା ରଙ୍ଗର ନମ୍ବର ବିହୀନ କାର୍ ପୋଲିସକୁ ଚକମା ଦେଖାଇ ଖସି ଯାଉଥିଲା। ପୋଲିସ ଗାଡ଼ିକୁ ପିଛା କରି ଧରିଥିଲା। ପୋଲିସ ଡ୍ରାଇଭରଙ୍କୁ ପରିଚୟ ମାଗିବାରୁ ନବରଙ୍ଗପୁର ସହର ସେନାପତି ସାହିର ଭୁବନ ଗରଡ଼ା ବୋଲି କହିଥିଲେ। ଜୁଲାଇ ୨୦୨୨ରେ ନବରଙ୍ଗପୁର ସହର ଗଦବାଗୁଡା ସାହିର ଶେଖ୍ ନିଜାମ ହତ୍ୟାକାଣ୍ଡର ସେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବୋଲି ଯାଞ୍ଚ ସମୟରେ ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଗାଡିକୁ ଟିକିନିଖି ଯାଞ୍ଚ କରିବାରୁ ଏକ ଦେଶୀ ବନ୍ଧୁକ ସହ ୪ଟି ଅଫୁଟା ଗୁଳି, ଗୋଟିଏ ଛୁରି, ନମ୍ବର ବିହୀନ କାର୍, ମୋବାଇଲ ଫୋନ୍, ୫ ସିମ୍‌କାର୍ଡ ଓ ୪ ନମ୍ବର ପ୍ଲେଟ ପୋଲିସ ଜବତ କରିଛି। ନବରଙ୍ଗପୁରର ଶେଖ୍ ନିଜାମ ହତ୍ୟାକାଣ୍ଡ ସହିତ ଡାବୁଗାଁ ହାଟରେ ଜଣେ ଗୋରୁ ବେପାରୀଙ୍କଠାରୁ ୨୮ ଲକ୍ଷ ଟଙ୍କା ଡକାୟତି ଘଟଣାରେ ମଧ୍ୟ ତାଙ୍କର ସମ୍ପୃକ୍ତି ରହିଛି। ଏଥିସହ ନବରଙ୍ଗପୁର ଓ ଡାବୁଗାଁ ଥାନାରେ ଅଭିଯୁକ୍ତ ଗରଡ଼ାଙ୍କ ନାମରେ ୭ଟି ମାମଲା ରହିଥିବା ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା କହିଛନ୍ତି।

# ବଡ଼ଭାଇ ମୃତ, ସାନ ଗୁରୁତର

ସୋରଡା,୧୬।୯(ରଜନୀ ମହାପାତ୍ର)

**ଗଣେଶ ଭସାଣି ଗଣ୍ଡଗୋଳରୁ ଆକ୍ରମଣ**

ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ଅମ୍ବୁତୁଲୁ ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣି ବେଳେ ହୋଇଥିବା ସାମାନ୍ୟ ବଚସା ୩ ଦିନ ପରେ ଉଗ୍ରରୂପ ନେଇଛି। ଦୁଇ ଭାଇ କାତିରେ ଆକ୍ରମଣ କରିବାରୁ ଅନ୍ୟ ଏକ ପରିବାରର ବଡ଼ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାବୁ ସ୍ୱାଇଁ। ତାଙ୍କ ସାନଭାଇ ଜିତୁ ସ୍ୱାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ୨ ଅଭିଯୁକ୍ତ ଲିକୁନ ବିଶୋୟୀ ଓ ନିକୁ ବିଶୋୟୀଙ୍କୁ ଅଟକ ରଖିଛି।

ଅମ୍ବୁତୁଲୁ ଗାଁରେ ଶୁକ୍ରବାର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଯାଉଥିଲା। ଏହି ସମୟରେ ଗୋଟିଏ ପାର୍ଶ୍ୱରେ ଲିକୁନ ଓ ବାବୁ ଉଭୟେ ବାଇକ୍‌ରେ ଯାଉଥିବା ବେଳେ ସେମାନଙ୍କ ଗାଡି ସାମାନ୍ୟ ଘୋଷାରି ହୋଇଯାଇଥିଲା। ଏହାକୁ ନେଇ ବାବୁ ଗତ ରବିବାର ରାତିରେ ଲିକୁନଙ୍କ ଘରକୁ ଯାଇ ପାଟିତୁଣ୍ଡ କରିବା ସହ ହାତାହାତି ହୋଇଥିଲେ। ଲିକୁନ ଓ ତାଙ୍କ ଭାଇ ନିକୁ ମିଶି ବାବୁଙ୍କୁ କାତିରେ ଆକ୍ରମଣ କରିଥିଲେ। ଏହାଦେଖି ବାବୁଙ୍କ ସାନଭାଇ ଜିତୁ ଅଟକାଇବାକୁ ଆସିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ବଡ଼ଭାଇ ବାବୁଙ୍କ ମୃତ୍ୟୁ ଘଟିଛି।

# ଡକାୟତି ଯୋଜନା ପଣ୍ଡ, ୩ଗିରଫ

**୨ ପିସ୍ତଲ, ଜୀବନ୍ତ ଗୁଳି ଜବତ**




ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ, ଜବତ ପିସ୍ତଲ ଓ ଗୁଳି।

ସମ୍ବଲପୁର,୧୬।୯(ପ୍ରମୋଦ ବହିଦାର)

ସମ୍ବଲପୁର ବରେଇପାଲି ଥାନା ଅଞ୍ଚଳର ଏକ ନିରୋଳା ସ୍ଥାନରେ ଡକାୟତି ଯୋଜନା ବେଳେ ୩ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବରେଇପାଲି ଥାନା ଅନ୍ତର୍ଗତ ଗୋପାଳପାଲିର ଦେବଦତ୍ତ ଓରଫ ମନିଷ ସାହୁ(୨୮), ଲୋକେଶ ଓରଫ ଅଶୋକ ପ୍ରଧାନ(୨୯) ଏବଂ ପିସ୍ତଲ ଯୋଗାଣକାରୀ ଧନୁପାଲି ଥାନା ଗୋବିନ୍ଦଟୋଲାର ଚିନ୍ମୟ ଦାଶ(୨୭)। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ପିସ୍ତଲ, ବିଭିନ୍ନ ଆକାରର ୬ଟି ଜୀବନ୍ତ ଗୁଳି ଜବତ ହୋଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ରବିବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏରେ ନିକଟସ୍ଥ ବାଲାଜୀ ଆୱାସ ଯୋଜନା ଆପାର୍ଟମେଣ୍ଟ ସଂଲଗ୍ନ ଏକ ନିରୋଳା ସ୍ଥାନରେ କେତେଜଣ ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ସମ୍ପର୍କରେ ବରେଇପାଲି ଥାନା ପାଟ୍ରୋଲିଂ ଦଳକୁ ଖବର ମିଳିଥିଲା। ପାଟ୍ରୋଲିଂ ଦଳ ମୁଖ୍ୟ ସବ୍‌ଇନ୍ସପେକ୍ଟର ଅରୁଣ କୁମାର ପଟେଲ ସଦଳବଳ ତତ୍କ୍ଷଣାତ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ପୋଲିସ ଗାଡ଼ିକୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସେମାନଙ୍କ ମଧ୍ୟରୁ ଉପରୋକ୍ତ ୩ ଜଣଙ୍କୁ କାବୁ କରି ନେଇଥିଲା। ଘଟଣାସ୍ଥଳରୁ ପୋଲିସ ଏକ ବାଇକ୍(ନଂ.ଓଡି-୧୫-ଏକ୍ସ-୬୮୮୦), ଦୁଇଟି ଖାଲି ବିଦେଶୀ ମଦ ବୋତଲ, ଗୋଟିଏ ମିନେରାଲ ପାଣି ବୋତଲ, ୫ଟି ପ୍ଲାଷ୍ଟିକ ଗ୍ଲାସ ଜବତ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଦୁର୍ବୃତ୍ତମାନେ ବରେଇପାଲିର ରିଲାଏନ୍ସ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିଲେ ବୋଲି ସ୍ୱୀକାର କରିଥିଲେ। ଏହାକୁ ନେଇ ସେମାନଙ୍କ ବିରୋଧରେ ବରେଇପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୦(୪), ୩୧୦(୫) ଓ ଅସ୍ତ୍ରଶସ୍ତ୍ର ଆଇନ ୨୫/୨୭ରେ ଏକ ମାମଲା(ନଂ.୧୭୮/୨୪) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ପୁରୁଣା ପେନ୍‌ସନ୍ ଲାଗି ଦିଲ୍ଲୀରେ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୬।୯
(ବନ୍ଦନା ସେଠୀ)

ରାଷ୍ଟ୍ରୀୟ ପୁରୁଣା ପେନ୍‌ସନ ଅଭିଯାନ ସଙ୍ଗଠନର କେନ୍ଦ୍ରୀୟ ଏକ୍‌ଜିକ୍ୟୁଟିଭ ବୈଠକ ନୂଆଦିଲ୍ଲୀସ୍ଥିତ ସୁରଜିତ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଦାବି ପୁରୁଣା ପେନ୍‌ସନକୁ ପୁନର୍ବାର ଲାଗୁ କରିବା ନେଇ ଆଲୋଚନା ହୋଇଥିଲା। ସମସ୍ତ ରାଜ୍ୟର ନେତୃତ୍ୱମାନେ କେନ୍ଦ୍ର ସରକାର ଘୋଷଣା କରିଥିବା ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍‌କୁ ବିରୋଧ କରି ଦେଶର ୧କୋଟି ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଲାଗୁ କରିବାକୁ ଦାବି ରଖିଥିଲେ। ଏଥିସହ ରାଜ୍ୟସ୍ତରୀୟ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ପୂର୍ଣ୍ଣାଙ୍ଗ ଖସଡ଼ା ପ୍ରସ୍ତୁତ କରାଯିବା, ଆଗାମୀ ଦିନରେ କର୍ମଚାରୀମାନଙ୍କୁ ଦିଲ୍ଲୀଚଲୋ ନାରା ନେଇ ବିଶାଳ ରାଲି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଓଡ଼ିଶାରୁ ରାଜ୍ୟ ଏନ୍‌ଏମ୍‌ଓପିଏସ୍ କମିଟି ସଭାପତି ବିଜୟ ମଲ୍ଲଙ୍କ ନେତୃତ୍ୱରେ ଉପସଭାପତି ବଙ୍କିମ ଚନ୍ଦ୍ର ସାଗର, ଉପସଭାପତି ପ୍ରିୟବ୍ରତ ନାୟକ ଯୋଗଦେଇଥିଲେ।

### ଶିକ୍ଷାବିତ୍ ଡ. ରାମ ଶଙ୍କର ରଥଙ୍କ ପରଲୋକ

ଭୁବନେଶ୍ୱର, ୧୬।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଶିକ୍ଷାବିତ୍ ତଥା ଗଣିତଜ୍ଞ ଡ. ରାମ ଶଙ୍କର ରଥଙ୍କ ସୋମବାର ୯୨ ବର୍ଷ ବୟସରେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ନିମୋନିଆ ଓ ଅନ୍ୟ ରୋଗରେ ପୀଡିତ ରହି ଚିକିତ୍ସାଧୀନ ଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।



ଡ. ରଥ ୧୯୬୮ରେ ଦିଲ୍ଲୀ ଆଇଆଇଟିରୁ ଗଣିତ (ଫ୍ଲୁଇଡ ଡାଇନାମିକ୍ସ)ରେ ପିଏଚ୍‌ଡି ହାସଲ କରିବା ପରେ ଆସାମର ଦିବ୍ରୁଗଡରେ ଅଧ୍ୟାପକ ଭାବରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ଓଡ଼ିଶା ଫେରି ପାରଳାଖେମୁଣ୍ଡି ଓ ପରେ ସମ୍ବଲପୁରର ଗଙ୍ଗାଧର ମେହେର କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ୧୯୬୯ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଗଣିତ ପିଜି ବିଭାଗରେ ଯୋଗଦେଇଥିଲେ। ୧୯୭୫ରେ ପତ୍ର ବିନିମୟ ପାଠ୍ୟକ୍ରମର ପ୍ରତିଷ୍ଠାତା ନିର୍ଦ୍ଦେଶକ ପଦରେ ରହି ୧୯୯୩ରେ ଅବସର ନେଇଥିଲେ। ଡ. ରଥ ଗଣିତ, ବିଜ୍ଞାନ, ସାହିତ୍ୟ, ଆଧ୍ୟାତ୍ମିକ ଜ୍ଞାନ ଏବଂ ସାମାଜିକ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ଅନେକ ପୁସ୍ତକ ଲେଖିଛନ୍ତି।

# ପାରମ୍ପରିକ କାରିଗରିରେ ଦକ୍ଷ ହେଉଛନ୍ତି ଯୁବପିଢ଼ି

**ପିଏମ୍ ବିଶ୍ୱକର୍ମା ଯୋଜନା ପ୍ରଦର୍ଶନୀ, ବାଣିଜ୍ୟ ମେଳା ଉଦ୍‌ଯାପିତ**

ପୁରୀ, ୧୬।୯ (ଅଜିତ୍ କୁମାର ମହାନ୍ତି)

ଅର୍ବାନ ହାଟ ପରିସରରେ ଗତ ୩ଦିନ ଧରି ଚାଲିଥିବା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ, ପଶୁ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସିଟିସିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖର, ଏସ୍‌ଏଲବିସିର ସାଧାରଣ ପରିଚାଳକ ତଥା ଆବାହକ ଗୌତମ ପାତ୍ର ଏବଂ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପଓ୍ୱନ କୁମାର ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଏମ୍‌ଏସ୍‌ଏମ୍‌ଇର ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପଓ୍ୱନ କୁମାର ଗୁପ୍ତା ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ ପି.ଏମ୍. ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ଓଡ଼ିଶାର ବିଶ୍ୱକର୍ମାମାନଙ୍କର ସଫଳତାର କାହାଣୀ ପୁସ୍ତକ ଉନ୍ମୋଚନ କରିଥିଲେ। ଏଭଳି ତାଲିମ ଦ୍ୱାରା ଯୁବତୀ ଯୁବକମାନେ ପାରମ୍ପରିକ କାରଗରି କ୍ଷେତ୍ରରେ ଅଧିକ ଦକ୍ଷ ହେଉଛନ୍ତି ବୋଲି ସେ କହିଥିଲେ। ଏହି ମେଳା ଦ୍ୱାରା ବିଶ୍ୱକର୍ମା ଭଉଣୀ ଭାଇଙ୍କ ଦକ୍ଷତାର ବିକାଶ ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହେବା ଏବଂ ଉତ୍ପାଦିତ ଦ୍ରବ୍ୟ ବିକ୍ରିର ସୁଯୋଗ ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। କଳାକାରମାନଙ୍କୁ ଅଧିକରୁ ଅଧିକ ପ୍ରଶିକ୍ଷଣ ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ପ୍ରଦର୍ଶନୀରେ ୧୮ଟି ବୃତ୍ତି ବା ଧନ୍ଦାରେ ନିୟୋଜିତ ୮୦ ଜଣ ବିଶ୍ୱକର୍ମା ଉଦ୍ୟୋଗୀ ଯୋଗଦେଇ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ତଥା ସେବାଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରି କରିଥିଲେ। ଏହାବ୍ୟତୀତ ସରକାରୀ ପ୍ରୋତ୍ସାହନକାରୀ ସଂସ୍ଥା ଯଥା – ଆଇଏମ୍‌ଏମ୍‌ଟି, କେଭିଆଇସି, କୋଏର ବୋର୍ଡ, ସିଟିସିସି, ଏମ୍‌ଏସ୍‌ଡିଇ, ଏସ୍‌ଏଲ୍‌ବିସି, ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓର୍‌ମାସ ଇତ୍ୟାଦି ଯୋଗଦେଇଥିଲେ। ସେହିପରି ୧୪ ଓ ୧୫ ତାରିଖରେ ବିକ୍ରେତାଙ୍କ ନିମନ୍ତେ ଡିଜିଟାଲ ମାର୍କେଟିଂ ଓ ଏହାର ସୁବିଧା ସୁଯୋଗ, ଆଧୁନିକ ଯନ୍ତ୍ରପାତି ଏବଂ ବୈଷୟିକ ଦିଗ, ବ୍ୟାଙ୍କ ସହଯୋଗ, ସରକାରୀ ଯୋଜନା ଓ ସୁଯୋଗ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମେଳାରେ ଯୋଗ ଦେଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରାଳୟର ସହନିର୍ଦ୍ଦେଶକ ଦୁର୍ଗାଚରଣ ମିଶ୍ର ଅତିଥି ଓ ପ୍ରତିଭାଗୀମାନଙ୍କୁ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଓଡ଼ିଶାର ବିଶ୍ୱକର୍ମାମାନଙ୍କ ସଫଳତାର କାହାଣୀ ପୁସ୍ତକ ଉନ୍ମୋଚନ କରୁଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ନୂଆଦିଲ୍ଲୀ ନ୍ୟାଶନାଲ ଗ୍ୟାଲେରିଠାରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## ଆସନ୍ତା ସପ୍ତାହରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୬।୯ (ଅନୁରାଧା ମହାରଣା)

ରାଜ୍ୟରେ ପୁଣି ବଢ଼ିବ ବର୍ଷା। ଅନ୍ତର୍ଜାତୀୟ ପାଣିପାଗ ବିଶେଷଜ୍ଞଙ୍କ ସୂଚନାନୁସାରେ, ଆସନ୍ତା ସପ୍ତାହର ପ୍ରଥମାର୍ଦ୍ଧରେ ଉତ୍ତର–ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟରେ ଭଲ ବର୍ଷା ହୋଇପାରେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସକ୍ରିୟ ଥିବା ଗଭୀର ଅବପାତ ଝାଡ଼ଖଣ୍ଡ ଦେଇ ଅଗ୍ରସର ହେଉଥିବାବେଳେ ମଙ୍ଗଳବାରଠାରୁ କ୍ରମଶଃ ଦୁର୍ବଳ ହେବ। ତେବେ ଲଘୁଚାପର ସକ୍ରିୟତା ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବ। ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଉତ୍ତର ଓଡ଼ିଶାରେ ଏହାର ଅଧିକ ପ୍ରଭାବ ରହିପାରେ। ତେବେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ ଓ କେନ୍ଦୁଝରକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବା ବେଳେ ୬ଟି ଜିଲା ପାଇଁ ୟେଲୋ ୱାର୍ନିଂ ରହିଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ବରଗଡ଼ ରହିଛି। ପ୍ରବଳ ବର୍ଷା ନେଇ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ସତର୍କ କରାଇଛନ୍ତି। ମାଟିଘର ଭାଙ୍ଗିବା ସହ ତଳିଆ ଅଞ୍ଚଳରେ ପାଣି ଜମିପାରେ। କିଛି ନଦୀରେ ଜଳପତ୍ତନ ବୃଦ୍ଧି ଘଟିବା ଆଶଙ୍କା ଥିବାରୁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ମେଡିକାଲ ନାମଲେଖା ପାଇଁ ସଂଶୋଧିତ ମେଧାତାଲିକା ପ୍ରକାଶ

ଭୁବନେଶ୍ୱର, ୧୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂଶୋଧିତ ମେଧାତାଲିକା ପ୍ରକାଶ ପାଇଛି। ଛାତ୍ରୀଛାତ୍ର ୨୩ ତାରିଖ ମଧ୍ୟରେ ନିଜ ପସନ୍ଦର କଲେଜ ଚୟନ କରିବେ ଓ ଏହାକୁ ଲକ୍ କରିବେ। ଦ୍ୱିତୀୟ ପର୍ଯ୍ୟାୟ ପ୍ରୋଭିଜନାଲ ଆଲଟ୍‌ମେଣ୍ଟ (ଅସ୍ଥାୟୀ ଆବଣ୍ଟନ ଲିଷ୍ଟ) ୨୪ ତାରିଖରେ ପ୍ରକାଶ ପାଇବ। ୨୫ ତାରିଖ ସିଟ୍ ଆବଣ୍ଟନକୁ ନେଇ ପିଲାମାନେ ସୂଚନା, ଅଭିଯୋଗ ଆଦି କରିପାରିବେ। ୨୬ରେ ଚୂଡ଼ାନ୍ତ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ଏଥିସହ ଇ ଆଲଟ୍‌ମେଣ୍ଟ ଲେଟର ଡାଉନ୍‌ଲୋଡ କରିବାକୁ ସୁଯୋଗ ମିଳିବ। ୨୮ରୁ ଅକ୍ଟୋବର ୨ ମଧ୍ୟରେ ନାମଲେଖା ହେବ। ଓଜେଇଇ ସେଲ୍‌ଠାରେ ରିପୋର୍ଟିଂ କରି ନାମଲେଖା ପାଇଁ ଫି ଦାଖଲ କରି ଛାତ୍ରୀଛାତ୍ର ନାମ ଲେଖାଇବେ। ଏହି ନାମଲେଖା ପ୍ରକ୍ରିୟାରୁ ଇଚ୍ଛୁକ ଛାତ୍ରୀଛାତ୍ର ଅକ୍ଟୋବର ୧୩ ମଧ୍ୟରେ ଓହରି ପାରିବେ। ଏନେଇ ସୋମବାର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୪ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ତୃତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ଅକ୍ଟୋବର ୭ରୁ ୮ ମଧ୍ୟରେ ପଞ୍ଜୀକରଣ, ଅନ୍‌ଲାଇନ୍ ଆପ୍ଲିକେଶନ, ଡକ୍ୟୁମେଣ୍ଟ ଅପ୍‌ଲୋଡ୍ ଓ ଯାଞ୍ଚ କରାଯିବ। ଏହାର ସଂଶୋଧିତ ମେରିଟ ଲିଷ୍ଟ ଅକ୍ଟୋବର ୯ରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ୧୦ରୁ ୧୩ ତାରିଖ ମଧ୍ୟରେ ଚଏସ ଫିଲିଂ କରିବେ। ୧୫ରେ ପ୍ରୋଭିଜନାଲ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ୧୬ରେ ଏହି ସିଟ୍ ଆବଣ୍ଟନକୁ ନେଇ ପିଲାମାନେ ସୂଚନା, ଅଭିଯୋଗ ଆଦି କରିପାରିବେ। ୧୭ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ପିଲାମାନେ ଓଜେଇଇ ସେଲ୍‌ଠାରେ ରିପୋର୍ଟିଂ କରି ନାମଲେଖା ପାଇଁ ଫି ଦାଖଲ କରି ୧୮ରୁ ୨୧ ମଧ୍ୟରେ ନାମ ଲେଖାଇବେ। ତେବେ ସ୍ଲଟ୍ ରାଉଣ୍ଡ କାଉନ୍‌ସେଲିଂ ସମ୍ପର୍କିତ ସୂଚନା ପରବର୍ତ୍ତୀ ସମୟରେ ଓଜେଇଇ ପକ୍ଷରୁ ଦିଆଯିବ।

## ୨୩ରେ ଦେଶବ୍ୟାପୀ କଳାଦିବସ ପାଳିବ ଏଆଇଟିୟୁସି

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ସେପ୍ଟେମ୍ବର ୨୩କୁ ଦେଶବ୍ୟାପୀ ପ୍ରତିବାଦ ଓ କଳାଦିବସ ଭାବେ ପାଳନ କରିବାକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ ଫେଡେରେଶନ ଆଣ୍ଡ୍ ଆସୋସିଏଶନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏନେଇ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ସୋମବାର ଏଆଇଟିୟୁସି କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ରାଜ୍ୟ ସମ୍ପାଦକ ଜୟନ୍ତ ଦାଶ, ନମିତା ସାହୁ, ସତ୍ୟବାଦୀ ବାଘ, ଶ୍ରୀକୃଷ୍ଣ ପଟ୍ଟନାୟକ, ସଞ୍ଜୀବ ପତି ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୩ ତାରିଖରେ ଦେଶବ୍ୟାପୀ ପ୍ରତିବାଦ ପାଇଁ ପ୍ରତ୍ୟେକ ୟୁନିୟନ ଓ ପ୍ରତ୍ୟେକ କ୍ଷେତ୍ରରୁ ଶ୍ରମିକ କର୍ମଚାରୀ ସକାଳ ୧୦ଟା ସୁଦ୍ଧା ରାଜମହଲ ଛକଠାରୁ ମିଳିତ ଶୋଭାଯାତ୍ରାରେ ଯୋଗଦାନ ପାଇଁ କୁହାଯାଇଛି। ଜିଲା ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲା ବ୍ୟାଙ୍କ, ବୀମା, ରେଳବାଇ, ବିଭିନ୍ନ ନିଗମ, ବିଦ୍ୟୁତ୍, ଶିଳ୍ପ, କଳକାରଖାନା, ନିର୍ମାଣ ଶ୍ରମିକ, ସ୍କିମ୍ ୱାର୍କର ଯଥା ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନଭୋଜନ ପାଚିକା, ଜୀବିକା ମିଶନ ଓ ମିଶନ ଶକ୍ତି କ୍ଷେତ୍ରରୁ ଶ୍ରମିକ ନେତାମାନେ ଯୋଗଦେଇଥିଲେ। ଦେଶ ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକ ଶ୍ରେଣୀଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରଣିତ ଆଇନଗୁଡ଼ିକୁ ଖାରଜ କରାଯାଇ ୨୦୧୯ରେ ମଜୁରି କୋଡ୍ ଏବଂ ୨୦୨୦ ସେପ୍ଟେମ୍ବର ୨୩ରେ ଆଉ ୩ଟି କୋଡ୍ ପାରିତ ହୋଇଥିଲା। କରୋନା ମହାମାରୀ ସମୟରେ କୋଭିଡ୍ କଟକଣାରେ ତୃତୀୟାଂଶ ଏମ୍‌ପିଙ୍କୁ ନେଇ ସଂସଦ ଚାଲୁଥିଲା। ଏହି ସମୟରେ ପୁଞ୍ଜିପତି ଓ ମାଲିକମାନଙ୍କ ସପକ୍ଷରେ ଏବଂ ଶ୍ରମିକ ଶ୍ରେଣୀ ବିରୋଧରେ ସଂସଦରେ ସଦସ୍ୟଙ୍କ ମଧ୍ୟରେ ବିନା ଆଲୋଚନାରେ ଏହି କୋଡ୍ ପାରିତ ହୋଇଥିଲା। ତେଣୁ ଏହି ଦିବସକୁ କଳା ଦିବସ ଭାବେ ପାଳନ କରିବା ସହ ତୁରନ୍ତ କଳା ଶ୍ରମ ଆଇନ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି।

## ଶ୍ରୀମନ୍ଦିର ପରିକ୍ରମା କଲେ ସାଧୁସନ୍ଥ

**ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀର ଦ୍ୱିତୀୟ ଦିବସ**

ପୁରୀ, ୧୬।୯ (ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ଭକ୍ତନିବାସରେ ବିଶ୍ୱ ସନାତନ ଧର୍ମ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀର ଦ୍ୱିତୀୟ ଦିବସରେ ସୋମବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଚେୟାରମ୍ୟାନ ପଣ୍ଡିତ କାଶୀନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ମହାସମ୍ମିଳନୀ ହେଉଛି। ଦ୍ୱିତୀୟ ଦିବସରେ ସାଧୁସନ୍ଥମାନେ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ସନାତନ ଧର୍ମର ସୁରକ୍ଷା, ପ୍ରଚାର ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଭାରତରେ ସନାତନ ଶାସନ ପ୍ରତିଷ୍ଠା ଏବଂ ଗୋମାତାଙ୍କୁ 'ରାଷ୍ଟ୍ରମାତା' ଆଖ୍ୟା ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ସମ୍ମିଳନୀରେ ଭାରତ ସମେତ ବିଭିନ୍ନ ଦେଶରୁ ୧୫୦୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇଛନ୍ତି।



ଶୋଭାଯାତ୍ରାରେ ବାହାରିଥିବା ସାଧୁସନ୍ଥ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ରାମକୃଷ୍ଣ



@ ସୁଦୀପ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦ୍ୟାକନକ ସୃଜନାନୁଷ୍ଠାନର ନୂତନ ନାଟକ 'ଦେବଦାସୀ'

**ରବୀନ୍ଦ୍ରମଣ୍ଡପରେ ୧୯ ଓ ୨୦ରେ ହେବ ମଞ୍ଚସ୍ଥ**

ଭୁବନେଶ୍ୱର, ୧୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଟିମ୍ ଗ୍ରୁପ୍‌ର ସହଭାଗିତାରେ ଆସନ୍ତା ୧୯ ଓ ୨୦ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ସନ୍ଧ୍ୟା ୭ଟା ସମୟରେ ନୂତନ ନାଟକ 'ଦେବଦାସୀ' ମଞ୍ଚସ୍ଥ ହେବ। ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ଏହି ଓଡ଼ିଆ ନାଟକକୁ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ ରଚନା କରିଛନ୍ତି। ପ୍ରସନ୍ନ ମିଶ୍ର ସଙ୍ଗୀତ ପରିକଳ୍ପନା ତଥା ନିର୍ଦ୍ଦେଶନା ଦେଇଛନ୍ତି। ଶୀର୍ଷକ ସଙ୍ଗୀତ ଅରୁଣ ମନ୍ତ୍ରୀ ଲେଖିଥିବା ବେଳେ ଅଭିଜିତ ମିଶ୍ର ସ୍ୱର ଦେଇଛନ୍ତି। ଗୀତଗୋବିନ୍ଦ ରଚନା କରିଛନ୍ତି ଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ ଏବଂ ମଲ୍ଲୀମାଳ ସଙ୍ଗୀତ ଗାନ କରିଛନ୍ତି ଅନୁଜା ତାରିଣୀ ମିଶ୍ର। ରୁବି ହାତୀ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ମାନସ କୁମାର ପରିଡ଼ା ପ୍ରଚ୍ଛଦପଟ ସଙ୍ଗୀତରେ ରହିଥିବା ବେଳେ ମଞ୍ଚ ଦାୟିତ୍ୱରେ ପ୍ରଜ୍ଞାଦତ୍ତ ସାହୁ ଓ ଆଲୋକରେ ବିକାଶ ପ୍ରଧାନ ରହିଛନ୍ତି। କଳାକାରମାନଙ୍କ ବେଶ ପରିପାଟୀ ଓ ରୂପ ସଜ୍ଜାର ଦାୟିତ୍ୱ ନେଇଛନ୍ତି ଜନତା ଚିତ୍ରାଳୟର ଅଶୋକ କୁମାର ପଟ୍ଟନାୟକ। ଅଭିନୟରେ ସମୀର ତ୍ରିପାଠୀ, ଜାଗୃତି ରଥ, ଚନ୍ଦ୍ରଶେଖର ରଣସିଂହ, ଭବାନୀ ଶଙ୍କର ରଥ, ବିନାୟକ ମିଶ୍ର, ଦେବୁ ବ୍ରହ୍ମା, ହାଡ୍ଡୁ ଭାଇ, ଗୋବିନ୍ଦ ମହାପାତ୍ର, ମନିଷା ରଥ, ପ୍ରଦୀପ୍ତ କୁମାର ସ୍ୱାଇଁ, ରୁବି ହାତୀ, ରାକେଶ ଶତପଥୀ, ଜଗା ରାଉତ, ଦେବାଶିଷ ରାଉତ, ରାଜେଶ ବଳବନ୍ତରାୟ, ସୋହନ ଦେବ, ରତ୍ନୁରାଜ ମହାରଣା, ଶୁଭଲକ୍ଷ୍ମୀ ରାଉତରାୟ, ଅମରଦୀପ ମହାନ୍ତି, ବିବେକ ଲାଲ, ପ୍ରେମାନନ୍ଦ ଓ ଶୁଭକାନ୍ତ ପାଢ଼ୀ ରହିଛନ୍ତି। ଶିଶୁ କଳାକାର ଭାବେ ସୁଶ୍ରୀ, ସୁଶ୍ରୀ ସ୍ୱାରା, ଶାଶ୍ୱତୀ ନଜରକୁ ଆସିବେ। ନାଟକର ଟିକେଟ 'ବୁକ୍ ମାଇଁ ଶୋ'ରେ ପ୍ରାପ୍ତ ହେବା ସହ ଅଫ୍‌ଲାଇନରେ ଉପଲବ୍ଧ ହେବ ବୋଲି ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ ଜଣାଇଛନ୍ତି।

## ପ୍ରୀତିସ୍ମିତାଙ୍କୁ 'ବିଜୟିନୀ ସମ୍ମାନ', ନାଜନୀନଙ୍କୁ 'ବିଜୟିନୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖିକା ପ୍ରଫେସର ବିଜୟିନୀ ମହାନ୍ତି ନିଜ ନାମର ସାର୍ଥକତା ପ୍ରତିପାଦନ କରିଥିଲେ। ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ। ତାଙ୍କ ସ୍ମୃତିରେ ସୋମବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ବିଜୟିନୀ ସ୍ମୃତିସଭାରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ କଥାକାର ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୌରାଙ୍ଗ ଚରଣ ଲେଙ୍କା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ବିଷ୍ଣୁପ୍ରିୟା ଓତା ଯୋଗଦେଇଥିଲେ। ଏହି ଅବସରରେ ଆବାହକ ଡ. ଇନ୍ଦ୍ରମଣି ଜେନା ସ୍ୱର୍ଣ୍ଣପଦକ ବିଜୟିନୀ ଭାର ଉତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇଙ୍କୁ 'ବିଜୟିନୀ ସମ୍ମାନ' ପ୍ରଦାନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନାଜନୀନ ଅଖ୍‌ତାରଙ୍କୁ 'ବିଜୟିନୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପାଉଥିବା ପ୍ରସଙ୍ଗଭିତ୍ତିକ ୧୨ତମ ପତ୍ରିକା 'ଆମ ପରିବାର ଆତ୍ମୀୟତାର ଆଧାର' ଲୋକାର୍ପିତ ହୋଇଥିଲା।


ପୁରୁଣା ଭୁବନେଶ୍ୱରସ୍ଥିତ ଗୋଡ଼ିସାହିଠାରେ ବିଶ୍ୱକର୍ମା ପୂଜା।


ୟୁନିଟ୍‌-୩ ପ୍ରଦର୍ଶନୀ ପଡ଼ିଆ ବିଦ୍ୟୁତ କାର୍ଯ୍ୟାଳୟଠାରେ ପୂଜା ପାଉଥିବା ଦେବଶିଳ୍ପୀ ।


ୟୁନିଟ୍‌-୯ ରୋଡ ବିଦ୍ୟୁତ୍ କାର୍ଯ୍ୟାଳୟ।


ୟୁନିଟ୍‌-୩ ୱାଟକୋ ରୋଡ ଜୋନ।


ଜୟଦେବବିହାର ବିଶ୍ୱକର୍ମା ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।


'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କୁ ଫେରାଦ

## ଉତ୍କଳ ବିଶ୍ୱବିଦ୍ୟାଳୟ ଯୌନ ନିର୍ଯାତନା ଘଟଣା

ଭୁବନେଶର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ଯୌନ ନିର୍ଯାତନା ଘଟଣାକୁ ଏକ ମାସ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। କର୍ତ୍ତୃପକ୍ଷଙ୍କ ବିରୋଧରେ ରାଜ୍ୟପାଳଙ୍କ ନିକଟରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଫେରାଦ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ଏହି ଘଟଣାକୁ ଚପାଇବାକୁ ଉଦ୍ୟମ କରୁଛନ୍ତି। ତେଣୁ ତାଙ୍କୁ ପଦବୀରୁ ହଟାଯାଉ ବୋଲି ଦାସ ଦାବି କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏପରି ଘଟଣାରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ପୀଡ଼ିତାଙ୍କୁ ନିରୁତ୍ସାହିତ କରିଛି। ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ଚାମ୍ବରରେ ସିସିଟିଭି ନ ଥିବାରୁ ଘଟଣାକୁ ଚପାଇବାକୁ ଚେଷ୍ଟା କରାଯାଉଛି। ତେଣୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଘଟଣାର ନିରପେକ୍ଷ ତଦନ୍ତ ଆରମ୍ଭ କରାଯାଉ ବୋଲି ଦାସ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ସେହିପରି ବିଭିନ୍ନ ଛାତ୍ର ସଂଗଠନଗୁଡ଼ିକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଶ୍ୱବିଦ୍ୟାଳୟ ଖୋଲିଲେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଅନ୍ୟପଟେ ଗଣମାଧ୍ୟମରେ ଖବର ପ୍ରସାର ଏବଂ ମାନବାଧିକାର କମିଶନରରେ ଅଭିଯୋଗ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାରେ ଚେଇଁ ଉଠିଛନ୍ତି। ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଛୁଟି ଦିନରେ ବୈଠକ ଡକାଇଛନ୍ତି। କମିଟି ମଙ୍ଗଳବାର କୁଳପତିଙ୍କୁ ରିପୋର୍ଟ ଦେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।


କଳ୍ପନାଛକ ଧବଳେଶ୍ୱର ମିନିଟ୍ରକ ଆସୋସିଏଶନ।


ୟୁନିଟ୍‌-୨ ଜୁନିୟର ମ୍ୟାନେଜର ବିଦ୍ୟୁତ୍ କାର୍ଯ୍ୟାଳୟ।

## ଗୀତାଜ୍ଞାନ ପାଇଁ ଛାତ୍ରୀ ପୁରସ୍କୃତ

ବାରଙ୍ଗ,୧୬।୯(ଲିଙ୍ଗରାଜ ରାଉତ) ଭୁବନେଶ୍ୱରଠାରେ ଥିବା ଦିବ୍ୟଜୀବନ ସଂଘ କାର୍ଯ୍ୟାଳୟରେ ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ଉପରେ ଏକ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଆଖପାଖ ଅଞ୍ଚଳର ୬୦ ବିଦ୍ୟାଳୟର ବଛାବଛା ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ୱାମୀ ଶ୍ରୀ ଶିବାନନ୍ଦ ସରସ୍ୱତୀ ଓ ପରମପୂଜ୍ୟ ଗୁରୁ ମହାରାଜ ସ୍ୱାମୀ ଶ୍ରୀ ଚିଦାନନ୍ଦ ସରସ୍ୱତୀ ମହାରାଜାଙ୍କ ଜୟନ୍ତୀ ଉପଲକ୍ଷେ ଗତ ୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଗୀତାଜ୍ଞାନ ଉପରେ ବକ୍ତୃତା ପ୍ରଦାନ କରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ପରେ ଉପସ୍ଥିତ ଅତିଥିମାନଙ୍କଠାରୁ ପୁରସ୍କାର ସ୍ୱରୂପ ଧର୍ମପୁସ୍ତକ, ମାନପତ୍ର, କପ୍‌ ଗ୍ରହଣ କରିଥିଲେ।

## ଗୋସ୍ୱାମୀ ବ୍ରାହ୍ମଣଙ୍କ ରାଜ୍ୟସ୍ତରୀୟ ବୈଠକ

ପୁରୁଣା ଭୁବନେଶ୍ୱର,୧୬।୯
(ସୁବସ ଚନ୍ଦ୍ର ପ୍ରଧାନ)

ଲିଙ୍ଗରାଜ ମନ୍ଦିର ନିକଟ ଭାରତୀ ମଠରେ ଗୋସ୍ୱାମୀ ବ୍ରାହ୍ମଣମାନଙ୍କ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀ ମଠର ମଠାଧୀଶ ପ୍ରଣବ କିଶୋର ଭାରତୀଙ୍କ ସଭାପତିତ୍ୱରେ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ଦଶନାମୀ ଗୋସ୍ୱାମୀ ବ୍ରାହ୍ମଣ ଯୋଗଦେଇଥିଲେ। ଏହି ସଭାରେ ଗୋସ୍ୱାମୀ ବ୍ରାହ୍ମଣମାନଙ୍କ ସାମାଜିକ ସଂସ୍କାର ଓ ପ୍ରଚଳନ ଉପରେ ଆଲୋଚନା ହୋଇଥିଲା। ଏଥିସହ ସମାଜର ଉନ୍ନତି କିପରି ହୋଇପାରିବ ଆଲୋଚନା ହୋଇଥିଲା। ପୁରୀ ଜିଲାର ଗୋସ୍ୱାମୀ ବ୍ରାହ୍ମଣ ସମାଜ ସଭାପତି ବିଷ୍ଣୁ ଚରଣ ଭାରତୀ ଗୋସ୍ୱାମୀ ଋକ, ଯଜୁର, ସାମ ଓ ଅଥର୍ବ ବେଦରେ ଦଶନାମୀ ବ୍ରାହ୍ମଣମାନଙ୍କ ଭୂମିକା ସମ୍ପର୍କରେ ପ୍ରମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହାସହିତ କାର୍ଯ୍ୟକ୍ରମରେ ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦଶନାମୀ ଗୋସ୍ୱାମୀ ବ୍ରାହ୍ମଣମାନଙ୍କ ସମ୍ପର୍କରେ ମୁଖନଶୃତ ବାଣୀ ଏଠାରେ ରଖାଯାଇଥିଲା। ଏହି ସଭାରେ ସମାଜର ନଟବର ଗିରିଙ୍କୁ ଗୋସ୍ୱାମୀ ବ୍ରାହ୍ମଣ ସମାଜର ମହନ୍ତ ଉପାଧିରେ ଭୂଷିତ କରାଯାଇଥିଲା। ସମାଜର ଉନ୍ନତି ପାଇଁ ଆଗାମୀ ଦିନରେ ପ୍ରତ୍ୟେକ ଜିଲାରେ ସଙ୍ଗଠନ କରାଯାଇ କିପରି ସଂସ୍କାରମୂଳକ କାର୍ଯକ୍ରମ ହାତକୁ ନିଆଯାଇପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ସଭା ପ୍ରାରମ୍ଭରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇ ବେଦ ମନ୍ତ୍ରପାଠ କରାଯାଇଥିଲା। ପୁର୍ଣ୍ଣ ଭାରତୀ ଆଦି ଶଙ୍କରାଚାର୍ଯ୍ୟଙ୍କ ମହାନତା ବିଷୟରେ ଆଲୋକପାତ କରିଥିଲେ।

# ପୋଲରୁ କେନାଲକୁ ସ୍କୁଟି ସହ ଖସିପଡ଼ିଲେ ବାପ, ପୁଅ

## ଉଦ୍ଧାର କଲେ ସ୍ଥାନୀୟ ଯୁବକ

ବାଲିଅନ୍ତା,୧୬।୯(ନୀଳମାଧବ ସାହୁ)

ବାଲିଅନ୍ତା ସାଇଫନ୍‌ ଛକସ୍ଥିତ ଗୋପ ଶାଖା କେନାଲ ଭିତରକୁ ପୋଲ ଉପରୁ ସୋମବାର ରାତି ୮ଟା ୩୦ ମିନିଟ୍‌ରେ ସ୍କୁଟି ସହ ବାପ, ପୁଅ ଓଲଟି ପଡ଼ିଥିଲେ। ବୁଡ଼ିଯାଉଥିବାବେଳେ ସେମାନଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଛନ୍ତି। ବାପ, ପୁଅ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କେନାଲ ପୋଲରେ ସିମେଣ୍ଟ ବାଡ଼ ନ ଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀକରି ପୋଲର ଉଭୟ ପାର୍ଶ୍ୱରେ ବାଉଁଶ ବାନ୍ଧି ଯାତାୟାତ ବନ୍ଦ କରିଥିଲେ। ବାଲିଅନ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ବେଣ୍ଟପୁର ଅଞ୍ଚଳରୁ ବାପ ପୁଅ ୨ ଜଣ ଏକ ସ୍କୁଟି ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସାଇଫନ ଛକସ୍ଥିତ ଗୋପ ଶାଖା କେନାଲ ପୋଲକୁ ଯିବାକୁ ଟର୍ନିଂ କାଟିବା ସମୟରେ ତା'ପୂର୍ବରୁ ଏକ ଖାଲରେ ସ୍କୁଟିଟି ପଡ଼ିଯାଇଥିଲା। ଏହି ସମୟରେ ଭାରସାମ୍ୟ ହରାଇ ଚାଳକ ରାସ୍ତାର ବାମପଟକୁ ମାଡ଼ିଯାଇଥିଲେ। କିନ୍ତୁ ପୋଲର ସିମେଣ୍ଟ ବାଡ଼ ଭାଙ୍ଗିଯାଇଥିବାରୁ ବାପ, ପୁଅ ଦୁହେଁ କେନାଲ ପାଣିକୁ ଓଲଟି ପଡ଼ିଥିଲେ।

Government of Odisha "e" Procurement Notice
WORKS DEPARTMENT
No. B-257
Bid Identification No. C.C.E.K.C. - 12/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

| | | |
|---|---|---|
| 1. | No. of the work | :- 3 Number Road & Bridge Works |
| 2. | Estimated Cost | :- Rs.185.56 Lakhs to Rs.297.37 Lakhs |
| 3. | Class of Contractor | :- "B" & "A" Class |
| 4. | Period of completion | :- 08 (Eight) Calendar Months to 10 (Ten) Calendar Months |
| 5. | Date and Time of availability of Bid document in the portal | :- From 11.30 hours of **23.09.2024** to 16.00 hours of **08.10.2024** |
| 6. | Last date/ Time for receipt of bids in the portal | :- 16.00 hours of **08.10.2024** |
| 7. | Date of opening of Bid from Portal | :- 11.30 hours on **09.10.2024** |
| 8. | Name and address of the officer inviting Bid | :- Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer,
Keonjhar (R&B) Circle, Keonjhar
OIPR-34033/11/0026/2425

Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E. (R&B) KPT - 04/2024-25
No. B-261:-

| | | |
|---|---|---|
| 1. | Name of the work | : **Building works** |
| 2. | Total No. of works | : 01 No. |
| 3. | Estimated cost | : Rs.90.60 Lakhs |
| 4. | Period of completion | : 02 (Two) months |
| 5. | Date & Time of availability of bid document in the portal | : From 23.09.2024 at 11.00 hours to 08.10.2024 upto 17.00 hours |
| 6. | Last date/Time for receipt of bids in the portal | : 08.10.2024 upto 17.00 hours |
| 7. | Date of opening of Tender | : 09.10.2024 at 12.00 hours |
| 8. | Name and address of the Officer Inviting Bid | : Superintending Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer,
Koraput (R&B) Division
OIPR-34096/11/0002/2425

GOVERNMENT OF ODISHA
No.B-274
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
Letter No. 3328 dtd. 13.09.24
Bid Identification No. SE (R&B)-BDH 03/2024-25

| | | |
|---|---|---|
| 1) | Name of the work | : 03 (Three) Nos. of Civil work (Single cover) |
| 2) | Estimated Cost | : 30.00 lakh to 36.00 lakh |
| 3) | Period of Completion | : 01 (One) Calendar month. |
| 4) | Date & Time of availability of Bid documents in the portal | : From 21.09.2024, 10.00 AM to 28.09.2024, 5.00 PM |
| 5) | Last date/time for seeking of Tender Clarification | : 28.09.2024 up to 1.00 P.M |
| 6) | Last date / time for receipt of bids in the portal | : Up to 5.00 P.M. of dated 28.09.2024 |
| 7) | Date & time of opening of tender /Bid | : 30.09.2024 at 11.30 A.M |
| 8) | Name and address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0003/2425

OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-mail ID - sepwd_rgda@yahoo.com Phone/Fax No -06856 - 223049
e-Procurement Notice
Bid Identification No. C.C.E (RANDB) RGDA- 04/ 2024-25 (Online) Dt.12.09.2024
No. 917 Date.12.09.2024
No.B-254:- INVITATION FOR BIDS

| | | |
|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | |
| 2. | Nature of work | : **Building & Bridge Works** |
| 3. | No. of works | : **03 (Three) nos. of works** |
| 4. | Estimated Cost. (Approximately) | : **Rs. 736.01 Lakhs, Rs. 824.83 Lakhs, Rs. 111.40 Lakhs** |
| 5. | Bid Cost (Online) | : **Rs. 10,000/- (each)** |
| 6. | **EMD/Bid Security Amount (Online)** | : **One Percentage of the Estimated Cost.** |
| 7. | Class of Contractor | : **"B, A and Special Class" as per Financial Eligibility.** |
| 8. | Availability of Bid Documents in the website | : **11.00 Hrs of Dt. 21.09.2024 to 17.00 Hrs of Dt. 07.10.2024.** |
| 9. | Date of opening of Bid | : **11.00 Hrs of Dt. 08.10.2024.** |
| 10. | The Bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/ Corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Construction Engineer
Rayagada (R&B) Circle, Rayagada
OIPR-34154/11/0005/2425

## ସଂକ୍ଷେପରେ

### ଜାତୀୟ ନୂତନ ଶିକ୍ଷାନୀତି ସମ୍ପର୍କିତ ଆଲୋଚନାଚକ୍ର

ବାଙ୍କୀ,୧୬।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ନୂତନ ଶିକ୍ଷାନୀତି–୨୦୨୦ ଉପରେ ସୋମବାର ଏକ ଆଲୋଚନାଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସମସ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ନୂତନ ଶିକ୍ଷାନୀତି ପ୍ରଚଳନ ହେବାକୁ ଯାଉଛି। କଲେଜ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିବା ସହ ନୂତନ ଶିକ୍ଷାନୀତି ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ତଥା ଉଚ୍ଚଶିକ୍ଷା ପରିଷଦର ବରିଷ୍ଠ ସଦସ୍ୟ ଡକ୍ଟର ପ୍ରଦୀପ କୁମାର ବେହେରା ଯୋଗଦେଇ ଚଳିତ ବର୍ଷ ସ୍ନାତକ ଶ୍ରେଣୀରେ ନୂତନ ଶିକ୍ଷାନୀତି ପ୍ରଚଳନ ହେଉଥିବା ପରିପ୍ରେକ୍ଷୀରେ ଏହାର ସମସ୍ତ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ଶଶିଭୂଷଣ ମହାପାତ୍ର, ଡ. ଶ୍ରୀକାନ୍ତ ଦାଶ, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ସେଲ୍ଫ ଫାଇନାନ୍ସ ସଂଯୋଜକ ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ଡକ୍ଟର ଅବନ୍ତିକା କର, ପ୍ରାଧ୍ୟାପିକା ମିନତି ଧୀର, କ୍ୟାପ୍ଟେନ ଗୁରୁବାରୀ ସାହୁ ପ୍ରମୁଖ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

### ଆର୍ଟ ଗ୍ୟାଲେରିରେ ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ

କଟକ,୧୬।୯(କାର୍ତ୍ତିକ ସାହୁ) କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ପକ୍ଷରୁ ଟାଉନ୍ ହଲର ଉପର ମହଲାସ୍ଥିତ ଆର୍ଟ ଗ୍ୟାଲେରୀରେ ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅର୍ଗାନାଇଜେଶନ୍‌ର ଚିତ୍ରଶିଳ୍ପୀମାନେ ନିଜର ଚିତ୍ରକଳା ଓ ଭାସ୍କର୍ଯ୍ୟକୁ ଅତ୍ୟନ୍ତ ନିଖୁଣ ଭାବେ ପ୍ରଦର୍ଶନ କରିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସିଏମ୍‌ସି ମେୟର ସୁବାସ ସିଂହ, ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ଓସିଏ ସଭାପତି ସଞ୍ଜୟ କୁମାର ବେହେରା ଏବଂ ତହସିଲଦାର ସୁଜୟ କୁମାର ପତି ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ସଞ୍ଜୀବ ବିଶ୍ୱାଳ, ଯଶମିନ୍ ସାହୁ, ଲକ୍ଷ୍ମୀଧର ରଣା, ଜିତେନ୍ଦ୍ର କୁମାର ସାହୁ, ମନିଷା କର, ପ୍ରତିମା ମିଶ୍ର, ପ୍ରଭାତ ସାହୁ, ମନୋଜ ପାଣି, କାଞ୍ଚି ମଲ୍ଲିକ, ବିଦ୍ୟାଧର କୁଅଁର, ମମତା ସାମନ୍ତରାୟ, ସୌଭାଗ୍ୟ ମହାପାତ୍ର, ସ୍ମିତା ମୁଳିଆ ଓ ତେଜସ୍ୱିନୀ ସାମନ୍ତ ସିଂହାର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।

### ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

ବାଙ୍କୀ,୧୬।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ ସୋମବାର କଲେଜ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଛି। ବୈଠକରେ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ବୈଠକରେ ଆଲୋଚନା ହେବାକୁଥିବା କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ତୃତୀୟସ୍ତର ନାକ୍, କଲେଜର ବିଭିନ୍ନ ନିର୍ମାଣ କାର୍ଯ୍ୟ, ପାଠ୍ୟପୁସ୍ତକ କ୍ରୟ, ମ୍ୟାନେଜ୍‌ମେଣ୍ଟ ଷ୍ଟାଫ୍ ଦରମା, କଲେଜ ଖେଳପଡ଼ିଆ ଉନ୍ନତୀକରଣ, ଚଳିତ ବର୍ଷ ଜାତୀୟ ନୂତନ ଶିକ୍ଷାନୀତି ଅନୁଯାୟୀ ପାଠ୍ୟଖସଡ଼ା ଉପରେ ଆଲୋଚନା ହେବା ସହ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ରଣା, ସନାତନ ବେହେରା, ସୌମେନ୍ଦ୍ର କୁମାର ମିଶ୍ର, ଭାଗୀରଥି ବିଶ୍ୱାଳ, ଶିକ୍ଷକ ପ୍ରତିନିଧି ଡକ୍ଟର ଅବନ୍ତିକା କର ଓ ସରକାରଙ୍କ ପ୍ରତିନିଧି ସୁରଜିତ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଗଉନି

**ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି**

କଟକ,୧୬।୯(ଶିଳ୍ପା ପ୍ରିୟଦର୍ଶିନୀ)



ଖବରଦାତା ସମ୍ମିଳନୀରେ ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟିର ସଦସ୍ୟମାନେ।

ମା' କଟକ ଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛି ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି। ସୋମବାର ଶେଖବଜାରସ୍ଥିତ ଲାଲା ମଠରେ ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରତି ସରକାର ଦୃଷ୍ଟି ଦେବା ନେଇ ଦାବି କରାଯିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଚଣ୍ଡୀମନ୍ଦିର ଉନ୍ନତୀକରଣ ସଂକ୍ରାନ୍ତ ବିସ୍ତୃତ ପ୍ରକଳ୍ପ ବିବୃତିକୁ ସାର୍ବଜନୀନ କରାଯାଉ। ପୂର୍ବ ସରକାର ୭୦ କୋଟି ଟଙ୍କା ଅନୁଦାନ ଦେଇଥିଲେ ମଧ୍ୟ ୩ବର୍ଷ ବିତିବା ପରେ ବି କାର୍ଯ୍ୟ ଆରମ୍ଭ ହୋଇନାହିଁ। ମନ୍ଦିର ସମ୍ପ୍ରସାରଣ ନିମନ୍ତେ କିଣାଯାଇଥିବା ଜମିକୁ ଅନାବଶ୍ୟକ ଭାବେ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଇଛି। ମନ୍ଦିର ପରିସରରେ ପୂର୍ବରୁ ଥିବା ଦୋକାନଗୁଡ଼ିକୁ ନୂତନ ଭାବେ ନିର୍ମାଣ କରାଯିବା ଦ୍ୱାରା ଗୃହଗୁଡ଼ିକ ବ୍ୟବସାୟ ପାଇଁ ସମସ୍ୟା ପାଲଟିଛି। ୧୬ଟି ଦୋକାନ ଗୃହକୁ ଭଙ୍ଗା ଯିବା ବାବଦରେ ବ୍ୟବସାୟୀମାନଙ୍କୁ କ୍ଷତି ପୂରଣ ସହିତ ନୂତନ ଦୋକାନ ଗୃହ ଯୋଗାଇ ଦେବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ମା'ଙ୍କ ନୀତି ଓ ସ୍ନାନ ପାଇଁ ବେଢ଼ା ଭିତରେ ଥିବା କୂପରୁ ଜଳ ଆଣି ବ୍ୟବହାର କରିବାର ପରମ୍ପରା ରହି ଆସିଥିବାବେଳେ କିଛିଦିନ ହେବ ଉକ୍ତ କୂପଟି ଅପରିଷ୍କାର ହୋଇପଡ଼ିଛି। ଫଳରେ ପରମ୍ପରାକୁ ଭାଙ୍ଗି ଅନ୍ୟ ପାଣିରେ ମା'ଙ୍କ ନୀତି କରାଯାଉଛି। ତତ୍କାଳୀନ କନିକା ରାଜା ଉକ୍ତ ମନ୍ଦିର ପରିଚାଳନା ପାଇଁ ଦେଇଥିବା ଜମି ବର୍ତ୍ତମାନ କେଉଁ ପରିସ୍ଥିତିରେ ରହିଛି ଏବଂ ତାହାର ସରଜମିନ ତଦନ୍ତ କରାଯାଉ। ମନ୍ଦିରକୁ ଭକ୍ତମାନେ ଦେଉଥିବା ଦାନ ଅର୍ଥର ୪୦ ଭାଗକୁ କେଉଁ ଆଧାରରେ ପୂଜକମାନେ ନେଉଛନ୍ତି ତାହାର ତଦନ୍ତ କରାଯଉ। ସ୍ଥାୟୀ ତଥା ପୂର୍ଣ୍ଣାଙ୍ଗ ଟ୍ରଷ୍ଟ ବୋର୍ଡ ଗଠନ କରାଯାଉ। ଅସ୍ଥାୟୀ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ କେଉଁ ଆଧାରରେ ୩୦ରୁ ୪୦ ବର୍ଷ ହେବ ମନ୍ଦିର ପରିଚାଳନା କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ଟ୍ରଷ୍ଟର ସଦସ୍ୟମାନେ କହିଛନ୍ତି। ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ସଭାପତି କିଶୋର ବେହେରା କହିଛନ୍ତି, ପୂର୍ବ ସରକାର ସମସ୍ତ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମାପ୍ତ କରିଥିବାବେଳେ ଚଣ୍ଡୀ ମନ୍ଦିରକୁ ଅଣଦେଖା କାହିଁକି କରାଯାଇଥିଲା ତାହା ବୁଝାପଡୁ ନାହିଁ। ମାଙ୍କ ଷୋଡ଼ଶ ଉପଚାର ପୂଜାକୁ ମାତ୍ର କିଛି ଦିନ ବାକି ଥିବାବେଳେ ଚଳିତବର୍ଷ ମଧ୍ୟ ଏଭଳି ଭାବେ ପାର୍ବଣରେ ପୂଜାର୍ଚ୍ଚନା କରାଯିବା ଦୁଃଖର ବିଷୟ। ସରକାର ଓ ଦେବୋତ୍ତର ବିଭାଗ ସମସ୍ତ ବିଷୟ ଅନୁସନ୍ଧାନ କରିବା ସହିତ ଉକ୍ତ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇନେବା ଏବଂ ମନ୍ଦିର ପରିଚାଳନା ଅବ୍ୟବସ୍ଥାରେ ସୁଧାର ଆଣିବା ନେଇ ହସ୍ତକ୍ଷେପ କରିବାକୁ ବେହେରା ଦାବି କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ଧର୍ମେଶ ନାୟକ, ଆଇନ ପରାମର୍ଶଦାତା ଦେବାଶିଷ ପାଣିଗ୍ରାହୀ, କ୍ଷୀତିଶ ଜଗତି ଏବଂ ଆବାହକ ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୨ ପ୍ରାଧ୍ୟାପକ ସମ୍ମାନିତ

ଭୁବନେଶ୍ୱର,(ଅନୁରାଧା ମହାରଣା)/ ତ୍ରିଶୂଳିଆ, ୧୬।୯(ତୁଷାର ବେହେରା):


ଡ.ରବି ନାରାୟଣ ଶତପଥୀ।


ଡ. ତୀର୍ଥଙ୍କର ଘୋଷ।

ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨ଜଣ ବିଜ୍ଞାନ ପ୍ରାଧ୍ୟାପକଙ୍କୁ ସମ୍ମାନିତ କରାଯାଇଛି। କୋଲ୍‌କାତାସ୍ଥିତ ଫିଜିଓଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ବିଶ୍ୱବିଦ୍ୟାଳୟର 'ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍' ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ତୀର୍ଥଙ୍କର ଘୋଷ୍‌ଙ୍କୁ ଶ୍ରମଦକ୍ଷତା ଶାସ୍ତ୍ର, ଭୌତିକ ବିଜ୍ଞାନ, ବ୍ୟାୟାମ ଏବଂ କ୍ରୀଡ଼ା ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ପାଇଁ 'ପ୍ରଫେସର ଏସ୍.ଆର୍. ମୈତ୍ର ସ୍ମାରକୀ ବକ୍ତୃତାମାଳା ପୁରସ୍କାର–୨୦୨୪'ରେ ସମ୍ମାନିତ କରାଯାଇଛି। ଜୈବବିଜ୍ଞାନ କ୍ଷେତ୍ରରେ ଏହି ସ୍ମାରକୀ ପୁରସ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାଧ୍ୟାପକ ଡ. ଘୋଷ୍ କହିଛନ୍ତି, ଏହି ପୁରସ୍କାର ତାଙ୍କୁ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ଏବଂ ଦାୟିତ୍ୱବାନ୍ କରିଛି। ସେହିପରି ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ ହୋଇଥିବା ଓଡ଼ିଶା ଟେକ୍ନିକାଲ କନ୍‌କ୍ଲେଭ–୨୦୨୪ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଡିନ୍ ପ୍ରାଧ୍ୟାପକ ଡ. ରବିନାରାୟଣ ଶତପଥୀଙ୍କୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଭରଗ୍ରୀନ୍ ଫୋରମ ପକ୍ଷରୁ ଓଡ଼ିଶା ଟେକ୍ନୋକ୍ରାଫ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଏହା ତାଙ୍କ କ୍ୟାରିୟରରେ ଏକ ମାଇଲଖୁଣ୍ଟ ସଦୃଶ ଏବଂ ଆଗକୁ ଅଧିକରୁ ଅଧିକ ସଫଳତା ନିମନ୍ତେ ପ୍ରେରିତ କରିବ ବୋଲି ଡ. ଶତପଥୀ ପ୍ରକାଶ କରିଛନ୍ତି। ଦୁଇ ବିଜ୍ଞାନ ପ୍ରାଧ୍ୟାପକଙ୍କ ଏହି ସଫଳତାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ଏବଂ କୁଳପତି ଡ. ତେଜପ୍ରତାପ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ପକ୍ଷରୁ ଟାଉନ୍ ହଲ୍ ଆର୍ଟ ଗ୍ୟାଲେରୀରେ ଆୟୋଜିତ ପ୍ରଥମ ଚିତ୍ରକଳା ପ୍ରଦର୍ଶନୀକୁ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି )

# ବେଷ୍ଟକାର ଶିଶୁମନ୍ଦିରରେ ବିଜ୍ଞାନ ମେଳା

କଟକ ସଦର,୧୬।୯ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଧୀନ ବେଷ୍ଟକାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୪ତମ ବାର୍ଷିକ ବିଜ୍ଞାନ ମେଳା, ମୀନାବଜାର ଓ ଶିଶୁ ବାଟିକାର କଣ୍ଢେଇ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ମେଳାରେ ବିଭିନ୍ନ ବିଭାଗରେ ୭୪ଟି ପ୍ରକଳ୍ପ ସାମିଲ ହୋଇଥିବାବେଳେ ମୀନବଜାରରେ ୪୫ଜଣ ଛାତ୍ରୀ ଭାଗ ନେଇ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ହସ୍ତକର୍ମ ପ୍ରଦର୍ଶନ ଓ କଣ୍ଢେଇ ସଭା କରାଯାଇଥିଲା। ମଜଦୁର ନେତା ବିଜୟ ଭୂଷଣ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ପ୍ରତିଭାର ବିକାଶ କରିବା ସହିତ ଉଚ୍ଚମନା ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁମା' ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଜରତ୍ ମହମ୍ମଦ ଦୟାର ସାଗର ଥିଲେ


ପଙ୍କାଳ ଜାମା ମସ୍‌ଜିଦ୍‌ଠାରେ ଆୟୋଜିତ ଜଲ୍‌ସାରେ ଯୋଗଦେଇଥିବା ଅତିଥିମାନେ।

ତିଗିରିଆ,୧୬।୯(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀଠାରେ ସୋମବାର ଜଲ୍‌ସା ସିରତୁନ ନବୀ (ହଜରତ୍ ମହମ୍ମଦଙ୍କ ଜୟନ୍ତୀ) (ଇଦ୍ ମିଲଦ ଉନ ନବୀ) ପାଳିତ ହୋଇଯାଇଛି। ପଙ୍କାଳ ଜାମା ମସ୍‌ଜିଦ୍‌ଠାରେ ଆୟୋଜିତ ଜଲ୍‌ସାରେ ମହମ୍ମଦ ଜାଫର ଅଲ୍ଲୀ ସଭାପତିତ୍ୱ କରିଥିଲେ। ପବିତ୍ର କୋରାନ୍ ଶ୍ଳୋକ ମହମ୍ମଦ ଅବରାର, ଉର୍ଦ୍ଦୁ କବିତା (ନଜମ) ଅବିଦୁର ରେହେମାନ ଓ ଓଡ଼ିଆ କବିତା ଅବଦୁଲ ମଜିଦ ଖାଁ ଓ ୟାମିନ ଖାଁ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ମୌଲାନା ସୟଦ କଲିମୁଦ୍ଦିନ କାଜୀ,ଜମାତ୍ ଅହମ୍ମଦିୟା ଭାରତ ଯୋଗଦେଇ ହଜରତ୍ ମହମ୍ମଦଙ୍କ ଜୀବନୀ ସହିତ ଦୟାର ସାଗର ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ମୌଲାନା ମହମ୍ମଦ କଲିମ, କଟକ ଜିଲା ଜମାତ ଅହମ୍ମଦିୟା ମୌଲାନା ସେକ୍ ଇସିହାକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ହଜରତ ମହମ୍ମଦଙ୍କ ଜୀବନୀ ଉପରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତାକୁ ଅବ୍‌ଦୁଲ ଇସ୍‌ମାଇଲ ଖାଁ ଦ୍ୱାରା ପରିଚାଳନା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାମା ମସଜିଦ୍ ମୌଲାନା ସେକ୍ ନାସିରୁଦ୍ଦିନ, ସେକ୍ ସମସୁଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜମାତ୍ ଅହମ୍ମଦିୟା କରଡ଼ାପଲ୍ଲୀଠାରେ ଭୋର୍ ୪ଟାରେ ଜାମା ମସ୍‌ଜିଦଠାରେ ସ୍ୱତନ୍ତ୍ର ସାମୂହିକ ନମାଜ ତହଜୁଦ ପାଠ, ପିତ କୋରାନ ପାଠ, ଗ୍ରାମ୍ୟ କବରସ୍ଥାନଠାରେ ନୀରବ ପ୍ରାର୍ଥନା, ତିଗିରିଆ ବ୍ଲକର ୩ଟି ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ ଓ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥିଲେ। ସନ୍ଧ୍ୟାରେ ଗ୍ରାମ କମିଟି ସଭାପତି ଅବ୍‌ଦୁଲ ମାଲିକଙ୍କ ସଭାପତିତ୍ୱରେ ସିରାତୁନ ନବୀ ଜଲସା ଆୟୋଜନ କରାଯାଇଥିଲା। ଏହି ଜଲ୍‌ସାରେ ମୌଲାନା କରାମତ ଅହମ୍ମଦ, ଉପସଭାପତି ସେକ୍ ଅବ୍‌ଦୁଲ ତୋୟବ, ଯୁବ ସଭାପତି ସରାଫତ ଅଲ୍ଲୀ ଖାଁ, ମହିମୁଦ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନ, ସୁରେନ୍ଦ୍ରଙ୍କ ଭଳି ମହାପୁରୁଷଙ୍କ ଜନ୍ମ ସାଲେପୁର ମାଟିରେ

ସାଲେପୁର,୧୬।୯(ଅରବିନ୍ଦ ଭୂୟାଁ): ସାଲେପୁର ହାଇସ୍କୁଲ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ମଙ୍ଗଳବାର ସାଲେପୁର ହାଇସ୍କୁଲ ଅଡିଟୋରିୟମ ହଲ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ସାଲେପୁର କଲେଜ ଅଧ୍ୟକ୍ଷ ଉମେଶଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରିଅଲ୍‌ଇଷ୍ଟେଟ, ଆପିଲେଟ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଯୋଗଦେଇ ସାଲେପୁର ମାଟିରେ ମଧୁସୂଦନ ଦାସ, ସୁରେନ୍ଦ୍ର ମହାନ୍ତିଙ୍କ ଭଳି ମହାପୁରୁଷମାନେ ଜନ୍ମ ଗ୍ରହଣ କରିଥିବାରୁ ଏ ମାଟିର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ସାଲେପୁର ହାଇସ୍କୁଲ ଆଲୁମ୍‌ନି ଆସୋସିଏଶନ ଏପରି ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ମାନିତ କରୁଥିବାରୁ ସେ ସାଧୁବାଦ ଜଣାଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ସାମାଜିକ କର୍ମୀ ନନ୍ଦକିଶୋର ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଭୁବନାନନ୍ଦ ମିଶ୍ର ଓ ସ୍ୱତନ୍ତ୍ର ଅତିଥିଭାବେ ମାନସ ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଝାଡ଼ଖଣ୍ଡ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା.କ୍ଷିତିଭୂଷଣ ଦାସ ଓ ପୋଲିସ ସେବାପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଜଗତ୍‌ସିଂହପୁର ଜିଲା ଉପଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ରନାଥ କର, ଆଲୁମ୍‌ନି ଆସୋସିଏଶନ ସଭାପତି ମିହିର କୁମାର ଜେନା ଓ କବି ସଦାଶିବ ଦାଶ ଯୋଗଦେଇଥିଲେ। ଶେଷରେ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# ମାତୃହତ୍ୟାର ଡେମୋ ଦେଖାଇଲେ ସାନପୁଅ

**ମହାନଦୀ ବିହାର ହତ୍ୟାକାଣ୍ଡ ଘଟଣା**

କଟକ,୧୬।୯(କାର୍ତ୍ତିକ ସାହୁ): ମହାନଦୀ ବିହାରରେ ସଂଘଟିତ ମାତୃହତ୍ୟା ଘଟଣାରେ ଅଭିଯୁକ୍ତ ସାନପୁଅ ଅନୁରାଗ ମହାନ୍ତି ସୋମବାର ପୋଲିସ ଆଗରେ ଡେମୋ ଦେଖାଇଛନ୍ତି। ଅନୁରାଗଙ୍କୁ ରବିବାର ଗିରଫ କରିଥିବା ଚାଉଳିଆଗଞ୍ଜ ଥାନା ପୋଲିସ ମହାନଦୀ ବିହାରସ୍ଥିତ ୭୧୪ ନମ୍ବର ଫ୍ଲାଟ୍‌ରେ ଥିବା କୋଠାରେ ହତ୍ୟାକାଣ୍ଡର ସିନ୍ ରିକ୍ରିଏସନ୍ ସୋମବାର କରିଛି। ଏଥିପାଇଁ ଅନୁରାଗଙ୍କୁ ଥାନାରୁ ହତ୍ୟାକାଣ୍ଡ ସ୍ଥଳକୁ ନିଆଯାଇଥିଲା।

ସୂଚନା ଅନୁସାରେ, ବଡ଼ଭାଇ ଅଂଶୁମାନ ଓ ଅନୁରାଗଙ୍କର ଗତ ୧୩ ତାରିଖ ବିଳମ୍ବିତ ରାତିରେ ମା' ଅନିମା ମହାନ୍ତିଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଦୁଇଭାଇ ମା'ଙ୍କୁ ଜୀବନରୁ ମାରି ଦେବାକୁ ଚାହୁଁଥିଲେ। ଏଥିପାଇଁ ସେମାନେ ପୂର୍ବରୁ ଯୋଜନା କରିଥିଲେ। ଅଂଶୁମାନ ପ୍ରଥମେ ମଶାରି ବାଡ଼ାରେ ଅନିମାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ତଳେ ପଡ଼ିଯିବାରୁ ଲୁହା ତାୱାରେ ଅନିମାଙ୍କ ମୁଣ୍ଡ ଓ ମୁହଁକୁ ସେ ବାଡ଼େଇଥିଲେ। ଏଥିରେ ଅନିମା ଅଚେତ ହୋଇଯାଇଥିଲେ। ଏହାପରେ ସେ ମା' ପେଟରେ ଛୁରି ଭୁଷିଥିଲେ। ଅନିମାଙ୍କ ପେଟକୁ ବାରମ୍ବାର ଛୁରି ଭୁଷିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘର ଚଟାଣ ସାରା ରକ୍ତଛିଟା ପଡ଼ିବାରୁ ତାକୁ ଧୋଇବାର ପ୍ରୟାସ ହୋଇଥିଲା। ଅଂଶୁମାନ ମୃତ ମା'କୁ ଗାଧୋଇ ଦେଇଥିଲେ। ରକ୍ତଛିଟା ଦେହରୁ ପୋଛି ଦେଇଥିଲେ। ମୃତଦେହକୁ ବେଡସିଟ୍ ଘୋଡ଼ାଇ ଚଟାଣରେ ଶୁଆଇ ଦେଇଥିଲେ। ଏସବୁ କାଣ୍ଡ ଚାଲିଥିବା ବେଳେ ସାନପୁଅ ଅନୁରାଗ ଦେଖୁଥିଲେ। ସେ ମା'ଙ୍କୁ ହତ୍ୟା କରି ନ ଥିଲେ ବି ଏହି ଘଟଣାକୁ ଲୁଚାଇବାକୁ ବଡ଼ଭାଇଙ୍କୁ ସହଯୋଗ କରିଥିଲେ। ଏପରିକି ଘର ଚଟାଣରୁ ବଡ଼ଭାଇଙ୍କ ସହ ମିଶି ରକ୍ତଛିଟା ପୋଛିଥିବା ପୋଲିସ ନିକଟରେ ଅନୁରାଗ ସ୍ୱୀକାର କରିଛନ୍ତି।

ଉଲ୍ଲେଖଯୋଗ୍ୟ କି, ଘଟଣା ପରଦିନ ସକାଳ ୭ଟା ୧୫ରେ ମହାନଦୀ ବିହାରର ସାମାଜିକ କର୍ମୀ ସଞ୍ଜୟ କୁମାର ଜେନା ସ୍କୁଟିରେ ଯାଉଥିବା ବେଳେ ଅନିମାଙ୍କ ଘର ବାହାରେ ଆସବାବପତ୍ର ଓ ଆବର୍ଜନା ପଡ଼ିଥିବା ଦେଖିଥିଲେ। ସେ ସଫେଇ ସୁପରଭାଇଜରଙ୍କୁ ଆବର୍ଜନା ସଫେଇ କରିବାକୁ ଫୋନ୍‌ରେ କହିଥିଲେ। ଏହାପରେ ସଞ୍ଜୟ ଘର ପାଖକୁ ଯାଇ କଲିଂ ବେଲ୍ ମାରିଥିଲେ। ମାତ୍ର ଗେଟ୍ ଖୋଲାଥିବାରୁ ସେ ଭିତରକୁ ଯାଇ ଅଂଶୁମାନ ଓ ଅନୁରାଗ ଘରର ସଫେଇ କରୁଥିବା ଦେଖିଥିଲେ। ସେମାନେ ପାଣିରେ ଘରର ଚଟାଣରେ ଲାଗିଥିବା ରକ୍ତଛିଟାକୁ ଧୋଉଥିବା ସେ ଦେଖିଥିଲେ। ଚଟାଣରେ ଅନିମା ଘୋଡ଼େଇ ହୋଇ ଶୋଇବା ଭଳି ଦେଖିଥିଲେ। ଏଥିରେ ତାଙ୍କର ସନ୍ଦେହ ହେବାରୁ ଘର କାହିଁକି ଧୋଉଛ, ଆସବାବପତ୍ର କାହିଁକି ବାହାରେ ଫିଙ୍ଗିଛ ବୋଲି ପଚାରିଥିଲେ। ମାତ୍ର ଦୁଇ ଭାଇ ବିଚଳିତ ହୋଇ ଘରେ ଏକ ବିଲେଇ ମରିଯାଇଛି ବୋଲି କହିଥିଲେ। ସଞ୍ଜୟ ଏନେଇ ଚାଉଳିଆଗଞ୍ଜ ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅନିମାଙ୍କୁ ହତ୍ୟା କରାଯାଇଥିବା ପୋଲିସ ନିଶ୍ଚିତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବଡ଼ପୁଅ ଅଂଶୁମାନକୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ମାତ୍ର ସାନପୁଅ ଅନୁରାଗ ଫେରାର ହୋଇଯାଇଥିଲେ।


ଅନୁରାଗ ମହାନ୍ତି

Government of Odisha "e" Procurement Notice
WORKS DEPARTMENT
No. B-257
Bid Identification No. C.C.E.K.C. - 12/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

1. No. of the work :- 3 Number Road & Bridge Works
2. Estimated Cost :- Rs.185.56 Lakhs to Rs.297.37 Lakhs
3. Class of Contractor :- "B" & "A" Class
4. Period of completion :- 08 (Eight) Calendar Months to 10 (Ten) Calendar Months
5. Date and Time of availability of Bid document in the portal :- From 11.30 hours of **23.09.2024** to 16.00 hours of **08.10.2024**
6. Last date/ Time for receipt of bids in the portal :- 16.00 hours of **08.10.2024**
7. Date of opening of Bid from Portal :- 11.30 hours on **09.10.2024**
8. Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0026/2425

Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E. (R&B) KPT - 04/2024-25

No. B-261:-

| | | |
|---|---|---|
| 1. | Name of the work | **Building works** |
| 2. | Total No. of works | 01 No. |
| 3. | Estimated cost | Rs.90.60 Lakhs |
| 4. | Period of completion | 02 (Two) months |
| 5. | Date & Time of availability of bid document in the portal | From 23.09.2024 at 11.00 hours to 08.10.2024 upto 17.00 hours |
| 6. | Last date/Time for receipt of bids in the portal | 08.10.2024 upto 17.00 hours |
| 7. | Date of opening of Tender | 09.10.2024 at 12.00 hours |
| 8. | Name and address of the Officer Inviting Bid | Superintending Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer, Koraput (R&B) Division
OIPR-34096/11/0002/2425

GOVERNMENT OF ODISHA
No.B-274
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
Letter No. 3328 dtd. 13.09.24
Bid Identification No. SE (R&B)-BDH 03/2024-25

1) Name of the work : 03 (Three) Nos. of Civil work (Single cover)
2) Estimated Cost : 30.00 lakh to 36.00 lakh
3) Period of Completion : 01 (One) Calendar month.
4) Date & Time of availability of Bid documents in the portal : From 21.09.2024, 10.00 AM to 28.09.2024, 5.00 PM
5) Last date/time for seeking of Tender Clarification : 28.09.2024 up to 1.00 P.M
6) Last date / time for receipt of bids in the portal : Up to 5.00 P.M. of dated 28.09.2024
7) Date & time of opening of tender /Bid : 30.09.2024 at 11.30 A.M
8) Name and address of the O.I.T. : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0003/2425

OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-mail ID - sepwd_rgda@yahoo.com Phone/Fax No -06856 - 223049
e-Procurement Notice
Bid Identification No. C.C.E (RANDB) RGDA- 04/ 2024-25 (Online) Dt.12.09.2024
No. 917 Date.12.09.2024
No.B-254:- INVITATION FOR BIDS

| | | |
|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | |
| 2. | Nature of work | **Building & Bridge Works** |
| 3. | No. of works | **03 (Three) nos. of works** |
| 4. | Estimated Cost. (Approximately) | **Rs. 736.01 Lakhs, Rs. 824.83 Lakhs, Rs. 111.40 Lakhs** |
| 5. | Bid Cost (Online) | **Rs. 10,000/- (each)** |
| 6. | **EMD/Bid Security Amount (Online)** | **One Percentage of the Estimated Cost.** |
| 7. | Class of Contractor | **"B, A and Special Class" as per Financial Eligibility.** |
| 8. | Availability of Bid Documents in the website | **11.00 Hrs of Dt. 21.09.2024 to 17.00 Hrs of Dt. 07.10.2024.** |
| 9. | Date of opening of Bid | **11.00 Hrs of Dt. 08.10.2024.** |
| 10. | The Bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/ Corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Construction Engineer Rayagada (R&B) Circle, Rayagada
OIPR-34154/11/0005/2425

# ଦେବଶିଳ୍ପୀଙ୍କୁ ଆରାଧନା


ଜଟଣୀସ୍ଥିତ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଇଞ୍ଜିନିୟରିଂ ୱାଟର ୱାର୍କସ ବିଭାଗ କାର୍ଯ୍ୟାଳୟ।


ଖୋର୍ଦ୍ଧାରୋଡ୍ ରେଲୱେ ଟ୍ୟାକ୍ସି ଷ୍ଟାଣ୍ଡ।


ଖୋର୍ଦ୍ଧା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ।


ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସିନିୟର ସେକ୍ସନ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ ବିଭାଗ।


ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସିନିୟର ସେକ୍ସନ୍ ଇଞ୍ଜିନିୟର ସିଗ୍ନାଲ ବିଭାଗ ସାଉଥ୍।


ଇଲେକ୍ଟ୍ରୋନିକ୍ ଏକ୍ସଚେଞ୍ଜ କାର୍ଯ୍ୟାଳୟ।


ଏସ୍ଏସ୍ଇ ୱାର୍କସ ହେଡ୍‌କ୍ୱାର୍ଟର ।


ବରିଷ୍ଠ ବ୍ରିଜ୍ ବିଭାଗ କାର୍ଯ୍ୟାଳୟ।


ଜଟଣୀ ହାଟବଜାର ସାଇ ଅଟୋଷ୍ଟାଣ୍ଡ।


ମାଲୁଦ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ।


ନାଚୁଣୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ।


ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳପଥ ବ୍ରିଜ୍ ବିଭାଗ (ନର୍ଥ)।



ନିରାକାରପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

## ରାଧାବଲ୍ଲଭ ଦେବଙ୍କ ମନ୍ଦିରରେ ଭାଗବତ ସପ୍ତାହ

ଖୋର୍ଦ୍ଧା,୧୬।୯(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ଭାଗବତ ପ୍ରତ୍ୟେକଙ୍କ ଘରେ ପୂଜିତ। ଆଧ୍ୟାତ୍ମିକ ଚିନ୍ତା ଚେତନାର ଉନ୍ମେଷ ଏବଂ ମୂଲ୍ୟବୋଧର ବିକାଶରେ ଭାଗବତ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। 'ଭାଗବତ' ଏପରି ଏକ ଧର୍ମଗ୍ରନ୍ଥ ଯାହାକୁ କୋଟି କୋଟି ମଣିଷ ଈଶ୍ୱର ଭାବେ ଆରାଧନା କରିଥାନ୍ତି। ସେହି ଭଗବାନଙ୍କ ମୁଖ ନିଃସୃତ କଥା ଭାଗବତ କାଳ କାଳକୁ ତା'ର ପ୍ରଭାବରେ ମହିମା ମଣ୍ଡିତ କରୁଛି ଏବଂ ଭକ୍ତଜନଙ୍କୁ ଅଭିମନ୍ତ୍ରିତ କରୁଛି ବୋଲି ପ୍ରବକ୍ତା ତ୍ରିଦଣ୍ଡି ସ୍ୱାମୀ ଭକ୍ତିପ୍ରଚାର ମହାରାଜ ରାଧାବଲ୍ଲଭ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ସପ୍ତାହ ପାଳନର ଚତୁର୍ଥ ସନ୍ଧ୍ୟାରେ କହିଛନ୍ତି। ବ୍ୟାସଙ୍କ ରଚିତ ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ୧୮ହଜାର ଶ୍ଳୋକ ସନ୍ନିବିଷ୍ଟ ସର୍ବ ପୁରାଣସାର ଏହି ଭାଗବତ ପୁରାଣ ଏକ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ। ତେଣୁ କୁହାଯାଏ ବିଦ୍ୱାନମାନଙ୍କୁ ଭାଗବତରେ ହିଁ ପରୀକ୍ଷା କରାଯାଏ। 'ବିଦ୍ୟାବତାଂ ଭାଗବତେ ପରୀକ୍ଷା'। ଭକ୍ତିରେ ଭଗବାନ ସନ୍ତୁଷ୍ଟ ହୁଅନ୍ତି। ଭାଦ୍ରବ କୃଷ୍ଣ ପକ୍ଷ ବଡ଼ ଏକାଦଶୀ ତଥା ବାମନ ଜନ୍ମ ପ୍ରସଙ୍ଗରେ ସେ କହିଥିଲେ, ବନ୍ଦୀ ଘରେ ଭଗବାନ ଜନ୍ମ ଗ୍ରହଣ କରି ଅନେକ ଅଲୌକିକ ଘଟଣା କରିଥିଲେ, ଯାହା ମାନବଙ୍କ ପକ୍ଷରେ ଅସମ୍ଭବ, ତେଣୁ ସେ ହେଲେ ଲୀଳା ପୁରୁଷୋତ୍ତମ। ପ୍ରତ୍ୟହ ୭ଟାରୁ ଏହି ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୯ଟାରେ ଶେଷ ହେଉଛି। ଏହି କାର୍ଯ୍ୟକ୍ରମକୁ ରବିନାରାୟଣ ମହାପାତ୍ର, ସୁଶାନ୍ତ କୁମାର ମିଶ୍ର, ଅମୂଲ୍ୟ କୃଷ୍ଣ ମହାନ୍ତି, ଗୌର ଚରଣ ପ୍ରଧାନ, ଗୋବିନ୍ଦ ସାହା, ସୂର୍ଯ୍ୟ ପାତ୍ର, କାଶୀନାଥ ରାୟ, ଉମାଶଙ୍କର ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

## ଆକର୍ଷଣ ସାଜିଲା ପାଇକ ଆଖଡ଼ା, ନେପାଳୀ ନୃତ୍ୟ

ଜଟଣୀ,୧୬।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ମହୋତ୍ସବର ୧୦ମ ସନ୍ଧ୍ୟା



ଜଟଣୀ ଗଣେଶ ପୂଜା ଏବଂ ମହୋତ୍ସବର ୧୦ମ ଦିବସରେ ବିଭିନ୍ନ ପୂଜାମଣ୍ଡପ ଓ ମୀନାବଜାରରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଜଟଣୀ ଗଣେଶ ମହୋତ୍ସବର ୧୦ମ ସନ୍ଧ୍ୟାରେ ସୋମବାର ଆୟୋଜକ ସଙ୍ଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ମଧୁଲିକା ପରିଡ଼ା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ପୂର୍ବତନ ଆର୍ଡିସି ଅଲେଖ ପଢିହାରୀ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଖୋର୍ଦ୍ଧା ପାଇକ ଆଖଡ଼ା ପ୍ରଦର୍ଶନ ହୋଇଥିଲା। ସେହିପରି ଅନନ୍ୟା କଳା ପରିଷଦ ପକ୍ଷରୁ ଛଉନୃତ୍ୟ ଏବଂ ନଟରାଜ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ପକ୍ଷରୁ ଲୋକ ନୃତ୍ୟ, ନେପାଳୀ ନୃତ୍ୟ ସହିତ କ୍ରିଏଟିଭ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରାରମ୍ଭରେ ଆୟୋଜକ ସଙ୍ଗଠନର ଆବାହକ ସୀତାକାନ୍ତ ନାୟକ, ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଅଭିମୁଖ୍ୟ ଏବଂ ଅନୁଷ୍ଠାନ ବିଷୟରେ ସୂଚନା ଦେଇଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶମ୍ଭୁଦତ୍ତ ସ୍ୱାଇଁ ଏବଂ କବିରାଜ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Government of Odisha "e" Procurement Notice
WORKS DEPARTMENT
No. B-257
Bid Identification No. C.C.E.K.C. - 12/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

| | | |
|---|---|---|
| 1. | No. of the work | :- 3 Number Road & Bridge Works |
| 2. | Estimated Cost | :- Rs.185.56 Lakhs to Rs.297.37 Lakhs |
| 3. | Class of Contractor | :- "B" & "A" Class |
| 4. | Period of completion | :- 08 (Eight) Calendar Months to 10 (Ten) Calendar Months |
| 5. | Date and Time of availability of Bid document in the portal | :- From 11.30 hours of **23.09.2024** to 16.00 hours of **08.10.2024** |
| 6. | Last date/ Time for receipt of bids in the portal | :- 16.00 hours of **08.10.2024** |
| 7. | Date of opening of Bid from Portal | :- 11.30 hours on **09.10.2024** |
| 8. | Name and address of the officer inviting Bid | :- Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0026/2425

Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E. (R&B) KPT - 04/2024-25

| No. B-261:- | | |
|---|---|---|
| 1. | Name of the work | : **Building works** |
| 2. | Total No. of works | : 01 No. |
| 3. | Estimated cost | : Rs.90.60 Lakhs |
| 4. | Period of completion | : 02 (Two) months |
| 5. | Date & Time of availability of bid document in the portal | : From 23.09.2024 at 11.00 hours to 08.10.2024 upto 17.00 hours |
| 6. | Last date/Time for receipt of bids in the portal | : 08.10.2024 upto 17.00 hours |
| 7. | Date of opening of Tender | : 09.10.2024 at 12.00 hours |
| 8. | Name and address of the Officer Inviting Bid | : Superintending Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer, Koraput (R&B) Division
OIPR-34096/11/0002/2425

GOVERNMENT OF ODISHA
No.B-274
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
Letter No. 3328 dtd. 13.09.24
Bid Identification No. SE (R&B)-BDH 03/2024-25

| | | |
|---|---|---|
| 1) | Name of the work | : 03 (Three) Nos. of Civil work (Single cover) |
| 2) | Estimated Cost | : 30.00 lakh to 36.00 lakh |
| 3) | Period of Completion | : 01 (One) Calendar month. |
| 4) | Date & Time of availability of Bid documents in the portal | : From 21.09.2024, 10.00 AM to 28.09.2024, 5.00 PM |
| 5) | Last date/time for seeking of Tender Clarification | : 28.09.2024 up to 1.00 P.M |
| 6) | Last date / time for receipt of bids in the portal | : Up to 5.00 P.M. of dated 28.09.2024 |
| 7) | Date & time of opening of tender /Bid | : 30.09.2024 at 11.30 A.M |
| 8) | Name and address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0003/2425

OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-mail ID - sepwd_rgda@yahoo.com Phone/Fax No -06856 - 223049
e-Procurement Notice
Bid Identification No. C.C.E (RANDB) RGDA- 04/ 2024-25 (Online) Dt.12.09.2024
No. 917 Date.12.09.2024
No.B-254:- INVITATION FOR BIDS

| | | |
|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | |
| 2. | Nature of work | : **Building & Bridge Works** |
| 3. | No. of works | : **03 (Three) nos. of works** |
| 4. | Estimated Cost. (Approximately) | : **Rs. 736.01 Lakhs, Rs. 824.83 Lakhs, Rs. 111.40 Lakhs** |
| 5. | Bid Cost (Online) | : **Rs. 10,000/- (each)** |
| 6. | **EMD/Bid Security Amount (Online)** | : **One Percentage of the Estimated Cost.** |
| 7. | Class of Contractor | : **"B, A and Special Class" as per Financial Eligibility.** |
| 8. | Availability of Bid Documents in the website | : **11.00 Hrs of Dt. 21.09.2024 to 17.00 Hrs of Dt. 07.10.2024.** |
| 9. | Date of opening of Bid | : **11.00 Hrs of Dt. 08.10.2024.** |
| 10. | The Bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/ Corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Construction Engineer Rayagada (R&B) Circle, Rayagada
OIPR-34154/11/0005/2425

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ମିଳିତ ମଞ୍ଚର କାର୍ଯ୍ୟକାରିଣୀ ସମ୍ମିଳନୀ

ପୁରୀ,୧୬।୯(ଅଜିତ୍ କୁମାର ମହାନ୍ତି)

ବୃନ୍ଦାବତୀ ନିବାସରେ ରାଜ୍ୟ ପ୍ରାଥମିକ ଶିକ୍ଷକ ମିଳିତ ମଞ୍ଚର ରାଜ୍ୟ କାର୍ଯ୍ୟକାରିଣୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସମସ୍ତ ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ବରାଳ, ସୁନୀଲ ବେହେରା, ମଳୟ ଜେନା, ସୁନୀଲ ପ୍ରଧାନ, ଜ୍ୟୋତିରଞ୍ଜନ ଦାଶ, ଯୁଧିଷ୍ଠିର ସାହୁ, ଜିତରଞ୍ଜନ ମହାପାତ୍ର ଏବଂ ଭଗବାନ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଜିଲାରୁ ଆସିଥିବା ନେତୃମଣ୍ଡଳୀ ସେମାନଙ୍କର ମତ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ଦାବି ପାଇଁ ଓଡ଼ିଶାରେ ଏକ ନୂତନ ସଂଘ ଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗଣତାନ୍ତ୍ରିକ ପ୍ରକ୍ରିୟାରେ ରାଜ୍ୟ ଶିକ୍ଷକ ନେତୃମଣ୍ଡଳୀ ଚୟନ କରାଯାଇଥିଲା। ସଭାପତି ଭାବେ କହ୍ନେଇ ଚରଣ ଠାକୁର, ସମ୍ପାଦକ ସୁମନ୍ତ କୁମାର ପାଲ, ମହାସଚିବ ବିବେକାନନ୍ଦ ବେହେରା, ସଙ୍ଗଠନ ସମ୍ପାଦକ ରୂପମା ଗୁରୁଙ୍କୁ ଚୟନ କରାଯାଇଛି। ଏହିଭଳି ୩୫ ଜଣିଆ କମିଟି ଗଠିତ ହୋଇଛି। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ସହିତ ଶିକ୍ଷକଙ୍କ ମୂଳ ଦାବି ଗ୍ରେଡ୍ ପେ ୪୨୦୦ ଟଙ୍କା ପ୍ରଦାନ ଉପରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ଜ୍ୟୋତି ରଞ୍ଜନ ଦାସ, ସୁମନ୍ତ ପାଲ, ଅଳକା ମିଶ୍ର, ସେହ୍ନଲତା ଦାସ, ଶର୍ମିଷ୍ଠା ବଳିୟାରସିଂ, ଦିଲୀପ ଦତ୍ତ ପ୍ରମୁଖ ସହଯୋଗ କରିଥିଲେ।

### ବୈଷ୍ଣବୀ ଶ୍ୟାମା ଦାସୀଙ୍କ ପ୍ରଥମ ସ୍ମରଣ ମହୋତ୍ସବ

ପୁରୀ,୧୬।୯(ଅଜିତ୍ କୁମାର ମହାନ୍ତି)

ମାତାମଠ ଭାବେ ପରିଚିତ ଗୌରବିହାର ପରିସରରେ ରବିବାର ବୈଷ୍ଣବୀ ଶ୍ୟାମା ଦାସୀଙ୍କ ପ୍ରଥମ ବାର୍ଷିକ ସ୍ମରଣ ମହୋତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଲିକତା ପାଠୁଆଡିର ମହନ୍ତ ରମଣ ବିହାରୀ ଦାସଜୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ, ସେବା ଓ ତ୍ୟାଗ କଲେ ମୁକ୍ତି ମିଳିଥାଏ। ଜୀବନରେ ଶ୍ରୀରାମ ସଂକୀର୍ତ୍ତନ, ଭଜନ କୀର୍ତ୍ତନ କରିବା ଦ୍ୱାରା ଦିବ୍ୟ ଶାନ୍ତି ଅନୁଭବ ହୋଇଥାଏ। ତେଣୁ ନାମ ଓ କୀର୍ତ୍ତନ ମାନବ ସମାଜ ପାଇଁ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମହିପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ଜୀ ମହାରାଜ, ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ଜୀ ମହାରାଜ, ରାଧାକାନ୍ତ ମଠ ମହନ୍ତ କୃଷ୍ଣଗୋପାଳ ଦାସ ଜୀ ମହାରାଜ, ନରୋତ୍ତମ କୁଟୀର ମହନ୍ତ ଲଡୁ ଗୋପାଳ ଦାସ ଜୀ ମହାରାଜ, ରାଧାକିଶୋର ମଠ ମହନ୍ତ କୃଷ୍ଣଚରଣ ଦାସ ଜୀ ମହାରାଜ, ନବଦୀପର ମହନ୍ତ ବିଶ୍ୱମ୍ଭର ଦାସ ଜୀ ମହାରାଜ ପ୍ରମୁଖ ଉପସ୍ଥିତ ରହି ମାତାପିତାଙ୍କ ସ୍ମୃତିଚାରଣ କରିବା ସହିତ ସ୍ମରଣିକା ଉନ୍ମୋଚନ କରିଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଳିବାମନ ବେଶ

ପୁରୀ,୧୬।୯(ଅଜିତ୍ କୁମାର ମହାନ୍ତି)



ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଳିବାମନ ବେଶ ସମ୍ପନ୍ନ ହୋଇଛି। ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି ଭକ୍ତମାନେ କୃତାର୍ଥ ହୋଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ବିଷ୍ଣୁ ଭାବେ ବିବେଚନା କରାଯାଏ। ବିଷ୍ଣୁ ତାଙ୍କ ପଞ୍ଚମ ଅବତାରରେ ବାମନ ରୂପେ ଧରାପୃଷ୍ଠରେ ଅବତରଣ କରିଥିଲେ।

ପୌରାଣିକ ଉପାଖ୍ୟାନ ଅନୁସାରେ ଭଗବାନ ବିଷ୍ଣୁ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରାପୃଷ୍ଠକୁ ଆସି ବଳି ରାଜାଙ୍କ ଅହଙ୍କାର ଭାଙ୍ଗିଥିଲେ। ଏଣୁ ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ନୀତି ସମ୍ପନ୍ନ ହେବା ପରେ ତ୍ରୟୋଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମନୋମୁଗ୍ଧକର ବାମନ ରୂପୀ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ର ସ୍ୱର୍ଣ୍ଣ ବେଶରେ ସଜ୍ଜିତ ହେଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ବାମନ ବେଶ ଧାରଣ କରିଥିଲେ। ବଳଭଦ୍ର ଶ୍ରୀହସ୍ତରେ ଧନୁ ଓ ଶର ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ଶ୍ରୀଜଗନ୍ନାଥ ବଳିବାମନ ବେଶ ଧାରଣ କରିଥିଲେ। ମହାପ୍ରଭୁ ସ୍ୱର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥିଲେ। ମହାପ୍ରଭୁ ମଥାରେ ଜୁଡ଼ାଯୁକ୍ତ କେଶର ରୂପ ସୃଷ୍ଟି ପାଇଁ ଦରଜି ଦେଇଥିବା କଳା କନାର ଗୋଟିଏ ମଥା ବରଣ ବ୍ୟବହୃତ କରାଯାଇଥିଲା। ସେହି କଳା କନାର ସମ୍ମୁଖ ପଟେ ଧଳା କନା ସିଲେଇ କିଛି ଧଳା ଗାର ସୃଷ୍ଟି ହୋଇଥିଲା। ଏହା ଭସ୍ମରେଖା ବା ତିଳକର ପ୍ରତୀକ ରୂପେ ଗୃହୀତ ହୋଇଥିଲା। ଏକ କିରୀଟ ମସ୍ତକ ଉପରେ ଶୋଭା ପାଇଥିଲା। ଏହି ବେଶରେ ମହାପ୍ରଭୁ ବାମ ହସ୍ତରେ ଏକ ଛତ୍ରୀ ଓ ଡାହାଣ ହସ୍ତରେ କୁଶଯୁକ୍ତ ରୁପାର ଗଡୁ ଧାରଣ କରି ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ ହୋଇଥିଲେ।

# ଶହୀଦ ଦିବସ ପାଳିତ




ଶହୀଦ ସ୍ମୃତିସ୍ତମ୍ଭଠାରେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

ନିମାପଡ଼ା,୧୬।୯
(ବିଚିତ୍ରା ନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାରେ ୮୨ତମ ଶହୀଦ ଦିବସ ସୋମବାର ଅପରାହ୍ନରେ ପାଳିତ ହୋଇଯାଇଛି। ୧୯୪୨ ସେପ୍ଟେମ୍ବର ୧୬ରେ ଇଂରେଜ ସରକାରଙ୍କ ବିରୋଧରେ ସଂଗ୍ରାମ କରି ନିମାପଡ଼ା ଥାନା ପୋଡୁଥିବା ସମୟରେ ଇଂରେଜ ସରକାରଙ୍କ ଗୁଳିମାଡ଼ରେ ଶହୀଦ ହୋଇଥିଲେ ସଂଗ୍ରାମୀ ଉଚ୍ଛବ ମଲ୍ଲିକ। ଉକ୍ତ ଦିନକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ପୁରୀ ଜିଲା ପ୍ରଶାସନର ସହଯୋଗରେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ନିମାପଡ଼ା ଶହୀଦ ସ୍ମୃତି ସଂସଦର ମିଳିତ ସହଯୋଗରେ ଥାନା ସମ୍ମୁଖରେ ଥିବା ଶହୀଦ ସ୍ମୃତିସ୍ତମ୍ଭ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ତଥା ଶହୀଦ ସ୍ମୃତି ସଂସଦର ସଭାପତି ସମୀର ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ଉପନଗରପାଳ ସନ୍ତୋଷ ଦାଶ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ସ୍ମୃତି ସଂସଦ ସମ୍ପାଦକ ଡା. ବେଣୁଧର ସେନାପତି, ସଦସ୍ୟ ଅଭିରାମ ମଲ୍ଲିକ, ଜୀବନାନନ୍ଦ ମହାପାତ୍ର, ମିନଲତା ମହାନ୍ତି, ନିମାପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଗ୍ରାମୀଙ୍କର ସ୍ମୃତିଚାରଣ କରିଥିଲେ। ପ୍ରଥମେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ପ୍ରଦର୍ଶନ କରାଯାଇଥିଲା। ଏନ୍ଏସି ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ଶିକ୍ଷକ ନିର୍ମଳ ମିଶ୍ର, ଜ୍ୟୋତିରଞ୍ଜନ ରଥ, ଶାରୀରିକ ଶିକ୍ଷା ଶିକ୍ଷକ ରଞ୍ଜିତ କେଶରୀ ନାୟକ ଏବଂ ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ବରିଷ୍ଠ ନାଗରିକ ସଙ୍ଗଠିତ ହୋଇ ରୁହନ୍ତୁ'




ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସାକ୍ଷୀଗୋପାଳ,୧୬।୯
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ପଞ୍ଚସଖା ଲାଇବ୍ରେରୀ ପରିସରରେ ସତ୍ୟବାଦୀ ବିକାଶ ପରିଷଦ ଆନୁକୂଲ୍ୟରେ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚର ଏକ ସଭାକାର୍ଯ୍ୟ ଓ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ସୋମବାର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ଶିବିରରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ଯୋଗଦେଇ ସାମ୍ପ୍ରତିକ ସମୟରେ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ସାମାଜିକ ସମସ୍ୟା ଓ ତା'ର ସମାଧାନ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବା ସହ ବରିଷ୍ଠ ନାଗରିକମାନେ ସବୁବେଳେ ସମାଜରେ ସଙ୍ଗଠିତ ହୋଇ ରହିଲେ ସମସ୍ତ ବାଧା ଦୂର ହେବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ପରାମର୍ଶ ନିମନ୍ତେ ଡା. ସିଦ୍ଧାର୍ଥ ପ୍ରଧାନ ଓ ଡା. ସୁନିଲ କୁମାର ଦାସ ଯୋଗଦେଇ ମୂତ୍ରାଶୟ ରୋଗ ଓ ଆଣ୍ଠୁଗଣ୍ଠି ରୋଗର କାରଣ, ଏହାର ଘରୋଇ ଓ ଡାକ୍ତରୀ ଉପଚାର ଉପରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପଞ୍ଜୀକୃତ ୮୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସମ୍ପାଦକ ଆଇନଜୀବୀ ଅମର ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଶିକ୍ଷକ ବନମାଳୀ ବେହେରା, ଜୟନ୍ତ ତ୍ରିପାଠୀ, ଭୀମସେନ ମହାପାତ୍ର, ଧାଡ଼ିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ବରାଳ ଧନ୍ୟବାଦ ଦେଇଥିଲେ।

# ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ

ନୟାହାଟ/ କଣାସ,୧୬।୯(ମହମ୍ମଦ ସମସୁଲ ଆରଫିନ/ ବିଭୂତି ଭୂଷଣ ତ୍ରିପାଠୀ)

ନୟାହାଟ ବଜାର ସଂଲଗ୍ନ ରଙ୍ଗତୋଟା, ବିଶୁଳିପଡ଼ା, ଚଢେଇଖିଆ, ସିଙ୍ଗପାନିଆ, ମିର୍ଜା ସାହି, ସୁଜାଗଡ (କ) ଓ (ଖ) ବସ୍ତିର ଲୋକେ ରଙ୍ଗତୋଟା ବସ୍ତିରେ ଏକତ୍ରିତ ହୋଇ ଇଦ୍ ମିଲାଦୁନ ନବୀ ଉତ୍ସବ ପାଳନ କରି ନାଥପାକ ପାଠ କରିଥିଲେ। ପରେ ଏକ ଶୋଭାଯାତ୍ରା କଲେଜ ପାଖରେ ଥିବା ଇଦ୍‌ଘା ପର୍ଯ୍ୟନ୍ତ ଯାଇ ସମୂହ କୋରାନ ପାଠ କରି ଫେରିଥିଲେ। ଶେଖ୍ ଗୋଲାମ ମୁସ୍ତଫା, ଶେଖ୍ ଅତାବୁଲା, ଶେଖ୍ ମୋହିଉଦ୍ଦିନ, ଶେଖ୍ ୟାହୁଦ, ଜବାର୍ ଖାଁ, ଜାହିର ଖାଁ, ଶେଖ୍ ବେଲାଲ, ଶେଖ୍ ମଞ୍ଜୁର, ଶେଖ୍ ସାବୀର, ମହମ୍ମଦ କାଲା, ଶେଖ୍ ରଫାକତୁଲ୍ଲା, ଶେଖ୍ ହବିବୁର ଅଲ୍ଲୀ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସ ସହ ଉତ୍ସବ ପରିଚାଳନା କରିଥିଲେ। ସେହିପରି କଣାସ ବ୍ଲକର କଣାସ ଗ୍ରାମରେ ଥିବା ମୁସଲମାନ ଭାଇମାନେ ସୋମବାର ମହମ୍ମଦଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରିଥିବା ଦେଖିବାକୁ ମିଳିଥିଲା। ପ୍ରଭାତରୁ ମୁସଲମାନ ଭାଇମାନେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ମସଜିଦରେ ପହଞ୍ଚି ନମାଜ ପାଠ କରିଥିଲେ। ପରେ ମସଜିଦଠାରୁ ଏକ ଜୁଲୁସ୍ ଶୋଭାଯାତ୍ରାରେ କଣାସ ବସ୍‌ଷ୍ଟାଣ୍ଡ ଦେଇ ଗୋଲାବଜାରରେ ପହଞ୍ଚିଥିଲେ। ଗୋଲାବଜାରଠାରେ ଅଖଣ୍ଡଳ ବଜାର କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ମୁସଲମାନ ଭାଇମାନଙ୍କୁ ମିଠା ଖୁଆଇ ଭାଇଚାରର ନିଦର୍ଶନ ଦେଖାଇଥିଲେ। ସେଠାରୁ ଜୁଲୁସ୍ ଫେରି କଣାସ କୁଶେରୀ ବଜାରରେ ପହଞ୍ଚିବା ପରେ ବଜାର କମିଟି ସଭାପତି ଶ୍ରୀକାନ୍ତ ପାଇକ୍ରୋଷୀ, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଜୁଲୁସ୍‌ରେ ଚଦର ଅର୍ପଣ କରି ମୁସଲମାନ ଭାଇମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଏହାପରେ ଜୁଲୁସ୍ ବାଲିଖାଇ ଛକଠାରେ ପହଞ୍ଚିବା ପରେ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଏବଂ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଉଚ୍ଚ ମୂଲ୍ୟବୋଧ ରାଜନୀତିର ସ୍ୱର ଥିଲେ ୟେଚୁରୀ




ସଭାରେ ମଞ୍ଚାସୀନ ଅତିଥି ।

ପୁରୀ,୧୬।୯(ଅଜିତ୍ କୁମାର ମହାନ୍ତି)

ବାମପନ୍ଥୀ ନେତା ସୀତାରାମ ୟେଚୁରୀଙ୍କ ସମଗ୍ର ଜୀବନ ଶୋଷିତ ମଣିଷର ସଂଗ୍ରାମରେ ଉତ୍ସର୍ଗୀକୃତ ଥିଲା ଓ ସେ ଉଚ୍ଚ ମୂଲ୍ୟବୋଧ ରାଜନୀତିର ଅଗ୍ରଣୀ ସ୍ୱର ଓ ସ୍ୱାକ୍ଷର ଥିଲେ ବୋଲି ଭାରତର ଛାତ୍ର ଫେଡେରେଶନ୍ (ଏସ୍ଏଫ୍ଆଇ) ପକ୍ଷରୁ କୁହାଯାଇଛି। ଏସ୍ଏଫ୍ ଆଇ ପକ୍ଷରୁ ୟେଚୁରୀଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗଦେଇ କହିଲେ, ଅତି ଉଚ୍ଚକୋଟୀର ମେଧାବୀ ଛାତ୍ର ଭାବେ ଆତ୍ମୋନ୍ନତି ପଥକୁ ପରିହାର କରି ଶୋଷଣମୁକ୍ତ ସମାଜ ଗଠନର ରାଜନୀତି ଓ ଦର୍ଶନକୁ ବ୍ରତ ଭାବେ ଗ୍ରହଣ କରି ନିପୀଡ଼ିତ ମଣିଷର ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ ୟେଚୁରୀ। ସେ ଜଣେ ଶ୍ରେଷ୍ଠ ସାଂସଦ, ଉଚ୍ଚକୋଟୀର ଲେଖକ ଓ ମୂଲ୍ୟବୋଧ ରାଜନୀତିର ଗୌରବୋଜ୍ଜ୍ୱଳ ଛାପ ଛାଡ଼ି ଯାଇଛନ୍ତି। ରାଜ୍ୟ ଆବାହକ ଶୁଭ୍ରାଂଶୁ ଶେଖର ଉଦ୍‌ଗାତା କହିଲେ, ସୀତାରାମ ରାଷ୍ଟ୍ର ପ୍ରୋତ୍ସାହିତ ଶିକ୍ଷା ସପକ୍ଷରେ ଲଢେଇ ଜାରି ରଖିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରକାଶ କୁମାର ମହାନ୍ତି ଏବଂ ପ୍ରାଥମିକ ଶିକ୍ଷକ ସଂଘ ନେତା ଶରତ କୁମାର ସେଠୀ କହିଥିଲେ, ତାଙ୍କ ଭଳି ନିଷ୍କଳଙ୍କ ରାଜନୀତିଜ୍ଞ ଦେଶ ପାଇଁ ଅଧିକ ଜରୁରୀ। ଏହି କାର୍ଯ୍ୟକ୍ରମରେ ଜିଲା ଆବାହକ ଚନ୍ଦନ କୁମାର ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ନେତା ବ୍ରହ୍ମାନନ୍ଦ ମହାରଣା, ଛାତ୍ର ନେତା ସୌମ୍ୟ ରଞ୍ଜନ ଦଳବେହେରା, ମୋନାଲିସା ମହାରଣା, ମାନସ ରଞ୍ଜନ ଦଳବେହେରା, ପ୍ରିୟଙ୍କା ଦେଓ, ଅମ୍ବିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

### ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଟଙ୍କା ମାଗିବା ଘଟଣା

# ବନ୍ଦ ହେଲା ଜନସେବା କେନ୍ଦ୍ର

ଗୋପ,୧୬।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ମହଲପଡ଼ା ପଞ୍ଚାୟତ ଅଧୀନ କୁଣ୍ଡେଶ୍ୱ ଗ୍ରାମରେ ଥିବା ଜନସେବା କେନ୍ଦ୍ରକୁ ବନ୍ଦ କରିବା ସହିତ କେନ୍ଦ୍ର ଆଇଡିକୁ ମଧ୍ୟ କାଟି ଦିଆଯାଇଛି ବୋଲି ବିଡିଓ ଛବିରାଣୀ ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆସୁଥିବା ମହିଳାମାନଙ୍କଠାରୁ ଏହି ଜନସେବା କେନ୍ଦ୍ର ୫୦ ଟଙ୍କା ଲେଖାଏ ନେଉଥିବା ପଞ୍ଚାୟତର ସରପଞ୍ଚ ଶୀର୍ଷରଞ୍ଜନ ନାୟକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶରେ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ସଞ୍ଜୀବ ରଥ ତଦନ୍ତ କରିଥିଲେ। ଅର୍ଥ ଆଦାୟ ହେବା ସମ୍ପର୍କରେ ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିବା ପରେ ସମ୍ପୃକ୍ତ ଜନସେବା କେନ୍ଦ୍ର ଚଳାଉଥିବା ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଆଇଡିକୁ ବନ୍ଦ କରିଦିଆଯାଇଛି ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏବେ ଶିମିଳି ପଞ୍ଚାୟତ ସହିତ ଆଉ କେତେକ ପଞ୍ଚାୟତରେ ଅନୁରୂପ ଭାବେ ଜନସେବା କେନ୍ଦ୍ର ରାତିରେ ଖୋଲାଯାଇ ଟଙ୍କା ଆଦାୟ କରାଯାଉଥିବା ଖବର ମିଳିଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ କୁଣ୍ଡେଶ୍ୱ ଜନସେବା କେନ୍ଦ୍ର ଆଇଡିକୁ ବନ୍ଦ କରିଦିଆଯାଇଛି। ଆଉ କେତେକ ଅଭିଯୋଗ ଉପରେ ତଦନ୍ତ କରାଯାଉଛି ବୋଲି କହିଛନ୍ତି।

# ନାବାଳିକା ନିଖୋଜ: ଅପହରଣ ଅଭିଯୋଗ

ବଲଙ୍ଗା,୧୬।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ଘରୁ ଶନିବାର ଦିନ ୧ଟା ବେଳେ କେଉଁଆଡ଼େ ଯାଇ ଆଉ ଘରକୁ ଫେରି ନ ଥିବା ତାଙ୍କ ମାଆ ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଶନିବାର ଦିନ ଦୁଇ ଝିଅଙ୍କୁ ଘରେ ଛାଡ଼ି କାମ କରିବା ପାଇଁ ଯାଇଥିଲେ। କାମ ସାରି ଘରକୁ ଆସି ଦେଖିଲା ବେଳକୁ ବଡ଼ ଝିଅ ଘରେ ନାହିଁ। ସାନ ଝିଅକୁ ପଚାରିବାରୁ ସେ କହିଥିଲେ ଦିଦି ସାଙ୍ଗ ପିଲାମାନଙ୍କ ପାଖକୁ ଆଧାରକାର୍ଡ ପାଇଁ ଯାଇଛି। ସନ୍ଧ୍ୟାରେ ଘରକୁ ନ ଆସିବାରୁ ମାଆବାପା ବନ୍ଧୁବାନ୍ଧବଙ୍କ ଘର ଓ ବଲଙ୍ଗା ବଜାର ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ପରେ ଏନେଇ ବଲଙ୍ଗା ପୋଲିସ ୨୫୧/୨୪ରେ ଏକ ଅପହରଣ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସବୁଜ ସଂକଳ୍ପରେ ଚାରାରୋପଣ, ଅଙ୍ଗଦାନ

ପୁରୀ/ଗୋପ,୧୬।୯(ଅଜିତ୍ କୁମାର ମହାନ୍ତି/ ଭାରତୀ ଭୂଷଣ ଉପାଧ୍ୟାୟ)

ବୃକ୍ଷମୟ ସବୁଜିମାରେ ସବୁଜମୟ ହେଉ ପୃଥିବୀ। ବୃକ୍ଷର ହସରେ ଅମ୍ଳାନମୟ ହେଉ ସମାଜ। ବୃକ୍ଷର ଆଶୀର୍ବାଦରେ ଆଗାମୀ ପିଢ଼ି ଆୟୁଷ୍ମାନ ହେଉ ବୋଲି ପରିବେଶବିତ୍ ବଦ୍ରି ମିଶ୍ର କହିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସବୁଜ ସଂକଳ୍ପ ପକ୍ଷରୁ ଗୋପ-ଗଣେଶ୍ୱରପୁର ନିକଟ ବଳାଦରୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ସଭାପତି ରମେଶ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମିଶ୍ର କହିଥିଲେ, ଯୁବଗୋଷ୍ଠୀଙ୍କ ସବୁଜ ସଂକଳ୍ପର ଆହ୍ୱାନ ଓଡ଼ିଶାରେ ଏକ ବିପ୍ଳବ ସୃଷ୍ଟି କରିବ। ସମ୍ପାଦକ ରମାକାନ୍ତ ଦାସଙ୍କ ପରିଚାଳନା ଓ ଶିକ୍ଷାବିତ୍ ଜ୍ଞାନରଞ୍ଜନ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଅମରେଶ ନରେଶ ସାମନ୍ତ, ବନବିଭାଗ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ ଓ ପୁଷ୍ପାଳି ଦାସ, ପରିବେଶବିତ୍ ପ୍ରସନ୍ନ ମହାପାତ୍ର, ଇଂ. ତାପସ ସାହୁ, ପରୀକ୍ଷିତ ରଥ, ଆଲୋକ ବିଶ୍ୱାଳ ଯୋଗଦେଇ ପରିବେଶ ଓ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସବୁଜ ସଂକଳ୍ପ ପାର୍କକୁ ଡ. ମିଶ୍ର ଉଦଘାଟନ କରିବା ପରେ ସମସ୍ତେ ଶପଥ ପାଠ କରିଥିଲେ। ପରେ ୫୧୧ଟି ଚାରାରୋପଣ କରାଯାଇଥିଲା। ଏଥିସହ ଶରୀର ଏବଂ ଅଙ୍ଗଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ୧୧ଜଣ ବ୍ୟକ୍ତି ଶରୀର ଏବଂ ଅଙ୍ଗଦାନ ପାଇଁ ସତ୍ୟପାଠ ଦାଖଲ କରିଥିଲେ। ଶେଷରେ ଇତିଶ୍ରୀ ଖଟୋଇ ଧନ୍ୟବାଦ ଦେଇଥିଲେ।




ଚାରାରୋପଣ, ଅଙ୍ଗଦାନ ପାଇଁ ସଦସ୍ୟ ଏବଂ ଅନ୍ୟମାନେ ଶପଥ ପାଠ କରୁଛନ୍ତି ।


**Government of Odisha "e" Procurement Notice**
**WORKS DEPARTMENT** No. B-257
**Bid Identification No. C.C.E.K.C. - 12/2024-25**
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

| | | |
|---|---|---|
| 1. | No. of the work | :- 3 Number Road & Bridge Works |
| 2. | Estimated Cost | :- Rs.185.56 Lakhs to Rs.297.37 Lakhs |
| 3. | Class of Contractor | :- "B" & "A" Class |
| 4. | Period of completion | :- 08 (Eight) Calendar Months to 10 (Ten) Calendar Months |
| 5. | Date and Time of availability of Bid document in the portal | :- From 11.30 hours of **23.09.2024** to 16.00 hours of **08.10.2024** |
| 6. | Last date/ Time for receipt of bids in the portal | :- 16.00 hours of **08.10.2024** |
| 7. | Date of opening of Bid from Portal | :- 11.30 hours on **09.10.2024** |
| 8. | Name and address of the officer inviting Bid | :- Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0026/2425

**Government of Odisha "e" Procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E. (R&B) KPT - 04/2024-25

| No. B-261:- | | |
|---|---|---|
| 1. | Name of the work | : **Building works** |
| 2. | Total No. of works | : 01 No. |
| 3. | Estimated cost | : Rs.90.60 Lakhs |
| 4. | Period of completion | : 02 (Two) months |
| 5. | Date & Time of availability of bid document in the portal | : From 23.09.2024 at 11.00 hours to 08.10.2024 upto 17.00 hours |
| 6. | Last date/Time for receipt of bids in the portal | : 08.10.2024 upto 17.00 hours |
| 7. | Date of opening of Tender | : 09.10.2024 at 12.00 hours |
| 8. | Name and address of the Officer Inviting Bid | : Superintending Engineer, Koraput (R&B) Division |

**Further details can be seen from the e-procurement portal https://tendersorissa.gov.in**
Sd./- Superintending Engineer, Koraput (R&B) Division
OIPR-34096/11/0002/2425

**GOVERNMENT OF ODISHA** No.B-274
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail - eeboudhrb@gmail.com
**INVITATIONS FOR BIDS (IFB)**
**"e" procurement Notice**
Letter No. 3328 dtd. 13.09.24
**Bid Identification No. SE (R&B)-BDH 03/2024-25**

| | | |
|---|---|---|
| 1) | Name of the work | : 03 (Three) Nos. of Civil work (Single cover) |
| 2) | Estimated Cost | : 30.00 lakh to 36.00 lakh |
| 3) | Period of Completion | : 01 (One) Calendar month. |
| 4) | Date & Time of availability of Bid documents in the portal | : From 21.09.2024, 10.00 AM to 28.09.2024, 5.00 PM |
| 5) | Last date/time for seeking of Tender Clarification | : 28.09.2024 up to 1.00 P.M |
| 6) | Last date / time for receipt of bids in the portal | : Up to 5.00 P.M. of dated 28.09.2024 |
| 7) | Date & time of opening of tender /Bid | : 30.09.2024 at 11.30 A.M |
| 8) | Name and address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0003/2425

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**
e-mail ID - sepwd_rgda@yahoo.com Phone/Fax No -06856 - 223049
**e-Procurement Notice**
**Bid Identification No. C.C.E (RANDB) RGDA- 04/ 2024-25 (Online) Dt.12.09.2024**
No. 917 Date.12.09.2024
No.B-254:- **INVITATION FOR BIDS**

| | | |
|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | |
| 2. | Nature of work | : **Building & Bridge Works** |
| 3. | No. of works | : **03 (Three) nos. of works** |
| 4. | Estimated Cost. (Approximately) | : **Rs. 736.01 Lakhs, Rs. 824.83 Lakhs, Rs. 111.40 Lakhs** |
| 5. | Bid Cost (Online) | : **Rs. 10,000/- (each)** |
| 6. | **EMD/Bid Security Amount (Online)** | : **One Percentage of the Estimated Cost.** |
| 7. | Class of Contractor | : **"B, A and Special Class" as per Financial Eligibility.** |
| 8. | Availability of Bid Documents in the website | : **11.00 Hrs of Dt. 21.09.2024 to 17.00 Hrs of Dt. 07.10.2024.** |
| 9. | Date of opening of Bid | : **11.00 Hrs of Dt. 08.10.2024.** |
| 10. | The Bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/ Corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Chief Construction Engineer Rayagada (R&B) Circle, Rayagada
OIPR-34154/11/0005/2425

# କୁଜଙ୍ଗରେ ତେଜୁଛି ବିଜେଡି-ଭାଜପା କଳି

## ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓଙ୍କୁ ହତ୍ୟା ଧମକ ଘଟଣା



ଜିରୋ ପଏଣ୍ଟ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୂତମୁଣ୍ଡେଇ ସରପଞ୍ଚ ରୋହିତ ଜେନା ଓ ଅନ୍ୟମାନେ।

କୁଜଙ୍ଗ, ୧୬।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଏହି ଘଟଣାକୁ ନେଇ ପାରାଦୀପରେ ରାଜନୀତି ସରଗରମ ହେବାରେ ଲାଗିଛି। ବିଜେଡି ଓ ଭାଜପା ନେତାମାନେ ଖବରଦାତା ସମ୍ମିଳନୀ କରି ପରସ୍ପରକୁ ଦୋଷ ଦେଉଛନ୍ତି।

ସୋମବାର ଜିରୋ ପଏଣ୍ଟ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଭୂତମୁଣ୍ଡେଇ ସରପଞ୍ଚ ରୋହିତ ଜେନାଙ୍କ ସଂଯୋଜନାରେ ଖବରଦାତା ସମ୍ମିଳନୀ ଡକାଯାଇ କୁହାଯାଇଛି ଯେ, ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ସମୟରେ ଅଶାନ୍ତ ପରିବେଶ ସୃଷ୍ଟି କରିଥିବା ବିଜେଡି ନେତା ବାପି ସର୍ଖେଲ କୁଜଙ୍ଗରେ ବଳ ପ୍ରୟୋଗ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଗତ ୧୩ ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁଙ୍କ ଇଙ୍ଗିତରେ କୁଜଙ୍ଗ ବିଡିଓଙ୍କୁ ହାତଗଣତି ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ସେମାନଙ୍କ ସ୍ୱାମୀମାନେ ସମ୍ମିଳନୀ କକ୍ଷରେ କବାଟ ଦେଇ ଫଲ୍ସ ବିଲ୍‌ରେ ଦସ୍ତଖତ କରିବାକୁ ବାଧ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାର ଦୁଇଦିନ ପୂର୍ବରୁ ଷଣ୍ଢପୁର କାର୍ଯ୍ୟାଳୟରେ କେତେଜଣ ନିର୍ବାଚିତ ପ୍ରତିନିଧିଙ୍କୁ ଏକାଠି କରି ବିଡିଓଙ୍କୁ ଘେରାଉ କରି ଜୋରଜବରଦସ୍ତ କରିବାକୁ ସର୍ଖେଲ ପରାମର୍ଶ ଦେଇଥିଲେ। ଏହାର ପ୍ରତିଫଳନ ୧୩ ତାରିଖରେ ଦେଖିବାକୁ ମିଳିଥିଲା। ରୋହିତ ଆହୁରି କହିଛନ୍ତି, ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଫତେପୁର ପଞ୍ଚାୟତ ଟେରାକୋଟା କେନ୍ଦ୍ର, ପିୟୁଆର୍‌ଏ ଯୋଜନାରେ ଭୂତମୁଣ୍ଡେଇଠାରେ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ବିଦ୍ୟୁତୀକରଣ ପାଇଁ ଖର୍ଚ୍ଚ ହୋଇଥିବା ୯ ଲକ୍ଷ ଟଙ୍କାରେ ବ୍ୟାପକ ଦୁର୍ନୀତି ହୋଇଛି। ସେହିପରି ବ୍ଲକ କାର୍ଯ୍ୟାଳୟ ବିଦ୍ୟୁତୀକରଣ ପାଇଁ ଖର୍ଚ୍ଚ ହୋଇଥିବା ୨୨ ଲକ୍ଷ ଟଙ୍କାରେ ମଧ୍ୟ ହେରଫେର ହୋଇଛି। ଏହାକୁ ଲୁଚାଇବା ପାଇଁ ଅଧ୍ୟକ୍ଷା ଏସବୁ ନାଟକ କରୁଛନ୍ତି ବୋଲି ସେ କହିଥିଲେ। ଏହାର ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ରୋହିତ କହିଥିଲେ। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଅଭିଯୋଗ କରିଛନ୍ତି, ଅଣଆନୁଷ୍ଠାନିକ ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କେତେଜଣ ପ୍ରତିନିଧିଙ୍କୁ ଉସୁକେଇ ବିଡିଓଙ୍କୁ ଜୋରଜବରଦସ୍ତ ସମ୍ମିଳନୀ କକ୍ଷକୁ ନେଇ ଦୁର୍ବ୍ୟବହାର କରିଥିଲେ। ସେହିସମୟରେ ତାଙ୍କ କାମ ପଡ଼ିବାରୁ ବିଡିଓଙ୍କ ନିକଟକୁ ଯାଇଥିଲେ। ସେଠାରେ ଅଧ୍ୟକ୍ଷାଙ୍କ ସମେତ କେତେଜଣ ନିର୍ବାଚିତ ପ୍ରତିନିଧି ବିଡିଓଙ୍କୁ ନିର୍ଯାତନା ଦେଉଥିବା ଦେଖି ସମ୍ମିଳନୀ କକ୍ଷ ବାହାରେ ଥିବା ପୋଲିସକୁ ଜଣାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆ ସରପଞ୍ଚ ସରୋଜିନୀ ନାୟକ, ବାଗୋଇ ସରପଞ୍ଚ ପ୍ରବଞ୍ଜଳୀ ସେଠୀ, ଗଣ୍ଡକିପୁର ସରପଞ୍ଚ ବନିତା ପ୍ରିୟଦର୍ଶିନୀ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ଅଭୟ ପରିଡ଼ା, ଗୋଟିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସରପଞ୍ଚ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରବିବାର ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବାପି ସର୍ଖେଲ ଓ ଅଧ୍ୟକ୍ଷା ସାହୁ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ କରିଥିଲେ ଯେ, ଭାଜପା ସମର୍ଥିତ ପ୍ରତିନିଧି ଗୁଣ୍ଡାବାହିନୀ ଡାକି ବିଡିଓଙ୍କୁ ଆକ୍ରମଣ କରିଥିଲେ। ଏନେଇ ୩ ଦିନ ହେବ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଅଭିଯୁକ୍ତମାନଙ୍କୁ ୩ ଦିନ ମଧ୍ୟରେ ଗିରଫ କରା ନ ଗଲେ ସେପ୍ଟେମ୍ବର ୨୦ରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା।

# କୃଷକ, ଯୁବବର୍ଗଙ୍କ ପାଇଁ କଂଗ୍ରେସର ବଡ଼ ପ୍ରତିଶ୍ରୁତି

## କଶ୍ମୀର ଲାଗି ପ୍ରକାଶ କଲା ନିର୍ବାଚନୀ ଇସ୍ତାହାର

ଶ୍ରୀନଗର, ୧୬।୯

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ଦଳୀୟ ଇସ୍ତାହାର ପ୍ରକାଶ ପାଇଛି। ଏଥିରେ କୃଷକ, ମହିଳା ଏବଂ ଯୁବବର୍ଗଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି। 'ହାଥ୍ ବଦଲେଗା ହାଥ୍' ନାମରେ କଂଗ୍ରେସର ଏହି ନିର୍ବାଚନୀ ଇସ୍ତାହାରରେ ସମସ୍ତ ଫସଲ ପାଇଁ ବୀମା କରାଯିବା ସହ ସେଓ କିଲୋଗ୍ରାମ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୭୨ ଟଙ୍କା ଧାର୍ଯ୍ୟ ହେବ ବୋଲି କୁହାଯାଇଛି। ଶ୍ରୀନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏଆଇସିସି ମୁଖ୍ୟ ମୁଖପାତ୍ର ପୱନ ଖେରା ଏବଂ ପିସିସି ସଭାପତି ତାରିକ୍ ହମିଦ କାରା ଇସ୍ତାହାର ଉନ୍ମୋଚନ କରିଥିଲେ। ଅନ୍ୟ ପ୍ରତିଶ୍ରୁତି ମଧ୍ୟରେ ରହିଛି ଭୂମିହୀନ, ଭାଗଚାଷୀ ଏବଂ ନିଜ ଜମିରେ ଚାଷ କରୁଥିବା କୃଷକମାନଙ୍କୁ ବର୍ଷକୁ ୪,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ। କଂଗ୍ରେସ କ୍ଷମତାକୁ ଆସିଲେ ଭୂମିହୀନ ଚାଷୀଙ୍କ ପାଇଁ ୯୯ ବର୍ଷୀୟା ଜମି ଲିଜ୍ ବ୍ୟବସ୍ଥା କରାଯିବ ବୋଲି ଖେରା କହିଛନ୍ତି। ସବୁ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ ଜିଲାୱାରି ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ୨,୫୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ। କଶ୍ମୀରର ଯୋଗ୍ୟ ଯୁବତୀଯୁବକଙ୍କୁ ମାସିକ ୩,୫୦୦ ଟଙ୍କା ଲେଖାଏ ବେରୋଜଗାରି ଭତ୍ତା ଏକବର୍ଷ ପାଇଁ ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି। କଂଗ୍ରେସ ସରକାର ଗଢ଼ିବାର ୩୦ ଦିନ ମଧ୍ୟରେ ଜବ୍ କ୍ୟାଲେଣ୍ଡର ଜାରି ହେବା ସହ ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ୧ ଲକ୍ଷ ପଦବୀ ପୂରଣ କରିବ ବୋଲି କହିଛି।



ଶ୍ରୀନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଏଆଇସିସି ମୁଖ୍ୟ ମୁଖପାତ୍ର ପୱନ ଖେରା, ପିସିସି ସଭାପତି ତାରିକ୍ ହମିଦ କାରା କଂଗ୍ରେସର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

# ହରିୟାଣା: ନାମାଙ୍କନପତ୍ର ପ୍ରତ୍ୟାହାର କଲେ ବହୁ ବିଦ୍ରୋହୀ ପ୍ରାର୍ଥୀ

ଚଣ୍ଡିଗଡ଼, ୧୬।୯

ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ ହେବାକୁ ଥିବାବେଳେ ଦଳୀୟ ଟିକେଟ ନ ପାଇ ନାମାଙ୍କନପତ୍ର ଦାଖଲ କରିଥିବା ଭାଜପା ଏବଂ କଂଗ୍ରେସର କେତେଜଣ ବିଦ୍ରୋହୀ ପ୍ରାର୍ଥୀ ସୋମବାର ଦୌଡ଼ରୁ ଓହରିଯାଇଛନ୍ତି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ମୋଟ ୧,୫୫୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଯାଞ୍ଚ ପରେ ୧,୨୨୧ ଜଣଙ୍କ ପ୍ରାର୍ଥିତ୍ୱ ବୈଧ ରହିଥିଲା। ସେମାନଙ୍କ ମଧ୍ୟରୁ ୧୯୦ ଜଣ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିବାରୁ ପ୍ରତିଦ୍ୱନ୍ଦ୍ୱିତାରେ ମୋଟ ୧,୦୩୧ ପ୍ରାର୍ଥୀ ରହିଛନ୍ତି। ବରିଷ୍ଠ ନେତାମାନେ ବିଦ୍ରୋହୀ ପ୍ରାର୍ଥୀଙ୍କ ପାଖରେ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ପ୍ରାର୍ଥୀପତ୍ର ଫେରାଇନେବାକୁ ରାଜି ହୋଇଥିଲେ। ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି ଭାଜପା ନେତା ରାଜୀବ ଜୈନଙ୍କୁ ଭେଟି ଆଲୋଚନା କରିବା ପରେ ସେ ସୋନିପତ୍ ଆସନରୁ ଓହରିଯାଇଛନ୍ତି। ଜୈନ ଉକ୍ତ ଆସନରେ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଭାଜପା ସିର୍ସା ପ୍ରାର୍ଥୀ ରୋହତାଶ ଜାଙ୍ଗ୍ରାଙ୍କୁ ପ୍ରତ୍ୟାହାର କରିନେଇ ହରିୟାଣା ଲୋକହିତ ପାର୍ଟି (ଏଚ୍‌ଏଲ୍‌ପି) ନେତା ଗୋପାଲ କାଣ୍ଡାଙ୍କୁ ସମର୍ଥନ ଜଣାଇଛି। ଫଳରେ ଆଇଏନ୍‌ଏଲ୍‌ଡି ମହାସଚିବ ଅଭୟ ଚୌତାଲା ଏଚ୍‌ଏଲ୍‌ପି ସହ ମେଣ୍ଟ ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି କହିଛନ୍ତି।

# ନିର୍ବାଚନ ପୂର୍ବରୁ ଗୋଟେ କଥା, ଶାସନକୁ ଆସିବା ପରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି: କଂଗ୍ରେସ

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି,(ମଝି) ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ ଓ ସସ୍ମିତା ବେହେରା।

ବର୍ତ୍ତମାନ ରାଜ୍ୟ ସରକାର ସୁଭଦ୍ରା ଯୋଜନାକୁ ନେଇ ବେଶ୍ ଉତ୍ସାହିତ। ଏହାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ବାସ୍ତବରେ ଏହା ଭାଜପା ସରକାରର ଆଉ ଏକ ଜୁମ୍‌ଲା। କାରଣ ନିର୍ବାଚନ ପୂର୍ବରୁ ଭାଜପାର ନେତାମାନେ କହିଥିଲେ, ଓଡ଼ିଶାରେ ଯଦି ଭାଜପା କ୍ଷମତାକୁ ଆସେ ତେବେ ତୁରନ୍ତ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। କିନ୍ତୁ କ୍ଷମତାକୁ ଆସିବା ପରେ ଭାଜପା ସରକାର ସୁଭଦ୍ରା ଯୋଜନାକୁ ନେଇ ଏମିତି ଦ୍ୱନ୍ଦ୍ୱ ସୃଷ୍ଟି କଲେ ଯେ ତାହା ଏ ପର୍ଯ୍ୟନ୍ତ ମଧ୍ୟ ଲୋକଙ୍କ ପାଇଁ ଅବୁଝା ରହିଛି। ସେହିପରି ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର ବର୍ତ୍ତମାନ ଓଡ଼ିଶାରେ ଗୁଜରାଟ ମଡ଼େଲ ଚଲାଇଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଣଓଡ଼ିଆ ଅଫିସରଙ୍କୁ ବସାଇ ଓଡ଼ିଆ ଅସ୍ମିତାକୁ ଧୂଳିସାତ କରିବାକୁ ଯୋଜନା କରିଛନ୍ତି। ଗୋପାଳପୁର ବନ୍ଦରକୁ ଆଦାନୀକୁ ପ୍ରଦାନ କରି ରାଜ୍ୟର ମୋହନ ସରକାର ନିଜକୁ ମୋଦାନୀ ସରକାର ପରିଚୟ ଦେଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭାଜପା ସରକାର ପ୍ରଥମେ ରଥଯାତ୍ରାରେ ସୁଭଦ୍ରା ଯୋଜନା ଅର୍ଥ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏହାପରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଏହି ଅର୍ଥ ଦିଆଯିବ ବୋଲି କହିଲେ। ମାତ୍ର ଏବେ ଏହି ଦୁଇ ଦିବସଠାରୁ ଅଧିକ ଶୁଭଦିନ ଭାବି ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଏହି ଅର୍ଥ ଦେବାକୁ ଯାଉଛନ୍ତି। ନିର୍ବାଚନ ପୂର୍ବରୁ ସମସ୍ତ ମହିଳାଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ମାତ୍ର କ୍ଷମତାକୁ ଆସିବା ପରେ ୨ ବର୍ଷରେ ଏହି ଅର୍ଥ ପ୍ରଦାନ କରିବେ ବୋଲି କହିଲେ। ଏବେ ପୁଣି ୫ ବର୍ଷରେ ଦେବେ ବୋଲି କହିଛନ୍ତି। ଏମିତି ହିସାବରେ ଜଣେ ମହିଳା ମାସକୁ ମାତ୍ର ୮୩୩ ଟଙ୍କା ତଥା ଦିନକୁ ୨୭ ଟଙ୍କା ପାଇବେ। ଏହି ଅର୍ଥରେ ଜଣେ ମହିଳା କି ପ୍ରକାର ଉଦ୍ୟୋଗ ଗଢ଼ିବେ ଏବଂ ସଶକ୍ତ ହେବେ ବୋଲି ବିଶ୍ୱରଞ୍ଜନ ପ୍ରଶ୍ନ କରିଛନ୍ତି।

# ସୁଭଦ୍ରା ଯୋଜନା ନାମରେ ଓଡ଼ିଶାର ମହିଳାଙ୍କୁ ପ୍ରବଞ୍ଚନା କରିଛି ଭାଜପା: ବିଜେଡି

ଭୁବନେଶ୍ୱର, ୧୬।୯(ଅନିଲ ଦାସ)


ଲୋପାମୁଦ୍ରା ବକ୍ସିପାତ୍ର

ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ, କର୍ମକର୍ତ୍ତା ଏବଂ କେନ୍ଦ୍ରୀୟ ନେତାମାନେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ଭାଜପା ସରକାର ଆସିଲେ ବର୍ଷକୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ବିଭିନ୍ନ ସଭା, ସମିତିରେ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ୨ ବର୍ଷରେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ ଏବଂ ଏହାକୁ ସେମାନେ ବିଭିନ୍ନ ମାଧ୍ୟମରେ ଖର୍ଚ୍ଚ କରିପାରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମା' ଓ ଭଉଣୀମାନଙ୍କୁ ଡବଲ ଇଞ୍ଜିନ ସରକାର ପ୍ରତାରଣା କରିଛି ବୋଲି ବିଜେଡି ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର କହିଛନ୍ତି।

ସୋମବାର ଶଙ୍ଖଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ୧୮ରୁ ୨୧ ଏବଂ ୬୦ରୁ ୮୦ ବର୍ଷ ବୟସର ମହିଳାଙ୍କୁ ଯୋଜନାରୁ କେଉଁ ଆଧାରରେ ବାଦ୍ ଦିଆଯାଇଛି। ବିଭିନ୍ନ ମାନଦଣ୍ଡ ସ୍ଥିର କରି ପ୍ରାୟ ୧ କୋଟି ମହିଳାଙ୍କୁ ବାଦ୍‌ଦେବା ତଥା ବର୍ଷକୁ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏ ଦେବା ପାଇଁ ସ୍ଥିର କରି ଓଡ଼ିଶାର ମହିଳାମାନଙ୍କୁ ଏବେ ଭଣ୍ଡାଉଛନ୍ତି। ମହିଳାଟିଏ ଭାବିଥିଲା ଏକକାଳୀନ ୫୦ ହଜାର କିମ୍ବା ୨୫ ହଜାର ଟଙ୍କା ପାଇଲେ କୌଣସି କୁଟୀରଶିଳ୍ପ କିମ୍ବା କ୍ଷୁଦ୍ର ବ୍ୟବସାୟ କରି ସ୍ୱାବଲମ୍ବୀ ହେବ ଅଥବା ନିଜ ପରିବାରର କୌଣସି ଆବଶ୍ୟକତାଟିଏ ପୂରଣ କରିପାରିବ। ୫ ହଜାର ଟଙ୍କାରେ ମହିଳା କି ଉଦ୍ୟୋଗୀ ହୋଇପାରିବେ। ଏତିକି ଟଙ୍କାରେ ମହିଳାମାନେ କିପରି ସଶକ୍ତ ହେବେ, ଏହା କ'ଣ ମହିଳାଙ୍କୁ ପ୍ରତାରଣା ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମା' ସୁଭଦ୍ରାଙ୍କ ନାଁ ନେଇ ଭାଜପା ମା'ମାନଙ୍କୁ ଠକୁଛି। ସୁଭଦ୍ରା ଯୋଜନାରେ ଓଡ଼ିଶାର ମହିଳାଙ୍କୁ ପ୍ରବଞ୍ଚନା କରାଯାଇଛି। ଠକାମିର ଶିକାର ହୋଇଥିବା ଓଡ଼ିଶାର ମହିଳାଙ୍କ ଆଖିରେ ଧୂଳି ପକାଇ ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି। ରାଜ୍ୟର ମହିଳାମାନଙ୍କୁ ଭାଜପା ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବାରୁ ବିଜୁ ଜନତା ଦଳ ଏହାକୁ ତୀବ୍ର ନିନ୍ଦା କରୁଛି ବୋଲି ଲୋପାମୁଦ୍ରା କହିଛନ୍ତି।

# ପୁନଃବିଚାର ପିଟିଶନ ପ୍ରତ୍ୟାହାର ପାଇଁ ମୋଦିଙ୍କୁ ଶ୍ରୀକାନ୍ତଙ୍କ ପ୍ରସ୍ତାବ

## ରାଜ୍ୟରୁ ଖଣିଜ ସମ୍ପଦ ଓ ଗଚ୍ଛିତ ଅଞ୍ଚଳ ଉପରେ କର ଆଦାୟ ପ୍ରସଙ୍ଗ

ଭୁବନେଶ୍ୱର, ୧୬।୯ (ଅନୁରାଧା ମହାରଣା)

ଖଣିଜ ସମ୍ପଦ ଏବଂ ଖଣିଜ ଗଚ୍ଛିତ ଅଞ୍ଚଳ ଉପରେ ସେସ୍ ଓ ଟିକସ ଆଦାୟ ପାଇଁ ସୁପ୍ରିମ୍‌କୋର୍ଟ ଜୁଲାଇ ୨୫ରେ ତାଙ୍କ ଐତିହାସିକ ରାୟରେ ରାଜ୍ୟଗୁଡ଼ିକୁ ଅଧିକାର ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ପୁନଃବିଚାର ପିଟିଶନ୍ ଦାଖଲ କରିଛନ୍ତି। ଏହା ଓଡ଼ିଶାର ବୃହତ୍ତର ସ୍ୱାର୍ଥ ବିରୋଧୀ। ତେଣୁ ଏହି ପିଟିଶନ ପ୍ରତ୍ୟାହାର କରିନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳବାର ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଶ୍ରୀକାନ୍ତ ପ୍ରେସ୍‌ବିବୃତି ମାଧ୍ୟମରେ ଏହି ପ୍ରସ୍ତାବ ରଖିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଜୁଲାଇ ୨୫ ଏବଂ ଅଗଷ୍ଟ ୧୦ର ଐତିହାସିକ ରାୟ କାର୍ଯ୍ୟକାରୀ ହୋଇପାରିଲେ ଓଡ଼ିଶା ବାର୍ଷିକ ପ୍ରାୟ ୫୦ ହଜାର କୋଟି ଟଙ୍କା ଖଣିଜ ସମ୍ପଦରୁ ସେସ୍ ଓ କର ଆଦାୟ କରିପାରିବ। ଏହାସହ ୨୦୦୫ରୁ ବକେୟା ୧.୫ ଲକ୍ଷ କୋଟି ଟଙ୍କା ରାଜସ୍ୱ ମଧ୍ୟ ପାଇପାରିବ। ଏହା ରାଜ୍ୟ ଅର୍ଥନୀତିକୁ ସମୃଦ୍ଧଶାଳୀ କରିବା ସହିତ ଓଡ଼ିଶାର ଦାରିଦ୍ର୍ୟ ଓ ଅନଗ୍ରସରତାକୁ ହ୍ରାସ କରିବାରେ ସହାୟକ ହେବ ବୋଲି ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ଗୋଟିଏପଟେ ଓଡ଼ିଶା ହାତରୁ ତାହାର ମୌଳିକ ଅର୍ଥନୈତିକ ଅଧିକାର ଛଡ଼ାଇ ନିଆଯାଉଛି। ଅପରପକ୍ଷରେ ତଥାକଥିତ ସୁଭଦ୍ରା ଯୋଜନା ନାଁରେ ଓଡ଼ିଶାର ମା'ଭଉଣୀମାନଙ୍କୁ ଦୈନିକ ମାତ୍ର ୨୭ ଟଙ୍କା ପ୍ରଦାନ କରିବାର କ'ଣ ଯଥାର୍ଥତା ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ପୁନଃବିଚାର ପିଟିଶନ୍ ଓଡ଼ିଶାର ସାମଗ୍ରିକ ସ୍ୱାର୍ଥବିରୋଧୀ। ଏହା କେତେକ ହାତଗଣତି କର୍ପୋରେଟ୍ କମ୍ପାନୀ ଏବଂ ଖଣି ମାଲିକଙ୍କ ସ୍ୱାର୍ଥ ସାଧନ କରିବା ପାଇଁ ପ୍ରଣୋଦିତ। ତେଣୁ କେନ୍ଦ୍ର ସରକାର ଏନେଇ ପିଟିଶନ୍‌କୁ ପ୍ରତ୍ୟାହାର କରିବେ ବୋଲି ଆଶା କରୁଥିବା ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି।

# ଆଜି ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ


ଖଣ୍ଡପଡ଼ା ସହରରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ଖଣ୍ଡପଡ଼ା, ୧୬।୯ (ଅଜୟ କୁମାର ମହାରଣା)

ନିର୍ଦ୍ଧାରିତ ସୂଚନାକ୍ରମେ ଦୀର୍ଘ ୪୫ ଦିନ ପରେ ବିରୋଧୀ ବିଜେଡି କାଉନ୍‌ସିଲରଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଭୋଟ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସୋମବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏଡିଏମ୍ ରୋଜିନା ଦାସ, ଏସ୍‌ଡିପିଓ ବିମଳ କୁମାର ବାରିକ, ଖଣ୍ଡପଡ଼ା ଥାନାଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିବା ଜଣାଯାଇଛି। ସେହିପରି ଖଣ୍ଡପଡ଼ା ଏନ୍‌ଏସି ପରିଷଦ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସେଠାରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି।

# ଭାଜପା ଇତିହାସକୁ ବିକୃତ କରିବାର ହୀନ ଉଦ୍ୟମ କରୁଛି: ବିଜେଡି

ଭୁବନେଶ୍ୱର, ୧୬।୯(ଅନିଲ ଦାସ)

ଇତିହାସକୁ ବିକୃତ କରିବା ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛି। ଇତିହାସକୁ ଚର୍ଚ୍ଚା କରିବା ବେଳେ ଦୃଷ୍ଟିଭଙ୍ଗୀର ପ୍ରମୁଖ ଭୂମିକା ରହିଛି। ଭାଜପା ଓ କିଛି ବ୍ୟକ୍ତିବିଶେଷ ରେଭେନ୍‌ଶାର ଐତିହ୍ୟକୁ ନିନ୍ଦା କରିବାକୁ ଉଦ୍ୟମ ଜାରି ରଖିଥିବା ବିଜେଡି ଅଭିଯୋଗ କରିଛି।

ରେଭେନ୍‌ଶାର ନାଁ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ଲେଲିନ୍ ମହାନ୍ତି କହିଛନ୍ତି, ଓଡ଼ିଶାକୁ ଗଠନ କରିବା ଦିଗରେ ପ୍ରମୁଖ ଭୂମିକା ନେଇଥିବା ମଧୁବାବୁ, ଫକୀରମୋହନ ସେନାପତି ଏବଂ ଉତ୍କଳ ସମ୍ମିଳନୀର ବିଭିନ୍ନ ମହାମନୀଷୀଙ୍କ ପ୍ରତି ଭାଜପା ଅତି କଟୁ ମନ୍ତବ୍ୟ ଦେଇ ଆସୁଛି। ନଅଙ୍କ ଦୁର୍ଭିକ୍ଷ ପାଇଁ ଯଦି ଟି. ଇ. ରେଭେନ୍‌ଶା ଦାୟୀ ତା' ହେଲେ କୋଭିଡ୍ ପାଇଁ କାହାକୁ ଦାୟୀ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି । ଯାହାକୁ ନାହିଁ ତାକୁ ବଦ୍‌ନାମ କରିବା ଏହା ଓଡ଼ିଶାର ପରମ୍ପରା ନୁହେଁ। ବିଜୁବାବୁ କି ଫକୀରମୋହନ କ'ଣ ଭାରତରତ୍ନ ପାଇଁ ଯୋଗ୍ୟ ନୁହନ୍ତି। ରେଭେନ୍‌ଶା ବୋର୍ଡ ବଦଳାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଗୋଟେ ନୂଆ ଅନୁଷ୍ଠାନ କାହିଁକି କରୁ ନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି। ୧୫୦ ବର୍ଷରୁ ଅଧିକ ହେଲାଣି ରେଭେନ୍‌ଶା ଛିଡ଼ା ହୋଇଛି । ଗୌରବମୟ ଇତିହାସକୁ କଳୁଷିତ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଓଡ଼ିଶାରେ ଏକ ଇନ୍‌ଷ୍ଟିଚ୍ୟୁଟ ଅଫ ଏମିନେନ୍ସକୁ ନେଇ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇପାରିବେ କି ବୋଲି ଲେଲିନ୍ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୁଖପାତ୍ର ବିଶ୍ୱ ପ୍ରତାପ ସାହୁ ଓ ଅରୁପ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ବିଜେଡି ନେତା ଲେଲିନ୍ ମହାନ୍ତି ଓ ଅନ୍ୟମାନେ।

**ଇସ୍ରାଏଲର ମିଶାଇଲ ମାଡ଼, ୧୬ ପାଲେଷ୍ଟିନୀୟ ମୃତ**

ଗାଜା ଷ୍ଟ୍ରିପ୍‌ରେ ସୋମବାର ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୫ ମହିଳା ଓ ୪ ଶିଶୁଙ୍କୁ ମିଶାଇ ସମୁଦାୟ ୧୬ ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ରୀୟ ଗାଜାର ଡେର୍ ଅଲ୍ ବଲାହସ୍ଥିତ ପାଲେଷ୍ଟିନୀୟମାନେ ରହୁଥିବା ନୁସେରାଥ୍ ଶରଣାର୍ଥୀ ଶିବିରର ଏକ ବିଲ୍ଡିଂ ଇସ୍ରାଏଲର ଏହି ମିଶାଇଲ ଆକ୍ରମଣରେ ଧ୍ୱଂସ ହୋଇଯାଇଛି।



## ସଂକ୍ଷେପରେ

### ମୋଦି ୩.୦ର ପ୍ରଥମ ୧୦୦ ଦିନ: ୩ ଲକ୍ଷ କୋଟିର ପ୍ରକଳ୍ପକୁ ମଞ୍ଜୁରି

ନୂଆଦିଲ୍ଲୀ, ୧୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିର ପ୍ରଥମ ୧୦୦ ଦିନ ମଧ୍ୟରେ ୩ ଲକ୍ଷ କୋଟି ଟଙ୍କା ମୂଲ୍ୟର ଅନେକ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଖାସ୍‌କରି ସଡ଼କ, ରେଳପଥ, ବାୟୁ ପଥ, ବନ୍ଦର ଆଦି କ୍ଷେତ୍ରରେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆଗାମୀ ଦିନରେ କନେକ୍ଟିଭିଟିକୁ ପ୍ରୋତ୍ସାହିତ କରିବା ସହ ଅର୍ଥନୈତିକ ଅଭିବୃଦ୍ଧି ତଥା ନିଯୁକ୍ତି ସୃଷ୍ଟି ପାଇଁ ଭିତ୍ତିଭୂମି କ୍ଷେତ୍ରରେ ୧୫ ଲକ୍ଷ କୋଟି ଟଙ୍କାର ନିବେଶ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଭାବେ ପରିଣତ କରିବା ଲକ୍ଷ୍ୟରେ ଏହିସବୁ ଯୋଜନା ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି।

# ଦ୍ୱିତୀୟ ହତ୍ୟା ଉଦ୍ୟମରୁ ବର୍ତ୍ତିଲେ ଟ୍ରମ୍ପ୍

## ସନ୍ଦିଗ୍ଧ ଗିରଫ

ୱାଶିଂଟନ, ୧୬।୯ (ପି.ଟି.)


ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନ ପାଇଁ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ରବିବାର ଦ୍ୱିତୀୟ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଫ୍ଲୋରିଡାର ୱେଷ୍ଟ ପାମ୍ ବିଚ୍‌ରେ ଥିବା ଇଣ୍ଟରନ୍ୟାଶନାଲ ଗଲ୍ଫ କୋର୍ସରେ ଟ୍ରମ୍ପ୍ ଖେଳୁଥିବାବେଳେ ବାହାରେ ଗୁଳିମାଡ଼ ହୋଇଥିଲା। ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) କହିଛି। ତେବେ ଟ୍ରମ୍ପ୍ ସୁରକ୍ଷିତ ଥିବା ତାଙ୍କ ପ୍ରଚାର ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚେଉଙ୍ଗ୍ କହିଛନ୍ତି। ଗୁଳି ଚଳାଇଥିବା ୫୮ ବର୍ଷୀୟ ସନ୍ଦିଗ୍ଧ ର୍ୟାନ୍ ୱେସ୍ଲି ରାଉଥ୍‌ଙ୍କୁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ଗିରଫ କରିଛନ୍ତି। ଗୁଳିକାଣ୍ଡ ସ୍ଥଳରୁ ଏକ ଉଚ୍ଚ କ୍ଷମତାଯୁକ୍ତ ଏକେ-୪୭ ଷ୍ଟାଇଲ୍ ରାଇଫଲ ଏବଂ ଗୋପ୍ରୋ କ୍ୟାମେରା ଜବତ ହୋଇଛି।

ହତ୍ୟା ଉଦ୍ୟମ ପରେ ଟ୍ରମ୍ପ୍ ତାଙ୍କ ସମର୍ଥକମାନଙ୍କୁ ଏକ ବାର୍ତ୍ତାରେ ସୁରକ୍ଷିତ ଥିବା କହିଛନ୍ତି। ଖୁବ୍ ନିକଟରେ ଗୁଳିମାଡ଼ ହୋଇଥିଲା। ସେ ଭଲ ଅଛନ୍ତି ଏବଂ କୌଣସି ଶକ୍ତି ତାଙ୍କୁ ଦୁର୍ବଳ କରିପାରିବ ନାହିଁ କିମ୍ବା ସେ କଦାପି ଆତ୍ମସମର୍ପଣ କରିବେ ନାହିଁ ବୋଲି କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଲା ହାରିସ୍ ମଧ୍ୟ ଟ୍ରମ୍ପ୍ ଇଣ୍ଟରନ୍ୟାଶନାଲ ଗଲ୍ଫ କୋର୍ସର ସୁରକ୍ଷା ତ୍ରୁଟି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଟିମ୍ ସହ ବାଇଡେନ୍ ଏବଂ ହାରିସ୍ ନିୟମିତ ଯୋଗାଯୋଗରେ ରହିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

ସିକ୍ରେଟ୍ ସର୍ଭିସ୍‌ର ଜଣେ ଏଜେଣ୍ଟ ଗୁଳି ଚଳାଇବାରୁ ଆକ୍ରମଣକାରୀ ରାଇଫଲ, କ୍ୟାମେରା ଏବଂ ଦୁଇଟି ବ୍ୟାଗ୍ ଛାଡ଼ି ଏସ୍‌ୟୁଭିରେ ଖସି ପଳାଇ ଯାଇଥିଲେ। ନିକଟବର୍ତ୍ତୀ କାଉଣ୍ଟିରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଅଟକାଇଥିଲା। ତାଙ୍କୁ ସୁରକ୍ଷା କର୍ମୀ ଗାଡ଼ିରୁ ବାହାରକୁ ଟାଣି ଆଣିଲା ବେଳେ ସେ କୌଣସି ପ୍ରଶ୍ନ କରି ନ ଥିଲେ। ସୂଚନାଯୋଗ୍ୟ, ଜୁଲାଇ ୧୩ରେ ଟ୍ରମ୍ପ୍ ପେନ୍‌ସିଲଭାନିଆର ବଟ୍‌ଲରଠାରେ ଏକ ରାଲିରେ ଯୋଗଦେଇଥିବାବେଳେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ତାଙ୍କ ଡାହାଣ କାନରେ ଗୁଳି ବାଜିଥିବାବେଳେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ସମେତ ୨ ଜଣ ନିହତ ହୋଇଥିଲେ ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ। ଏହାର ୮ ଦିନ ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ରାଷ୍ଟ୍ରପତି ଦୌଡ଼ରୁ ଓହରିଯାଇ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଦେଇଥିଲେ। କ୍ରମାଗତ ୨ ଥର ଟ୍ରମ୍ପ୍‌ଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ସିକ୍ରେଟ୍ ସର୍ଭିସ୍‌ର ସୁରକ୍ଷା ଅପରେଶନକୁ ନେଇ ପ୍ରଶ୍ନ ଉଠିଛି। ଜୁଲାଇ ଗୁଳିକାଣ୍ଡ ଘଟଣାରେ ସିକ୍ରେଟ୍ ସର୍ଭିସ୍ ନିଜର ବିଫଳତା ସ୍ୱୀକାର କରିଥିଲା।

**ଜୁଲାଇରେ ହୋଇଥିବା ଗୁଳିମାଡ଼ରେ ଆହତ ହୋଇଥିଲେ**

# କୋଲକାତା ପୋଲିସ କମିଶନର ବହିଷ୍କୃତ

କୋଲକାତା, ୧୬।୯

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ରାତିରେ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ୫ଟି ଦାବିରୁ ୩ଟିକୁ ଗ୍ରହଣ କରିବାକୁ ରାଜି ହୋଇଛନ୍ତି। ଡାକ୍ତରମାନଙ୍କ ଦାବି ଅନୁଯାୟୀ କୋଲକାତା ପୋଲିସ କମିଶନ ଏବଂ ସ୍ୱାସ୍ଥ୍ୟ ବିଭାଗର ଶୀର୍ଷ ଅଧିକାରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ଆର୍.ଜି. କର ମେଡିକାଲ କଲେଜ ରହିଥିବା କୋଲକାତାର ଉତ୍ତର ଜୋନ୍ ପୋଲିସ ମୁଖ୍ୟଙ୍କୁ ମଧ୍ୟ ବିଦା କରାଯାଇଛି। ଫଳରେ ଡାକ୍ତର ଆନ୍ଦୋଳନକୁ ନେଇ ସୃଷ୍ଟ ଅଚଳାବସ୍ଥା ଦୂର ହୋଇଥିବାବେଳେ ମଙ୍ଗଳବାର ସକାଳେ ସରକାର ଆନୁଷ୍ଠାନିକ ଘୋଷଣା କରିବା ପରେ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ଆଶା କରାଯାଉଛି।

ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ରୋଗୀସେବାରେ ଲାଗିରହିଥିବା ଅଚଳାବସ୍ଥା ଦୂର ପାଇଁ ସୋମବାର ରାତିରେ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କ ପ୍ରତିନିଧି ପଶ୍ଚିମବଙ୍ଗ ସରକାରଙ୍କର ୨ ଘଣ୍ଟା ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ୪ ଥର ଡାକ୍ତରମାନଙ୍କୁ ବୈଠକ ପାଇଁ ଡାକିଥିଲେ ମଧ୍ୟ ଆଲୋଚନା ହୋଇପାରି ନ ଥିଲା। ସୋମବାର ପଞ୍ଚମ ଥର ପାଇଁ ଡାକ୍ତରଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ୩୫ ଜଣ ଡାକ୍ତର ସନ୍ଧ୍ୟା ୬ଟା ୨୦ରେ ମମତାଙ୍କ କାଳୀଘାଟସ୍ଥିତ ବାସଭବନରେ ପହଞ୍ଚିଥିଲେ। ଡାକ୍ତରମାନଙ୍କୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରିନେବା ପାଇଁ ମମତା ନିବେଦନ କରିବା ସହ ଆଲୋଚନା ମାଧ୍ୟମରେ ପ୍ରତ୍ୟେକ ପ୍ରସଙ୍ଗର ସମାଧାନ ହୋଇପାରିବ ବୋଲି କହିଥିଲେ। ପୂର୍ବରୁ ଡାକ୍ତରମାନେ ଆଲୋଚନାର ସିଧା ପ୍ରସାରଣ ଦାବିରେ ଅଟଳ ରହିଥିବାବେଳେ ସୋମବାର ଉକ୍ତ ଦାବିରୁ ଓହରିଯାଇଥିଲେ। ଡାକ୍ତରମାନଙ୍କ ୯୯ ପ୍ରତିଶତ ଦାବି ପୂରଣ ହୋଇଥିବା ମମତା କହିଛନ୍ତି।

### 'ରାହୁଲଙ୍କ ଜିଭ କାଟିଲେ ୧୧ ଲକ୍ଷ ପୁରସ୍କାର ଦେବି'

**ଶିବସେନା ବିଧାୟକଙ୍କ ବିବାଦୀୟ ମନ୍ତବ୍ୟ**

ମୁମ୍ବାଇ, ୧୬।୯

ମହାରାଷ୍ଟ୍ରର ଶିବଶେନା ବିଧାୟକ ସଞ୍ଜୟ ଗାଏକ୍ୱାଡ୍ ସୋମବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଆମେରିକାରେ ଭାରତର ସଂରକ୍ଷଣ ବ୍ୟବସ୍ଥା ଉପରେ ରାହୁଲ ଦେଇଥିବା ବିବୃତିକୁ ନେଇ ଗାଏକ୍ୱାଡ୍ ଅସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି, ଯିଏ ରାହୁଲଙ୍କ ଜିଭ କାଟିବ ତାଙ୍କୁ ସେ ୧୧ ଲକ୍ଷ ଟଙ୍କାର ପୁରସ୍କାର ଦେବେ। ସେ କହିଛନ୍ତି, ରାହୁଲ ନିଜ ଆମେରିକା ଗସ୍ତରେ ଭାରତର ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିବାକୁ ବୟାନ ଦେଇଛନ୍ତି, ଯାହା ଜନସାଧାରଣଙ୍କ ସମ୍ମୁଖରେ କଂଗ୍ରେସର ପ୍ରକୃତ ମୁଖା ଖୋଲିଦେଇଛି। ତେବେ ଘଟଣାକୁ ନେଇ ବୁଲଢାଣା ସିଟି ଥାନାରେ ଗାଏକ୍ୱାଡ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।


ସଞ୍ଜୟ ଗାଏକ୍ୱାଡ୍

# ଧର୍ମୀୟ ସ୍ୱାଧୀନତାକୁ ସମର୍ଥନ: ବ୍ରାଜିଲରେ ବିଶାଳ ଶୋଭାଯାତ୍ରା


ବିଭିନ୍ନ ଧର୍ମର ସୁରକ୍ଷା ଦାବିରେ ରିଓ ଡି ଜେନିରୋ ସହରରେ ଶୋଭାଯାତ୍ରା।

ରିଓ ଡି ଜେନେରୋ, ୧୬।୯

ବ୍ରାଜିଲରେ ଗତ ୬ ବର୍ଷ ମଧ୍ୟରେ ଅସହିଷ୍ଣୁତା ମାମଲା ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଦେଶରେ ଧର୍ମୀୟ ସ୍ୱାଧୀନତାକୁ ସମର୍ଥନ ଜଣାଇ ରବିବାର ହଜାର ହଜାର ଲୋକ ରିଓ ଡି ଜେନିରୋ ସହରରେ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ। ବିଭିନ୍ନ ଧର୍ମୀୟ ପରମ୍ପରାର ଲୋକମାନେ ଏଥିରେ ସାମିଲ ହୋଇଥିଲେ। ପୁରୁଷ, ମହିଳାଙ୍କ ସମେତ ପିଲାମାନେ ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା।

ବ୍ରାଜିଲରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହେଉଥିବା ଆଫ୍ରୋ-ବ୍ରାଜିଲିଆନ୍ ଧର୍ମର ଲୋକମାନେ ଶୋଭାଯାତ୍ରାରେ ଅଧିକ ସଂଖ୍ୟାରେ ସାମିଲ ହୋଇଥିଲେ। ଏପରିକି ବ୍ରାଜିଲର ନବନିଯୁକ୍ତ ମାନବାଧିକାର ମନ୍ତ୍ରୀ ମାକାଏ ଏଭାରିଷ୍ଟୋ ମଧ୍ୟ ଶୋଭାଯାତ୍ରାରେ ଯୋଗ ଦେଇଥିବା ଦେଖାଯାଇଥିଲା। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ଦାବିରେ କ୍ରମାଗତ ୧୭ ବର୍ଷ ହେଲା ଏଭଳି ଶୋଭାଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ଦେଶରୁ ଅସମାନତା ଦୂର କରିବା ବର୍ତ୍ତମାନର ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି ଏଭାରିଷ୍ଟୋ ଗଣମାଧ୍ୟମକୁ କହିଛନ୍ତି।

# କିଏ ହେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ପିଏସି ସଦସ୍ୟଙ୍କ ମତାମତ ନେଲେ କେଜ୍‌ରିୱାଲ**

ନୂଆଦିଲ୍ଲୀ, ୧୬।୯

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ଇସ୍ତଫା ଦେବେ। ସେ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। କିଏ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ଭିତରେ ବିଚାରବିମର୍ଶ ଜାରି ରହିଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ କେଜ୍‌ରିୱାଲ ସୋମବାର ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି)ର ସଦସ୍ୟମାନଙ୍କ ସହ ଜଣ ଜଣ କରି ଆଲୋଚନା କରି ସେମାନଙ୍କ ମତାମତ ନେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଆପ୍ ବିଧାୟକ ଦଳ ବୈଠକ ବସି ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବ ବୋଲି ଦଳୀୟ ନେତା ସୌରଭ ଭରଦ୍ୱାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ମନ୍ତ୍ରୀ ଆତିଶୀ, ଗୋପାଲ ରାୟ, ସୌରଭ ଭରଦ୍ୱାଜ, କୈଲାସ ଗେହଲଟ, ଦିଲ୍ଲୀ ବିଧାନସଭା ଉପବାଚସ୍ପତି ରାଖୀ ବିର୍ଲା, କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି।

# ୩ ଆଇପିଏସ୍ ଅଫିସର ନିଲମ୍ବିତ

**ମିଥ୍ୟା ଅଭିଯୋଗରେ ଅଭିନେତ୍ରୀ କାଦମ୍ବରୀଙ୍କୁ ଗିରଫ ଘଟଣା**

ହାଇଦ୍ରାବାଦ, ୧୬।୯

ମୁମ୍ବାଇ ଅଭିନେତ୍ରୀ କାଦମ୍ବରୀ ଜେଠୱାନୀଙ୍କୁ ଭୁଲ୍‌ବଶତଃ ଗିରଫ କରି ହାଜତରେ ରଖିବା ଅଭିଯୋଗରେ ଆନ୍ଧ୍ରପ୍ରଦେଶ ସରକାର ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନିଲମ୍ବନ କରିଛନ୍ତି। ସର୍ବଭାରତୀୟ ସେବା (ଶୃଙ୍ଖଳା ଓ ଅପିଲ୍) ନିୟମାବଳୀ, ୧୯୬୯ର ରୁଲ୍ ୩(୧) ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ୩ ଅଫିସରଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ଅଫିସରମାନେ ହେଲେ ପୂର୍ବତନ ଗୋଇନ୍ଦା ମୁଖ୍ୟ ପି.ଏସ୍.ଆର୍. ଅଞ୍ଜାନେୟୁଲୁ, ବିଜୟୱାଡ଼ାର ପୂର୍ବତନ ପୋଲିସ କମିଶନର କ୍ରାନ୍ତିରାଣା ଟାଟା ଏବଂ ପୂର୍ବତନ ଡିସିପି ବିଶାଲ ଗୁନ୍ନି। ୱାଇଏସ୍‌ଆର୍‌ସିପି ନେତା ତଥା ଚଳଚ୍ଚିତ୍ର ନିର୍ମାତା କେ.ଭି. ବିଦ୍ୟାସାଗରଙ୍କ ପ୍ରରୋଚନାରେ ୩ ଆଇପିଏସ୍ ଅଫିସର କାର୍ଯ୍ୟ କରିବା ସହ ଅଭିନେତ୍ରୀଙ୍କ ବିରୋଧରେ ମିଥ୍ୟା ଜାଲିଆତି ଏବଂ ବଟି ଆଦାୟ ଅଭିଯୋଗ ଆଣିଥିଲେ। ପୋଲିସ କାଦମ୍ବରୀ ଓ ତାଙ୍କ ବାପାଙ୍କୁ ଗିରଫ କରି ବିଜୟୱାଡ଼ା ଆଣିବା ପରେ ୩ ଦିନ ହାଜତରେ ରଖିଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ଜାମିନ ମିଳିଥିଲା। ଅଗଷ୍ଟ ପ୍ରଥମ ସପ୍ତାହରେ କାଦମ୍ବରୀ ଏନ୍‌ଟିଆର୍ ଜିଲା ପୋଲିସ କମିଶନରଙ୍କ ନିକଟରେ ଦାଏର କରିଥିଲେ। ଆନ୍ଧ୍ରପ୍ରଦେଶ ପୋଲିସ ଡିଜି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ସରକାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।


କାଦମ୍ବରୀ ଜେଠୱାନୀ

# ବହିର୍ବ୍ୟାପାର, କୃଷି ସଂସଦୀୟ କମିଟିରେ କଂଗ୍ରେସକୁ ମିଳିବ ଅଧ୍ୟକ୍ଷତା

ନୂଆଦିଲ୍ଲୀ, ୧୬।୯

ଲୋକ ସଭାରେ ବହିର୍ବ୍ୟାପାର, କୃଷି ଓ ଗ୍ରାମାଞ୍ଚଳ ବିକାଶ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିରେ କଂଗ୍ରେସ ଅଧ୍ୟକ୍ଷତା କରିବ। ସେହିପରି ରାଜ୍ୟ ସଭାର ଶିକ୍ଷା ସମ୍ପର୍କିତ ଷ୍ଟାଣ୍ଡିଂ କମିଟିରେ ମଧ୍ୟ କଂଗ୍ରେସକୁ ଅଧ୍ୟକ୍ଷତା ମିଳିବ ବୋଲି ସୋମବାର ଦଳୀୟ ସୂତ୍ରରୁ କୁହାଯାଇଛି। ସଂସଦୀୟ କମିଟିରେ ଅଧ୍ୟକ୍ଷତାକୁ ନେଇ ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ଆଲୋଚନା ଶେଷ ହୋଇଛି। ତଦନୁଯାୟୀ କଂଗ୍ରେସ ମୋଟ ୪ଟି ଷ୍ଟାଣ୍ଡିଂ କମିଟିରେ ଅଧ୍ୟକ୍ଷତା କରିବ। କୃଷି ଷ୍ଟାଣ୍ଡିଂ କମିଟିରେ କୃଷି ସମେତ ପ୍ରାଣୀସମ୍ପଦ, ଖାଦ୍ୟ ପ୍ରକ୍ରିୟାକରଣ ରହିଥିବାବେଳେ ଗ୍ରାମାଞ୍ଚଳ ବିକାଶ ସହ ପଞ୍ଚାୟତିରାଜ ମଧ୍ୟ ରହିଛି। ସେହିପରି ରାଜ୍ୟ ସଭାର ଶିକ୍ଷା ସ୍ଥାୟୀ କମିଟିରେ ଶିକ୍ଷା ସହ ମହିଳା ଓ ଶିଶୁ, ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ରହିଛି। ୫ ବର୍ଷର ବ୍ୟବଧାନ ପରେ କଂଗ୍ରେସ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପର ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା ଦାୟିତ୍ୱ ନେବାକୁ ଯାଉଛି। ୨୦୧୪ ସେପ୍ଟେମ୍ବରରୁ ୨୦୧୯ ମେ' ପର୍ଯ୍ୟନ୍ତ ଉକ୍ତ କମିଟିରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଅଧ୍ୟକ୍ଷ ରହିଥିଲେ। ଗତ ୫ ବର୍ଷରେ କଂଗ୍ରେସ ରାଜ୍ୟ ସଭାରେ ୨ଟି ଏବଂ ଲୋକ ସଭାରେ ଗୋଟିଏ ସ୍ଥାୟୀ କମିଟିର ଅଧ୍ୟକ୍ଷ ରହିଥିଲା। ଜୟରାମ ରମେଶ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, କୃଷି ଓ ଜଳବାୟୁ ପରିବର୍ତ୍ତନ କମିଟିର ଅଧ୍ୟକ୍ଷ ଥିବାବେଳ ଅଭିଷେକ ସିଂଘଭି ବାଣିଜ୍ୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା କରିଥିଲେ। ସେହିପରି ଲୋକ ସଭାରେ ସାର ଓ ରସାୟନ କମିଟିରେ ଥରୁର ଅଧ୍ୟକ୍ଷ ରହିଥିଲେ।

# ଆଫଗାନିସ୍ତାନରେ ପୋଲିଓ ଟିକାକରଣ ବନ୍ଦ କଲା ତାଲିବାନ୍

ଦୁବାଇ, ୧୬।୯



ଆଫଗାନିସ୍ତାନରେ ଚାଲିଥିବା ପୋଲିଓ ଟିକାକରଣ ଅଭିଯାନକୁ ଶାସକ ତାଲିବାନ ବନ୍ଦ କରିଦେଇଥିବା ଜାତିସଂଘ ସୋମବାର କହିଛି। ସାରା ବିଶ୍ୱରେ ପୋଲିଓ ସଂକ୍ରମଣ ବନ୍ଦ ହୋଇଥିବାବେଳେ କେବଳ ଆଫଗାନିସ୍ତାନ ଏବଂ ପାକିସ୍ତାନରେ ଏବେ ବି ଅଙ୍ଗ ଅଚଳ କରିଦେଉଥିବା ଏହି ମାରାତ୍ମକ ରୋଗ ବ୍ୟାପୁଛି। ସେପ୍ଟେମ୍ବରରେ ଆଫଗାନିସ୍ତାନରେ ପୋଲିଓ ଟିକାକରଣ ଅଭିଯାନ ହେବାକୁ ଥିବାବେଳେ ତାଲିବାନ ଏହାକୁ ବନ୍ଦ କରିଦେଇଛି। ଅଭିଯାନ ବନ୍ଦ କରିବାର କୌଣସି କାରଣ ଦର୍ଶାଯାଇ ନାହିଁ କିମ୍ବା ତାଲିବାନ ନିୟନ୍ତ୍ରିତ ସରକାରରୁ କେହି ମଧ୍ୟ ଏହା ଉପରେ ପ୍ରତିକ୍ରିୟା ଦେଇନାହାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି, ଆଫଗାନିସ୍ତାନରେ ଘରକୁ ଘର ଯାଇ ଟିକା ଦେବା ପରିବର୍ତ୍ତେ ମସ୍‌ଜିଦଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା। ତେବେ ଏହାକୁ କ'ଣ ପାଇଁ ବନ୍ଦ କରାଗଲା ଜଣାପଡ଼ି ନାହିଁ। ୨୦୨୩ରେ ଆଫଗାନିସ୍ତାନରେ ୬ ପୋଲିଓ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୮ ମାମଲା ଚିହ୍ନଟ ହୋଇଥିବା ଡବ୍ଲ୍ୟୁଏଚ୍‌ଓ ସ୍ପଷ୍ଟ କରିଥିଲା।

ପାକିସ୍ତାନରେ ମଧ୍ୟ ପୋଲିଓ ଟିକାକରଣ ବେଳେ ଅନେକ ସମୟରେ ହିଂସାକାଣ୍ଡ ଘଟିଥାଏ। ଟିକାକରଣ କାର୍ଯ୍ୟକ୍ରମରେ ନିୟୋଜିତ ଟିମ୍ ଏବଂ ସେମାନଙ୍କୁ ସୁରକ୍ଷା ଦେଉଥିବା ପୋଲିସ କର୍ମଚାରୀଙ୍କୁ ଆତଙ୍କବାଦୀମାନେ ଟାର୍ଗେଟ କରିଥାନ୍ତି। ଶିଶୁମାନଙ୍କୁ ବନ୍ଧ୍ୟା କରିଦେବା ପାଇଁ ପୋଲିଓ ଟିକାକରଣ ଏକ ପାଶ୍ଚାତ୍ୟ ଷଡ଼ଯନ୍ତ୍ର ବୋଲି ସେମାନଙ୍କ ମଧ୍ୟରେ ଏକ ଭୁଲ୍ ଧାରଣା ରହିଛି। ସେପ୍ଟେମ୍ବରର ଟିକାକରଣ ଅଭିଯାନକୁ ବନ୍ଦ କରିବା ଆଫଗାନିସ୍ତାନରେ ପୋଲିଓ ନିରାକରଣ କାର୍ଯ୍ୟକ୍ରମକୁ ଶକ୍ତ ଧକ୍କା ବୋଲି କୁହାଯାଇଛି।

## ଫୁରସତ୍

# ଐଶ୍ୱର୍ଯ୍ୟା ଶ୍ରେଷ୍ଠ ଅଭିନେତ୍ରୀ

**ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ**

ଦୁବାଇ



ଦୁବାଇରେ ସୋମବାର ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ (ଏସ୍‌ଆଇଆଇଏମ୍‌ଏ) ୨୦୨୪ ଅନୁଷ୍ଠିତ ହୋଇଯାଇଛି। ମଣି ରତ୍ନମଙ୍କ ନିର୍ଦ୍ଦେଶିତ ତାମିଲ ଚଳଚ୍ଚିତ୍ର 'ପୋନ୍ନିୟିନ୍ ସେଲଭନ: ପାର୍ଟ ୨'ରେ ଦମଦାର ଅଭିନୟ ପାଇଁ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ଅଗ୍ରଣୀ ଅଭିନେତ୍ରୀ (କ୍ରିଟିକ୍ସ) ପୁରସ୍କାର ମିଳିଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ କବିର ଖାନ୍‌ଙ୍କଠାରୁ ଐଶ୍ୱର୍ଯ୍ୟା ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ଆୱାର୍ଡ ଗ୍ରହଣ କରିବା ପରେ ଐଶ୍ୱର୍ଯ୍ୟା କହିଛନ୍ତି, ତାଙ୍କ ପାଇଁ ଏହି ପୁରସ୍କାର ବହୁ ଗୁରୁତ୍ୱ ବହନ କରୁଛି। 'ପୋନ୍ନିୟିନ୍ ସେଲଭନ: ପାର୍ଟ ୨' ଚଳଚ୍ଚିତ୍ର ତାଙ୍କ ହୃଦୟର ଅତି ନିକଟତର ଥିଲା। ଏଥିପାଇଁ ଫିଲ୍ମର ପୂରା ଟିମ୍‌କୁ ସେ ଧନ୍ୟବାଦ ଦେଇଛନ୍ତି। ଆୱାର୍ଡ ଗ୍ରହଣ କରିବା ସମୟରେ ଝିଅ ଆରାଧ୍ୟା ଐଶ୍ୱର୍ଯ୍ୟାଙ୍କର ଫଟୋ ଉଠାଉଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇଭେଣ୍ଟ ସ୍ଥଳରେ ଐଶ୍ୱର୍ଯ୍ୟା ନିଜ ପ୍ରଶଂସକଙ୍କ ସହ ସେଲ୍‌ଫି ନେଉଥିବାର ମଧ୍ୟ ନଜର ଆସିଛନ୍ତି। ସୂଚନାଯୋଗ୍ୟ, 'ପୋନ୍ନିୟିନ୍ ସେଲଭନ: ପାର୍ଟ ୨'ରେ ଐଶ୍ୱର୍ଯ୍ୟା ନନ୍ଦିନୀ ଏବଂ ମନ୍ଦାକିନୀ ନାମରେ ୨ଟି ଚରିତ୍ରରେ ଅଭିନୟ କରିଥିଲେ।

### ୧୦୮ ଦିନରେ ୨୯ ହଜାର କି.ମି. ସାଇକେଲ ଯାତ୍ରା

ୱାଶିଂଟନ୍

ଆମେରିକୀୟ ମହିଳା ଲେଲ୍ ୱିଲ୍‌କକ୍ସ (୩୮) ସାଇକେଲରେ ଦ୍ରୁତତମ ବିଶ୍ୱ ଭ୍ରମଣ କରି ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ କରିଛନ୍ତି। ସେ ମାତ୍ର ୧୦୮ ଦିନ ମଧ୍ୟରେ ସାଇକେଲ ଯୋଗେ ପୂରା ବିଶ୍ୱକୁ ଭ୍ରମଣ କରିପାରିଛନ୍ତି। ଲେଲ୍ ନିଜ ସାଇକେଲରେ ଏହି ବିଶ୍ୱ ଭ୍ରମଣ ଯାତ୍ରାର ଆରମ୍ଭ ଏବଂ ଶେଷ ଆମେରିକାର ଶିକାଗୋରୁ କରିଥିଲେ। ଗତ ମେ' ୩୧ରେ ଏହି ଯାତ୍ରା ଆରମ୍ଭ କରିଥିବା ଲେଲ୍ ରବିବାର ୧୦୮ ଦିନ ପରେ ଯାତ୍ରାର ପରିସମାପ୍ତି କରିଛନ୍ତି। ଉକ୍ତ ଅବଧି ମଧ୍ୟରେ ସେ ୪ଟି ମହାଦେଶର ୨୧ଟି ଦେଶ ଭ୍ରମଣ କରିଛନ୍ତି। ଯାତ୍ରା ସମୟରେ ଲେଲ୍ ଦୈନିକ ୧୫ ଘଣ୍ଟା ସାଇକେଲ ଚଳାଉଥିବା ନେଇ କହିଛନ୍ତି। ପୂର୍ବରୁ ସ୍କଟ୍‌ଲାଣ୍ଡର ଜେନି ଗ୍ରାହାମଙ୍କ ନାମରେ ସାଇକେଲରେ ଦ୍ରୁତତମ ବିଶ୍ୱ ଭ୍ରମଣର ରେକର୍ଡ ରହିଥିଲା।

# ବିବାହ କଲେ ଆଦିତୀ-ସିଦ୍ଧାର୍ଥ

ହାଇଦ୍ରାବାଦ

ବଲିଉଡ୍‌ର ଷ୍ଟାର ଯୋଡ଼ିମାନଙ୍କ ମଧ୍ୟରୁ ଅନ୍ୟତମ ଅଭିନେତ୍ରୀ ଆଦିତୀ ରାଓ ହାଇଦରୀ ଏବଂ ଅଭିନେତା ସିଦ୍ଧାର୍ଥ ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଆଦିତୀ ଏବଂ ସିଦ୍ଧାର୍ଥ ନିଜର ବିବାହ ଫଟୋକୁ ସୋମବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେଲଙ୍ଗାନାର ୱାନାପାର୍ଟିରେ ଅବସ୍ଥିତ ୪୦୦ ବର୍ଷର ପୁରୁଣା ଶ୍ରୀରଙ୍ଗପୁର ମନ୍ଦିରରେ ବଲିଉଡ୍‌ର ଏହି ଷ୍ଟାର୍ ଯୋଡ଼ି ଗୁପ୍ତ ଭାବରେ ବିବାହ କରିଛନ୍ତି। ବିବାହ ସମାରୋହରେ ଆଦିତି ହାଲୁକା ବାଦାମୀ ରଙ୍ଗର ଶାଢ଼ି ପିନ୍ଧିଥିବା ସହ କେଶରେ ଗଜରା ମଧ୍ୟ ଲଗାଇଛନ୍ତି। ସେହିପରି ସିଦ୍ଧାର୍ଥ ବିବାହ ଉତ୍ସବରେ ଧଳା ରଙ୍ଗର ଧୋତି ଏବଂ କୁର୍ତ୍ତା ପିନ୍ଧିଛନ୍ତି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଦିତୀ ଏବଂ ସିଦ୍ଧାର୍ଥଙ୍କ ଏହି ଗୁପ୍ତ ବିବାହରେ ସେମାନଙ୍କର ପରିବାର ସଦସ୍ୟ, ନିକଟ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ ଯୋଗଦେଇଥିଲେ।



ଆଦିତୀ ଏବଂ ସିଦ୍ଧାର୍ଥଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ୨୦୨୧ରେ ରିଲିଜ୍ ହୋଇଥିବା ଫିଲ୍ମ 'ମହା ସମୁଦ୍ରମ୍'ର ସେଟ୍‌ରେ ହୋଇଥିଲା। ଏହାପରଠାରୁ ଦୁହେଁ ପରସ୍ପରକୁ ଭଲ ପାଇ ବସିଥିଲେ। ଦୀର୍ଘ ୩ ବର୍ଷ ଧରି ଏହି ଯୋଡ଼ି ପରସ୍ପରକୁ ଡେଟ୍ କରି ଆସୁଥିଲେ। ତେବେ ଆଦିତୀ ପୂର୍ବରୁ ୨୦୦୯ରେ ଓକିଲ ସତ୍ୟଦୀପ ମିଶ୍ରଙ୍କୁ ବିବାହ କରିଥିଲେ। ମତପାର୍ଥକ୍ୟ ଯୋଗୁ ୨୦୧୩ରେ ଆଦିତୀ ସତ୍ୟଦୀପଙ୍କଠାରୁ ଅଲଗା ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଧ୍ରୁବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଏକବିଂଶ ଶତାବ୍ଦୀର ଶ୍ରେଷ୍ଠ ଆହ୍ୱାନ

**ନୂଆଦିଲ୍ଲୀ,୧୬।୯ (ଅଭୟ ଦାଶ)**

ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ୪ର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଏବଂ ପ୍ରଦର୍ଶନୀ (ରି-ଇନ୍‌ଭେଷ୍ଟ)କୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏପରିକି ଏହି ୩ ଦିନିଆ ସମ୍ମିଳନୀ ଓ ପ୍ରଦର୍ଶନୀରେ ସରକାରୀ ଓ ବେସରକାରୀ ସଂସ୍ଥା (କମ୍ପାନୀ), ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ଅତ୍ୟାଧୁନିକ ଉଦ୍ଭାବନକୁ ପ୍ରଦର୍ଶିତ କରାଯାଇଛି। ସେହିଭଳି ଏହି ଶିଖର ସମ୍ମିଳନୀରେ ୨୦୦ ଗିଗାୱାଟ୍‌ରୁ ଅଧିକ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ ସମ୍ପର୍କରେ ଭାରତର ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରାଯାଇଛି।

ଅପରପକ୍ଷରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ରି-ଇନ୍‌ଭେଷ୍ଟ ଶିଖର ସମ୍ମିଳନୀର ୪ର୍ଥ ସଂସ୍କରଣରେ ଯୋଗ ଦେଇଥିବା ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ ସ୍ୱାଗତ କରିଥିଲେ ଏବଂ ଶକ୍ତି, ପ୍ରଯୁକ୍ତି ବିଦ୍ୟା ଏବଂ ନୀତିର ଭବିଷ୍ୟତ ଉପରେ ଆଗାମୀ ତିନି ଦିନ ମଧ୍ୟରେ ଗମ୍ଭୀର ଆଲୋଚନା ହେବ ବୋଲି ମୋଦି ବିଶ୍ୱାସ ବ୍ୟକ୍ତ କରିଥିଲେ। ଏପରିକି ଏହି ସମ୍ମିଳନୀରୁ ଆଲୋଚନା ଓ ଶିକ୍ଷା ଯୋଗୁ ସମଗ୍ର ମାନବଜାତି ଉପକୃତ ହେବ ଏବଂ ସଫଳ ଆଲୋଚନା ପାଇଁ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ନରେନ୍ଦ୍ର ମୋଦି

ସେହିପରି ଗତ ୧୦୦ ଦିନ ମଧ୍ୟରେ ସବୁଜ ଶକ୍ତି କ୍ଷେତ୍ରର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ୭୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପବନ ଶକ୍ତି ପ୍ରକଳ୍ପ ପାଇଁ ଏକ ଭୟାବିଲିଟି ଗ୍ୟାପ୍ ପାଣ୍ଠି ଯୋଜନା ଆରମ୍ଭ କରିବା ବିଷୟରେ ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ ଭାରତ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ୩୧,୦୦୦ ମେଗାୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ଦିଗରେ କାର୍ଯ୍ୟ କରୁଛି ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ବିବିଧତା, ବ୍ୟାପକତା, ସାମର୍ଥ୍ୟ, କ୍ଷମତା ଏବଂ କାର୍ଯ୍ୟଦକ୍ଷତା ସବୁ ଅନନ୍ୟ ଏବଂ ବିଶ୍ୱସ୍ତରୀୟ ପ୍ରୟୋଗ ପାଇଁ ଭାରତର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିଛି, କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ବିଶ୍ୱାସ କରୁଛି ଯେ ଭାରତ ଏକବିଂଶ ଶତାବ୍ଦୀର ଶ୍ରେଷ୍ଠ ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବିଗତ ଏକ ମାସ ମଧ୍ୟରେ ଭାରତ ଦ୍ୱାରା ଆୟୋଜନ କରାଯାଇଥିବା ବିଶ୍ୱସ୍ତରୀୟ ଘଟଣା ବିଷୟରେ ବର୍ଣ୍ଣନା କରି ମୋଦି କହିଥିଲେ, ଗ୍ଲୋବାଲ ଫିନଟେକ୍ ଫେଷ୍ଟ ଚଳିତ ମାସ ପ୍ରାରମ୍ଭରେ ଆୟୋଜନ କରାଯାଇଥିଲା, ପ୍ରଥମ ଅନ୍ତର୍ଜାତୀୟ ସୌର ମହୋତ୍ସବ, ଅନ୍ତର୍ଜାତୀୟ ସେମିକଣ୍ଡକ୍ଟର ଶିଖର ସମ୍ମିଳନୀରେ ସାରା ବିଶ୍ୱର ଲୋକମାନେ ଅଂଶଗ୍ରହଣ କରିଥିଲେ, ଭାରତ ମଧ୍ୟ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆୟୋଜନ କରିଥିଲା ଏବଂ ଆଜି ଭାରତ ସବୁଜ ଶକ୍ତିର ଏକ ସମ୍ମିଳନୀ ଆୟୋଜନ କରୁଛି। ଉଲ୍ଲେଖଯୋଗ୍ୟ, ଶ୍ୱେତ ବିପ୍ଲବ, ମିଠା (ମହୁ) ବିପ୍ଲବ, ସୌର ବିପ୍ଲବର ଆରମ୍ଭ ଦେଖିଥିବା ଗୁଜରାଟ ବର୍ତ୍ତମାନ ଚତୁର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଓ ପ୍ରଦର୍ଶନୀର ଆୟୋଜନ ଦେଖୁଥିବାରୁ ଏହା ଏକ ଖୁସିର ସୌଭାଗ୍ୟ ବୋଲି ମୋଦି କହିଥିଲେ। ଗୁଜରାଟ ଭାରତର ପ୍ରଥମ ରାଜ୍ୟ ଥିଲା, ଯେଉଁଠାରେ ନିଜର ସୌର ନୀତି ଥିଲା ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହା ପରେ ସୌରଶକ୍ତି ଉପରେ ଜାତୀୟ ନୀତି ଅନୁସରଣ କରାଗଲା ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ପ୍ୟାରିସରେ ଧାର୍ଯ୍ୟ ଜଳବାୟୁ ପ୍ରତିଶ୍ରୁତି ହାସଲ କରିବାରେ ଭାରତ ହେଉଛି ପ୍ରଥମ ଜି-୨୦ ରାଷ୍ଟ୍ର, ତାହା ମଧ୍ୟ ସମୟସୀମାର ୯ବର୍ଷ ପୂର୍ବରୁ, ମୋଦି ୨୦୩୦ସୁଦ୍ଧା ୫୦୦ଗିଗାୱାଟ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବା ପାଇଁ ଦେଶର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ ଏବଂ କହିଥିଲେ ସରକାର ସବୁଜ ପରିବର୍ତ୍ତନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଗୋଆର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ବିଜିୟୁର ଦିନିକିଆ ଜାତୀୟ କର୍ମଶାଳା




**ଭୁବନେଶ୍ୱର,୧୬।୯ (ଅଭୟ ଦାଶ):** ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ଏକ ଦିନିକିଆ ଜାତୀୟ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଜିୟୁ ଭୁବନେଶ୍ୱର ଏବଂ ପବ୍ଲିକ ରିଲେସନ୍ସ କାଉନସିଲ ଅଫ୍ ଇଣ୍ଡିଆ (ପିଆର୍‌ସିଆଇ)ର ମିଳିତ ସହଯୋଗରେ 'ରିଡିଫାଇନିଂ ପବ୍ଲିକ ରିଲେସନ୍ସ ଇନ୍ ଦି ଚେଞ୍ଜିଂ ଏନ୍‌ଭାଇରନମେଣ୍ଟ' ଶୀର୍ଷକ ବିଷୟବସ୍ତୁ ସମ୍ପର୍କିତ ଏକ ଜାତୀୟ କର୍ମଶାଳା ସୋମବାର ଆୟୋଜିତ ହୋଇଯାଇଛି। କର୍ମଶାଳାର ଜାତୀୟ ସଂଯୋଜକ ତଥା ପିଆର୍‌ସିଆଇର ଅଧ୍ୟକ୍ଷ ଡ. ଅଶୋକ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟସୂଚୀ ସମ୍ପର୍କରେ କହିଥିଲେ। ପିଆର୍‌ସିଆଇର ମିଶନକୁ ଆଗକୁ ବଢାଇବାରେ କନ୍‌କ୍ଲେଭର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ମୁଖ୍ୟ ଅତିଥି ତଥା ବିଜିୟୁ କୁଳପତି ପ୍ରଫେସର ପି.ପି.ମାଥୁର ଶିକ୍ଷା, ଯୋଗାଯୋଗ ଓ ଲୋକସମ୍ପର୍କ ମଧ୍ୟରେ ଥିବା ସଂଯୋଗର ପ୍ରତିଫଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଆର୍‌ସିଆଇର ବରିଷ୍ଠ କାର୍ଯ୍ୟକାରିଣୀ ସଭାପତି ଆର୍ ଏନ୍ ମହାପାତ୍ର ଲୋକ ସମ୍ପର୍କ ଉପରେ ନିଜର ଦୃଷ୍ଟିକୋଣ ସହିତ ପିଆର୍‌ସିଆଇର ଭୂମିକା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପିଆର୍‌ସିଆଇର ନ୍ୟାଶନାଲ ପ୍ରେସିଡେଣ୍ଟ ଗୀତା ଶଙ୍କର, ପିଆର୍‌ସିଆଇର ଚେୟାରମ୍ୟାନ ତଥା ମୁଖ୍ୟ ମେଣ୍ଟର ଏମ୍ ବି ଜୟରାମ, ବିଜିୟୁ କୁଳପତି ପ୍ରଫେସର ପି.ପି ମାଥୁର,ସ୍କୁଲ ଅଫ୍ କମ୍ୟୁନିକେଶନର ଆସୋସିଏଟ ଡିନ୍ ଡ. ଶିବ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଏବଂ ଭୁବନେଶ୍ୱର ନିଫ୍ଟ ଡାଇରେକ୍ଟର ରାଜେଶ ଝା, ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ, ପିଆର୍‌ସିଆଇର ଡାଇରେକ୍ଟର ତଥା ସେକ୍ରେଟାରୀ ଡ. ବିନୟ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜିୟୁର ଆସିଷ୍ଟାଣ୍ଟ ପ୍ରଫେସର ଜ୍ଞାନରଞ୍ଜନ ମିଶ୍ର କନ୍‌କ୍ଲେଭର ସାରାଂଶ ପ୍ରଦାନ କରିଥିଲେ। ପିଆର୍‌ସିଆଇର ଜେନେରାଲ ସେକ୍ରେଟାରୀ ନିରାକାର ଦାସ ଧନ୍ୟବାଦ ଅର୍ପଣ କରଥିଲେ।

# ବଜାରରେ ରେନଲ୍ଟର ନାଇଟ୍ ଆଣ୍ଡ ଡେ ଲିମିଟେଡ ଏଡିଶନ




**ନୂଆଦିଲ୍ଲୀ,୧୬।୯ (ଅଭୟ ଦାଶ)**

ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ରେନଲ୍ଟ ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କାଇଗର, କ୍ୱିଡ୍ ଏବଂ ଟ୍ରାଇବର'ର ନାଇଟ୍ ଆଣ୍ଡ ଡେ ଲିମିଟେଡ ଏଡିଶନକୁ ସର୍ବଭାରତୀୟସ୍ତରରେ ଅନାବରଣ କରାଯାଇଛି। ଏପରିକି ପାର୍ବଣ ପୂର୍ବରୁ ଗ୍ରାହକଙ୍କୁ ଆକର୍ଷଣୀୟ ଓ ସୌନ୍ଦର୍ଯ୍ୟଭରା ଡିଜାଇନ ସାଙ୍ଗକୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଫିଚର ଏବଂ ସୁରକ୍ଷା ବ୍ୟବସ୍ଥା ଉପରୋକ୍ତ ମଡେଲରେ ବ୍ରାଣ୍ଡ୍ ସାମିଲ କରାଇଛି। ଫଳରେ ଉଭୟ ଗ୍ରାହକ ଓ ବିକ୍ରେତାଙ୍କ ମଧ୍ୟରେ ଏକ ନୂତନ ପ୍ରକାରର ଆଗ୍ରହ ସୃଷ୍ଟି ହେବ।

ଉଲ୍ଲେଖଯୋଗ୍ୟ, ରେନଲ୍ଟ ଇଣ୍ଡିଆର 'କାଇଗର, କ୍ୱିଡ୍ ଏବଂ ଟ୍ରାଇବର'ର ନାଇଟ୍ ଆଣ୍ଡ ଡେ ଲିମିଟେଡ ଏଡିଶନରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ୯ ଇଞ୍ଚର ଟଚ୍ ସ୍କ୍ରିନ ସହିତ ୱାୟାରଲେସ ସ୍ମାର୍ଟଫୋନ୍ ରେପ୍ଲିକେଶନ ଆଣ୍ଡ ରିଅର ଭ୍ୟୁ କ୍ୟାମେରା ଭଳି ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ରେନଲ୍ଟ ଇଣ୍ଡିଆର ଏମ୍‌ଡି ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ କହିଥିଲେ, ଆମେ ଆମର 'କାଇଗର, କ୍ୱିଡ୍ ଏବଂ ଟ୍ରାଇବର'ର ନାଇଟ୍ ଆଣ୍ଡ ଡେ ଲିମିଟେଡ ଏଡିଶନକୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ନୂଆ ଧରଣର ଗ୍ରାହକଙ୍କ ପାଇଁ ପାର୍ବଣ ଉତ୍ସବର ଘୋଷଣା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଉଭୟ ଗ୍ରାହକ ଓ ବିକ୍ରେତାଙ୍କ ମଧ୍ୟରେ ଏକ ସୁନ୍ଦର ସମ୍ପର୍କ ସୃଷ୍ଟି କରିବାକୁ ଯାଉଛୁ।

# ୮ ନିୟୁତ ଟନ୍‌କୁ ବୃଦ୍ଧିପାଇବ ଉତ୍ପାଦନ କ୍ଷମତା



## କଳିଙ୍ଗନଗର ଟାଟା ଷ୍ଟିଲର ସମ୍ପ୍ରସାରଣ

**ଯାଜପୁର,୧୬।୯(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଖୁବ୍‌ଶୀଘ୍ର ସମ୍ପନ୍ନ ହେବାକୁ ଯାଉଛି। ଏହିକ୍ରମରେ ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ (ଏମ୍‌ଟିପିଏ)ରୁ ୮ ନିୟୁତ ଟନ୍ (ଏମ୍‌ଟିପିଏ)କୁ ବୃଦ୍ଧିପାଇବ। ଏହି ସମ୍ପ୍ରସାରଣ ଦ୍ୱାରା ଦେଶର ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକକ ବୃହତ୍ ନିବେଶସ୍ଥଳରେ ପରିଣତ ହେବା ସହ ଶିଳ୍ପ ଜଗତରେ ଏକ ଗୌରବମୟ ସ୍ଥାନ ଅକ୍ତିଆର କରିବ। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୭ ହଜାର କୋଟି ଟଙ୍କା ନିବେଶରେ କଳିଙ୍ଗନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ୨୦୧୫ରେ କମ୍ପାନୀ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ପ୍ରଥମ ପର୍ଯ୍ୟାୟ କାମ ସମ୍ପୂର୍ଣ୍ଣ କରିଥିଲା। ଏହାବାଦ୍ ୨୦୨୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଅଧିଗ୍ରହଣ ମାଧ୍ୟମରେ ୧୨ ହଜାର ୧୦୦ କୋଟି ଟଙ୍କାର ଅତିରିକ୍ତ ବିନିଯୋଗ ସହିତ ଓଡ଼ିଶାରେ ଏହାର କ୍ଷମତାକୁ ଆହୁରି ବୃଦ୍ଧି କରିଥିଲା। ଢେଙ୍କାନାଳ ଜିଲାରେ ଥିବା ଟାଟା ଷ୍ଟିଲ ମେରାମଣ୍ଡଳୀ (ପୂର୍ବରୁ ଭୂଷଣ ଷ୍ଟିଲ ଲିମିଟେଡ) କାରଖାନା ସହିତ ଓଡ଼ିଶାରେ ଟାଟା ଷ୍ଟିଲର ମୋଟ ପୁଞ୍ଜିନିବେଶ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ୨୦୩୦ ସୁଦ୍ଧା ଭାରତରେ ଟାଟା ଷ୍ଟିଲର ୪୦ ଏମ୍‌ଟିପିଏ କ୍ଷମତା ଲକ୍ଷ୍ୟ ହାସଲ କରିବାରେ କଳିଙ୍ଗନଗର କାରଖାନାର ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଟାଟାଷ୍ଟିଲର କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଚାଣକ୍ୟ ଚୌଧୁରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଟାଟା ଷ୍ଟିଲର ନିରନ୍ତର ପ୍ରତିବଦ୍ଧତା ମାଧ୍ୟମରେ ଭବିଷ୍ୟତ ପାଇଁ ଏକ ଉନ୍ନତ ଓଡ଼ିଶା ଗଠନ କରିବା ନିମନ୍ତେ ଉଦ୍ୟମ କରୁଛୁ। ୧୧୭ ବର୍ଷ ପୂର୍ବେ ଟାଟା ଷ୍ଟିଲ ଜାମ୍‌ସେଦପୁରଠାରେ କାର୍ଯ୍ୟ ଆରମ୍ଭ କରିଥିଲା। ଗମହାରିଆ (ଝାଡ଼ଖଣ୍ଡ) ଏବଂ ଓଡ଼ିଶା ସମେତ ଥାଇଲାଣ୍ଡ, ନେଦରଲାଣ୍ଡ ଓ ବ୍ରିଟେନରେ କମ୍ପାନୀର ଉତ୍ପାଦନ ଜାରି ରହିଛି। ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଦ୍ୱାରା ଗଞ୍ଜାମ ଜିଲା ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ (ଜିଆଇପି) ଭଳି ପ୍ରକଳ୍ପର ବିକାଶ ମାଧ୍ୟମରେ ଓଡ଼ିଶାରେ ଟାଟା ଷ୍ଟିଲର ଉପସ୍ଥିତି ରାଜ୍ୟର ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆଣିଛି। କଳିଙ୍ଗନଗରରେ କମ୍ପାନୀ ଏହାର ସମ୍ପ୍ରସାରଣ କ୍ଷମତା ୮ ଏମ୍‌ଟିପିଏକୁ କାର୍ଯ୍ୟକ୍ଷମ କରିବାକୁ ଯାଉଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହାକୁ ଦ୍ୱିଗୁଣିତ କରି ୧୬ ଏମ୍‌ଟିପିଏରେ ପହଞ୍ଚାଇବାକୁ ଟାଟା ଷ୍ଟିଲ ବିଶ୍ୱାସ କରୁଛି ବୋଲି ଚୌଧୁରୀ ସୂଚନା ଦେଇଛନ୍ତି।


## STAR MANAGEMENT COLLEGE




Courses Offered

B.Sc (Comp. Sc) Hons

BBA / BCA

MA PMIR

FREE Course Fees & Hostels for SC / ST Students

Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009



## ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ଧ୍ରୁବ୍ କୁମାର ବେହେରା**

ସମେଇ ଗଡ଼ିଆ, ଭୁବନେଶ୍ୱର

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।

ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଇ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।

ଧ-୧୩୦୦


# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୬।୯:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୯୮(୯୭.୮୪) ପଏଣ୍ଟ ବଢି ୮୨,୯୮୯ (୮୨,୯୮୮.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୭ (୨୭.୨୫) ପଏଣ୍ଟ ବୃଦ୍ଧି ଘଟି ୨୫,୩୮୪ (୨୫,୩୮୪.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


# Classified Everyday

0674-2580101, 2549949


# ୧୦% ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ସୁଯୋଗ ଆଶା

**ଭୁବନେଶ୍ୱର,୧୬।୯ (ଅନୁରାଧା ମହାରଣା)**

ଭାରତ ଏହାର ଇଞ୍ଜିନିୟରିଂ ପ୍ରତିଭା ପାଇଁ ସାରା ବିଶ୍ୱରେ ଜଣାଶୁଣା ମାତ୍ର ଇଞ୍ଜିନିୟରିଂ ଡିଗ୍ରୀଧାରୀ ଏବଂ ସେମାନଙ୍କ ନିଯୁକ୍ତି ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଛି। ଏହି ବ୍ୟବଧାନ ଦେଶର ଆର୍ଥିକ ବିକାଶ ଏବଂ ବୈଷୟିକ ପ୍ରଗତି ପାଇଁ ଏକ ଗୁରୁତର ଆହ୍ୱାନ ପାଲଟିଛି। ଭାରତ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଇଞ୍ଜିନିୟରିଂ ଡ଼ିଗ୍ରୀଧାରୀ ସୃଷ୍ଟି କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଖୁବ କମ୍ ଜଣ ନିଯୁକ୍ତି ପାଇଥା'ନ୍ତି। ଟିମ ଲିଜ ରିପୋର୍ଟ ଅନୁଯାୟୀ, ୬୦% ରୁ ଅଧିକ ଇଞ୍ଜିନିୟରିଂ ଡିଗ୍ରୀଧାରୀ ନିଯୁକ୍ତି ଯୋଗ୍ୟ ମାତ୍ର କେବଳ ୪୫% ଇଣ୍ଡଷ୍ଟ୍ରିର ଆବଶ୍ୟକତା ମେଣ୍ଟାଇଥା'ନ୍ତି। ୧୫ ଲକ୍ଷ ଇଞ୍ଜିନିୟରିଂ ସ୍ନାତକ ମଧ୍ୟରୁ କେବଳ ୧୦% ଏହି ଆର୍ଥିକ ବର୍ଷରେ ଚାକିରି ପାଇବେ ବୋଲି ଆଶା କରାଯାଉଛି। ଏହି ଡିଗ୍ରୀଧାରୀଙ୍କ ମଧ୍ୟରେ ମଧ୍ୟରେ କୌଶଳର ଅଭାବ ଏହାର କାରଣ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପଟେ ନାସକମ ଆକଳନ ଅନୁସାରେ, ଭାରତର ଟେକ୍ନୋଲୋଜି କ୍ଷେତ୍ରକୁ ଆସନ୍ତା ୨-୩ ବର୍ଷ ମଧ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅନ୍ୟାନ୍ୟ ନୂତନ ଟେକ୍ନୋଲୋଜିରେ ଉନ୍ନତ ଦକ୍ଷତା ଥିବା ୧୦ ଲକ୍ଷରୁ ଅଧିକ ଇଞ୍ଜିନିୟର ଆବଶ୍ୟକ କରିବେ। ଏହା ସହିତ, ଡିଜିଟାଲ ପ୍ରତିଭା ପାଇଁ ଚାହିଦା ଏବଂ ଯୋଗାଣ ମଧ୍ୟରେ ବ୍ୟବଧାନ ୨୦୨୮ ସୁଦ୍ଧା ୨୫% ରୁ ୩୦% କୁ ବୃଦ୍ଧି ପାଇପାରେ। ଏଆଇ, ବୈଦ୍ୟୁତିକ ଯାନ (ଇଭି), ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପର ବୃଦ୍ଧି ହେତୁ ଏହି ଚାହିଦା ଆହୁରି ବୃଦ୍ଧି ପାଉଥିବା କୁହାଯାଉଛି। ସାଇବର ସୁରକ୍ଷା, ଆଇଟି, ରୋବୋଟିକ୍ସ ଏବଂ ଡାଟା ସାଇନ୍ସ ଭଳି କ୍ଷେତ୍ରରେ ବିଶେଷ କୌଶଳର ଆବଶ୍ୟକତା ବର୍ତ୍ତମାନ ଶିଳ୍ପରେ ବୃଦ୍ଧି ପାଉଛି।





REAL ESTATE

SALE

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1363

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1330

ମାତ୍ର 7,80,000/- ଟଙ୍କାରେ ପିପିଲି ଦାଣ୍ଡମୁକୁନ୍ଦପୁର (NH) ପ୍ରସ୍ତାବିତ ମେଟ୍ରୋରେଳ ନିକଟରେ ୩୦ ଫୁଟ୍ ରାସ୍ତା, ପାଚେରି, ଘରବାରି ପ୍ଲଟ୍ କିଣନ୍ତୁ। 8984911275. D-1360

Three storied furnished building at Jaydurga Nagar, Bomikhal, Bhubaneswar for 2.40Crores. (Brokers Excuse). 8917520527. D-1358




Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

Newly open health benefits SPA by expert therapist. Contact- 9938843929. D-76155

## AFFIDAVIT

I, Mr. Pradeep Kumar Sarangi, aged about 52 Yrs., S/o- Late Krushna Ch. Sarangi, residing at Flat No.- A/201, Infocity Green Apartment, Sailashreevihar, Bhubaneswar-751021 do hereby solemnly affirms declare that PRADEEP KUMAR SARANGI and PRADEEP SARANGI is one and same person. D-1364

I, KANHU CHARANA MAHANKUDA, S/o Late ANANTA MAHANKUDA, resident of At/P.O.- JUNAPANI, Dist.- NABARANGPUR, Pin- 764072, Odisha declared by this affidavit No. 791 dated 13/09/24, that now onwards as KANHU CHARAN MAHANKUDA for all future purposes. D-1362

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମଧୁସୂଦନ ମହାରଣା**

ହାଟମୁଣ୍ଡ ପାଟଣା, କଣ୍ଟିଲୋ ନୀଳମାଧବ ପୀଠ

ଆବିର୍ଭାବ: ତା୧୦।୦୭।୧୯୪୬
ତିରୋଧାନ: ତା୦୬।୦୯।୨୦୨୪

ଆପଣଙ୍କ ସ୍ନେହବୋଳା ମିଠା କଥା ଓ ସମସ୍ତଙ୍କୁ ଭଲ ପାଇବା ଆମମାନଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ସୁଧାଂଶୁ, ହିମାଂଶୁ, ସୁଜାତା, ନମିତା, ସରିତା, ସଙ୍ଗୀତା, ନିବେଦିତା, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୧୩୬୧

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଶ୍ରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର**

ସର୍ବୋଦୟ ନଗର, ପୁରୀ-୨

ଆବିର୍ଭାବ: ୧୯।୧୨।୧୯୩୯
ତିରୋଧାନ: ୩୧।୦୮।୨୦୨୦
(ଭାଦ୍ରବ ମାସ ଶୁକ୍ଳପକ୍ଷ, ଚତୁର୍ଦ୍ଦଶୀ)

ନନା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କର ସ୍ନେହ, ଆଶୀର୍ବାଦ ସର୍ବଦା ଆମ ପ୍ରତି ଥାଉ।

ଶ୍ରଦ୍ଧାଞ୍ଜଳି ସହ: ଅନାମ, ଲିଲି, ରମୁ, ରାନ୍ଟୁ, ମୀନା, ଅଶୋକ, ବିକୁନା, ଜୟଚନ୍ଦ୍ର, ସୋନି- ହାପି, ଦୀପୁନା-ଲୋପା, ବାପୁନି-ମିଲି, ମାମୁନୀ-ରିପୁନ୍, ଟିକି, ରୁଚି, ସ୍ୱିଟି, ଗୁଗୁଲ୍ ଓ ଆତ୍ମୀୟସ୍ୱଜନ।

ଧ-୭୫୬୦୫

**ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ହେବ ରୁଷିଆ ସେନା**

ଚାଇନା ପରେ ରୁଷିଆ ସେନା ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ହେବାକୁ ଯାଉଛି। ୧.୮୦ ଲକ୍ଷ ସୈନ୍ୟ ବଢ଼ାଇବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସାମରିକ ବଳ ସାମର୍ଥ୍ୟ ୨୩.୮ ଲକ୍ଷକୁ ବୃଦ୍ଧି ପାଇବ। ସେଥିରେ ୧୫ ଲକ୍ଷ ସକ୍ରିୟ ସୈନ୍ୟ ରହିବା ଆବଶ୍ୟକ ବୋଲି ପୁଟିନ୍ କହିଛନ୍ତି। ଚାଇନାରେ ୨୦ ଲକ୍ଷ ସକ୍ରିୟ ସୈନ୍ୟ ରହିଛନ୍ତି।



## ୧୮ରେ ଏନ୍‌ପିଏସ୍-ବାତ୍ସଲ୍ୟ ଯୋଜନା ଶୁଭାରମ୍ଭ

**ନୂଆଦିଲ୍ଲୀ,୧୬।୯**

୨୦୨୪-୨୫ କେନ୍ଦ୍ର ବଜେଟରେ କରାଯାଇଥିବା ଘୋଷଣା କ୍ରମେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ଏନ୍‌ପିଏସ୍-ବାତ୍ସଲ୍ୟ ଯୋଜନା ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏନ୍‌ପିଏସ୍ ବାତ୍ସଲ୍ୟକୁ ସବ୍‌ସ୍କ୍ରାଇବ୍ କରିବା ଏବଂ ନୂଆ ନାବାଳକ ଗ୍ରାହକମାନଙ୍କୁ ସ୍ଥାୟୀ ଅବସର ଆକାଉଣ୍ଟ ନମ୍ବର (ପ୍ରାନ୍) କାର୍ଡ ଆବଣ୍ଟନ ପାଇଁ ସୀତାରାମନ୍ ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଲଞ୍ଚ୍ କରିବେ। ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାରେ ମାତାପିତା ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ପାଇଁ ପେନ୍‌ସନ ଆକାଉଣ୍ଟରେ ନିବେଶ କରିବେ ଯାହା ସେମାନଙ୍କ ପାଇଁ ଏକ ଦୀର୍ଘମିଆଦୀ ପାଣ୍ଠି ସୁନିଶ୍ଚିତ କରିବ। ଏହି ଯୋଜନା ଏକ ନମନୀୟ ଯୋଗଦାନ ଓ ନିବେଶ ବିକଳ୍ପ, ଯେଉଁଥିରେ ମାତାପିତା ସେମାନଙ୍କ ପିଲାଙ୍କ ନାଁରେ ବର୍ଷକୁ ୧,୦୦୦ ଟଙ୍କା ଲେଖାଏ ନିବେଶ କରିପାରିବେ।

# ଆର୍.ଜି. କର ହସ୍ପିଟାଲ ମାମଲା ରାଜ୍ୟ ପ୍ରାୟୋଜିତ ଅପରାଧ

**ନୂଆଦିଲ୍ଲୀ/କୋଲକାତା,୧୬।୯**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ରାଜ୍ୟ ପ୍ରାୟୋଜିତ ଅପରାଧ ଏବଂ ସଂସ୍ଥାଗତ ହତ୍ୟାକାଣ୍ଡ ବୋଲି ସୋମବାର ନୂଆଦିଲ୍ଲୀରେ ପଶ୍ଚିମବଙ୍ଗର ଡାକ୍ତରମାନେ କହିଛନ୍ତି। ଆର୍.ଜି. କର ହସ୍ପିଟାଲ ମାମଲାର ଶୁଣାଣି ମଙ୍ଗଳବାର ସୁପ୍ରିମକୋର୍ଟରେ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଞ୍ଚମ ଥର ପାଇଁ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କୁ ଆଲୋଚନା ନିମନ୍ତେ ତାଙ୍କ ବାସଭବନକୁ ଡାକିଥିଲେ। ଏହାର କିଛି ଘଣ୍ଟା ପରେ ପଶ୍ଚିମବଙ୍ଗର କେତେଜଣ ଡାକ୍ତର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଏହା ନିର୍ଦ୍ଦିଷ୍ଟ ଭାବରେ ରାଜ୍ୟ ପ୍ରାୟୋଜିତ ଅପରାଧ। ଶାସନରେ ଥିବା ଲୋକମାନଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିବା ଲୋକେ କୋଲକାତାରେ ହେଲ୍‌ଥ ସିଣ୍ଡିକେଟ୍ ଚଳାଇଥିଲେ। ଶାସକ ଦଳର ନେତା, ସ୍ୱାସ୍ଥ୍ୟ ଅଧିକାରୀ ଓ ପୋଲିସ ପ୍ରଶାସନ ଏହାର ପୃଷ୍ଠପୋଷକ ଥିଲେ। ଆର୍.ଜି. କର ହସ୍ପିଟାଲ ଘଟଣା ଏହାର ଅବଶ୍ୟମ୍ଭାବୀ ପରିଣାମ ବୋଲି ଅଲ୍ ଇଣ୍ଡିଆ ଫେଡେରେଶନ ଅଫ୍ ଗଭର୍ନମେଣ୍ଟ ଡକ୍ଟର୍ସ ଆସୋସିଏଶନ୍‌ର ଅତିରିକ୍ତ ସାଧାରଣ ସମ୍ପାଦକ ସୁବର୍ଣ୍ଣୋ ଗୋସ୍ୱାମୀ କହିଛନ୍ତି। ଡ୍ୟୁଟିରେ ଥିବା ଜଣେ ମହିଳା ଡାକ୍ତର ନିଜ ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି, ଏହା ଆଦୌ ସ୍ୱାଭାବିକ ଅପରାଧ ନୁହେଁ। କୋଲକାତା ପୋଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ମାମଲାର ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିଲେ। ସିବିଆଇ ଉକ୍ତ ମାମଲା ସମେତ ମେଡିକାଲ କଲେଜ ଆର୍ଥିକ ଅନିୟମିତତାର ତଦନ୍ତ ଦାୟିତ୍ୱ ନେବା ପରେ ଉଭୟ ମାମଲାରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ଗିରଫ କରିଛି। ଏଥିସହିତ ତାଲା ଥାନାର ଭାରପ୍ରାପ୍ତ ଅଧିକାରୀ ଅଭିଷେକ ମଣ୍ଡଳ ମଧ୍ୟ ଗିରଫ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ସ୍ଥଳକୁ ଯାଇଥିଲେ ମଧ୍ୟ ସେମାନଙ୍କ ସହ କଥା ନ ହୋଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରକାର ଡାକ୍ତରମାନଙ୍କ ସହ ଆଲୋଚନା କରିବା ଆବଶ୍ୟକ ବୋଲି ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନର ଜଣେ ସଦସ୍ୟ କହିଛନ୍ତି।

**ଡାକ୍ତରମାନଙ୍କ ଅଭିଯୋଗ**



ନୂଆଦିଲ୍ଲୀରେ ଖବରଦାତା ସମ୍ମିଳନୀରେ ଡକ୍ଟର୍ସ ଆସୋସିଏଶନ୍‌ର ଅତିରିକ୍ତ ସାଧାରଣ ସମ୍ପାଦକ ସୁବର୍ଣ୍ଣୋ ଗୋସ୍ୱାମୀ ଓ ଅନ୍ୟମାନେ।

## ଭାରତରେ ମୁସଲମାନଙ୍କୁ ଶୋଷଣ କରାଯାଉଛି: ଖାମେନେଇ

### ନିନ୍ଦା କଲା ବହିର୍ବ୍ୟାପାର ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୧୬।୯**



ଆୟାତୁଲ୍ଲା ଅଲି ଖାମେନେଇ

ଭାରତରେ ମୁସଲମାନଙ୍କୁ ଶୋଷଣ ହେଉଥିବା ନେଇ ସୋମବାର ଇରାନର ସୁପ୍ରିମ ଲିଡର ଆୟାତୁଲ୍ଲା ଅଲି ଖାମେନେଇ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ସେ ବିଶ୍ୱବ୍ୟାପୀ ମୁସଲମାନମାନଙ୍କୁ ଏକଜୁଟ ହେବା ପାଇଁ ଆହ୍ୱାନ ଦେବା ସହ ଭାରତ, ମ୍ୟାନ୍‌ମାର ଏବଂ ଗାଜାରେ ମୁସଲମାନଙ୍କର ଶୋଷଣ ହେଉଥିବା ନେଇ ଦର୍ଶାଇଛନ୍ତି। ସେ ଏହି ପୋଷ୍ଟରେ ଲେଖିଛନ୍ତି, "ଇସଲାମର ଶତ୍ରୁମାନେ ସର୍ବଦା ଇସଲାମିକ ପରିଚୟ ପ୍ରତି ଉଦାସୀନ ରହିଆନ୍ତି। ଭାରତ, ମ୍ୟାନ୍‌ମାର ଓ ଗାଜା ସହ ଅନ୍ୟାନ୍ୟ ସ୍ଥାନରେ ମୁସଲମାନଙ୍କୁ ହେଉଥିବା ଶୋଷଣ ପ୍ରତି ଯଦି ଆମେ ଅବଗତ ନାହୁଁ ତେବେ ନିଜକୁ ମୁସଲମାନ ଭାବେ ବିବେଚନା କରିପାରିବୁ ନାହିଁ।" ଖାମେନେଇଙ୍କ ଏହି ପୋଷ୍ଟକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ କଡ଼ା ନିନ୍ଦା କରିଛି। ତାଙ୍କର ପୋଷ୍ଟ ଭୁଲ୍ ତଥ୍ୟ ଉପରେ ଆଧାରିତ, ଯାହାକୁ ସ୍ୱୀକାର କରାଯାଇ ପାରିବ ନାହିଁ। କୌଣସି ଅନ୍ୟ ଦେଶ ବିରୋଧରେ ମନ୍ତବ୍ୟ ଦେବା ପୂର୍ବରୁ ଖାମେନେଇ ପ୍ରଥମେ ନିଜ ଦେଶରେ ସୁନ୍ନି ମୁସଲମାନ ଏବଂ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ବିଶେଷ ଧ୍ୟାନ ଦିଅନ୍ତୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## କର୍ମଚାରୀଙ୍କ ଆନ୍ଦୋଳନ: ବିବାଦୀୟ ମନ୍ତବ୍ୟ ଫେରାଇନେଲା ସେବି

**ନୂଆଦିଲ୍ଲୀ,୧୬।୯(ପି.ଟି.)**

ପୁଞ୍ଜି ବଜାର ନିୟନ୍ତ୍ରକ ସେବିର 'ଅଣପେସାଦାର କାର୍ଯ୍ୟ ସଂସ୍କୃତି' ମନ୍ତବ୍ୟକୁ ନେଇ ଏହାର ଆନ୍ଦୋଳନରତ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସୋମବାର ସେବି ଏହାର ମନ୍ତବ୍ୟକୁ ପ୍ରତ୍ୟାହାର କରିନେଇଛି। ଆଭ୍ୟନ୍ତରୀଣ ଚ୍ୟାନେଲ ଜରିଆରେ ଆପୋଷ ଆଲୋଚନା ମାଧ୍ୟମରେ କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେବି କହିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୪ ତାରିଖର ବିବାଦୀୟ ପ୍ରେସ୍ ବିବୃତିକୁ ପ୍ରତ୍ୟାହାର କରିବା ଏବଂ ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ଇସ୍ତଫା ଦାବିରେ ୫ ତାରିଖରେ ଏହାର ଶତାଧିକ କର୍ମଚାରୀ ନିୟାମକ ମୁଖ୍ୟାଳୟ ବାହାରେ ଆନ୍ଦୋଳନ କରିଥିଲେ। ଏଥିପାଇଁ ସେବି ବାହ୍ୟ ତତ୍ତ୍ୱଙ୍କୁ ଦାୟୀ କରି ମନ୍ତବ୍ୟ ଦେଇଥିଲା। ୨ ସପ୍ତାହ ପରେ ସେବି ଉକ୍ତ ମନ୍ତବ୍ୟକୁ ଫେରାଇ ନେଇଛି।

# ପ୍ରୋଜେକ୍ଟ ଚିତା: କେନ୍ଦ୍ର ଓ ମଧ୍ୟପ୍ରଦେଶ ସରକାରଙ୍କ ମଧ୍ୟରେ ତାଳମେଳ ରହୁନାହିଁ



**ଭୋପାଳ, ୧୬।୯ (ପି.ଟି.)**

ଦୀର୍ଘ ୭ ଦଶନ୍ଧି ପରେ ୨୦୨୨ ସେପ୍ଟେମ୍ବର ୧୭ରେ ଭାରତରେ ଚିତା ବାଘଙ୍କ ଆଗମନ ହୋଇଥିଲା। ଚିତାଙ୍କୁ ଆଫ୍ରିକୀୟ ଦେଶରୁ ଆଣି ଭାରତରେ ବଂଶ ବିସ୍ତାର ଲକ୍ଷ୍ୟରେ ଭାରତ ସରକାର 'ପ୍ରୋଜେକ୍ଟ ଚିତା' ଆରମ୍ଭ କରିଥିଲେ। ଏହି ପ୍ରୋଜେକ୍ଟକୁ ସୋମବାର ୨ ବର୍ଷ ପୂରଣ ହୋଇଛି। ଏହାରିମଧ୍ୟରେ ମଧ୍ୟପ୍ରଦେଶର ଆକାଉଣ୍ଟାଣ୍ଟ ଜେନେରାଲ ଏକ ରିପୋର୍ଟ ପ୍ରକାଶ କରି କୁନୋ ଜାତୀୟ ଉଦ୍ୟାନରେ ପ୍ରୋଜେକ୍ଟ ଚିତାର ପରିଚାଳନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପ୍ରୋଜେକ୍ଟ ଚିତାକୁ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ତାଳ ମେଳ ରହୁ ନ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଆଫ୍ରିକୀୟ ଦେଶରୁ ଚିତା ଆସିଥିବା ସତ୍ତ୍ୱେ ମଧ୍ୟ କୁନୋ ଜାତୀୟ ଉଦ୍ୟାନ ପାର୍କର ପରିଚାଳନା ଯୋଜନାରେ ଚିତା ସମ୍ପର୍କରେ କୌଣସି ତଥ୍ୟ ଉଲ୍ଲେଖ ନାହିଁ। ବର୍ଷ ୨୦୨୧-୨୨ରୁ ୨୦୨୩-୨୪ ପର୍ଯ୍ୟନ୍ତ ପ୍ରୋଜେକ୍ଟ ଚିତାରେ କେନ୍ଦ୍ର ସରକାର ୪୪.୧୪ କୋଟି ଟଙ୍କା ବ୍ୟୟ କରିଥିବାବେଳେ ରାଜ୍ୟ ସରକାରଙ୍କ ଅନୁମୋଦିତ କୁନୋ ପାର୍କର ପରିଚାଳନା ଯୋଜନାରେ ଏନେଇ କୌଣସି ବିବରଣୀ ଉଲ୍ଲେଖ ନ ଥିବା ରିପୋର୍ଟରେ କୁହାଯାଇଛି।

**ଏଜି ରିପୋର୍ଟ**

## କାନାଡାରେ ଭାରତୀୟ ଛାତ୍ର ମୃତ



**ଟରଣ୍ଟୋ, ୧୬।୯**

କାନାଡାର ଟରଣ୍ଟୋସ୍ଥିତ ଏକ ହ୍ରଦରେ ବୁଡ଼ି ସୋମବାର ପ୍ରଣୀତ ନାମକ ଜଣେ ଭାରତୀୟ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେ ଉକ୍ତ ହ୍ରଦ ନିକଟରେ ସାଙ୍ଗମାନଙ୍କ ସହ ତାଙ୍କ ଭାଇଙ୍କ ଜନ୍ମଦିନ ପାଳନ କରୁଥିଲେ। ହାଇଦ୍ରାବାଦ ମୀରପେଟ୍ ଅଞ୍ଚଳର ମୂଳ ନିବାସୀ ପ୍ରଣୀତ ସମ୍ପ୍ରତି କାନାଡାରେ ସ୍ନାତକୋତ୍ତର ପଢୁଥିଲେ। ପ୍ରଣୀତଙ୍କ ମୃତଦେହକୁ ହାଇଦ୍ରାବାଦ ଫେରାଇ ଆଣିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ଅଭିଭାବକ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

## ଦିଲ୍ଲୀରେ ଜାଲ୍ ଭିଜା ୟୁନିଟ୍: ୩୦୦ କୋଟିର କାରବାର

**ନୂଆଦିଲ୍ଲୀ,୧୬।୯**

ଦିଲ୍ଲୀରେ ଚାଲିଥିବା ଏକ ଜାଲ୍ ଭିଜା ୟୁନିଟ୍‌ର ପର୍ଦ୍ଦାଫାଶ ହୋଇଛି। ଉକ୍ତ ୟୁନିଟ୍‌ରେ ପ୍ରତି ମାସରେ ୩୦ରୁ ୬୦ ନକଲି ଭିଜା ପ୍ରସ୍ତୁତ ହେଉଥିଲା। ମାତ୍ର ୨୦ ମିନିଟରେ ଭିଜା ଷ୍ଟିକର ପ୍ରସ୍ତୁତ ହୋଇପାରୁଥିଲା ବୋଲି ଜଣାପଡ଼ିଛି। ପ୍ରତି ଜାଲ୍ ଭିଜାକୁ ୮ରୁ ୧୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା ବୋଲି ପୋଲିସ କହିଛି। ଏହି ବେଆଇନ ଧନ୍ଦାରୁ ୫ ବର୍ଷରେ ୩୦୦ କୋଟି ଟଙ୍କା ଆୟ ହୋଇଥିବା ଜଣାପଡ଼ିଛି।

ଗତ ୨ ତାରିଖରେ ହରିୟାଣାର ସନ୍ଦୀପ୍ ନାମକ ବ୍ୟକ୍ତି ଜାଲ୍ ଭିଜାରେ ଇଟାଲୀ ଯାଉଥିବାବେଳେ ଦିଲ୍ଲୀ ବିମାନବନ୍ଦରରେ ଧରାପଡ଼ିଥିଲେ। ଜେରା ବେଳେ ତାଙ୍କ ଗାଁରୁ ଅନେକ ଲୋକ ଜାଲ୍ ଭିଜାରେ ବିଦେଶ ଯାଇଥିବା ଜଣାପଡ଼ିଥିଲା। ସନ୍ଦୀପ୍‌ଙ୍କ ସୂଚନା ଆଧାରରେ ପୋଲିସ୍ ଦିଲ୍ଲୀରେ ୫ ବର୍ଷ ହେଲା ଚାଲିଥିବା ଜାଲ୍ ଭିଜା ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ସନ୍ଦୀପ୍‌ଙ୍କ କହିବା ଅନୁଯାୟୀ, ସେ ଅସିଫ୍ ଅଲ୍ଲୀ ନାମକ ଏଜେଣ୍ଟଙ୍କୁ ୧୦ ଲକ୍ଷ ଟଙ୍କା ଦେଇ ଭିଜା ପାଇଥିଲେ। ପୋଲିସ ଅସିଫ୍‌ଙ୍କ ସମେତ ତାଙ୍କ ସହଯୋଗୀ ଶିବ ଗୌତମ ଏବଂ ନବୀନ ରାଣାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ସୂଚନା ପାଇ ଅନ୍ୟ ୨ ଏଜେଣ୍ଟ ବଲବୀର ସିଂ ଏବଂ ଯଶୱିନ୍ଦର ସିଂଙ୍କୁ ଗିରଫ କରାଯାଇଛି। ଦିଲ୍ଲୀର ତିଲକ ନଗର ଅଞ୍ଚଳରେ ଉକ୍ତ ଜାଲ୍ ଭିଜା କାରଖାନା ଚାଲିଥିଲା, ଯେଉଁଠି ବିଭିନ୍ନ ଦେଶ ପାଇଁ ଭିଜା ପ୍ରସ୍ତୁତ ହେଉଥିଲା। ମନୋଜ ମୋଙ୍ଗା ନାମକ ଗ୍ରାଫିକ୍ ଡିଜାଇନର ଏହାକୁ ପରିଚାଳନା କରୁଥିଲେ। ପୋଲିସ ଉକ୍ତ ଫ୍ୟାକ୍ଟ୍ରିରେ ଚଢ଼ାଉ କରି ମନୋଜଙ୍କୁ ଗିରଫ କରିଛି।

**ରାଜ୍ୟ ଖବର**

## ୨୦ ଦାଦନ ଶ୍ରମିକ ଉଦ୍ଧାର



ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

**ବେଲପଡ଼ା,୧୬।୯(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ଡୁଙ୍ଗୁରିଗୁଡା ରାସ୍ତାରୁ ସୋମବାର ୨୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ସହ ଶ୍ରମିକ ଚାଲାଣ କରୁଥିବା ସର୍ଦ୍ଦାରଙ୍କୁ କୋର୍ଟ ଚାଲାଣ କରିଛି। ବେଲପଡ଼ାସ୍ଥିତ ଡୁଙ୍ଗୁରିଗୁଡା ଗାଁର ଦାଦନ ସର୍ଦ୍ଦାର ରତ୍ନା ବାଗ ନିଜ ଗ୍ରାମ ସହ ଅନ୍ୟ ଅଞ୍ଚଳରୁ ବେଙ୍ଗାଲୁରୁକୁ ୨୦ ଜଣ ଦାଦନ ଶ୍ରମିକ ଚାଲାଣ କରୁଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଶ୍ରମିକଙ୍କୁ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖି ପଚରାଉଚରା ପରେ ଛାଡି ଦେଇଥିଲା। ଦାଦନ ଶ୍ରମିକମାନଙ୍କ ମଧ୍ୟରେ ବେଲପଡ଼ାସ୍ଥିତ ଭରୁଆମୁଣ୍ଡା ଗାଁର ୯, ଖପ୍ରାଖୋଲର ୪, ପାଟଣାଗଡ଼ ବ୍ଲକ କର୍ଲାମାଲ ଗାଁର ୨ ଏବଂ ଛତିଶଗଡ଼ ଅଞ୍ଚଳର ୫ ଜଣ ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ୭ ମହିଳା ଓ ୭ ପୁରୁଷ ସମେତ ୬ ଜଣ ଶିଶୁ ରହିଛନ୍ତି। ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ଗିରଫ କରି ପାଟଣାଗଡ଼ କୋର୍ଟ ଚାଲାଣ କରିଛି।

## ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ

**ସମ୍ବଲପୁର,୧୬।୯(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରାସ ପାଇବାରୁ ସମସ୍ତ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ରବିବାର ଏକକାଳୀନ ୧୨ଟି ସ୍ଲୁଇସ୍ ଗେଟ୍ ବନ୍ଦ କରି ଦିଆଯାଇଥିବାବେଳେ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା। ସୋମବାର ସେହି ୨ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୮.୨୫ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୫ ହଜାର ୧୬୨ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ମୋଟ ୩୯ ହଜାର ୭୫୨ ଘନଫୁଟ ବନ୍ୟାଜଳ ନିଷ୍କାସନ ହେଉଛି। ସେଥିମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୧୧୮ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୧୫ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସନ ହେଉଛି।

# ଅଧିକ ମେଡିକାଲ କଲେଜ ଖୋଲୁ

**ଭୁବନେଶ୍ୱର, ୧୬।୯(ବନ୍ଦନା ସେଠୀ)**

ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆହୁରି ମଜଭୁତ କରିବା ପାଇଁ ଅଧିକ ମେଡିକାଲ କଲେଜ ସ୍ଥାପନ ହେବା ଆବଶ୍ୟକ। ଏହାଦ୍ୱାର ନୂତନ ଡାକ୍ତର ବାହାରିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ନ୍ୟାଶନାଲ୍ ମେଡିକାଲ କମିଶନ (ଏନ୍‌ଏମ୍‌ସି) ୟୁଜି ପାଠ୍ୟକ୍ରମ ବୋର୍ଡ ସଦସ୍ୟ ତଥା ଶିଶୁରୋଗ ବିଶେଷଜ୍ଞ ଡା. ବିଜେନ୍ଦ୍ର କୁମାର କହିଛନ୍ତି। ସୋମବାର ନ୍ୟାଶନାଲ ମେଡିକସ୍ ଅର୍ଗାନାଇଜେଶନ ଓଡିଶା ୟୁନିଟ୍ ପକ୍ଷରୁ ଏମ୍‌ସ ଭୁବନେଶ୍ୱରଠାରେ ୧୫ତମ ଏନ୍‌ଏମ୍‌ସି ଟିଚର୍ସ ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁଜି ପାଠ୍ୟକ୍ରମ ବୋର୍ଡର ସଭାପତି ଡା. ଅରୁଣା ବନେକର ଯୋଗଦେଇ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ବିଭିନ୍ନ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେହିପରି ଏମ୍‌ବିବିଏସ୍ ପାଠ୍ୟକ୍ରମର ମାନଦଣ୍ଡରେ ପରିବର୍ତ୍ତନ, ସ୍ନାତକୋତ୍ତର ଅନ୍ତିମ ପରୀକ୍ଷା ପୂର୍ବରୁ ଥେସିସ୍ ଜମା କରିବା ପ୍ରାବଧାନକୁ ହଟାଯାଇ ତାହାକୁ ଶେଷ ବ୍ୟବହାରିକ ପରୀକ୍ଷାର ଅଂଶରୂପେ ସାମିଲ କରାଯାଇଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏନ୍‌ଏମ୍‌ସିର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ବିଏନ୍ ଗଙ୍ଗାଧର ସମାଜର ପରିବର୍ତ୍ତନ ତଥା ସାମାଜିକ ସଂସ୍କାରକ ଭାବେ ଡାକ୍ତରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା କହିଥିଲେ। ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ୍‌ର ଭାଇସ୍ ଚାନ୍‌ସେଲର୍ ପ୍ରଫେସର ମାନସ ସାହୁ, ପୂର୍ବ ଏବଂ ବର୍ତ୍ତମାନ ପିଢ଼ିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠ ପଢ଼ିବାର କୌଶଳର ପରିବର୍ତ୍ତନ ହୋଇଥିବା ନେଇ ମତ ଦେଇଥିଲେ। ଏମ୍ ଭୁବନେଶ୍ୱର ଅଧ୍ୟକ୍ଷ ଡା. ଶୈଳେଶ କୁମାର, ଡାଇରେକ୍ଟର ଇନ୍‌ଚାର୍ଜ ଡା. ଏନ୍ ଦୀପ୍ ବାଗ୍, ଡିନ୍ ଡା. ପିଆର୍ ମହାପାତ୍ର, ଅତିରିକ୍ତ ଡିଏମ୍‌ଇଟି ଜିଆର୍ ବ୍ରଜକିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏକ ବାର୍ତ୍ତା ମାଧ୍ୟମରେ ଏଭଳି ବୈଠକ ଆୟୋଜନ ପାଇଁ ଏନ୍‌ଏମ୍‌ସିର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ପୂର୍ବରୁ ଅନ୍ୟ ରାଜ୍ୟଗୁଡିକରେ ଆୟୋଜିତ ହୋଇଥିବା ଏଭଳି ୧୪ଟି ବୈଠକକୁ ମଧ୍ୟ ପ୍ରଶଂସା କରିଥିଲେ। ବୈଠକରେ ରାଜ୍ୟର ସମସ୍ତ ୧୭ଟି ମେଡିକାଲ କଲେଜର ଡିନ୍ ଓ ଏମ୍‌ଓ ଭୁବନେଶ୍ୱରର ୧୭୫ ମେଡିକାଲ ଟିଚର ଯୋଗଦେଇ ନିଜ ମତ ରଖିଥିଲେ।



ଏମ୍‌ସ ଭୁବନେଶ୍ୱରଠାରେ ୧୫ତମ ଏନ୍‌ଏମ୍‌ସି ଟିଚର୍ସ ମିଟ୍।

## ଗର୍ଭବତୀଙ୍କୁ ୩ କି.ମି. ଖଟିଆରେ ବୋହିଲେ

**ନାକଟୀଦେଉଳ, ୧୬।୯(ବୈକୁଣ୍ଠନାଥ ସାହୁ)**

ରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ୩ କିମି ଖଟିଆରେ ବୋହିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ସୋମବାର ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଅନ୍ତର୍ଗତ କାଙ୍କଦର ଗାଁରେ। ଭୋର୍ ୫ଟା ୪୫ରେ ଗ୍ରାମର ସୁଜିତ୍ ଲମଗା ତାଙ୍କ ସ୍ତ୍ରୀ ଗୀତା ଲମଗା(୨୪)ଙ୍କ ଗର୍ଭଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଡାକ୍ତରଖାନା ନେବା ପାଇଁ ଫୋନ୍ କରିଥିଲେ। ତୁରନ୍ତ ତାଙ୍କ ପାଇଁ ନିକଟସ୍ଥ କିସିଣ୍ଡା ଥାନାରେ ରହୁଥିବା ୧୦୮ ଆମ୍ବୁଲାନ୍ସ ପଠାଯାଇଥିଲା। ହେଲେ ଗାଁକୁ ରାସ୍ତା ନ ଥିବାରୁ ସୁଜିତ୍‌ଙ୍କ ଘରଠାରୁ ୩ କିମି ଦୂର କାଙ୍କଦରଠାରେ ଆମ୍ବୁଲାନ୍ସ ଅଟକିଥିଲା। ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଆମ୍ବୁଲାନ୍ସ କର୍ମଚାରୀ ସୁଜିତଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। କାଙ୍କଦର ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ କର୍ମଚାରୀ ଲଣ୍ଡାକୋଟ ପହଞ୍ଚି ଏକ ଖଟିଆ ଯୋଗେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ତାଙ୍କୁ ନିକଟସ୍ଥ ନାକଟୀଦେଉଳ ଡାକ୍ତରଖାନା ଆଣିବା ସମୟରେ ରାସ୍ତାରେ ଆମ୍ବୁଲାନ୍ସରେ ଗୀତା ଏକ ଶିଶୁକନ୍ୟା ପ୍ରସବ କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ସ୍ୱାଗତ ସିଂ (ପାଇଲଟ), ଶ୍ରବଣ ସାହୁ(ଫାର୍ମାସିଷ୍ଟ) ଓ ଅନିଲ ପ୍ରଧାନ(ହେଲ୍‌ପର) ନିକଟସ୍ଥ ଡାକ୍ତରଖାନାରେ ସକାଳ ୮ଟା ୪୫ରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଉଭୟ ଶିଶୁକନ୍ୟା ଏବଂ ମା' ସୁସ୍ଥ ଅଛନ୍ତି ବୋଲି ନାକଟୀଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ପ୍ରକାଶ କରିଛନ୍ତି ।



## ବଢୁଛି ଝାଡ଼ାବାନ୍ତି: ସପ୍ତାହକରେ ୪ ମୃତ, ୩୦ ଆକ୍ରାନ୍ତ

**ରାୟଗଡ଼ା,୧୬।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତ ଲାମ୍ବେରି ଗାଁରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସପ୍ତାହକ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୩୦ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସାଦାଇ ନାଚିକା, ରାଲିକା ଆସିଡିଗା, କୁଣ୍ଡାଡ଼ି ନାଚିକା ଓ ଲାଖି କୁଲାକା। ସୋମବାର ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ୪ ଗୁରୁତରଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩ଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗତ ୧୦ ତାରିଖରେ ଲାମ୍ବେରି ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଜଣକ ପରେ ଜଣେ ଏଥିରେ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ ସାଦାଇ ନାଚିକାଙ୍କ ମୃତ୍ୟୁ ହୋଇଥିଲା। ରବିବାର କୁଣ୍ଡାଡ଼ି ନାଚିକାଙ୍କ ମୃତ୍ୟୁ ହୋଇଛି। ଏହିଭଳି ସପ୍ତାହକ ମଧ୍ୟରେ ୪ ଜଣଙ୍କ ଜୀବନ ଗଲାଣି। କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏ.ଏନ.ଏମ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରକ୍ତ ନମୁନା ସଂଗ୍ରହ କରୁଛନ୍ତି। ଝାଡ଼ାବାନ୍ତିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଏଏନ୍‌ଏମ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ଖବର ମିଳିବା ପରେ ଡାକ୍ତରୀ ଟିମ୍ ସେହି ଗାଁକୁ ଯାଇ ଚିକିତ୍ସା ଆରମ୍ଭ କରିଛନ୍ତି। ମଙ୍ଗଳବାର ଆଉ ଏକ ଟିମ୍ ଯିବେ। ତେବେ ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।

### ବୈପାରୀଗୁଡାରେ ଜଣେ ମୃତ, ୪ ଆକ୍ରାନ୍ତ

**ବୈପାରୀଗୁଡା,୧୬।୯(କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ଝାଡାବାନ୍ତି ପ୍ରକୋପ ଲାଗି ରହିଥିବା ବେଳେ ରବିବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ କୋଲାର ପଞ୍ଚାୟତ ଅନ୍ତର୍ଗତ ପଲକାବସା ଗ୍ରାମର ରାଧେଇ ଖିଲ(୫୦) । ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେହି ଗ୍ରାମର ଅନ୍ୟ ୪ ଆକ୍ରାନ୍ତ ହୋଇ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ତେବେ ବେସରକାରୀ ଭାବେ ଘରେ ମୃତ୍ୟୁ ହେଉଥିବା ରୋଗୀଙ୍କ ସଂଖ୍ୟା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି । ସୋମବାର ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱଜିତ ଭୂୟାଁଙ୍କ ନେତୃତ୍ୱରେ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇ ରୋଗର କାରଣ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡାକ୍ତର ଭୂୟାଁ କହିଛନ୍ତି। ଏଥିପାଇଁ ସେ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳଯୋଗାଣ ବିଭାଗକୁ ଦାୟୀ କରିଛନ୍ତି। ସେଠାରେ ପାନୀୟ ଜଳର ସୁବିଧା ନ ଥିବାରୁ ଲୋକେ ଜମିରେ ଥିବା ଚୁଆର ଗୋଳିଆ ପାଣି ପିଇ ରୋଗରେ ଆକ୍ରାନ୍ତ ହେଉଥିବା ଡାକ୍ତର ଭୂୟାଁ କହିଛନ୍ତି।

# ଭାରତ-ଚାଇନା ଫାଇନାଲ ଆଜି

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ହୁଲୁନବୁଇର (ଚାଇନା), ୧୬।୯

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସବୁଠାରୁ ସଫଳ ଦଳ ଭାରତ ଏଥର ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ଚାରିଥର ଟାଇଟଲ ବିଜେତା ତଥା ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଛି। ଅନ୍ୟ ଏକ ସେମିଫାଇନାଲରେ ୩ ଥର ଚାମ୍ପିୟନ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଚାଇନା। ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିବାପରେ ଶୁଟ୍‌ଆଉଟରେ ପାକିସ୍ତାନକୁ ଚକ୍‌ମା ଦେଇଛି ଚାଇନା। ଭାରତ ଓ ଚାଇନା ମଧ୍ୟରେ ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ। ଭାରତ ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇ ସର୍ବାଧିକ ସଫଳ ଦଳର ରେକର୍ଡ ବହନ କରୁଛି। ଚଳିତ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ୩-୦ରେ ଚାଇନାକୁ ହରାଇଥିବାରୁ ଫାଇନାଲ ପାଇଁ ଫେଭରାଇଟ ବିବେଚିତ ହେଉଛି। ଫାଇନାଲ ପୂର୍ବରୁ ତୃତୀୟ ସ୍ଥାନ ପାଇଁ ପାକିସ୍ତାନ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ହରମନପ୍ରୀତ୍‌ଙ୍କ ଡବଲ

ଦକ୍ଷିଣ କୋରିଆ ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଚମତ୍କାର ଫର୍ମରେ ଥିବା ଅଧିନାୟକ ହରମନପ୍ରୀତ୍ ସିଂ ୧୯ ଓ ୪୫ତମ ମିନିଟରେ ୨ଟି ଗୋଲ ଦେଇ ଭାରତ ବିଜୟ ମଙ୍ଗ ଧରିଥିଲେ। ଉତ୍ତମ ସିଂ ୧୩ ଓ ହରମନପ୍ରୀତ ସିଂ ୩୨ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। କୋରିଆ ପକ୍ଷରୁ ୟାଙ୍ଗ୍ ଜିହୁନ ୩୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।



ସେମିଫାଇନାଲରେ କୋରିଆ ଖେଳାଳିଙ୍କ ଚ୍ୟାଲେଞ୍ଜକୁ ଏଡ଼ାଇ ବଲ୍ ନେଇ ଆଗେଇ ଯାଉଛନ୍ତି ଓଡ଼ିଶାର ଅମିତ ରୋହିଦାସ।

### ଚାଇନାର ଶ୍ରେଷ୍ଠ ପ୍ରଦର୍ଶନ

ଟୁର୍ନାମେଣ୍ଟର ରେକର୍ଡ ଦୃଷ୍ଟିରୁ ଚାଇନା ୨୦୧୨ ଓ ୨୦୧୩ରେ ସର୍ବାଧିକ ୪ର୍ଥ ସ୍ଥାନ ହାସଲ କରିଥିଲା। ମାତ୍ର ଘରୋଇ ପରିବେଶରୁ ଫାଇଦା ଉଠାଇ ଆୟୋଜକ ଦଳ ଏଥର ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ପାଇଁ ଚାଇନା ସେମିଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ସଫଳ ହୋଇଛି। ଚାଇନା-ପାକିସ୍ତାନ ପ୍ରଥମ ସେମିଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଶେଷ ହୋଇଥିଲା। ଚାଇନା ପକ୍ଷରୁ ଲୁ ୟୁଆନଲିନ ୧୮ଶ ଓ ପାକିସ୍ତାନର ନଦୀମ ଅହମଦ ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ପାକିସ୍ତାନର ଲିଆକତ ଅର୍ଶଦ, ନଦୀମ ଅହମଦ, ଅହମଦ ଅଜାଜ ଓ ଅବଦୁଲ ରହମନ ଫେଲ୍ ମାରିଥିବାବେଳେ ଚାଇନାର ଚେନ୍ ବେନ୍‌ହାଇ ଓ ଲୁନ୍ ଚାଙ୍ଗଲିଆଙ୍ଗ ଗୋଲ ଦେଇଥିଲେ ଏବଂ ଲୁ ୟୁଆନଲିନ ଓ ଇ. ୱେନହୁଇ ବିଫଳ ହୋଇଥିଲେ।

**ଫାଇନାଲ ସମୟ:
ଅପରାହ୍ନ ୩ଟା ୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ୧**

### ମାଲେସିଆକୁ ହରାଇ ଜାପାନ ୫ମ

୫ମ-୬ଷ୍ଠ ପାଇଁ ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଜାପାନ ଶୁଟ୍‌ଆଉଟ ୪-୨ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୪-୪ ଗୋଲରେ ବରାବର ରହିଥିଲା। ଅର୍ଥାତ୍ ୬ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଜାପାନ ୫ମ ଓ ମାଲେସିଆ ୬ଷ୍ଠ ସ୍ଥାନ ପାଇଛି।

## ରେସ୍‌ଲିଂ ଚାମ୍ପିୟନ୍ସ ସୁପର ଲିଗ୍ ଘୋଷଣା

**ନୂଆଦିଲ୍ଲୀ, ୧୬।୯ (ପି.ଟି.):** ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ, ପ୍ୟାରିସ୍ ବ୍ରୋଞ୍ଜ ବିଜେତା ଅମନ ଶେରାୱତ ଓ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜୟିନୀ ଗୀତା ଫୋଗଟ ମିଳିତ ଭାବରେ ରେସ୍‌ଲିଂ ଚାମ୍ପିୟନ୍ସ ସୁପର ଲିଗ୍ ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ଦେଶର ଯୁବ ରେସ୍‌ଲରମାନଙ୍କୁ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏହା ଆରମ୍ଭ କରାଯାଇଥିବା କହିଛନ୍ତି ସାକ୍ଷୀ ମଲିକ। ପୂର୍ବରୁ ସାକ୍ଷୀ, ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ମାମଲାକୁ ନେଇ ଆନ୍ଦୋଳନରେ ବସିଥିଲେ। ଏହି ଲିଗ୍ ପାଇଁ ମଞ୍ଜୁରୀ ମିଳି ନ ଥିଲେ ମଧ୍ୟ ଡବ୍ଲ୍ୟୁଏଫ୍‌ଆଇ ଓ ସରକାରଙ୍କ ପକ୍ଷରୁ ସହଯୋଗ ମିଳିବା ନେଇ ଆଶା ଥିବା କହିଛନ୍ତି ସାକ୍ଷୀ ମଲିକ ଓ ଗୀତା ଫୋଗଟ।

## ୨୩ ବର୍ଷରୁ କମ୍ ଏସିଆନ ବିଚ୍ ସିପକ୍‌ଟାକ୍ର

# ଭାରତୀୟ ଦଳରେ କିସ୍‌ର ଥବିର



**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ):** ଚାଇନାର କ୍ୱିଙ୍ଗଡୋଠାରେ ୨୩ ବର୍ଷରୁ କମ୍ ଏସିଆନ ବିଚ୍ ସିପକ୍‌ଟାକ୍ର ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ପୁରୁଷ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ କିସ୍‌ର ଥବିର ନାଏକ ମନୋନୀତ ହୋଇଛନ୍ତି। ଭାରତୀୟ ଦଳ ମନୋନୟନ ପାଇଁ ନୂଆଦିଲ୍ଲୀର ଆଇଜିଆଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ କେ.ଡି. ଯାଦବ ହଲ୍‌ରେ ସିପକ୍‌ଟାକ୍ର ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ଓପନ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଥବିର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଥବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରାଜ୍ୟ ସିପକ୍ ଟାକ୍ର ଆସୋସିଏଶନ ସମ୍ପାଦକ ପୃଥ୍ୱୀରାଜ ସାହୁ ଅଭିନନ୍ଦନ ଜଣାଇଛନ୍ତି।

## ଅର୍ଜୁନ ତେନ୍ଦୁଲକରଙ୍କୁ ୯ ଉଇକେଟ ସଫଳତା

**ଅଲୁର (କର୍ନାଟକ), ୧୬।୯ (ପି.ଟି.):** କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଆମନ୍ତ୍ରଣୀୟ କ୍ରିକେଟ ମ୍ୟାଚରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନଙ୍କ ୯ ଉଇକେଟ ସଫଳତା ବଳରେ ଗୋଆ କ୍ରିକେଟ ଆସୋସିଏଶନ ଏକ ଇନିଂସ ୧୮୯ ରନରେ ଆୟୋଜକ କର୍ନାଟକକୁ ହରାଇ ଦେଇଛି। ଘରୋଇ ଦଳ ୧୯ ବର୍ଷରୁ କମ୍ ଓ ୨୩ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଗଠିତ। ଏଥିରେ ଥିବା ଦୁଇଜଣ ପ୍ରତିଷ୍ଠିତ କ୍ରିକେଟର ହେଲେ ନିକିନ ଜୋଶ ଓ ଉଇକେଟକିପର ଶରଥ ଶ୍ରୀନିବାସ। ଅର୍ଜୁନ ମ୍ୟାଚର ଦୁଇଟି ଇନିଂସରେ ମୋଟ ୨୬. ୩ ଓଭର ବୋଲିଂ କରି ୮୭ରନ ବିନିମୟରେ ୯ ଉଇକେଟ ଅକ୍ତିଆର କରିଥିଲେ। କର୍ନାଟକ ପ୍ରଥମ ଇନିଂସରେ ୩୬.୫ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଏଥିରେ ଅର୍ଜୁନ ୧୩ ଓଭର ବୋଲିଂ କରି ୪୧ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଜବାବରେ ଗୋଆ ଦୃଢ଼ ବ୍ୟାଟିଂ କରି ଅଭିନବ ତେଜରାନା (୧୦୯)ଙ୍କ ଶତକ ଓ ମନ୍ଥନ ଖୁଟକରଙ୍କ ୬୯ ରନ ବଳରେ ୪୧୩ ରନ କରିଥିଲା। କର୍ନାଟକ ଦ୍ୱିତୀୟ ଇନିଂସରେ ୩୦.୪ ଓଭରରେ ମାତ୍ର ୧୨୧ ରନ କରିଥିଲା। ଅର୍ଜୁନ ୧୩.୩ ଓଭର ବୋଲିଂ କରି ୪ ଉଇକେଟରେ ୪୬ ରନ କରିଥିଲେ। ଆସନ୍ତା ସପ୍ତାହରେ ସେ ୨୫ ବର୍ଷ ବୟସରେ ପଦାର୍ପଣ କରିବେ। ସିନିୟର ସ୍ତରରେ ସେ ୪୬ଟି ପ୍ରତିଯୋଗିତାମୂଳକ ମ୍ୟାଚରେ ୬୮ଉଇକେଟ ନେଇଛନ୍ତି। ସେ ୧୩ ପ୍ରଥମ ଶ୍ରେଣୀ ଗେମ୍‌ରେ ୨୧ ଉଇକେଟ ଅକ୍ତିଆର କରିଛନ୍ତି।

# ଆଇଓସି ସଭାପତି ଦୌଡ଼ରେ ୭ ଜଣ

ଜେନେଭା, ୧୬।୯ (ପି.ଟି.)

**■ ସେବାଷ୍ଟିଆନ୍, କ୍ରିଷ୍ଟି ସବୁଠୁ ଆଗରେ
■ ୨୦୨୫ରେ ଶେଷ ହେବ ବାକ୍‌ଙ୍କ କାର୍ଯ୍ୟକାଳ**

ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ (ଆଇଓସି) ସଭାପତି ଭାବରେ ଥୋମାସ୍ ବାକ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ୨୦୨୫ରେ ବାକ୍‌ଙ୍କ କାର୍ଯ୍ୟକାଳ ସରୁଥିବା ବେଳେ ଆଗାମୀ ସଭାପତି ଦୌଡରେ ୭ ଜଣ ବ୍ୟକ୍ତିଙ୍କ ନାମ ରହିଛି। ତେବେ ସେବାଷ୍ଟିଆନ୍ କୋ ଓ କ୍ରିଷ୍ଟି କଭେଣ୍ଟ୍ରିଙ୍କ ନାମ ସବୁଠାରୁ ଆଗରେ ରହିଛି। ସୋମବାର ଆଇଓସି ପକ୍ଷରୁ ଦୌଡରେ ଥିବା ୭ ଜଣଙ୍କ ନାମ ପ୍ରକାଶ ପାଇଛି। ମିଡିଲ ଇଷ୍ଟର ରାଜକୁମାର ଫୈସଲ ଅଲ ହୁସେନ, ଲର୍ଡ ସେବାଷ୍ଟିଆନ୍ କୋ, କ୍ରିଷ୍ଟି କଭେଣ୍ଟ୍ରି, ଜୋହାନ୍ ଏଲିଆସ, ଡେଭିଡ୍ ଲାପାର୍ଟେଣ୍ଟ, ଜୁଆନ୍ ଆଣ୍ଟୋନିଓ ସାମାରାଞ୍ଚ ଓ ମୋରିନାରି ୱାଟାନାବେ ଏହି ଦୌଡରେ ରହିଛନ୍ତି।

ଆଇଓସିର ୧୩୦ ବର୍ଷର ଇତିହାସରେ ସମୁଦାୟ ୯ ଜଣ ସଭାପତି ରହିଛନ୍ତି। ଏହା ମଧ୍ୟରେ ୮ ଜଣ ୟୁରୋପୀୟ ଓ ଜଣେ ଆମେରିକୀୟ ବ୍ୟକ୍ତି ରହିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରୁ ଏହି ଦୌଡରେ କୌଣସି ବ୍ୟକ୍ତି ନ ଥିବା ବେଳେ ଜଣେ ବି ମହିଳା ଏଯାଏ ସଭାପତି ହୋଇ ନାହାନ୍ତି। ତେଣୁ ଜିମ୍ବାୱେର କ୍ରିଷ୍ଟିଙ୍କୁ ଅନ୍ୟତମ ଫେଭରିଟ୍ ବିବେଚନା କରାଯାଉଛି। ସେହିପରି ସେବାଷ୍ଟିଆନ୍ କୋ ସନ୍ତରଣରେ ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବର୍ତ୍ତମାନ ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ରହିଛନ୍ତି। ଜୋର୍ଡାନର ରାଜକୁମାର ଫୈସଲ ଅଲ ହୁସେନ ଆଇଓସି ବୋର୍ଡର ସଦସ୍ୟ ରହିଥିବା ବେଳେ ଜୁଆନ୍ ଆଣ୍ଟୋନିଓ ସାମରାଞ୍ଚଙ୍କ ପିତା ୨୧ ବର୍ଷ ଧରି ଆଇଓସିର ସଭାପତି ରହିଥିଲେ। ଡେଭିଡ୍ ଲାପାର୍ଟେଣ୍ଟ ବିଶ୍ୱ ସାଇକ୍ଲିଂ ସଂଘର ସଭାପତି ରହିଥିବା ବେଳେ ମୋରିନାରି ୱାଟାନାବେ ବିଶ୍ୱ ଜିମ୍ନାଷ୍ଟିକ୍ସ ସଂଘର ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଜୋହାନ୍ ଏଲିଆସ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍କି ଓ ସ୍ନୋ ବୋର୍ଡ ଫେଡେରେଶନର ସଭାପତି ରହିଛନ୍ତି।

# ଦକ୍ଷିଣ ଆଫ୍ରିକାରେ ଖେଲୋ ଇଣ୍ଡିଆ

ଜୋହାନ୍ସବର୍ଗ, ୧୬।୯ (ପି.ଟି.)

ଦେଶ ବାହାରେ ଆୟୋଜିତ ଖେଲୋ ଇଣ୍ଡିଆ ଗେମ୍ସର ପ୍ରଥମ ପର୍ଯ୍ୟାୟ ଦକ୍ଷିଣ ଆଫ୍ରିକାରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଦକ୍ଷିଣ ଆଫ୍ରିକୀୟ ଏବଂ ଭାରତୀୟ ପ୍ରବାସୀମାନେ ଏକତ୍ରିତ ହୋଇ ଭଲିବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଓ ଚେସ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଇଭେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଖୁବ୍ ଶୀଘ୍ର ଅନୁଷ୍ଠିତ ହେବ ବୋଲି ଦକ୍ଷିଣ ଆଫ୍ରିକାରେ ବସବାସ କରୁଥିବା ଭାରତୀୟମାନଙ୍କ ଏକ ସଂଗଠନ ଇଣ୍ଡିଆ କ୍ଲବର ଚେୟାରମ୍ୟାନ ମନୀଷ ଗୁପ୍ତା ପ୍ରକାଶ କରିଛନ୍ତି। ଜୋହାନ୍ସବର୍ଗରେ ରହିଥବବା ଭାରତର କନ୍‌ସୁଲେଟ୍ ଜେନରାଲ ମିଳିତ ସହଯୋଗରେ ଇଭେଣ୍ଟଗୁଡ଼ିକ ଆୟୋଜିତ ହୋଇଥିଲା।

# ରାଜ୍ୟସ୍ତରୀୟ ପାରା ସନ୍ତରଣ ଚୟନ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)





ଚୟନ ପ୍ରତିଯୋଗିତା ଶେଷରେ ଅତିଥିଙ୍କ ଗହଣରେ ସନ୍ତରଣକାରୀମାନେ।

ରାଜ୍ୟ ସ୍ତରୀୟ ପାରା ସନ୍ତରଣ ଚୟନ ପ୍ରତିଯୋଗିତା ୧୫ ଓ ୧୬ ତାରିଖ ଦୁଇଦିନଧରି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସନ୍ତରଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଜୁନିୟର ଓ ସିନିୟର୍ ବାଳିକା ଓ ବାଳକ ବର୍ଗରେ ମୋଟ ୧୧୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ପ୍ରଦର୍ଶନ କରିଥିବା ସନ୍ତରଣକାରୀମାନେ ୨୪ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଜାତୀୟ ପ୍ରତିଯୋଗିତା ଗୋଆରେ ଆସନ୍ତା ଅକ୍ଟୋବର ୧୯ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ''ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ଏଥର ନୂଆକରି ବହୁ ଖେଳାଳି ଭାଗ ନେଇଥିଲେ। ପୂର୍ବ ପ୍ରତିଯୋଗିତାରେ ଆମ ଓଡ଼ିଶା ଖେଳାଳିମାନେ ଗୋଟିଏ ମାସ କ୍ୟାମ୍ପରେ ଯୋଗଦେଇ ପ୍ରଥମଥର ପାଇଁ ୬ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥର ପ୍ରଦର୍ଶନରେ ଉନ୍ନତି ହେବା ଆଶା ରହିଛି'' ବୋଲି ପାରା ସୁଇମିଂ ଅଧ୍ୟକ୍ଷ ସୁଶାନ୍ତ କୁମାର ମଲିକ ପ୍ରକାଶ କରିଛନ୍ତି।

# ଏସିଆନ ୟୁନିଭର୍ସିଟି ଫୁଟବଲ କପ୍‌ରେ ଭାଗନେବ କିଟ୍



ମନୋନୀତ ଦଳର ଖେଳାଳିଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)

ଚାଇନାର ୟାନବିୟାନଠାରେ ଏସିଆନ ୟୁନିଭର୍ସିଟି ଫୁଟବଲ କପ୍ ଚଳିତ ମାସ ୧୯ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥର ପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ମହିଳା ଫୁଟବଲ ଦଳ ଅଂଶଗ୍ରହଣ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସମ୍ମାନଜନକ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡିଆନ ୟୁନିଭର୍ସିଟିଜ ପକ୍ଷରୁ ପ୍ରତିନିଧିତ୍ୱ କରିବ ଏବଂ ଏହି ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ହେଲେ କିସ୍ ବିଶ୍ୱବିଦ୍ୟାଳୟର। ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ମହିଳା ଫୁଟବଲକୁ ପ୍ରୋତ୍ସାହନ ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପାଖାପାଖି ୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ଜାପାନ, କୋରିଆ, ଚାଇନା, ମଙ୍ଗୋଲିଆ, ଥାଇଲାଣ୍ଡ, କାତାର, ସୌଦର ଆରବ ଓ ଭାରତୀୟ ଦଳ ଭାଗନେବ। କିଟ୍ ଦଳରେ ୧୫ ଖେଳାଳି ଓ ୨ ଅଫିସିଆଲ ସାମିଲ ରହିବେ। ଜିମା ସୟ, ଅଙ୍କିତା ନାଏକ, ଜ୍ୟୋସ୍ନା ମୁଣ୍ଡାରି, ସାଲମା ମୁର୍ମୁ, ରିଲାନ ଏକ୍କା, ସାଲ୍‌ଗେ ସୋରେନ, ମାମା ସୋରେନ, ଆଶିକା ଓରାମ, ସୀତାମଣି ବାସ୍କେ, ଭାରତୀ ଓରାମ, ରଞ୍ଜିତା ନାଏକ, ମାଳତୀ ଟୁଡୁ, ବର୍ଷାରାଣୀ ମାଝି, ସୁଲେନ୍ଦ୍ରୀ ଚଲାନ ଓ ଆରତୀ ଦଳାଇ ଆଦି ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। କୋଚ୍ ରେଶମା ବେଗମ ଓ ଅଫିସିଆଲ କନ୍ଦନ ମୁର୍ମୁ ଦଳସହ ଚାଇନା ଯିବେ। ଇଣ୍ଡିଆନ ୟୁନିଭର୍ସିଟିଜ ଦଳ ପ୍ରଥମଥର ପାଇଁ ଏଥିରେ ଭାଗ ନେବାକୁ ଯାଉଥିବାରୁ ଏହାର ଯୁଗ୍ମ ସମ୍ପାଦକ (ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଳଜିତ ସିଂ ସେଥିେଁ ଖୁସି ଜାହିର କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା, ସର୍ବଭାରତୀୟ ଫୁଟବଲ ଫେଡେରେଶନର ପ୍ଲେୟର ଡେଭଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଅଭିଜିତ ପାଲ୍, ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାସା ପ୍ରମୁଖ ଇଣ୍ଡିଆନ ୟୁନିଭର୍ସିଟିଜ ଦଳରେ ସାମିଲ ହୋଇଥିବା ଖେଳାଳି ଓ ଅଫିସିଆଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତୀୟ ଦଳର ଜୋରଦାର ଅଭ୍ୟାସ

ଚେନ୍ନାଇ, ୧୬।୯ (ପି.ଟି.)

ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଶିଖରରେ ରହିଛି। ଚେନ୍ନାଇରେ ୧୯ ତାରିଖରେ ପ୍ରଥମ ଟେଷ୍ଟ ଖେଳା ଯିବାକୁ ଥିବା ବେଳେ ଭାରତୀୟ ଦଳ ଜୋରଦାର ଅଭ୍ୟାସ କରିଛି। ସୋମବାର ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଭାରତୀୟ ଦଳର ସମସ୍ତ ଖେଳାଳି ଅଭ୍ୟାସ କରିଥିଲେ। ଦୁଇଟି ଅଭ୍ୟାସ ସେସନ ପରେ ରବିବାର ଭାରତୀୟ ଦଳର ଖେଳାଳିମାନଙ୍କୁ ଗୋଟିଏ ଦିନର ଛୁଟି ମିଳିଥିଲା। ତେବେ ସୋମବାର ସମସ୍ତ ଖେଳାଳିଙ୍କୁ ଅଭ୍ୟାସ ସେସନ୍‌ରେ ଦେଖିବାକୁ ମିଳିଥିଲା। ବାଂଲାଦେଶ ବିପକ୍ଷ ଦଳରେ ସ୍ଥାନ ପାଇଥିବା ସମସ୍ତ ୧୬ ଖେଳାଳି ନେଟ୍ ସେସନରେ ଅଭ୍ୟାସ କରିଥିଲେ। ତାରକା ଖେଳାଳି ବିରାଟ କୋହଲି ଓ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରଥମେ ନେଟ୍‌ସରେ ଅଭ୍ୟାସ କରିଥିଲେ। କୋହଲି ଦୀର୍ଘ ସମୟ ଧରି ବୁମ୍‌ରାଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ଜୟସ୍ୱାଲଙ୍କୁ ବୋଲିଂ କରିଥିଲେ ଲୋକାଲ ହିରୋ ରବିଚନ୍ଦ୍ରନ ଅଶ୍ୱିନ।

ପରବର୍ତ୍ତୀ ସମୟରେ ଅଧିନାୟକ ରୋହିତ ଶର୍ମା, ଓପନର ଶୁବମାନ ଗିଲ୍ ଓ ସର୍ଫରାଜ ଖାନ୍ ନେଟ୍ସରେ ଅଭ୍ୟାସ କରିଥିଲେ। ସର୍ଫରାଜ ଖାନ୍ ବେଙ୍ଗାଲୁରୁର ଅନନ୍ତପୁରରେ ଦୁଲୀପ୍ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳି ସାରି ଭାରତୀୟ ଦଳରେ ଯୋଗ ଦେଇଛନ୍ତି। ଭାରତୀୟ ଅଧିନାୟକ ନେଟ୍ସ ସେସନ୍‌ରେ ସ୍ପିନରଙ୍କୁ ଖେଳିବା ଉପରେ ଗୁରୁତ୍ୱ ଦେଇଥିଲେ। ବାଂଲାଦେଶ ଦଳର ସ୍ପିନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ସେ ଏଭଳି କରିଥିଲେ। ପରେ ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ ଓ ମହମ୍ମଦ ସିରାଜ କିଛି ସମୟ ଧରି ତାମିଲନାଡୁର ସ୍ଥାନୀୟ ବୋଲରଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ଅଭ୍ୟାସ୍ ପିଚ୍‌ରେ ଭରପୂର ବାଉନ୍ସ ରହିଥିବା ବେଳେ ଭାରତୀୟ ବ୍ୟାଟର ଏହା ଉପରେ ଅଭ୍ୟାସ କରିଥିଲେ। ଭାରତୀୟ ଦଳ ମ୍ୟାଚ୍ ଖେଳିବା ଆଗରୁ ଆଉ ଦୁଇଟି ଅଭ୍ୟାସ ସେସନ୍‌ରେ ଅଂଶଗ୍ରହଣ କରିବ। ବାଂଲାଦେଶ ଏହାର ଅନ୍ତିମ ଟେଷ୍ଟ ସିରିଜ୍‌ରେ ପାକିସ୍ତାନ ବିପକ୍ଷରେ ଐତିହାସିକ ୨-୦ରେ ବିଜୟୀ ହୋଇଥିଲା। ଚେନ୍ନାଇର ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଉଥିବା ବେଳେ ଏଥିରେ ବାଉନ୍ସ ମଧ୍ୟ ଦେଖିବାକୁ ମିଳିଥାଏ। ଫଳରେ ଭାରତ ୩ ସ୍ପିନର ଓ ୨ ପେସର ବୋଲିଂ ଆଟାକ୍ ସହିତ ଓହ୍ଲାଇବାର ସମ୍ଭାବନା ରହିଛି। ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଭାରତର ୩ ସ୍ପିନର ରହିବାକୁ ଯାଉଥିବା ବେଳେ ମହମ୍ମଦ ସିରାଜ ଓ ଯଶପ୍ରୀତ୍ ବୁମ୍‌ରା ୨ ପେସ୍ ବୋଲର ରହିବେ। ଅନ୍ୟପକ୍ଷରେ ନିୟମିତ ଭାବରେ ସମସ୍ତ ଫର୍ମାଟରେ ଅଲରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଅକ୍ଷର ପଟେଲଙ୍କୁ ଦଳରୁ ବାହାରେ ବସିବାକୁ ପଡ଼ିବ। ସେହିପରି ରିଷଭ ପନ୍ତ ଏହି ମ୍ୟାଚ୍‌ରେ ଫେରୁଥିବା ବେଳେ ପଦାର୍ପଣ ଟେଷ୍ଟରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ରହିଥିବା ଧ୍ରୁବ୍ ଜୁରେଲ୍‌ଙ୍କୁ ବେଞ୍ଚରେ ବସିବାକୁ ପଡ଼ିବ।



କ୍ୟାଚ୍ ପ୍ରାକ୍ଟିସ ଅବସରରେ ବିରାଟ କୋହଲି।

# ମନିପ୍ଲାଣ୍ଟରେ ସଜାନ୍ତୁ ଘର

ଯଦି ଘରେ ଗଛ ଲଗାଇବା ପସନ୍ଦ, କିନ୍ତୁ ଜାଗା କମ୍ ଅବା ଭଡ଼ାଘରେ ରହୁଛନ୍ତି ତେବେ ମନିପ୍ଲାଣ୍ଟ ଆପଣଙ୍କ ପାଇଁ ସବୁଠୁ ସହଜ ବିକଳ୍ପ। ଏହା ଆପଣଙ୍କ ଘରକୁ ଗ୍ରୀନ୍ ଲୁକ୍‌ଦେବା ସହ ଅକ୍ସିଜେନ୍ ଯୋଗାଇଦେବ...



- ମନି ପ୍ଲାଣ୍ଟ ପଟ୍‌ଗୁଡ଼ିକୁ ଛାତରେ ହୁକ୍ ଲଗାଇ ମଧ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।
- ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନିପ୍ଲାଣ୍ଟ ଲଗାଇ ପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ ଆକର୍ଷଣୀୟ ଡିଜାଇନକରି ସେଥିରେ ମନିପ୍ଲାଣ୍ଟ ଲଗାଇପାରିବେ।
- ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ମନି ପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର ଅଧିକ ଆକର୍ଷଣୀୟ ହୋଇପାରିବ। ଆପଣ ଯଦି ଏ ବାବଦରେ ଅଧିକ ଖର୍ଚ୍ଚ ନ କରିବାକୁ ଚାହାନ୍ତି ତେବେ ଘରେ ପଡ଼ିଥିବା ଅଦରକାରୀ ଜିନିଷକୁ କାଟି ମଧ ପଟ୍ ତିଆରି କରି ମନି ପ୍ଲାଣ୍ଟରେ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।
- ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନିପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ।
- ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ମନିପ୍ଲାଣ୍ଟ ଲଗାଇବାର ଆଇଡିଆ ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

# ଅଦା ଚା ଅଧିକ ପିଉଥିଲେ...



ଅନେକେ ଚା' ବିଶେଷକରି ଅଦା ଚା ପିଇବାକୁ ବେଶି ଭଲ ପାଆନ୍ତି। ହେଲେ ଗୋଟିଏ ଦିନରେ ଏକାଧିକବାର ଅଦା ଚା ପିଇବା ବି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ ସେ ସମ୍ପର୍କରେ...

- ଅଦା ଚା ପିଇଲେ ଫ୍ୟାଟ୍‌ଲସ୍ ହୁଏ। ଆଉ ଏଥିପାଇଁ ଅନେକେ ଏହାକୁ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି, ଏହାକୁ ଅଧିକ ପିଇଲେ ଶରୀରରେ ଶର୍କରାର ମାତ୍ରା ଖୁବ୍ କମିଯାଇ ମୁଣ୍ଡ ବୁଲାଇବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଦେଇପାରେ। ବିଶେଷକରି ଡାଇବେଟିସ୍ ରୋଗୀଙ୍କ ପାଇ ଅଧିକ ଅଦା ଚା ପିଇବା ହାନିକାରକ ହୋଇପାରେ।
- ସାଧାରଣତଃ ବ୍ଲଡ୍ ପ୍ରେସର କମ୍ କରୁଥିବାରୁ ହାଇ ବ୍ଲଡ୍ ପ୍ରେସର ରୋଗୀମାନଙ୍କ ପାଇଁ ଅଦା ଚା ପିଇବା ଭଲ ବୋଲି କୁହାଯାଏ। ହେଲେ ଆବଶ୍ୟକରୁ ଅଧିକ ମଧ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।
- ଆବଶ୍ୟକରୁ ଅଧିକ ଅଦା ଚା ପିଇବା ଦ୍ୱାରା ବି ପେଟ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟିକରେ। ତେଣୁ ଅଧିକ ଅଦା ଚା ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।
- ଗର୍ଭବତୀ ମହିଳାମାନେ ଅଧକପ୍‌ରୁ ଅଧିକ ଚା' ପିଇବା ଅନୁଚିତ। ଏହାଯୋଗୁ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।
- ଅନିଦ୍ରା ରହିବା ପାଇଁ ଅନେକେ ଚା ପିଇଥାନ୍ତି। କିନ୍ତୁ, ଅଧିକ ଚା, ତା' ପୁଣି ଅଦା ଚା ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି। ଏହାଛଡ଼ା ଶୋଇବାକୁ ଯିବା ସମୟରେ ମଧ ଏହାକୁ ପିଇବା ଠିକ୍ ନୁହେଁ।

# ପିଲାଙ୍କ ଭବିଷ୍ୟତ





ନିଜ ପିଲାକୁ ଭବିଷ୍ୟତରେ ଉଚ୍ଚପଦରେ ପ୍ରତିଷ୍ଠିତ କରାଇବାକୁ କିଏ ବା ନ ଚାହେଁ। ତେଣୁ ପିଲାକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ଲାଗି ଅଭିଭାବକମାନେ ଅନେକ ଚେଷ୍ଟା ଓ ପରିଶ୍ରମ ମଧ କରନ୍ତି। ହେଲେ କେବେ କେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପିଲାକୁ ଭର୍ତ୍ତି କରାଇବାକୁ ନେଇ ସେମାନଙ୍କ ଜିଦ୍ ପାଇଁ ବାଧ୍ୟତାମୂଳକ ଭାବେ ହେଉ ଅବା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ପିଲାର ସ୍ୱପ୍ନ ଓ ଆଗ୍ରହ ଦବିଯାଏ; ଯାହାକି ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାର ଆଗ୍ରହକୁ ସମ୍ମାନ ଜଣାଇ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ସେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ସେଥିରେ ସନ୍ଦେହ ନାହିଁ..

ପ୍ରତ୍ୟେକ ପିଲାଙ୍କ କୁନି କୁନି ମନରେ ଥାଏ ଅନେକ ବଡ଼ ସ୍ୱପ୍ନ। କିଏ ଭବିଷ୍ୟତରେ ଡାକ୍ତର ତ କିଏ ଟିଚର, କିଏ ଇଞ୍ଜିନିୟର ତ ଆଉ କିଏ ପୋଲିସ ପୁଣି କାହାର ଇଚ୍ଛା ଥାଏ ଆଷ୍ଟ୍ରୋନଟ୍ ହୋଇ ମହାକାଶରେ ପାଦ ଥାପିବାକୁ। କେବଳ ଏତିକି ନୁହେଁ, ଏମିତି କେତେଜଣ ପିଲା ଅଛନ୍ତି ଯେଉଁମାନେ ନୃତ୍ୟ, ସଙ୍ଗୀତ, ଫ୍ୟାଶନ ଡିଜାଇନିଂ ଭଳି ରୁଚି ଥିବା ବିଭିନ୍ନ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି। ଅଭିଭାବକମାନେ ମଧ ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯେତେ କଷ୍ଟ ହେଉ ନା କାହିଁକି ସମସ୍ତ ପ୍ରୋତ୍ସାହନ ଯୋଗାଇଦିଅନ୍ତି। ହେଲେ ଏମିତିବି କେତେଜଣ ଅଭିଭାବକ ଅଛନ୍ତି ଯେଉଁମାନେ ପିଲାକୁ ନିଜ ଇଚ୍ଛାଥିବା କ୍ଷେତ୍ରରେ ଭର୍ତ୍ତି କରାଇବାକୁ ନେଇ ସେମାନେ ଜିଦ୍ ଧରନ୍ତି। ଅନେକ ପିଲା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ହେଉ ଅବା ବାଧ୍ୟତାମୂଳକ ଭାବେ ନିଜ ସ୍ୱପ୍ନ ବଦଳରେ ମାତାପିତାଙ୍କ ସ୍ୱପ୍ନ ସାକାର କରିବାକୁ ଆଗେଇ ଆସନ୍ତି। ହେଲେ ଏହାଦ୍ୱାରା ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ପିଲାକୁ ସଫଳ କରାଇବାକୁ ହେଲେ ତା' ରୁଚିକୁ ନେଇ କ୍ୟାରିୟର ଗଢ଼ିବା ଲାଗି ଠିକ୍ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଯୋଗାଇଦେବା ସହ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ....

**ରୁଚିକୁ ସମ୍ମାନ ଦିଅନ୍ତୁ:** ପିଲାର ଉତ୍ତମ ଭବିଷ୍ୟତର ମାପକାଠି କେବଳ ଭଲ ପାଠ ପଢ଼ି ଅଧିକ ଦରମାଯୁକ୍ତ ସରକାରୀ ଚାକିରିଟିଏ କରିବା ନୁହେଁ। କାରଣ ବର୍ତ୍ତମାନ ପାଠ ସହ ଖେଳକୁଦ, ନାଚ, ଗୀତ, ଅଭିନୟଠୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ଅନେକ ସଫଳ କ୍ୟାରିୟର ଗଢ଼ିବା ସହ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ତେଣୁ ପିଲାର କେଉଁ ଦିଗରେ ରୁଚି ରହିଛି, ଏ ଦିଗରେ ସେ କେତେ ଦକ୍ଷ ଜାଣିବାକୁ ଚେଷ୍ଟା କରନ୍ତୁ । ଯଦି ସେଥିରେ ସେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ତେବେ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେଲେ ତା'ର ସ୍ୱପ୍ନ ସାକାରହେବା ସହ ସେ ସଫଳତା ମଧ ସାଉଁଟିପାରିବ ସେଥିରେ ସନ୍ଦେହ ନାହିଁ।



**ଯୋଗାଇ ଦିଅନ୍ତୁ ପ୍ରୋତ୍ସାହନ:** ପିତାମାତା ହିଁ ପିଲାଙ୍କର ପ୍ରଥମ ଗୁରୁ ଏବଂ ବନ୍ଧୁ ମଧ। ତେଣୁ ତେଣୁ ଆପଣଙ୍କ ପିଲା କେଉଁ କ୍ଷେତ୍ରରେ ଦକ୍ଷ ଏବଂ ପାରଙ୍ଗମ ଏବଂ ଯଦି ସେ ତାକୁ ନେଇ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଛି ଜାଣିବାକୁ ଚେଷ୍ଟା କରନ୍ତୁ। ବର୍ତ୍ତମାନ ରୋଜଗାର ଲାଗି ଅନେକ ମାର୍ଗ ରହିଛି। ଯଦି ପିଲା ଏଭଳି କୌଣସି କ୍ଷେତ୍ରରେ ଆଗେଇବାକୁ ଚାହୁଁଛି ଯାହା ତାଙ୍କୁ ଖୁସିଦେବା ସହ ସଫଳ କରାଇବ ବୋଲି ହୃଦଙ୍ଗମ ହୁଏ ତେବେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଦେଖିବେ ଏହି ସହଯୋଗ ପାଇଁ ସେ ନିଶ୍ଚୟ ସଫଳତାର ଶୀର୍ଷକୁ ଯାଇ ଆପଣଙ୍କ ପାଇଁ ଗୌରବ ଆଣିଦେବ ।

**ଠିକ୍ ନୁହେଁ ନିଜ ଇଚ୍ଛା ଲଦିବା:** ଅନେକ ଅଭିଭାବକ ପାରିବାରିକ ଆଭିଜାତ୍ୟ, ସମାଜରେ ଷ୍ଟାଟସ୍ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। କେହି କେହି ନିଜ ଅପୂରଣୀୟ ରହିଯାଇଥିବା ଲକ୍ଷ୍ୟକୁ ପିଲା ଦ୍ୱାରା ପୂରଣ କରିବା ଲାଗି ଚାହାନ୍ତି। ଆଉ ଏଥିପାଇଁ ପିଲା କେଉଁ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଚିନ୍ତା ନ କରି ନିଜ ଇଚ୍ଛା ତା' ଉପରେ ଲଦି ଦିଅନ୍ତି ଅବା ଉକ୍ତ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ନେଇ ବାଧ କରନ୍ତି। ହେଲେ ଏହାଦ୍ୱାରା ଯେ ସବୁବେଳେ ପିଲାର ଉନ୍ନତି ହେବ ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ କେବେ କେବେ ଏଥିପାଇଁ ପିଲାର କ୍ୟାରିୟର ନଷ୍ଟ ହୋଇଯିବାର ବି ଅନେକ ଉଦାହରଣ ରହିଛି। ତେଣୁ ପିଲା ଉପରେ ନିଜ ଇଚ୍ଛା ନ ଲଦି ତାଙ୍କ ରୁଚିକୁ ସମ୍ମାନ ଦେଇ କ୍ୟାରିୟର ଗଢ଼ିବାର ସୁଯୋଗ ଦିଅନ୍ତୁ।

**କରନ୍ତୁନି ଅନ୍ୟ ସହ ତୁଳନା:** ଅନ୍ୟର ଉଦାହରଣ ଦେବା କିମ୍ବା ଅନ୍ୟ ସହ ନିଜ ପିଲାଙ୍କୁ ତୁଳନା କରିବାର ବଦଭ୍ୟାସ କେତେଜଣ ଅଭିଭାବକଙ୍କଠାରେ ରହିଛି। ସବୁ ପିଲାଙ୍କ ଦକ୍ଷତା ଏବଂ ରୁଚି ସମାନ ନୁହେଁ। ତେଣୁ ପିଲାର ରୁଚି ଏବଂ ସ୍ୱପ୍ନକୁ ଗୁରୁତ୍ୱ ନ ଦେଇ ଅନ୍ୟ କାହାର ପିଲା କେଉଁ କ୍ଷେତ୍ରରେ ଉଚ୍ଚକୁ ବଢୁଥିବାର ଦେଖି ବାରମ୍ବାର ତା' ସହ ତୁଳନା କରିବା ଦ୍ୱାରା ପିଲାର ମନୋବଳ ଭାଙ୍ଗିଯାଏ ଏବଂ ସେ କୌଣସି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥାଏ। ତେଣୁ ଏପରି ନ କରି ପିଲାର ମନ ଓ କ୍ଷମତା ବୁଝି ଆଗକୁ ବଢ଼ିବାରେ ସହଯୋଗ କରନ୍ତୁ।

**ପୂରଣ କରନ୍ତୁନି ଅଯଥା ଜିଦ୍:** ଅଭିଭାବକ ହେଉଛନ୍ତି ପିଲାର ପ୍ରଥମ ମାର୍ଗଦର୍ଶକ। ତେଣୁ ପିଲାର ଦକ୍ଷତା ଚିହ୍ନି ତା'ର ରୁଚିଥିବା କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତୁ। ହେଲେ ଯଦି ପିଲା ଅନ୍ୟ କାହାକୁ ଦେଖି ଏଭଳି କୌଣସି କ୍ଷେତ୍ର ବାଛୁଛି ଯେଉଁଥିରେ ତା'ର ନା ଅଭିଜ୍ଞତା ଅଛି ନା ଦକ୍ଷତା ତେବେ ଅନ୍ଧ ଭଳି ସପୋର୍ଟ ନ କରି ଠିକ୍ ମାର୍ଗଦର୍ଶନ କରନ୍ତୁ। କାରଣ ବର୍ତ୍ତମାନ ଅନେକ ପିଲା କିଏ ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର କରୁଥିବା ଦେଖିଲେ ଅବା କିଏ ସଫଳ ଡାନ୍ସର ହେବା ଦେଖିଲେ ସେହି କ୍ଷେତ୍ରରେ ଆଗେଇବାକୁ ଜିଦ୍ କରୁଛନ୍ତି। ହେଲେ ଯଦି ସେ କ୍ଷେତ୍ରରେ ଦକ୍ଷତା ନ ଥାଏ ତେବେ ପିଲାଙ୍କ ଅଯଥା ଜିଦ୍ ଆଦୌ ପୂରଣ ନ କରି କେଉଁ ଦିଗ ତାଙ୍କ ପାଇଁ ବେଷ୍ଟ ବୁଝାଇବାକୁ ଚେଷ୍ଟା କରନ୍ତୁ।





ସୌନ୍ଦର୍ଯ୍ୟ

# ଘରୋଇ ହେୟାର ସେରମ୍...





କେଶକୁ ସଫ୍ଟ, ସିଲ୍କି ଏବଂ ସାଇନିଂ ରଖିବା ପାଇଁ ବର୍ତ୍ତମାନ ମାର୍କେଟରେ ବିଭିନ୍ନ କମ୍ପାନୀର ହେୟାର ସେରମ୍ ଉପଲବ୍ଧ। ଅଧିକାଂଶ ଯୁବତୀ ଏବଂ ମହିଳା ଏହାକୁ ବ୍ୟବହାର କରୁଥିବା ମଧ ଦେଖିବାକୁ ମିଳୁଛି। ହେଲେ ଆପଣ ଚାହିଁଲେ ଅଧିକ ଦାମ୍ ଦେଇ ଏଭଳି ସେରମ୍ କିଣିବା ବଦଳରେ ଘରେ ଅଳ୍ପ ଖର୍ଚ୍ଚରେ ଏହାକୁ ପ୍ରସ୍ତୁତକରି ନିଜ କେଶର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...

– ୨ ବଡ଼ ଚାମଚ ନଡ଼ିଆତେଲ ସହ ସମାନ ପରିମାଣର ଜଡ଼ାତେଲ ନିଅନ୍ତୁ। ସେଥିରେ ୫-୬ ଟୋପା ରୋଜ୍‌ମେରି କିମ୍ବା ଲାଭେଣ୍ଡର ତେଲକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ରାତିରେ ଶୋଇବା ପୂର୍ବରୁ କେଶ ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ମସାଜକରି ଛାଡ଼ିଦିଅନ୍ତୁ। ସକାଳେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି କେଶ ଧୁଅନ୍ତୁ। ଏହା ଆପଣଙ୍କ କେଶକୁ ନାଚୁରାଲ କଣ୍ଡିଶନିଂ ଦେବାରେ ବେଶ୍ ସାହାଯ୍ୟ କରିବ।

– ଅଧାକପ୍ ପାଣିରେ ୧ ଚାମଚ ଗ୍ରୀନ୍ ଟି ନେଇ ଫୁଟାନ୍ତୁ। ଏହାକୁ ଛାଣି ଥଣ୍ଡା ହେବାକୁ ଦିଅନ୍ତୁ। ସେଥିରେ ୨ ଚାମଚ ଆର୍ଗନ ଅଏଲ୍ ଏବଂ ୫-୬ ବୁନ୍ଦା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ ମିଶାନ୍ତୁ। ଏହାକୁ କେଶରେ ଭଲ ଭାବେ ଲଗାଇ ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ରଖିବା ସହ ସଫ୍ଟ ଏବଂ ସାଇନିଂ କରାଇଥାଏ।

– ଏକ ପାତ୍ରରେ ୨ଚାମଚ ଆଲୋଭେରା ଜେଲ୍ ସହିତ ୧ ଚାମଚ ଜୋଜୋବା ଅଏଲ ନେଇ ଭଲ ଭାବେ ମିଶାନ୍ତୁ। ସେଥିରେ ୬-୭ ଟୋପା ରୋଜ୍‌ମେରି ଅଏଲ୍ ମିଶାନ୍ତୁ। ଏହାକୁ କେଶରେ ଲଗାଇ ୧ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି ଧୋଇ ଦିଅନ୍ତୁ। ଏହା କେଶକୁ ଡିପ୍ କଣ୍ଡିଶନିଂ ପ୍ରଦାନ କରିଥାଏ।

ଖାଦ୍ୟରୁଚି // 

# ଏଗ୍ ଟୋଷ୍ଟ

**ଆବଶ୍ୟକ ସାମଗ୍ରୀ:** ୪ଟି ବ୍ରେଡ୍ ସ୍ଲାଇସ୍, ୨ଟି ଅଣ୍ଡା, ଗୋଟିଏ ଲେଖାଏଁ ବଡ଼ ପିଆଜ ଏବଂ ଟମାଟୋ ଛୋଟ ଛୋଟ କଟା ହୋଇଥିବା, ୧ଚାମଚ କଟା ଧନିଆପତ୍ର, ଗୋଟିଏ କଞ୍ଚାଲଙ୍କା ଛୋଟ ଛୋଟ କଟା ହୋଇଥିବା, ଅଳ୍ପ ହଳଦୀଗୁଣ୍ଡ, ଅଳ୍ପ ଲଙ୍କା କିମ୍ବା ଗୋଲମରିଚ ଗୁଣ୍ଡ, ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଅଣ୍ଡାକୁ ଭାଙ୍ଗି ଏକ ପାତ୍ରରେ ରଖନ୍ତୁ। ଏହାକୁ ଏକ ଚାମଚ ସାହାଯ୍ୟରେ ଭଲଭାବେ ମିଶାନ୍ତୁ। ସେଥିରେ କଟା ପିଆଜ, ଟମାଟୋ, ଲଙ୍କା, ଧନିଆପତ୍ର ପକାନ୍ତୁ। ଛିମୁଟାଏ ହଳଦୀ, ସ୍ୱାଦାନୁସାରେ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ତାୱା ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ପକାଇ ସ୍ପ୍ରେଡ୍ କରନ୍ତୁ। ତେଲ ଗରମ ହେଲେ ଚୁଲାର ଫ୍ଲେମ୍‌କୁ ମିଡିୟମରେ ରଖି ବ୍ରେଡ୍‌କୁ ଗୋଳାଇ ରଖିଥିବା ଅଣ୍ଡାରେ ବୁଡ଼ାଇ ତାୱାରେ ରଖନ୍ତୁ। ହାଲ୍‌କା ବ୍ରାଉନ୍ ହୋଇଗଲେ ଓଲଟାଇ ପୁଣି ଥରେ ଭାଜନ୍ତୁ। ସେହିପରି ସବୁ ବ୍ରେଡ୍ ସ୍ଲାଇସ୍‌କୁ ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି ଏଗ୍ ଟୋଷ୍ଟ। ଏହାକୁ ଗରମ ଗରମ ପରଷନ୍ତୁ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ Bhubaneswar, Tuesday, September 17/ 2024

# କଳିଙ୍ଗରେ ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

## ୧୮ରୁ ୨୦ ପର୍ଯ୍ୟନ୍ତ ହେବ ପ୍ରତିଯୋଗିତା

**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଅସୋସିଏଶନର ମିଳିତ ଉଦ୍ୟମରେ ୭୦ତମ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ୩ ଦିନିଆ ପ୍ରତିଯୋଗିତାରେ ୨୬୮ ମହିଳାଙ୍କ ସମେତ ୩୦ ଜିଲାର ୯୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ୍ ଆଥ୍‌ଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଓ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଅଭ୍ୟାସ କରୁଥିବା ଛାତ୍ରୀଛାତ୍ରଙ୍କ ସମେତ ଓଡ଼ିଶା ପୋଲିସ, ପୋଷ୍ଟାଲ୍, ବିଏସ୍‌ଏନ୍‌ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରତିଯୋଗୀମାନେ ଏଥିରେ ଭାଗନେବେ। କଟକ ଓ ସୁନ୍ଦରଗଡ଼ ଜିଲା ଦଳରେ ସର୍ବାଧିକ ୭୧ ଜଣ ଲେଖାଏ ପ୍ରତିଯୋଗୀ ରହିଛନ୍ତି। ଏଥିରେ ୨୭ ଜଣ ଲେଖାଏ ମହିଳା ପ୍ରତିଯୋଗୀ ସାମିଲ। ଏମାନେ ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିବେ।



ଓଡ଼ିଶା ଆଥ୍‌ଲେଟିକ୍ସ ଅସୋସିଏଶନ ଅଧିକାରୀ ପ୍ରବୋଧ ମହାନ୍ତି କହିଛନ୍ତି ଯେ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭବିଷ୍ୟତରେ କ୍ରୀଡ଼ାବିତ୍‌ଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାକୁ ସୁଯୋଗ ସୃଷ୍ଟି କରିବ। ଓପନ ନ୍ୟାଶନାଲ ପାଇଁ ଉଦ୍ଦିଷ୍ଟ ମାନଦଣ୍ଡକୁ ସ୍ପର୍ଶ କରିପାରୁଥିବା ଆଥଲେଟ୍‌ଙ୍କୁ ଆମେ ଏଥିରୁ ବାଛିବୁ। ଫଳରେ ଜାତୀୟ ଦୃଶ୍ୟପଟରେ ସେମାନେ ଅଭିଜ୍ଞତା ହାସଲ କରିପାରିବେ। ଯୋଗ୍ୟ କ୍ରୀଡ଼ାବିତ୍‌ମାନେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ପାଟନାରେ ହେବାକୁ ଥିବା ୪ର୍ଥ ଇଣ୍ଡିଆ ଓପନ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ହେବାକୁ ଯାଉଥିବାରୁ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଖୁସି ବ୍ୟକ୍ତ କରିଛନ୍ତି। କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ସହ ସେମାନଙ୍କୁ ଭବିଷ୍ୟତର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ଗଢ଼ି ତୋଳିବାରେ ସରକାରଙ୍କ ଆଭିମୁଖ୍ୟରେ ଏହି ଟୁର୍ନାମେଣ୍ଟ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

# ଭାରତର କ୍ରମାଗତ ୬ଷ୍ଠ ବିଜୟ

## ଚେସ୍ ଅଲିମ୍ପିଆଡ୍

**ବୁଦାପେଷ୍ଟ, ୧୬।୯**

ଏଠାରେ ଚାଲିଥିବା ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛନ୍ତି। ୬ଷ୍ଠ ରାଉଣ୍ଡରେ ମହିଳା ଦଳ ୨.୫-୧.୫ରେ ଆର୍ମେନିଆକୁ ଓ ପୁରୁଷ ଦଳ ହଙ୍ଗେରୀକୁ ୩-୧ରେ ପରାସ୍ତ କରିଛି। ଆର୍ମେନିଆ ବିପକ୍ଷରେ ଭାରତ ପକ୍ଷରୁ ଦିବ୍ୟା ଦେଶମୁଖ ବିଜୟ ହାସଲ କରିଥିବାବେଳେ ଦ୍ରୋଣାଭାଲି ହାରିକା, ଆର. ବୈଶାଳୀ ଓ ତାନିଆ ସଚଦେବ ମ୍ୟାଚ ଡ୍ର ରଖିଥିଲେ। ଭାରତୀୟ ପୁରୁଷ ଦଳରେ ଅର୍ଜୁନ ଇରିଗାସି ଓ ଭିଦିତ ସନ୍ତୋଷ ଗୁଜରାଠି ବିଜୟ ହାସଲ କରିଛନ୍ତି। ଡି. ଗୁକେଶ ଓ ଆର. ପ୍ରଜ୍ଞାନନ୍ଦ ସେମାନଙ୍କ ମ୍ୟାଚ ଡ୍ର ରଖିଛନ୍ତି। ଭାରତୀୟ ମହିଳା ଦଳ ଏହା ପୂର୍ବରୁ ଜାମାଇକା, ଚେକ୍ ରିପବ୍ଲିକ୍, ସୁଇଜରଲାଣ୍ଡ, ଫ୍ରାନ୍ସ ଓ କାଜାଖସ୍ତାନକୁ ପରାସ୍ତ କରିଥିଲା। ସେହିପରି ପୁରୁଷ ଦଳ ମରକ୍କୋ, ଆଇସଲାଣ୍ଡ, ହଙ୍ଗେରୀ 'ବି', ସର୍ବିୟା ଓ ଆଜରବୈଜାନକୁ ହରାଇ ଦେଇଥିଲା।

# ୱେଲାଲେଗ୍, ସମରବିକ୍ରମା ଶ୍ରେଷ୍ଠ

**ଦୁବାଇ, ୧୬।୯ (ପି.ଟି.)**

ଶ୍ରୀଲଙ୍କାର ଦୁଇ ଖେଳାଳି ଦୁନିଥ ୱେଲାଲେଗ୍ ଓ ହର୍ଶିତ ସମରବିକ୍ରମା ଯଥାକ୍ରମେ ୨୦୨୪ ଅଗଷ୍ଟ ପାଇଁ ପୁରୁଷ ଓ ମହିଳା ଆଇସିସି 'ପ୍ଲେୟର ଅଫ୍ ଦି ମନ୍ଥ' ବିବେଚିତ ହୋଇଛନ୍ତି। ୱେଲାଲେଗ୍ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଏବଂ ସମରବିକ୍ରମା ଆୟର୍ଲାଣ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଗୋଟିଏ ଦେଶର ଦୁଇ ଜଣ ଖେଳାଳି ସମାନ ମାସରେ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହେବା ଏହା ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ଗତ ଜୁନ୍‌ରେ ଭାରତର ଯଶପ୍ରୀତ ବୁମ୍‌ରା ଓ ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଥିଲେ। ସଂକ୍ଷିପ୍ତ ତାଲିକାରେ ଥିବା ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ ଓ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଜେଡେନ ସିଲ୍ସଙ୍କୁ ପଛରେ ପକାଇ ୱେଲାଲେଗ୍ ଏହି ପୁରସ୍କାର ଜିତିଛନ୍ତି। ଭାରତ ବିପକ୍ଷରେ ୱେଲାଲେଗ୍‌ଙ୍କ ପ୍ଲେୟର ଅଫ୍ ଦି ସିରିଜ ପ୍ରଦର୍ଶନକୁ ନେଇ ଶ୍ରୀଲଙ୍କା ୨-୦ରେ ସିରିଜ ବିଜୟୀ ହୋଇଥିଲା। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ପ୍ରଚଳନ ହେବାପରଠାରୁ ଶ୍ରୀଲଙ୍କା ୫ମ ଥର ପୁରୁଷ ପୁରସ୍କାର ଜିତିବାରେ ସଫଳ ହୋଇଛି। ପୂର୍ବରୁ ଏହି ପୁରସ୍କାର ଜିତିଥିବା ଶ୍ରୀଲଙ୍କାର ଅନ୍ୟ ଖେଳାଳିମାନେ ହେଲେ ଆଞ୍ଜେଲୋ ମାଥ୍ୟୁସ (୨୦୨୨ ମେ), ପ୍ରଭାତ ଜୟସୁରିଆ (୨୦୨୨ ଜୁଲାଇ), ୱାନିନ୍ଦୁ ହସରଙ୍ଗା (୨୦୨୩ ଜୁନ୍) ଓ କାମିନ୍ଦୁ ମେଣ୍ଡିସ (୨୦୨୪ ମାର୍ଚ୍ଚ)। ମହିଳା ବିଭାଗରେ ସମରବିକ୍ରମା ଆୟର୍ଲାଣ୍ଡର ଦୁଇ ଖେଳାଳି ଓର୍ଲା ପ୍ରିଣ୍ଡରଗାଷ୍ଟ ଓ ଗ୍ୟାବି ଲୁଇସ୍‌ଙ୍କୁ ପଛରେ ପକାଇ ଅଗଷ୍ଟ ମାସର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଆୟର୍ଲାଣ୍ଡ ଟୁର୍‌ରେ ସେ ଶ୍ରୀଲଙ୍କାର ତୃତୀୟ ମହିଳା କ୍ରିକେଟର ଭାବେ ଅନ୍ତର୍ଜାତୀୟ ଦିନିକିଆରେ ଏକ ଶତକ ହାସଲ କରିଛନ୍ତି।



ବିରାଟ କୋହଲି ଓ ଆକାଶ ଦୀପ।

# ଆକାଶ ଦୀପଙ୍କୁ ବ୍ୟାଟ୍ ଉପହାର ଦେଲେ କୋହଲି

**ନୂଆଦିଲ୍ଲୀ,୧୬।୯:** ଭାରତୀୟ କ୍ରିକେଟ ଦଳର ଯୁବ ବୋଲର ଆକାଶ ଦୀପ୍‌ଙ୍କୁ ଏକ ବ୍ୟାଟ ଉପହାର ଦେଇଛନ୍ତି ବିରାଟ କୋହଲି। ଫେବୃଆରୀ ମାସରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିବା ଆକାଶ ଦୀପଙ୍କୁ କୋହଲି ବ୍ୟାଟ ଉପହାର କରିଥିବା ବେଳେ ସେ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ କୋହଲିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବେଙ୍ଗଲ ପାଇଁ ୨୦୨୨-୨୩ ସିଜନରେ ୪୧ ଉଇକେଟ ନେଇ ଭାରତୀୟ ଦଳକୁ ମନୋନୀତ ହୋଇଥିଲେ ଆକାଶ ଦୀପ୍। ଏପରି କି ପଦାର୍ପଣ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଗ୍ନିବର୍ଷୀ ବୋଲିଂ ମଧ୍ୟ କରିଥିଲେ। ବର୍ତ୍ତମାନ ବାଂଲାଦେଶ ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ବେଳେ କୋହଲିଙ୍କ ପକ୍ଷରୁ ସ୍ୱତନ୍ତ୍ର ଉପହାର ମିଳିଛି। ପୂର୍ବରୁ ଭାରତୀୟ ଦଳର କ୍ରିକେଟର ରିଙ୍କୁ ସିଂଙ୍କୁ ମଧ୍ୟ ବିରାଟ ବ୍ୟାଟ ପ୍ରଦାନ କରିଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ